# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜୁନ୍ ୨୫/୨୦୨୨ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, June 25/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ୟାଶ୍ ଦୁବେଙ୍କ ଶତକ**
ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ମଧ୍ୟପ୍ରଦେଶର ୟାଶ୍ ଦୁବେ ଆକର୍ଷଣୀୟ ଶତକ ହାସଲ କରିଛନ୍ତି।
୧୪

୧୨
**ଫିଲ୍ମର ସଫଳତା ପାଇଁ ଉପହାର**
ହିନ୍ଦୀ ଫିଲ୍ମ 'ଭୁଲ ଭୁଲେୟା୨'ର ସଫଳତା ପାଇଁ ଏହାର ନିର୍ଦ୍ଦେଶକ ଭୂଷଣ କୁମାର ନାୟକ କାର୍ତ୍ତିକ ଆର୍ଯ୍ୟନଙ୍କୁ ୪.୭ କୋଟିର କାର୍ ଗିଫ୍ଟ କରିଛନ୍ତି।



# ପୋଲିସ ଅବହେଳା ଜୀବନ ନେଲା

*ପୋଲିସ ଅବହେଳାରୁ ୪୮ ବର୍ଷୀୟ ଚାଷୀ ଗୁଣନିଧି ବିଶୋୟୀଙ୍କ ଜୀବନ ଚାଲିଯାଇଛି। ଜମିବାଡ଼ି ବିବାଦରେ ଅତିଷ୍ଠ ଗୁଣନିଧି ନ୍ୟାୟ ଆଶାରେ କଟକ ଜିଲା କିଶନନଗର ଥାନାକୁ ଯାଇଥିଲେ। ହେଲେ ପୋଲିସ କାର୍ଯ୍ୟଧାରାରୁ ସେ ନ୍ୟାୟ ପାଇବେ ବୋଲି ଭରସା ତୁଟାଇ ଦେଇଥିଲେ। ଶେଷରେ ମ୍ରିୟମାଣ ହୋଇ ସେ ଗୁରୁବାର ଥାନା ପରିସରରେ ନିଜ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇଦେଇଥିଲେ। ଶୁକ୍ରବାର କଟକର ଅଶ୍ୱିନୀ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରାୟତଃ ଥାନାକୁ ଯାଉଥିବା ସାଧାରଣ ଲୋକ ପୋଲିସ ଅଧିକାରୀ, କର୍ମଚାରୀଙ୍କ କଦର୍ଯ୍ୟ ବ୍ୟବହାର, ନାଲିଆଖି, ପାତରଅନ୍ତରର ଶିକାର ହୋଇ ନ୍ୟାୟ ପାଇପାରୁ ନାହାନ୍ତି। ଅର୍ଥ ଲୋଭ ଓ କ୍ଷମତା ଚାପରେ ପୋଲିସ ସାଧାରଣ ସ୍ୱରକୁ ଚାପି ଦେଉଛି। ବ୍ରିଟିଶ୍ ଅମଳରୁ ଚାଲିଆସିଥିବା ପୋଲିସର ଏଭଳି ଚିନ୍ତାଧାରା ବଦଳିପାରୁ ନ ଥିବାରୁ ଗୁଣନିଧିଙ୍କ ଭଳି ଅସହାୟ ଲୋକ ମୃତ୍ୟୁ ଭଳି ଚରମପନ୍ଥାକୁ ବାଛି ନେଉଛନ୍ତି।*

## ଥାନା ପରିସରରେ ଆତ୍ମହତ୍ୟା ଉଦ୍ୟମ ଘଟଣା

- ନ୍ୟାୟ ନ ପାଇ ଦେହରେ ନିଆଁ ଲଗାଇ ଦେଇଥିଲେ
- ନିଜ ଆଡ଼ୁ ମାମଲା ରୁଜୁ କଲେ ଓଏଚ୍ଆର୍‌ସି
- ଡିଜିପି, ଆଇଜିଙ୍କୁ ରିପୋର୍ଟ ତଲବ




ଭୁବନେଶ୍ୱର,(ବ୍ୟୁରୋ)/କଟକ ସଦର,୨୪।୬(ଡି.ଏନ.ଏ.)

ଗୁଣନିଧିଙ୍କ ମୃତ୍ୟୁକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ କମିଶନ ଶୁକ୍ରବାର ନିଜ ଆଡ଼ୁ ଏକ ମାମଲା (ନଂ. ୧୨୦୯/୨୨) ରୁଜୁ କରି ଡିଜିପି ଏବଂ ଆଇଜିଙ୍କୁ ତଦନ୍ତ ରିପୋର୍ଟ ମାଗିଛନ୍ତି। କମିଶନ କହିଛନ୍ତି, ପୋଲିସ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଗୁଣନିଧି ଏଭଳି ନିଷ୍ପତ୍ତି ନେଇଥିବା ଗଣମାଧ୍ୟମରୁ ସୂଚନା ମିଳିଛି। ଏହା ଏକ ସମ୍ବେଦନଶୀଳ ଘଟଣା। ଏହି ଘଟଣାର ତଦନ୍ତ କରି ଜୁଲାଇ ୨୫ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଡିଜିପି ଏବଂ ଆଇଜିଙ୍କୁ ଉକ୍ତ ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ କାହା ପ୍ରରୋଚନାରେ ଗୁଣନିଧି ଏଭଳି ପଦକ୍ଷେପ ନେଲେ ସେନେଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ତଦନ୍ତ କରୁଛନ୍ତି। ଏହାଛଡ଼ା ସ୍ଥାନୀୟ ପୋଲିସର ଭୂମିକା ଉପରେ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ତଦନ୍ତ କରି କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳକିଶୋର କୁମାରଙ୍କୁ ରିପୋର୍ଟ ଦେଇଥିବା ସୂଚନା ମିଳିଛି। ସେପଟେ ପୋଲିସ ଅବହେଳା ବିରୋଧରେ ଶୁକ୍ରବାର ଉତ୍କଳ ବିକାଶ ପରିଷଦର ସ୍ୱେଚ୍ଛାସେବୀମାନେ କିଶନନଗର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ।

ସୂଚନା ଅନୁଯାୟୀ, କିଶନନଗର ଥାନା ଅଧୀନ ଇଶାଣୀ-ବ୍ରହ୍ମପୁର ପଞ୍ଚାୟତ ସାଇକୋରୁଆ ଗ୍ରାମର ଗୁଣନିଧିଙ୍କ ସଂସାର କହିଲେ ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ। ଚାଷ ମୁଖ୍ୟ ପେସା ହୋଇଥିବାବେଳେ ଛୋଟ ତେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗୁଣନିଧି ଏବଂ ତାଙ୍କ ପୁତୁରା ସାଗର ବିଶୋୟୀଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଗତ ୧୯ ତାରିଖରେ ଏହି ବିବାଦକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଗୁଣନିଧି କିଶନନଗର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ପରେ ଗୁଣନିଧି ଗତ ବୁଧବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଏ ନେଇ ଅଭିଯୋଗ କରିବା ପରେ ତୁରନ୍ତ ପୋଲିସ ଏକ ମାମଲା(ନଂ.୧୦୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ପୋଲିସ ଉପରୁ ଭରସା ନ ପାଇ ଗୁଣନିଧି ଗୁରୁବାର ଦେହରେ ନିଆଁ ଲଗାଇଦେବା ପରେ ପୋଲିସ ସନ୍ଧ୍ୟାରେ ସାଗରଙ୍କୁ ଗିରଫ କରିଥିଲା।

# ରାଇମୋହନଙ୍କ ଆତ୍ମହତ୍ୟା

- ପାରିବାରିକ ଅଶାନ୍ତିରୁ ଚରମ ପଦକ୍ଷେପ ସନ୍ଦେହ
- ସ୍ୱର୍ଗଦ୍ୱାରରେ ହେଲା ଅନ୍ତିମ ସତ୍କାର

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଓଡ଼ିଆ ସିନେ ଓ ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ,ତିନି ଦଶନ୍ଧିର ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ା ଆଉ ନାହାନ୍ତି। ସେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ଡିସିପି ପ୍ରତୀକ ସିଂ ପ୍ରାଥମିକ ତଦନ୍ତ ଆଧାରରେ କହିଛନ୍ତି। ଏନେଇ ଅଧିକ ତଦନ୍ତ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ପ୍ରାଚୀ ବିହାରସ୍ଥିତ ନିଜ ବାସଭବନରେ ଏହି ଘଟଣା ଘଟିଛି। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଖବର ମିଳିବା ପରେ ପୋଲିସ ତାଙ୍କ ବାସଭବନରେ ପହଞ୍ଚି ମୃତଦେହ ଜବତ କରି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସାଇଣ୍ଟିଫିକ୍ ଟିମ୍ ଘର ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଇମୋହନଙ୍କ ମୃତ୍ୟୁ ସମସ୍ତଙ୍କୁ ସ୍ତମ୍ଭୀଭୂତ କରି ଦେଇଥିବାବେଳେ ଆତ୍ମହତ୍ୟା ପଛର ରହସ୍ୟ ପାଇବାକୁ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ପାରିବାରିକ ଅଶାନ୍ତିରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୬୦/୨୨) ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

ରାଇମୋହନଙ୍କ ଘର କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମରେ। ସେ ୧୯୬୩ ଜୁଲାଇ ୧୦ରେ ଜନ୍ମଗ୍ରହଣ କରିଥିଲେ।

☞ପୃଷ୍ଠା-୪


ରାଇମୋହନ ପରିଡ଼ା (୧୯୬୩ -୨୦୨୨)

# ଓଡ଼ିଶାକୁ ଡବ୍ଲ୍ୟୁଏଫ୍‌ପିର ପ୍ରଶଂସା



ଡବ୍ଲ୍ୟୁଏଫ୍‌ପି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡେଭିଡ୍ ବିସ୍‌ଲେଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରମର୍ଦ୍ଦନ କରୁଛନ୍ତି।

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରୋମ୍‌ସ୍ଥିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ମୁଖ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଓଡ଼ିଶାରେ ଗରିବ, ମହିଳାଙ୍କ ଜୀବନଜୀବିକା, ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମକୁ କିଭଳି ସୁଦୃଢ଼ କରାଯାଇପାରିଛି, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେବାସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ସଫଳତା ବଖାଣିଥିଲେ। ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା, ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ହେଉଥିବା ରୂପାନ୍ତରୀକରଣକୁ ଡବ୍ଲ୍ୟୁଏଫ୍‌ପି ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି।

ଡବ୍ଲ୍ୟୁଏଫ୍‌ପି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡେଭିଡ୍ ବିସ୍‌ଲେ ଏବଂ ତାଙ୍କ ଟିମ୍ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ଦେଇ କହିଲେ, ଗତ ଦୁଇଦଶନ୍ଧି ଧରି ଖାଦ୍ୟ ଉତ୍ପାଦନ,

## ରାଜ୍ୟ ଖାଦ୍ୟ ସୁରକ୍ଷା ସଫଳତା କଥା କହିଲେ ନବୀନ

ଖାଦ୍ୟ ସୁରକ୍ଷା, ଜୀବନଜୀବିକା, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ରୂପାନ୍ତରୀକରଣ ଯାତ୍ରା ଜାରି ରହିଛି। ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ, ଜଳବାୟୁ ପରିବର୍ତ୍ତନ ପ୍ରତିକାର, ଜୀବନଜୀବିକା, ପୁଷ୍ଟିସାଧନ କ୍ଷେତ୍ରରେ ଅନେକ ବୃହତ୍ ବିକାଶମୂଳକ ଯୋଜନା ପ୍ରସ୍ତୁତ କରାଯାଇଛି। ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟ ନେଇ ରାଜ୍ୟ ଆଗକୁ ବଢୁଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ସମଗ୍ର ବିଶ୍ୱକୁ ଆମର ଅଭିଜ୍ଞତା ବିଷୟରେ ଅବଗତ କରାଇବା ଅତ୍ୟନ୍ତ ଆନନ୍ଦଦାୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି ବିସ୍‌ଲେ କହିଲେ, ଡବ୍ଲ୍ୟୁଏଫ୍‌ପି ସହଭାଗିତାରେ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି । ମହିଳାଙ୍କୁ ଆର୍ଥିକ ସୁଯୋଗ ଦେବା ଲାଗି ☞ପୃଷ୍ଠା-୪

# ପୁଅକୁ ମାରି ବାପାଙ୍କ ଆତ୍ମହତ୍ୟା

## ଅନ୍ୟ ଜାତି ଝିଅଙ୍କୁ ବିବାହ କରିବାରୁ ହତ୍ୟା

ନୂଆପଡ଼ା ଅଫିସ/ ଖଡିଆଲ,୨୪।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ଫୋକଟପ ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ବାପା ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହ ଏବଂ ଅନ୍ୟ ଜାତିର ଝିଅଙ୍କୁ ବିବାହ କରିବାକୁ ନେଇ ଫୋକଟପ ଗ୍ରାମର ନକୁଳ ରାଉତ (୫୫) ଓ ତାଙ୍କ ପୁଅ ଶୋଭିତ (୩୫)ଙ୍କ ମଧ୍ୟରେ ରାତିରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନକୁଳ ଘରେ ଥିବା ଏକ ଟାଙ୍ଗିଆରେ ପୁଅକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଟଳି ପଡିଥିଲେ ଶୋଭିତ। ଏଥିରେ ମ୍ରିୟମାଣ ହୋଇ ନକୁଳ ଘର ଭିତରକୁ ପଶିଯାଇ ଭିତରୁ କବାଟ ଦେଇଥିଲେ। ପରିବାର ଲୋକେ କବାଟ ବାଡେଇଥିଲେ ବି ସେ ଖୋଲି ନ ଥିଲେ। ଖବର ପାଇ ଧରମବନ୍ଧା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କବାଟ ଭାଙ୍ଗିବା ପରେ ଘର ଭିତରେ ନକୁଳଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିଲା। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଏବଂ ବାପପୁଅଙ୍କ ମୃତଦେହ ଜବତ କରିଛି। ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି।

କିଛିଦିନ ତଳେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଶୋଭିତ ଘରକୁ ଫେରିଥିଲେ। ଗୁରୁବାର ରାତି ପ୍ରାୟ ୧୧ଟାରେ ଶୋଭିତ ଘରକୁ ଫେରିବା ପରେ ବାଇକ୍ ରଖିବାକୁ ନେଇ ବାପାଙ୍କ ସହ ଶୋଭିତଙ୍କର ଝଗଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନକୁଳ ହିତାହିତ ଜ୍ଞାନ ହରାଇ ଟାଙ୍ଗିଆରେ ପୁଅକୁ ଆକ୍ରମଣ କରିଥିଲେ। ଶୋଭିତଙ୍କ ମୁଣ୍ଡର ପଛପଟେ ଟାଙ୍ଗିଆ ଚୋଟ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ☞ପୃଷ୍ଠା-୪

# ସ୍କୁଲ ଗେଟ୍ ଭୁଶୁଡ଼ି ୨ ମୃତ

ରାଉରକେଲା ଅଫିସ, ୨୪।୬

ଷ୍ଟିଲ୍ ସିଟିର ସେକ୍ଟର-୯ ଅଞ୍ଚଳରେ ନିର୍ମାଣ ହେଉଥିବା ଏକ ଆବାସିକ ପବ୍ଲିକ୍ ସ୍କୁଲର ସମ୍ମୁଖ ଗେଟ୍ ଭୁଶୁଡ଼ି ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସେକ୍ଟର-୧୯ ହମିରପୁରର ଗାନ୍ଧିରାମ ରାଉତ(୫୮) ଓ ସେକ୍ଟର-୯ ଅଞ୍ଚଳର ସୁରଜ ଚୌଧୁରୀ(୧୮)। ଗାନ୍ଧିରାମ ରାଉରକେଲା ସହରରେ ଏକ ଘରୋଇ ସିକ୍ୟୁରିଟି ସଂସ୍ଥାରେ ଗାର୍ଡ ଭାବେ କାମ କରି ପରିବାର ଚଳାଉଥିଲେ। ସବୁଦିନ ପରି ଗାନ୍ଧିରାମ ଗୁରୁବାର ରାତିରେ ଉକ୍ତ ନିର୍ମାଣାଧୀନ ସ୍କୁଲରେ ଡ୍ୟୁଟି କରିବା ପାଇଁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଗାନ୍ଧିରାମ ସ୍କୁଲ ଗେଟ୍ ବାହାରେ ଥିବା ଏକ ପାଣି ଟ୍ୟାପ୍‌ରୁ ପାଣି ଆଣିବାକୁ ଯାଉଥିଲେ। ନିର୍ମାଣାଧୀନ ସ୍କୁଲ ଗେଟ୍ ନୂଆକରି ଲଗାଯାଇଥିଲା। ସେ ଗେଟ୍ ଖୋଲିବାରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଧାମିଙ୍କ ଦାବି**

# ନୂଆ ଶ୍ରମ ଆଇନକୁ ବିରୋଧ

**ଦେଶରେ ପ୍ରଚଳିତ ଶ୍ରମ ଆଇନରେ ସଂସ୍କାର ଆଣିବା ପାଇଁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଜୁଲାଇ ୧ରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ନୂଆ ଶ୍ରମ ଆଇନ ଲାଗୁ ହେଲେ ଅଫିସ୍ କାର୍ଯ୍ୟ ସମୟ, କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଯୋଗଦାନ ଓ ଦରମା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। କାର୍ଯ୍ୟ ସମୟ ଏବଂ ପିଏଫ୍ ରାଶି ବୃଦ୍ଧି ପାଇପାରେ, କିନ୍ତୁ ଦରମା କମିବା ଆଶଙ୍କା ରହିଛି। ଏହା ଦେଶରେ ପୁଞ୍ଜିନିବେଶକୁ ବଳ ଦେବା ସହ ନିଯୁକ୍ତି ସୁଯୋଗ ବଢ଼ାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। କିନ୍ତୁ ଏହି ନୂଆ ଆଇନରେ ଅନେକ ଦ୍ୱନ୍ଦ୍ୱ ରହିବା ସହ ଶ୍ରମିକ ଓ କର୍ମଚାରୀ ବିରୋଧୀ ବୋଲି ଶ୍ରମିକ ସଂଗଠନଗୁଡ଼ିକ ଦର୍ଶାଇ ବିରୋଧ କରୁଛନ୍ତି।**

- ଜୁଲାଇ ୧ରୁ ଲାଗୁହେବା ନେଇ ଯୋଜନା
- ଶ୍ରମିକ ସଙ୍ଗଠନରେ ଅସନ୍ତୋଷ



ଭୁବନେଶ୍ୱର(ବ୍ୟୁରୋ)/ ନୂଆଦିଲ୍ଲୀ, ୨୪।୬

ଦେଶରେ ଆସନ୍ତା ୧ ତାରିଖରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯଦି ନୂଆ ଶ୍ରମ ଆଇନ ଲାଗୁ ହୁଏ, ତା'ହେଲେ ଶ୍ରମିକମାନେ ବ୍ୟାପକ କ୍ଷତି ସହିବେ ବୋଲି ସଙ୍ଗଠନଗୁଡିକ ପକ୍ଷରୁ ଆଶଙ୍କା କରାଯାଉଛି। ମୁଖ୍ୟତଃ ଏହି ଆଇନ ବଡ଼ ବଡ଼ ଶିଳ୍ପପତିଙ୍କ ସ୍ୱାର୍ଥ ରକ୍ଷା ଲାଗି କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ଏହି ଆଇନ ଲାଗୁହେବା ନେଇ ରାଜ୍ୟ ସରକାରଙ୍କ ନିକଟକୁ କୌଣସି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇ ନ ଥିବା ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଅଲ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ(ଏଆଇଟିୟୁସି) ରାଜ୍ୟ ସଭାପତି ଅଶୋକ ଦାସ କହିଛନ୍ତି, କେନ୍ଦ୍ର ଆଣୁଥିବା ନୂଆ ଶ୍ରମ ଆଇନ ସମ୍ପୂର୍ଣ୍ଣ ☞ପୃଷ୍ଠା-୪

**ଶ୍ରମିକ ନେତାଙ୍କ ମତ**

- ଧର୍ମଘଟ, ମୂଲଚାଲ ଆଇନ ଉଠାଇ ଦିଆଯାଇଛି
- ଟ୍ରିବ୍ୟୁନାଲ କୋର୍ଟ, ଇନସ୍ପେକ୍ଟର ରହିବେନି
- ଆନ୍ଦୋଳନ ନୋଟିସରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି
- ୪ରୁ ୨ କୋଡ୍ ଭୁଲ୍ ଅଛି, ଆମେଣ୍ଡମେଣ୍ଟ ଆଣନ୍ତୁ

## ନୂଆ କ'ଣ

- ନୂଆ ଶ୍ରମ ଆଇନ କାର୍ଯ୍ୟକାରୀ ହେଲେ କମ୍ପାନୀଗୁଡ଼ିକ ଅଫିସ୍‌ରେ କର୍ମଚାରୀମାନଙ୍କ କାର୍ଯ୍ୟ ସମୟ ପରିବର୍ତ୍ତନ ପାଇଁ ସୁଯୋଗ ପାଇବେ। ବର୍ତ୍ତମାନ ୮ରୁ ୯ ଘଣ୍ଟା କାର୍ଯ୍ୟସମୟ ସ୍ଥିର ହୋଇଥିବାବେଳେ ଏହାକୁ ୧୨ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। କିନ୍ତୁ କର୍ମଚାରୀମାନଙ୍କୁ ସପ୍ତାହକୁ ୩ ଦିନ ଛୁଟି ଦେଇ ଏହାର କ୍ଷତି ଭରଣା କରିବାକୁ ପଡ଼ିବ। ଏପରି ହେଲେ ଭାରତର ଶିଳ୍ପଜଗତରେ ଶ୍ରମିକ ଓ କର୍ମଚାରୀଙ୍କ କାର୍ଯ୍ୟରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ।
- ଏକ ତ୍ରୈମାସିକରେ ଶ୍ରମିକଙ୍କ ପାଇଁ ନିର୍ଦ୍ଧାରିତ ସମୟରୁ ଅଧିକ କାର୍ଯ୍ୟ (ଓଭରଟାଇମ୍)କୁ ୫୦ ଘଣ୍ଟା(ଫ୍ୟାକ୍ଟ୍ରିଜ୍ ଆକ୍ଟ)ରୁ ୧୨୫ ଘଣ୍ଟା (ନ୍ୟୁ ଲେବର କୋଡ୍)କୁ ବୃଦ୍ଧି କରାଯାଇଛି।
- ଦରମାର ନଗଦ ରାଶି ଏବଂ ଭବିଷ୍ୟନିଧି ପାଣ୍ଠିକୁ କର୍ମଚାରୀଙ୍କ ଦରମାରୁ କାଟି ଜମା କରାଯାଉଥିବା ଅର୍ଥର ପରିମାଣ ମଧ୍ୟ ବଦଳିବ। ମୂଳ ଦରମାକୁ ମୋଟ ରାଶିର ୫୦%ରେ ସୀମିତ ରଖାଯାଇପାରେ। ଏହାଦ୍ୱାରା ଉଭୟ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ପକ୍ଷରୁ ପ୍ରୋଭିଡେଣ୍ଟ ଫଣ୍ଡ୍ କଣ୍ଟ୍ରିବ୍ୟୁଶନ ପରିମାଣ ବଢ଼ିବ। କିନ୍ତୁ କେତେକ କ୍ଷେତ୍ରରେ ବିଶେଷକରି ଘରୋଇ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଘରକୁ ନେଇ ଯାଉଥିବା ନଗଦ ଦରମା କମିଯିବ। ☞ପୃଷ୍ଠା-୪

**ସ୍ତ୍ରୀଙ୍କୁ ହତ୍ୟା ପରେ ପ୍ରିୟ ଗୀତ ଶୁଣାଇଲେ ସ୍ୱାମୀ**

ସ୍ତ୍ରୀଙ୍କ ଗଳାକାଟି ହତ୍ୟା କରିବା ଅଭିଯୋଗରେ ଫ୍ଲୋରିଡାର ୨୧ ବର୍ଷୀୟ ଜିଚେନ ୟାଙ୍ଗ ପୋଲିସ ଗିରଫ କରିଛି। ଜିଚେନ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ତାଙ୍କ ହାତ ଧରି ପ୍ରିୟ ଗୀତ ଲଗାଇ ଶୁଣିଥିବାର ପୋଲିସ କହିଛି। ହତ୍ୟା ପରେ ଜିଚେନ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରୁଥିବା ପୋଲିସ କହିଛି। ଗୋଲ୍ଡେଲମରେ ଥିବା ଆପାର୍ଟମେଣ୍ଟରେ ପୋଲିସ ପହଞ୍ଚିଲାବେଳେକୁ ସମ୍ପୃକ୍ତ ଯୁବକ ରକ୍ତାକ୍ତ ବାଥ୍ ଟବ୍‌ରେ ବସିଥିବା ଦେଖିଥିଲା ପୋଲିସ। ସ୍ତ୍ରୀ ଜିଚାନଙ୍କ ପାସ୍‌ପୋର୍ଟ ଜାଳିଦେବା କାରଣରୁ କିଛିଦିନଧରି ସେ ଅବସାଦରେ ଥିବା କର୍ମଚାରୀ କହିଛନ୍ତି।

# ଏକାଠି ଦୃଶ୍ୟମାନ ୫ ଗ୍ରହ



**ନୂଆଦିଲ୍ଲୀ,୨୪।୬:** ସୌରଜଗତର ୫ ଗ୍ରହ ଏକାଠି ଦୃଶ୍ୟମାନ ହୋଇଛନ୍ତି। କୋଟି କୋଟି କିଲୋମିଟର ଦୂରରେ ନିଜ କକ୍ଷ ପଥରେ ଘୂରୁଥିବା ଗ୍ରହମାନେ ଏବେ ଗୋଟିଏ ସରଳରେଖାରେ ଅବସ୍ଥାପିତ । ବୁଧ, ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି ଗ୍ରହ ଏକ ସରଳରେଖାରେ ରହିଛନ୍ତି। ଶେଷଥର ୨୦୦୪ରେ ଏହି ୫ ଗ୍ରହ ଏକାଠି ଦୃଶ୍ୟମାନ ହୋଇଥିବାବେଳେ ଆଗକୁ ୨୦୪୦ ମସିହାରେ ସମାନ ଭାବେ ୫ ଗ୍ରହ ପୁଣିଥରେ ଏକାଠି ଦୃଷ୍ଟିଗୋଚର ହେବା ନେଇ ବୈଜ୍ଞାନିକ କହିଛନ୍ତି। ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ଏହି ୫ ଗ୍ରହ ପାଖାପାଖି ଦଣ୍ଡାୟମାନ ହେବେ। ବ୍ରାହ୍ମ ମୁହୂର୍ତ୍ତ ଏବଂ ସୂର୍ଯ୍ୟ ଉଦୟ ପୂର୍ବରୁ ଆକାଶରେ ଏହି ୫ ଗ୍ରହଙ୍କ ଅବସ୍ଥିତି ସ୍ପଷ୍ଟ ଭାବେ ଦୃଷ୍ଟିଗୋଚର ହେବ। ଉତ୍ତର ଗୋଲାର୍ଦ୍ଧର ଅଧିବାସୀ ଅତି ନିକଟରୁ ଓ ଉଜ୍ଜ୍ୱଳଭାବେ ୫ ଗ୍ରହର ଅବସ୍ଥିତିକୁ ଦେଖିପାରିବେ। ସୂର୍ଯ୍ୟଉଦୟ ପୂର୍ବରୁ ଏହାକୁ ଖାଲି ଆଖିରେ ଦେଖାଯାଇ ପାରିବ। ମଙ୍ଗଳ ଗ୍ରହ ସୂର୍ଯ୍ୟର ଅତି ନିକଟରେ ଅବସ୍ଥାପିତ ହୋଇଥିବାବେଳେ ଶୁକ୍ରଗ୍ରହ ବୃହସ୍ପତିଠାରୁ ଅଧିକ ଉଜ୍ଜ୍ୱଳ ଦେଖାଯିବ। ସେହିପରି ମଙ୍ଗଳ ଗ୍ରହ ଲାଲ୍ ରଙ୍ଗ ଧାରଣ କରିବ ବୋଲି ବୈଜ୍ଞାନିକ କହିଛନ୍ତି। ତେବେ ଗ୍ରହମାନଙ୍କ ଚିହ୍ନଟ ପାଇଁ ଚନ୍ଦ୍ରକୁ ମାର୍ଗଦର୍ଶକ ଭାବେ ନିଆଯାଇପାରିବ। ୧୮ରେ ଚନ୍ଦ୍ର ଶନି ଗ୍ରହକୁ ଅତିକ୍ରମ କରିବାକୁ ଥିବାବେଳେ ୨୧ରେ ବୃହସ୍ପତି, ୨୨ରେ ମଙ୍ଗଳ, ୨୬ରେ ଶୁକ୍ର ଏବଂ ୨୭ରେ ବୁଧ ଗ୍ରହକୁ ଅତିକ୍ରମ କରିବ।



ଆମେରିକା ସୁପ୍ରିମକୋର୍ଟ ବାହାରେ ଶୁକ୍ରବାର ଆବର୍ସନ ରାଇଟ୍ସ ଆକ୍ଟିଭିଷ୍ଟ ଏବଂ ଗର୍ଭପାତ ବିରୋଧୀ କର୍ମୀଙ୍କ ରାଲି।

## ସଂକ୍ଷେପରେ

### ପରମେଶ୍ୱରନ୍ ଆୟାର ନୀତି ଆୟୋଗ ସିଇଓ ନିଯୁକ୍ତ

**ନୂଆଦିଲ୍ଲୀ,୨୪।୬:** ଆଇଏଏସ୍ ଅଫିସର ପରମେଶ୍ୱରନ୍ ଆୟାରଙ୍କୁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ କରାଯାଇଛି।



ବର୍ତ୍ତମାନର ନୀତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେବା ପରେ ଆୟାର କାର୍ଯ୍ୟଭାର ଗ୍ରହଣ କରିବେ। ୧୯୮୧ ବ୍ୟାଚ୍‌ର ୟୁପି କ୍ୟାଡର ଆଇଏଏସ୍ ଅଫିସର ଆୟାରଙ୍କୁ ନୀତି ଆୟୋଗର ପରବର୍ତ୍ତୀ ସିଇଓ ଭାବେ ନିଯୁକ୍ତି ପ୍ରସ୍ତାବକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଥିଲା। ଆୟାର ୧୯୮୧ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ୨୦୦୯ରେ ସ୍ୱେଚ୍ଛାକୃତ ଅବସର ନେଇ ବିଶ୍ୱ ବ୍ୟାଙ୍କର ଜଳ ଓ ପରିମଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ତପନ ଡେକା ହେଲେ ଆଇବି ନିର୍ଦ୍ଦେଶକ

**ର' ମୁଖ୍ୟଙ୍କ କାର୍ଯ୍ୟକାଳ ବଢ଼ିଲା**

**ନୂଆଦିଲ୍ଲୀ,୨୪।୬(ପି.ଟି.):** ବରିଷ୍ଠ ଆଇପିଏସ୍ ଅଫିସର ତପନ କୁମାର ଡେକାଙ୍କୁ ଶୁକ୍ରବାର ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନର ଆଇବି ମୁଖ୍ୟ ଅରବିନ୍ଦ କୁମାରଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଥିବାବେଳେ ତାଙ୍କ ସ୍ଥାନରେ ଡେକା ଯୋଗଦେବେ।


ତପନ କୁମାର ଡେକା

୧୯୮୮ ବ୍ୟାଚ୍‌ର ହିମାଚଳ ପ୍ରଦେଶ କ୍ୟାଡର ଆଇପିଏସ୍ ଅଫିସର ଡେକା ଆଇବି ସଞ୍ଚାଳନ ବିଭାଗ ନେତୃତ୍ୱ ନେଉଥିଲେ। ସେ ଆଇବି ନୂଆ ମୁଖ୍ୟ ଭାବେ ୨ ବର୍ଷ କାର୍ଯ୍ୟ କରିବେ ବୋଲି କାର୍ମିକ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହା ବ୍ୟତୀତ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ମୁଖ୍ୟ ଥିବା ସାମନ୍ତ ଗୋୟଲଙ୍କ କାର୍ଯ୍ୟକାଳକୁ ଗୋଟିଏ ବର୍ଷ ବୃଦ୍ଧି କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଜାରି ଅନ୍ୟ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି।

# କଠୋର ହେଲେ ଠାକ୍‌ରେ

## ଶିବସେନା ନେତୃତ୍ୱକୁ ନେଇ ଦଳ କଷାକଷି




> ମୁଁ ମୁଖ୍ୟମନ୍ତ୍ରୀ ବଙ୍ଗଳା ଛାଡ଼ିଛି, ଲଢ଼େଇ ନୁହେଁ। ପୂର୍ବରୁ ମଧ ଶିବସେନା ଏପରି ବିଦ୍ରୋହକୁ ସାମ୍ନା କରିଛି। ପରେ ପୁଣି କ୍ଷମତାସୀନ ହୋଇଛି। ମୁଁ କୋଭିଡ୍ ପଜିଟିଭ। ମୋ ସ୍ୱାସ୍ଥ୍ୟ ଖରାପ ଥିବାବେଳେ ବିରୋଧୀମାନେ ସ୍ଥିତିର ଫାଇଦା ଉଠାଇଛନ୍ତି।
> **–ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

**ମୁମ୍ବାଇ/ଗୁଆହାଟୀ/ନୂଆଦିଲ୍ଲୀ,୨୪।୬**

ଶିବସେନାର ଦୁଇ ନମ୍ବର ନେତା ଏକନାଥ ସିନ୍ଦେ ଭାଜପା ଶାସିତ ଆସାମର ଏକ ହୋଟେଲରେ ବିଦ୍ରୋହୀ ବିଧାୟକମାନଙ୍କୁ ଧରି ମହାରାଷ୍ଟ୍ର ଦଖଲ ପାଇଁ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। ଶୁକ୍ରବାର ଆଉ ଦୁଇଜଣ ଶିବସେନା ବିଧାୟକ ବିଦ୍ରୋହୀ ଶିବିରରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ କଡ଼ା ଆଭିମୁଖ ଦେଖିବାକୁ ମିଳିଛି। ମୁମ୍ବାଇର ଦାଦରସ୍ଥିତ ଶିବସେନା ଭବନରେ ଦଳର ସମ୍ପର୍କ ପ୍ରମୁଖମାନଙ୍କୁ ନେଇ ଆୟୋଜିତ ଏକ ବୈଠକକୁ ଅନ୍‌ଲାଇନ୍‌ରେ ସମ୍ବୋଧିତ କରି ଉଦ୍ଧବ କହିଛନ୍ତି, ବିଦ୍ରୋହୀମାନେ ଶିବସେନାକୁ ଭାଙ୍ଗିଦେବାକୁ ଉଦ୍ୟମ କରୁଛନ୍ତି। ଯେଉଁମାନେ ଆମକୁ ଛାଡ଼ି ଚାଲିଯାଇଛନ୍ତି, ସେମାନଙ୍କ ପାଇଁ ସେ କାହିଁକି ଦୁଃଖିତ ହେବେ। ଯେଉଁମାନେ ଯିବା ପାଇଁ ଚାହୁଁଛନ୍ତି ଯାଆନ୍ତୁ। ସେ ନୂଆ କ୍ୟାଡର ତିଆରି କରିବେ। ବିଦ୍ରୋହୀମାନେ ନିର୍ବାଚନ ବେଳେ 'ଶିବସେନା ଓ ଠାକ୍‌ରେ' ବ୍ୟବହାର ନ କରି କିପରି ଆଗକୁ ବଢ଼ିବେ ବୋଲି ଉଦ୍ଧବ ପ୍ରଶ୍ନ କରିଛନ୍ତି।

ଶିବସେନାକୁ କିଏ ନିୟନ୍ତ୍ରଣ କରିବ ତାକୁ ନେଇ ଚାଲିଥିବା ଯୁଦ୍ଧ ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଥିବାବେଳେ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଓ ବିଦ୍ରୋହୀ ଏକନାଥ ସିନ୍ଦେଙ୍କ ପରାମର୍ଶଦାତାମାନେ ଏହା ଉପରେ ଆଇନର ବାଟ ଖୋଜୁଛନ୍ତି। ଦେଶର ସବୁଠୁ ଧନୀ ରାଜ୍ୟରେ କ୍ଷମତାସୀନ ଦଳର ଦୁଇ ସର୍ବୋଚ୍ଚ ନେତାଙ୍କ ମଧ୍ୟରେ ଟଣାଓଟରା ଭିତରେ ସିନ୍ଦେଙ୍କ ଶିବିର ଅଧିକ ବଳୁଆ ମନେହେଉଛି। ଶିବସେନା ପକ୍ଷରୁ ଗୁରୁବାର ୧୨ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଉପବାଚସ୍ପତି ନରହରି ଜିରୱାଲଙ୍କ ନିକଟରେ ଦାବି କରାଯାଇଥିଲା। ଶୁକ୍ରବାର ଆଉ ୪ ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ଦାବି କରାଯାଇଛି। ଏହାକୁ ମିଶାଇ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଭୋଗିବାକୁ ଥିବା ବିଦ୍ରୋହୀ ବିଧାୟକଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ଇତିମଧ୍ୟରେ ଉପବାଚସ୍ପତି ଜିରୱାଲ ଶିବସେନା ବିଧାୟକ ଅଜୟ ଚୌଧରୀଙ୍କୁ ବିଧାୟକ ଦଳ ନେତା ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ପୂର୍ବରୁ ବିଧାୟକ ଦଳ ନେତା ଥିବା ସିନ୍ଦେ ଏହି ନିଯୁକ୍ତିକୁ ବେଆଇନ ଦର୍ଶାଇଛନ୍ତି। ଏଥିସହ ନିଜ ଗୋଷ୍ଠୀକୁ ପ୍ରକୃତ ଶିବସେନା ବୋଲି ଦାବି କରିଛନ୍ତି। ଉପବାଚସ୍ପତି ଖୁବ୍‌ଶୀଘ୍ର ବିଦ୍ରୋହୀ ବିଧାୟକମାନଙ୍କ ନିକଟକୁ ନୋଟିସ ପଠାଇବେ ବୋଲି ଜଣାପଡ଼ିଛି। ନୋଟିସ ପାଇବା ପରେ ବିଦ୍ରୋହୀମାନେ ସୁପ୍ରିମକୋର୍ଟ ଯାଇପାରନ୍ତି। ସେପଟେ ସିନ୍ଦେ ଶିବିରରେ ଥିବା ଭାଜପା ସମର୍ଥିତ ସ୍ୱାଧୀନ ବିଧାୟକ ମହେଶ ବଲ୍‌ଡି ଏବଂ ବିନୋଦ ଅଗ୍ରୱାଲ ଉପବାଚସ୍ପତିଙ୍କ ବହିଷ୍କାର ଦାବି କରିଛନ୍ତି। ଉଭୟେ ଉପବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଉପବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲେ ସେ ବିଦ୍ରୋହୀ ବିଧାୟକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ବୋଲି ଅରୁଣାଚଳ ପ୍ରଦେଶର ଏକ ମାମଲାରେ ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ଏକ ରାୟର ଅବତାରଣା କରିଛନ୍ତି। ଅନ୍ୟପକ୍ଷେ ବିଦ୍ରୋହୀ ଏକନାଥ ସିନ୍ଦେ ଗୁଆହାଟୀର ଏକ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବାବେଳେ କହିଛନ୍ତି, ତାଙ୍କ ସପକ୍ଷରେ ୫୦ରୁ ଊର୍ଦ୍ଧ୍ୱ ବିଧାୟକ ଅଛନ୍ତି, ଯାହାଙ୍କ ମଧ୍ୟରୁ ୪୦ ଜଣ ହେଉଛନ୍ତି ଶିବସେନାର। ସିନ୍ଦେ ୩୭ ଶିବସେନା ବିଧାୟକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ଉପବାଚସ୍ପତି ଏବଂ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ନିକଟକୁ ପଠାଇଛନ୍ତି। ସେ ଶିବସେନା ଓ ଦଳୀୟ ଚିହ୍ନ ଦାବି କରି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାପଡ଼ିଛି।


ବିଦ୍ରୋହୀ ନେତା ଏକନାଥ ସିନ୍ଦେ

> ମହା ବିକାଶ ଅଘାଡ଼ି ନେତା ଶରଦ ପାୱାରଙ୍କୁ ଜଣେ କେନ୍ଦ୍ରମନ୍ତ୍ରୀ (ନାରାୟଣ ରାଣେ) ଧମକ ଦେଇଛନ୍ତି। ଏଭଳି ଧମକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମର୍ଥନ କରୁଛନ୍ତି କି ? ଏକନାଥ ସିନ୍ଦେଙ୍କ ସଂଖ୍ୟାବଳ କେବଳ କାଗଜପତ୍ରରେ ସୀମିତ। ଆସ୍ଥାଭୋଟ କରାଗଲେ କୌଣସି ସମୟରେ ଏହି ସଂଖ୍ୟା ବଦଳିପାରେ। ଶିବସେନା ହେଉଛି ଏକ ମହାସମୁଦ୍ର। ଏପରି ଢେଉ ଆସେ ଓ ଯାଏ।
> **–ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି**

> ଲୋକେ ଆସାମକୁ ଆସି ହୋଟେଲ ବୁକ୍ କରୁଛନ୍ତି ଜାଣି ମୁଁ ଖୁସି। ଏହା ଆମ ରାଜ୍ୟର ଅର୍ଥନୀତିକୁ ସହାୟକ ହେବ। ଆସାମର ପର୍ଯ୍ୟଟନ ଶିଳ୍ପ ମଧ ସମୃଦ୍ଧ ହେବ। ମହାରାଷ୍ଟ୍ର ଏକ ବଡ଼ ରାଜ୍ୟ ହୋଇଥିବାରୁ ତା' ଉପରେ ମୁଁ ମନ୍ତବ୍ୟ ଦେଇପାରିବି ନାହିଁ। ସେହି ରାଜ୍ୟର ରାଜନୀତିରେ ମୋର କିଛି ଯାଏଆସେ ନାହିଁ। ଆସାମର ହୋଟେଲଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇପାରିବି ନାହିଁ। ସବୁ ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଛି।
> **–ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**

### ଉପବାଚସ୍ପତିଙ୍କ ଉପରେ ନଜର

ମହାରାଷ୍ଟ୍ରର ସାମ୍ପ୍ରତିକ ରାଜନୈତିକ ଘଟଣାକ୍ରମକୁ ନେଇ ଉପବାଚସ୍ପତି ନରହରି ଜିରୱାଲଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି। ଜିରୱାଲ ହେଉଛନ୍ତି, ଶରଦ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର। ସେ ବିଦ୍ରୋହୀ ବିଧାୟକମାନଙ୍କୁ ବିଚଳିତ କରିଦେବା ଭଳି ଅନେକ ପଦକ୍ଷେପ ନେଇଛନ୍ତି। ୨୦୧୯ରେ ମହା ବିକାଶ ଅଘାଡ଼ି ମେଣ୍ଟ ସରକାର ଗଠନ ବେଳେ କଂଗ୍ରେସ ବିଧାୟକ ନାନା ପାଟୋଲେଙ୍କୁ ବାଚସ୍ପତି ନିଯୁକ୍ତ କରାଯାଇଥିଲା। ୨୦୨୧ ଫେବୃୟାରୀରେ ପାଟୋଲେଙ୍କୁ ମହାରାଷ୍ଟ୍ର କଂଗ୍ରେସ ସଭାପତି ନିଯୁକ୍ତ କରାଯିବା ପରେ ସେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ସେବେଠୁ ବାଚସ୍ପତି ପଦ ଖାଲି ପଡ଼ିଥିବାବେଳେ ଉପବାଚସ୍ପତି ଜିରୱାଲ ସେହି ଦାୟିତ୍ୱ ତୁଲାଉଛନ୍ତି। ପରବର୍ତ୍ତୀ ସମୟରେ ମେଣ୍ଟ ପକ୍ଷରୁ ନୂଆ ବାଚସ୍ପତି ନିଯୁକ୍ତ କରା ନ ଯିବା ବର୍ତ୍ତମାନ ମେଣ୍ଟ ସରକାର ପାଇଁ କାଳ ହୋଇପାରେ ବୋଲି କୁହାଯାଉଛି।

### ଉଦ୍ଧବ-ପାୱାର ମନ୍ତ୍ରଣା

ବିରୋଧୀ ଶିବିର ଚଳଚଞ୍ଚଳ ହେବାରେ ଲାଗିଥିବାବେଳେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଓ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ମନ୍ତ୍ରଣା ହୋଇଛି। ପାୱାରଙ୍କ ସହ ତାଙ୍କ ପୁତୁରା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର, କ୍ୟାବିନେଟ ମନ୍ତ୍ରୀ ଜୟନ୍ତ ପାଟିଲ ଏବଂ ଏନ୍‌ସିପି ନେତା ପ୍ରଫୁଲ ପଟେଲ ଉଦ୍ଧବଙ୍କୁ 'ମାତୋଶ୍ରୀ'ରେ ଭେଟିଛନ୍ତି। ତେବେ ସେମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ କ'ଣ ଆଲୋଚନା ହୋଇଥିଲା ତାହା ଜଣାପଡ଼ି ନାହିଁ।

### ହାଇ ଆଲର୍ଟରେ ମହାରାଷ୍ଟ୍ର ପୋଲିସ



ମହାରାଷ୍ଟ୍ରରେ ଶିବସେନା ବିଦ୍ରୋହୀଙ୍କ ବିରୋଧରେ ଏବଂ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ସମର୍ଥନ କରି ଦଳର କ୍ଷୁବ୍ଧ କର୍ମୀମାନେ କୌଣସି ମୁହୂର୍ତ୍ତରେ ରାସ୍ତାକୁ ଓହ୍ଲାଇପାରନ୍ତି। ସମ୍ଭାବ୍ୟ ବିକ୍ଷୋଭକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଥାନାକୁ ହାଇ ଆଲର୍ଟରେ ରଖାଯାଇଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ଏସ୍‌ପି ଏବଂ ପୋଲିସ କମିଶନରମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କୋହ୍ଲାପୁରରେ ଶିବସେନା ସମର୍ଥକମାନେ ସିନ୍ଦେଙ୍କ ବିରୋଧରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ମୁମ୍ବାଇରେ ଶିବସେନା କର୍ମୀମାନେ କୁର୍ଲା ବିଧାୟକ ମଙ୍ଗେଶ କୁଦାଲକରଙ୍କ ଅଫିସରେ ଲାଗିଥିବା ଏକ ବୋର୍ଡକୁ ଭାଙ୍ଗିଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାନ୍ଦ୍ରାସ୍ଥିତ ନିଜ ବାସଭବନ 'ମାତୋଶ୍ରୀ' ଆଗରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

## ମୋଦିଙ୍କୁ ଏସ୍‌ଆଇଟି କ୍ଲିନ୍‌ଚିଟ୍ ବିରୋଧରେ ଜାକିଆ ଜାଫ୍ରିଙ୍କ ଆବେଦନ ଖାରଜ

**ଗୁଜରାଟ ଦଙ୍ଗା ମାମଲା**

**ନୂଆଦିଲ୍ଲୀ,୨୪।୬**

୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ୬୩ ଜଣଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଦଙ୍ଗାରେ ନିହତ କଂଗ୍ରେସ ନେତା ଏହସାନ ଜାଫ୍ରିଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଜାକିଆଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନ ଶୁଣାଣି ଯୋଗ୍ୟ ନୁହେଁ ବୋଲି କହିଛନ୍ତି।

୨୦୦୨ ଫେବୃୟାରୀ ୨୭ରେ ଗୋଧ୍ରାଠାରେ ସାବରମତୀ ଏକ୍ସପ୍ରେସ୍‌ର ଏକ କୋଚ୍‌ରେ ଦଙ୍ଗାକାରୀ ନିଆଁ ଲଗାଇଦେବାରୁ ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ଦିନକ ପରେ ଅହମଦାବାଦର ଗୁଲବର୍ଗ ସୋସାଇଟି ହିଂସାରେ ପୂର୍ବତନ କଂଗ୍ରେସ ଏମ୍‌ପି ଏହସାନ ଜାଫ୍ରିଙ୍କ ସମେତ ୬୮ ଜଣ ନିହତ ହୋଇଥିଲେ।


ଜାକିଆ ଜାଫ୍ରି

ଉକ୍ତ ମାମଲାରେ ମୋଦିଙ୍କ ସମେତ ୬୪ ଜଣଙ୍କୁ ଏସ୍‌ଆଇଟିର କ୍ଲିନ୍‌ଚିଟ୍‌କୁ ଜାକିଆ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୧୭ ଅକ୍ଟୋବରରେ ଉକ୍ତ ପିଟିଶନକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ପରେ ଜାକିଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତବର୍ଷ ଡିସେମ୍ବର ୯ରେ ସର୍ବୋଚ୍ଚ ଅଦାଲତ ଜାକିଆଙ୍କ ଆବେଦନର ଶୁଣାଣି ଶେଷ କରିବା ସହ ରାୟ ସଂରକ୍ଷିତ ରଖିଥିଲେ।

## ବନ୍ଧୁକ ବିଲ୍ ଆମେରିକା ସିନେଟରେ ଗୃହୀତ

**ୱାଶିଂଟନ,୨୪।୬**

ଆମେରିକାରେ ବନ୍ଧୁକ ନିୟନ୍ତ୍ରଣ ଲାଗି ଅଣାଯାଇଥିବା ଐତିହାସିକ ବାଇପାର୍ଟିସନ ଗନ୍ ଭାଓଲେନ୍ସ ବିଲ୍ ଗୁରୁବାର ସିନେଟରେ ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୬୫ ଭୋଟ ପଡ଼ିଥିବାବେଳେ ବିରୋଧରେ ୩୩ ଭୋଟ ଯାଇଥିଲା। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଗୃହୀତ ହେବା ପରେ ଏହା ଆଇନରେ ପରିଣତ ହେବ। ଏଭଳି ବିଲ୍ ଗୃହୀତ ହେବା ମାସକ ପୂର୍ବରୁ ଚିନ୍ତାର ବାହାରେ ଥିଲା। ବନ୍ଧୁକ ନିୟନ୍ତ୍ରଣ ଲାଗି କିଛିବର୍ଷ ଧରି ଡେମୋକ୍ରାଟ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। ଗତ ମାସରେ ନ୍ୟୁୟର୍କର ବୁଫାଲୋ ଏବଂ ଟେକ୍ସାସର ଉଭାଲ୍‌ଡେରେ ଗଣଗୁଳିକାଣ୍ଡ ଘଟଣା ପରେ ବନ୍ଧୁକ ସଂସ୍କୃତି ବନ୍ଦ ଦାବିରେ ବିଭିନ୍ନ ସହରରେ ବିକ୍ଷୋଭ କରାଯାଇଥିଲା। ଡେମୋକ୍ରାଟଙ୍କ ସହ ୧୫ ରିପବ୍ଲିକାନ ସଦସ୍ୟ ବନ୍ଧୁକ ନିୟନ୍ତ୍ରଣ ବିଲ୍‌କୁ ସମର୍ଥନ ଜଣାଇଥିଲେ।



ନୂଆ ଆଇନ କାର୍ଯ୍ୟକାରୀ ହେଲେ କମ୍ ବୟସର ପିଲା ବନ୍ଧୁକ କିଣିବା ଉପରେ କଟକଣା ରହିବ। ଘରୋଇ ହିଂସାରେ ସମ୍ପୃକ୍ତ ଅପରାଧୀଙ୍କଠାରୁ ମାରଣାସ୍ତ୍ରକୁ ଦୂରେଇ ରଖାଯାଇପାରିବ। ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅସ୍ତ୍ରଶସ୍ତ୍ରକୁ କର୍ତ୍ତୃପକ୍ଷ ସହଜରେ ଜବତ କରିପାରିବେ। ସ୍କୁଲ୍‌ରେ ନିରାପତ୍ତା, ମାନସିକ ସ୍ୱାସ୍ଥ୍ୟ ଏବଂ ହିଂସା ରୋକିବା ଦିଗରେ ସଚେତନତା ସୃଷ୍ଟି ଲାଗି ସ୍ଥାନୀୟ କାର୍ଯ୍ୟକ୍ରମ ଲାଗି ପାଣ୍ଠିର ବ୍ୟବସ୍ଥା ରହିବ।

## ବାୟୁସେନାରେ ଚୟନ ପ୍ରକ୍ରିୟା ଆରମ୍ଭ

**ଅଗ୍ନିପଥ ଯୋଜନା**

**ନୂଆଦିଲ୍ଲୀ,୨୪।୬**

ସେନାରେ ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାର ଆଣିଥିବା ଅଗ୍ନିପଥ ଯୋଜନାରେ ଶୁକ୍ରବାରଠାରୁ ଭାରତୀୟ ବାୟୁସେନାରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗ୍ନିବୀରବାୟୁ ପଦ ନିମନ୍ତେ ଆବେଦନ ଲାଗି ପଞ୍ଜୀକରଣ ୱିଣ୍ଡୋ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଖୋଲିଥିବା ବାୟୁସେନା ପକ୍ଷରୁ ଟୁଇଟ୍ କରାଯାଇଛି।

ଜୁନ୍ ୧୪ରେ ସରକାର ଅଗ୍ନିପଥ ନିଯୁକ୍ତି ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ୧୭.୫ ବର୍ଷରୁ ୨୧ ବର୍ଷ ବୟସବର୍ଗର ଯୁବକମାନେ ସୈନ୍ୟବାହିନୀରେ ୪ ବର୍ଷ ଲାଗି ନିଯୁକ୍ତି ପାଇବେ। ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତଙ୍କୁ ନିୟମିତ କରାଯିବାକୁ ଥିବାବେଳେ ଅବଶିଷ୍ଟ ୭୫ ପ୍ରତିଶତଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଏହାକୁ ବିରୋଧ କରି ବିଭିନ୍ନ ରାଜ୍ୟରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। ବିରୋଧ ପରେ ସରକାର ଚଳିତ ବର୍ଷ ଲାଗି ନିଯୁକ୍ତିର ସର୍ବାଧିକ ବୟସସୀମା ୨୧ରୁ ୨୩ ବର୍ଷକୁ ବଢ଼ାଇଥିଲେ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ପ୍ରତିରକ୍ଷା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ନିଯୁକ୍ତିରେ ୧୦ ପ୍ରତିଶତ ସଂରକ୍ଷଣ ଦେବା ଲାଗି ଘୋଷଣା କରାଯାଇଥିଲା। ଏହା ବ୍ୟତୀତ କେତେକ ଭାଜପା ଶାସିତ ରାଜ୍ୟ ମଧ ଅଗ୍ନିବୀରଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା କଥା ଘୋଷଣା କରିଥିଲେ। ଅଗ୍ନିବୀରଙ୍କୁ ପ୍ରଥମ ବର୍ଷ ମାସିକ ୩୦ ହଜାର ଟଙ୍କା ମିଳିବାକୁ ଥିବାବେଳେ ସେଥିରୁ ସେମାନଙ୍କୁ ୨୧ ହଜାର ଟଙ୍କା ଦିଆଯାଇ ବଳକା ୯ ହଜାର ଟଙ୍କା କର୍ପସ୍ ପାଣ୍ଠିକୁ ଯିବ। ସରକାର ମଧ ସମପରିମାଣର ଅର୍ଥ ଉକ୍ତ ପାଣ୍ଠିରେ ଜମା କରିବେ। ଏହା ବ୍ୟତୀତ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବର୍ଷରେ ଅଗ୍ନିବୀରମାନଙ୍କୁ ମାସିକ ଯଥାକ୍ରମେ ୩୩ ହଜାର, ୩୬,ହଜାର ଏବଂ ୪୦ ହଜାର ଟଙ୍କା ବେତନ ମିଳିବ। ଅବସର ସମୟରେ ସେମାନଙ୍କୁ ୧୧.୭୧ ଲକ୍ଷ ଟଙ୍କାର ସେବା ନିଧି ପ୍ୟାକେଜ୍ ମିଳିବ, ଯାହା ଆୟକର ମୁକ୍ତ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୭୭,୩୫,୧୦୩ | ୬୩,୪୮,୧୭୧ | ୫୨,୨୮,୯୮,୭୫୫ |
| ଭାରତ | ୪,୩୩,୭୫,୦୧୬ | ୫,୨୪,୯୫୪ | ୪,୨୭,୪୯,୦୫୬ |
| ଓଡ଼ିଶା | ୧୨,୮୯,୧୨୯ | ୯୧୨୬(+୫୩) | ୧୨,୭୯,୬୦୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ନାମାଙ୍କନ ପତ୍ର ଦାଖଲକଲେ ଦ୍ରୌପଦୀ ମୁର୍ମୁ



**ନୂଆଦିଲ୍ଲୀ,୨୪।୬(ପି.ଟି.)**

## ରାଷ୍ଟ୍ରପତି ନିର୍ବାଚନ

ଆସନ୍ତା ମାସ ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଲାଗି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁର୍ମୁ ପାର୍ଲାମେଣ୍ଟ ଭବନ ଯାଇ ରିର୍ଟର୍ନିଂ ଅଫିସର ପି.ସି. ମୋଦିଙ୍କୁ ନାମାଙ୍କନ ପତ୍ର ସେଟ୍ ହସ୍ତାନ୍ତର କରିଥିଲେ। ପ୍ରତି ସେଟ୍‌ରେ ୫୦ ଜଣ ପ୍ରସ୍ତାବକ ଓ ୫୦ ସମର୍ଥକଙ୍କ ସ୍ୱାକ୍ଷର ରହିଛି।

ନାମାଙ୍କନପତ୍ର ଦାଖଲ ବେଳେ ପାର୍ଲାମେଣ୍ଟ ଭବନରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ନୀତିନ ଗଡ଼କରୀ, ପୀୟୂଷ ଗୋୟଲ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକର ନେତା ଏବଂ ଏନ୍‌ଡିଏ ବାହାରୁ ବିଜେଡି ନେତା ସସ୍ମିତ ପାତ୍ର, ୱାଇଏସ୍‌ଆର୍ କଂଗ୍ରେସ ନେତା ଭି. ବିଜୟସାଇ ରେଡ୍ଡୀ ମଧ୍ୟ ମୁର୍ମୁଙ୍କ ନାମାଙ୍କନ ସମର୍ଥନରେ ପାର୍ଲାମେଣ୍ଟରେ ଉପସ୍ଥିତ ଥିଲେ। ଏଆଇଏଡିଏମ୍‌କେ ନେତା ଓ. ପନିରସେଲଭାମ, ଏମ୍. ଥାମ୍ବିଦୁରାଇ ଏବଂ ଜେଡିୟୁ ନେତା ରାଜୀବ ରଞ୍ଜନ ସିଂ ମଧ୍ୟ ପାର୍ଲାମେଣ୍ଟରେ ପହଞ୍ଚିଥିଲେ। ମୁର୍ମୁ ନିର୍ବାଚିତ ହେଲେ ସେ ହେବେ ଦେଶର ପ୍ରଥମ ଆଦିବାସୀ ଏବଂ ଦ୍ୱିତୀୟ ମହିଳା ରାଷ୍ଟ୍ରପତି। ସେ ମଧ୍ୟ ଦେଶର ସର୍ବକନିଷ୍ଠା ରାଷ୍ଟ୍ରପତି ହେବେ।

### ସୋନିଆ, ପାୱାର, ମମତାଙ୍କ ସମର୍ଥନ ଲୋଡ଼ିଲେ ଦ୍ରୌପଦୀ

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ନେତାଙ୍କୁ ଫୋନ୍ କରି ତାଙ୍କ ପ୍ରାର୍ଥିତ୍ୱ ପ୍ରତି ସମର୍ଥନ ଲୋଡ଼ିଛନ୍ତି। ସେ ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ବିରୋଧୀ ଦଳ ନେତାମାନଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ କରି ସେମାନଙ୍କ ସହ କଥା ହୋଇଥିଲେ। ସୋନିଆ, ପାୱାର ଏବଂ ମମତା ତାଙ୍କୁ ଶୁଭେଚ୍ଛା ଜଣାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏହା ବ୍ୟତୀତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ଶୁକ୍ରବାର ବିଭିନ୍ନ ବିରୋଧୀ ଦଳ ନେତାଙ୍କୁ ଫୋନ୍ କରି ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ମୁର୍ମୁଙ୍କୁ ସମର୍ଥନ ଦେବା ଲାଗି ଅନୁରୋଧ କରିଛନ୍ତି। ମୁର୍ମୁଙ୍କ ପ୍ରାର୍ଥିତ୍ୱ ପ୍ରତି ସହମତି ଲାଗି ସେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଅଧୀର ରଞ୍ଜନ ଚୌଧୁରୀ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. ଦେବେଗୌଡ଼ା, ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା ପ୍ରମୁଖଙ୍କ ସହ କଥା ହୋଇଥିଲେ।




# ପରିବାର ଅଦାଲତରେ ଶେଷ କାଉନସେଲିଂ ବିଫଳ

**ବ୍ରହ୍ମପୁର ଅଫିସ,୨୪।୬**

## ୩ ମାସ ପରେ ବିଚାର ହେବ ସୁମିତ-ତପସ୍ୱିନୀ ମାମଲା

ବ୍ରହ୍ମପୁରର ଡା.ସୁମିତ ସାହୁ ଓ ତପସ୍ୱିନୀ ଦାଶ ବିବାଦର ଅନ୍ତିମ ପର୍ଯ୍ୟାୟ ଆପୋସ ବୁଝାମଣା ପାଇଁ ଶୁକ୍ରବାର ଶେଷଥର କାଉନସେଲିଂ ପରିବାର ଅଦାଲତରେ ହୋଇଥିଲା। ପରିବାର ଅଦାଲତ ଜଜ୍ ଅଶ୍ୱିନୀ କୁମାର ନାୟକଙ୍କ ନିକଟରେ ସୁମିତ, ତାଙ୍କ ବାପା ପ୍ରମୋଦ କୁମାର ସାହୁ, ତପସ୍ୱିନୀ ଦାଶ ଓ ତାଙ୍କ ବାପା କିଶୋର ଚନ୍ଦ୍ର ଦାଶ ହାଜର ହୋଇଥିଲେ। ସୁମିତଙ୍କ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର କୁମାର ବେହେରା, ତପସ୍ୱିନୀଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହିଥିଲେ। ଉଭୟ ପରିବାର ମଧ୍ୟରେ ଆପୋଷ ବୁଝାମଣା ପାଇଁ ବିଚାରପତି ଅନେକ ପ୍ରୟାସ କରିଥିଲେ। ତେବେ ଉକ୍ତ କାଉନସେଲିଂ ବିଫଳ ହେଲା ବୋଲି ସୁମିତଙ୍କ ଓକିଲ ସୂଚନା ଦେଇଛନ୍ତି। ୩ ମାସ ପରେ ଏହି ମାମଲାର ବିଚାର ଆରମ୍ଭ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ମେ ୧୨ରେ ସୁମିତ ଓ ତପସ୍ୱିନୀ ପୃଥକ ଭାବେ ବ୍ରହ୍ମପୁର ପରିବାର ଅଦାଲତରେ ହାଜର ହୋଇଥିଲେ। ଉଭୟଙ୍କ ମଧ୍ୟରେ ରହିଥିବା ବିବାଦର ଅନ୍ତ ଘଟାଇବା ପାଇଁ କାଉନସେଲିଂ କରାଯାଇଥିଲା। ପରିବାର ଅଦାଲତ ଜଜ୍ ଅଶ୍ୱିନୀ କୁମାର ନାୟକ ପ୍ରଥମଥର ଉଭୟଙ୍କୁ କାଉନସେଲିଂ କରିଥିଲେ। ତାହା ସଫଳ ହୋଇ ନ ଥିଲା। ସେହିପରି ଏହି ମାମଲାର ସମାଧାନ ପାଇଁ ହାଇକୋର୍ଟରେ ପୃଥକ ଭାବେ ୫ଥର କାଉନସେଲିଂ ହୋଇଥିଲା। ତାହା ମଧ୍ୟ ବିଫଳ ହୋଇଥିଲା ବୋଲି ସୁମିତଙ୍କ ଓକିଲ ବେହେରା କହିଛନ୍ତି। ସୁମିତ ଓ ତାଙ୍କ ପରିବାର ବିରୋଧରେ ତପସ୍ୱିନୀ ମହିଳା ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। ଏହାପରେ ୨୦୨୧ରେ ସୁମିତ ପରିବାର ଅଦାଲତରେ ତପସ୍ୱିନୀଙ୍କୁ ଛାଡପତ୍ର ପାଇଁ ସିପି ୩୩୪/୨୧ରେ ଏକ ପିଟିଶନ ଦାଖଲ କରିଥିଲେ।

# ଗୌରହରି, ଦମୟନ୍ତୀ ପାଇବେ ସାହିତ୍ୟ ଅନୁବାଦ ପୁରସ୍କାର

**ଭୁବନେଶ୍ୱର, ୨୪।୬ (ବ୍ୟୁରୋ)**

## ଘୋଷଣା କଲା କେନ୍ଦ୍ର ସାହିତ୍ୟ ଏକାଡେମୀ

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୧ ବର୍ଷ ପାଇଁ ମୋଟ୍ ୨୨ଟି ଭାଷାରେ 'ସାହିତ୍ୟ ଅନୁବାଦ ପୁରସ୍କାର' ଘୋଷଣା କରାଯାଇଛି। ଏଥର ଓଡ଼ିଶାରୁ ଦୁଇଜଣ ବ୍ୟକ୍ତି ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ବେନିୟାମିନଙ୍କ ରଚିତ ମାଲାୟାଲାମ୍ ଉପନ୍ୟାସ 'ଗୋଟ୍ ଡେଜ୍'ର ଓଡ଼ିଆ ଅନୁବାଦ 'ଛେଳି ଚରେଇବାର ଦିନ' ପାଇଁ କଥାକାର ଗୌରହରି ଦାସ ଓ ଜୟଦେବଙ୍କ ରଚିତ କାଳଜୟୀ କାବ୍ୟ ଗୀତଗୋବିନ୍ଦକୁ ସଂସ୍କୃତ ଭାଷାରୁ ସାନ୍ତାଳୀ ଭାଷାକୁ ଅନୁବାଦିତ କରିଥିବା ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା 'ସାହିତ୍ୟ ଅନୁବାଦ ପୁରସ୍କାର' ପାଇବେ। ପୁରସ୍କାର ସ୍ୱରୁପ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଏବଂ ତାମ୍ର ଫଳକ ପ୍ରଦାନ କରାଯିବ। ଶୁକ୍ରବାର ନୂଆଦିଲ୍ଲୀର ରବୀନ୍ଦ୍ରଭବନଠାରେ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକାରୀ ମଣ୍ଡଳ ବୈଠକରେ ଏନେଇ ଘୋଷଣା କରାଯାଇଛି। ଓଡ଼ିଆ ଓ ସାନ୍ତାଳି ବ୍ୟତୀତ ଅହମୀୟା, ବଙ୍ଗଳା, ବୋଡୋ, ଡୋଗ୍ରୀ, ଇଂଲିଶ, ଗୁଜୁରାଟୀ, ହିନ୍ଦୀ, କନ୍ନଡ, କାଶ୍ମୀରୀ, କୋଙ୍କଣୀ, ମାଲାୟାଲାମ୍, ମଣିପୁରୀ, ମରାଠୀ, ନେପାଳୀ, ପଞ୍ଜାବୀ, ସଂସ୍କୃତ, ସିନ୍ଧୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ ଭାଷାରେ ଅନୁବାଦିତ ପୁସ୍ତକ ପାଇଁ ସାହିତ୍ୟିକମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଏକାଡେମୀର ଓଡ଼ିଆ ଭାଷା ପରାମର୍ଶଦାତା କମିଟି ଆବାହକ ଡ.ବିଜୟାନନ୍ଦ ସିଂହ ସୂଚନା ଦେଇଛନ୍ତି। ସେହିପରି ପରବର୍ତ୍ତୀ ସମୟରେ ମୈଥିଳୀ ଏବଂ ରାଜସ୍ଥାନୀ ଭାଷାରେ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

୧୯୬୨ ଫେବୃୟାରୀ ୧୮ରେ ମୟୂରଭଞ୍ଜ ଜିଲାରେ ଜନ୍ମ ଗ୍ରହଣ କରିଥିଲେ ଦମୟନ୍ତୀ। ୧୯୮୫ରେ ସମ୍ବଲପୁରରେ ଜୁନିୟର ରୋଜଗାର ଅଧିକାରୀ ଭାବେ ସେ କର୍ମଜୀବନ ଆରମ୍ଭ କରିଥିଲେ। ଏହାପରେ ୧୯୮୭ରେ ମହାରାଜା ପ୍ରତାପ ଚନ୍ଦ୍ର କଲେଜରେ ଚାକିରୀ କଲେ। ସେହିଠାରୁ କବିତା ଓ ନିବନ୍ଧ ଲେଖିବା ଆରମ୍ଭ କରିଥିଲେ। ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଗବେଷିକା ଭାବେ ତାଙ୍କର ସୁଖ୍ୟାତି ରହିଛି। ୨୦୨୦ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଜଣେ ସଫଳ ଅନୁବାଦକ ଭାବେ ଗୌରହରିଙ୍କର ୬ଟି କୃତି ରହିଛି। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ଗୌରହରି ଦାସ ଏକାଧାରରେ ଜଣେ ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ସମ୍ପାଦକ ଏବଂ ସ୍ତମ୍ଭକାର। ୧୯୬୦ରେ ଭଦ୍ରକ ଜିଲାରେ ଜନ୍ମିତ ଡ. ଦାସଙ୍କର ପ୍ରଥମ ପୁସ୍ତକ କ୍ଷୁଦ୍ରଗଳ୍ପ ସଙ୍କଳନ 'ଜୁଆର ଭଟ୍ଟା' ୧୯୮୧ରେ ପ୍ରକାଶ ପାଇଥିଲା। ନିଜର ସାହିତ୍ୟିକ କୃତି ଲାଗି ସେ ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। 'ଛେଳି ଚରେଇବାର ଦିନ' ଉପନ୍ୟାସଟି ଜଣେ ଦରିଦ୍ର ବ୍ୟକ୍ତିର ଜୀବନ କାହାଣୀ ଉପରେ ପର୍ଯ୍ୟବସିତ।

# ୨୯ରେ ବିଧାନସଭାରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର,୨୪।୬(ବ୍ୟୁରୋ)**

ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥର ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବେ। ତେବେ ବଜେଟ ଅଧିବେଶନର ସୁପରିଚାଳନା ପାଇଁ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ବିଧାନସଭା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶୁକ୍ରବାର ସୂଚନା ଦିଆଯାଇଛି। ତେବେ ବଜେଟ ଅଧିବେଶନର ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସବୁ ଦଳର ନେତୃମଣ୍ଡଳୀଙ୍କଠାରୁ ସହଯୋଗ କାମନା କରାଯିବ ବୋଲି ବାଚସ୍ପତି କହିଛନ୍ତି। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ସଂକ୍ରମଣ ଦେଖାଦେଲାଣି। ସର୍ବଦଳୀୟ ବୈଠକରେ ଏ ବିଷୟରେ ମଧ୍ୟ ଆଲୋଚନା କରାଯିବ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

# ସନ୍ଦେହରେ ରାଜ୍ୟ ବାହାର ବି.ଏଡ୍ ଡିଗ୍ରୀଧାରୀ ଶିକ୍ଷକ

**ଯାଜପୁର ଅଫିସ,୨୪।୬**

- ■ **ତଥ୍ୟ ପ୍ରଦାନ କଲେ ଗୁଲ୍‌ବର୍ଗା ବିଶ୍ୱବିଦ୍ୟାଳୟ**
- ■ **କନ୍ନଡ ଲିପି ରିପୋର୍ଟକୁ ନେଇ ଅସନ୍ତୋଷ**
- ■ **କେନ୍ଦୁଝର ଡିପିଓ ଦର୍ଶାଇଲେ ରହସ୍ୟଜନକ**

ଓଡ଼ିଶାର ବିଭିନ୍ନ ସ୍ଥାନରେ ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବି.ଏଡ୍ ପାସ୍ କରିଥିବା ଯୁବତୀ, ଯୁବକ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। କର୍ଣ୍ଣାଟକର ଗୁଲ୍‌ବର୍ଗା ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ପ୍ରଦେଶର କାନପୁର ବିଶ୍ୱବିଦ୍ୟାଳୟରୁ ସେମାନେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ସୂଚନା ମିଳିଛି। ଏଥିପାଇଁ ନିଜ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ବି.ଏଡ୍, ସିଟି ଡିଗ୍ରୀଧାରୀ ପ୍ରାର୍ଥୀ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ୨୦୧୭ ମାର୍ଚ୍ଚରେ ବିଧାନସଭାରେ ତତ୍କାଳୀନ ବିଧାୟକ ଚନ୍ଦ୍ରଶେଖର ମାଝି ଏକ ପ୍ରଶ୍ନ ଉପସ୍ଥାପନ କରି ଜିଲାୱାରି ବିବରଣୀ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ସେ ଦିନଠାରୁ ଶିକ୍ଷା ବିଭାଗ ବି.ଏଡ୍ ପ୍ରମାଣପତ୍ର ଉପରେ ତଦନ୍ତ ହୋଇ ଆସୁଛି। ଏହିକ୍ରମରେ କେନ୍ଦୁଝର ଜିଲାର ଜଣେ ଶିକ୍ଷକଙ୍କ ବି.ଏଡ୍ ପ୍ରମାଣପତ୍ର ଓ ମାର୍କଶିଟ୍‌ର ଶୁଦ୍ଧତା ଉପରେ ତନଖି କରି ରିପୋର୍ଟ ଦେବାକୁ ଜିଲା ସମଗ୍ର ଶିକ୍ଷା ବିଭାଗର ପ୍ରକଳ୍ପ ସଂଯୋଜକ (ଡିପିଓ) ୨୬।୧୦।୨୦୨୧ରେ ଗୁଲ୍‌ବର୍ଗା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି କରିଥିଲେ। ତେବେ ବିଡ଼ମ୍ବନା ଯେ, ଗୁଲ୍‌ବର୍ଗା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୨।୨।୨୦୨୨ରେ କନ୍ନଡ ଲିପିରେ ତଥ୍ୟ ପ୍ରଦାନ କରିଥିଲେ। ଏହିପତ୍ର ଉପରେ କେନ୍ଦୁଝର ଡିପିଓ ରହସ୍ୟଜନକ ବୋଲି ଦର୍ଶାଇ ୧୪।୩।୨୦୨୨ରେ ଇଂଲିଶରେ ତଥ୍ୟ ଦେବାକୁ ଅନୁରୋଧ କରିଥିଲେ। ଉତ୍ତର ଏଯାଏ ମିଳି ନ ଥିବା ଡିପିଓ ଗୁରୁବାର ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ସୂଚିତ କରିଛନ୍ତି।

୨୦୧୬ରେ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ କାର୍ଯ୍ୟରତ ନକଲି ବି.ଏଡ୍, ସିଟି ତାଲିମପ୍ରାପ୍ତ ଶିକ୍ଷକଙ୍କ ବିବରଣୀ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେତେବେଳେ ଏହି ନିର୍ଦ୍ଦେଶକୁ ହାଲୁକା ଭାବେ ଗ୍ରହଣ କରାଯାଇଥିଲା। ପ୍ରଭାବଶାଳୀ ନକଲି ଡିଗ୍ରୀଧାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ଚାପରେ ବାସ୍ତବ ଚିତ୍ର ସାଧାରଣରେ ପ୍ରକାଶ ପାଇପାରି ନ ଥିଲା। ଏବେ ରାଜ୍ୟ ବାହାରର କେତେକ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ପ୍ରମାଣପତ୍ର ଆଧାରରେ ଚାକିରି କରୁଥିବା ଦୃଷ୍ଟିକୁ ଆସିଛି। ଗୁଲ୍‌ବର୍ଗା ଓ କାନପୁର ବିଶ୍ୱବିଦ୍ୟାଳୟ ବାଦ୍ ହରିୟାଣାର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ତାମିଲନାଡୁର ଅନୋମଲି, ଛତିଶଗଡ଼ର ସିଭି ରମଣ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ମହାରାଷ୍ଟ୍ରର ଆର୍‌ଟିଏମ୍ଏନ୍ ବିଶ୍ୱବିଦ୍ୟାଳୟ, ଜମ୍ମୁକଶ୍ମୀର ବିଶ୍ୱବିଦ୍ୟାଳୟ, ଆନ୍ଧ୍ରପ୍ରଦେଶର ଶ୍ରୀ ଭେଙ୍କଟେଶ୍ୱର, ବିଶାଖାପଟଣା ବିଶ୍ୱବିଦ୍ୟାଳୟ, ମଧ୍ୟପ୍ରଦେଶର ଭୋଜ୍ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟ ଓ ହରିୟାଣାର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଶତାଧିକ ବି.ଏଡ୍ ଡିଗ୍ରୀଧାରୀ ରାଜ୍ୟରେ ଶିକ୍ଷକତା କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରମାଣପତ୍ରରେ କେତେ ବୈଧ, ତା'ର ତଦନ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ, ଯାହାକି ଏଯାଏ ରହସ୍ୟାବୃତ ହୋଇ ରହିଛି।

ବି.ଏଡ୍ ସାର୍ଟିଫିକେଟ୍‌ର ଶୁଦ୍ଧତା ସମ୍ପର୍କରେ ଗୁଲ୍‌ବର୍ଗା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କନ୍ନଡ ଲିପିରେ ତଥ୍ୟ ଦେବା ବିଷୟକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ଉପୁଜିଛି। ଉକ୍ତ ପତ୍ରରେ ପ୍ରାପ୍ତେଷୁ ଡିପିଓ, ପତ୍ର ସଂଖ୍ୟା ଓ ତାରିଖ ଇଂଲିଶରେ ରହିଛି। ସେହିପରି ବି.ଏଡ୍ ଡିଗ୍ରୀଧାରୀଙ୍କ ନାମ ଓ ବାପାଙ୍କ ନାମ ମଧ୍ୟ ଇଂଲିଶରେ ଲେଖାହୋଇଛି। ଅନ୍ୟ ସମସ୍ତ ତଥ୍ୟ କନ୍ନଡ ଲିପିରେ ଲେଖା ଯାଇଥିବାରୁ ତାହା ରହସ୍ୟାଜନକ ବୋଲି କେନ୍ଦୁଝର ଡିପିଓ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

# ବିବାହ ଦୁଇଦିନ ପୂର୍ବରୁ ଯୁବତୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୪।୬**

## କାରଣ ଖୋଜୁଛି ପୋଲିସ

ଜଣେ ଉଚ୍ଚଶିକ୍ଷିତା ଯୁବତୀ ବିବାହ ଦୁଇ ଦିନ ପୂର୍ବରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସାଲୋନୀ ମହାପାତ୍ର (୨୬)। ଛତିଶଗଡ଼ ଜାମୁନିପଲି ଥାନା ଅନ୍ତର୍ଗତ ସୁକାମର ଗ୍ରାମର ମୂଳନିବାସୀ ସାଲୋନୀଙ୍କ ବ୍ରହ୍ମପୁରରେ ବିବାହ କରାଯିବାକୁ ସ୍ଥିର ହୋଇଥିଲା। ତେଣୁ ସେ ଓ ତାଙ୍କ ମା' ହରପ୍ରିୟା ବ୍ୟାଙ୍କ କଲୋନୀ ଫାଷ୍ଟ ଲାଇନରେ ରହୁଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୮/୨୨ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଯୁବତୀଙ୍କ ମୋବାଇଲ ଫୋନ୍ ଓ ଲାପଟପ୍ ପୋଲିସ ଜବତ କରି ଆତ୍ମହତ୍ୟାର କାରଣ ଖୋଜୁଛି। ସାଲୋନୀଙ୍କ ଭିସେରା ସଂରକ୍ଷିତ ରଖାଯାଇଛି। ଅତ୍ୟଧିକ ମାନସିକ ଚାପରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି।

ପ୍ରକାଶ ଯେ, ସାଲୋନୀଙ୍କ ବାପା ସୁକୁମାର ମହାପାତ୍ର ଦିଲ୍ଲୀରେ ଜଣେ ଶିକ୍ଷକ। ସାଲୋନୀ ଆମେରିକା ଏସେଞ୍ଚୁଆର ନାମକ ଏକ ସଂସ୍ଥାରେ ଆଇଟି ଇଞ୍ଜିନିୟର ଭାବେ ୱାର୍କଫ୍ରମ ହୋମ କାମ କରୁଥିଲେ। ଇତିମଧ୍ୟରେ ତାଙ୍କର ବ୍ରହ୍ମପୁରରେ ବିବାହ ନିମନ୍ତେ ସ୍ଥିର ହୋଇଥିବାରୁ ମା'ଙ୍କ ସହ କିଛିଦିନ ପୂର୍ବରୁ ବ୍ରହ୍ମପୁର ଆସି ଘରଭଡ଼ା ନେଇ ରହୁଥିଲେ। ସେମାନଙ୍କ କେତେଜଣ ସମ୍ପର୍କୀୟ ପୂର୍ବରୁ ବ୍ରହ୍ମପୁରରେ ଅଛନ୍ତି। ଦୁଇଦିନ ପରେ ବିବାହ ଥିବାରୁ ସମ୍ପର୍କୀୟଙ୍କ ସହ ସାଲୋନୀଙ୍କ ମା' କିଣାକିଣି କରିବାକୁ ବଜାରକୁ ଯାଇଥିଲେ। ଘରେ ସାଲୋନୀ ଏକାକୀ ଥିଲେ। ବଜାରରୁ ମା' ଘରକୁ ଫେରିବାରେ ଘର ଭିତର ପଟୁ ବନ୍ଦ ଥିବା ଜାଣି ସାଲୋନୀଙ୍କୁ ଫୋନ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଶେଷରେ ସମ୍ପର୍କୀୟଙ୍କ ସହାୟତାରେ କବାଟ ଭାଙ୍ଗି ଘର ଭିତରକୁ ଯିବାରେ ସାଲୋନୀ ଚୂନି ବେକରେ ବାନ୍ଧି ଫ୍ୟାନରେ ଝୁଲୁଥିବା ମା' ଦେଖିଥିଲେ। ତାଙ୍କୁ ତଳକୁ ଓହ୍ଲାଇ ଏମକେସିଜି ମେଡିକାଲକୁ ନିଆଯାଇଥିଲେ ମଧ୍ୟ ସାଲୋନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଭିଏଲ୍-ଏସ୍‌ଆର ଏସ୍‌ଏଏମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୪।୬**


ଭିଏଲ–ଏସ୍‌ଆର ଏସ୍‌ଏଏମ୍ କ୍ଷେପଣାସ୍ତ୍ର

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ଶୁକ୍ରବାର ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ଭିଏଲ-ଏସ୍‌ଆରଏସ୍‌ଏଏମ୍'ର ଉତ୍କ୍ଷେପଣ କରାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନାର ମିଳିତ ଉଦ୍ୟମରେ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା।

ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରାଯାଇପାରୁଥିବା ଭିଏଲ-ଏସ୍‌ଆରଏସ୍‌ଏଏମ୍ କ୍ଷେପଣାସ୍ତ୍ର ହେଉଛି ଯୁଦ୍ଧ ଜାହାଜରେ ଖଞ୍ଜା ହେଉଥିବା ଏକ ଅସ୍ତ୍ର ପ୍ରଣାଳୀ, ଯାହାକି ସମୁଦ୍ର ପତ୍ତନ ହେଉ କି ଆକାଶମାର୍ଗରୁ ଆସୁଥିବା ଶତ୍ରୁପକ୍ଷର ଯୁଦ୍ଧାସ୍ତ୍ରକୁ ନିଷ୍କ୍ରିୟ କରିବାକୁ ସକ୍ଷମ। ତେବେ ଶୁକ୍ରବାର ଆକାଶମାର୍ଗରେ ଦ୍ରୁତଗତିରେ ଆସୁଥିବା ବିମାନକୁ ଟାର୍ଗେଟ କରାଯାଇ ଏହି କ୍ଷେପଣାସ୍ତ୍ରକୁ ଜାହାଜରୁ ଉତ୍କ୍ଷେପଣ କରାଯାଇଥିଲା ଏବଂ ଏହା ନିର୍ଦ୍ଧାରିତ ଲକ୍ଷ୍ୟ ଭେଦ କରିବାରେ ସକ୍ଷମ ହୋଇଥିଲା। ଚାନ୍ଦିପୁର ଆଇଟିଆର ପକ୍ଷରୁ ନିୟୋଜିତ ଏକାଧିକ ଟ୍ରାକିଂ ଉପକରଣ ମାଧ୍ୟମରେ କ୍ଷେପଣାସ୍ତ୍ରର ଗତି ଓ ମାର୍ଗ ସମେତ ସମସ୍ତ କାର୍ଯ୍ୟକ୍ଷମତା ମାପଦଣ୍ଡ ନିରୀକ୍ଷଣ କରାଯାଇଥିଲା। ଡିଆରଡିଓ ଏବଂ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ନୌସେନା ଏବଂ ଉଦ୍ୟୋଗ ଜଗତକୁ ଅଭିନନ୍ଦନ ଜଣାଇଛନ୍ତି। ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱାରା ଆକାଶମାର୍ଗରୁ ଆସୁଥିବା ବିପଦ ବିରୋଧରେ ଭାରତୀୟ ନୌସେନାର ଯୁଦ୍ଧଜାହାଜଗୁଡ଼ିକର କ୍ଷମତା ଆହୁରି ବୃଦ୍ଧିପାଇବ ବୋଲି କହିଛନ୍ତି। ସେହିପରି ନୌସେନା ମୁଖ୍ୟ ଆଡମିରାଲ ଆର୍ ହରି କୁମାର ଭିଏଲ-ଏସଆରଏସ୍‌ଏଏମ୍‌ର ସଫଳ ପରୀକ୍ଷଣ ପାଇଁ ଭାରତୀୟ ନୌସେନା ଏବଂ ଡିଆରଡିଓ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି। ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ ହେବା ଦ୍ୱାରା ଭାରତୀୟ ନୌସେନାର ପ୍ରତିରକ୍ଷା ସାମର୍ଥ୍ୟ ଅଧିକ ସୁଦୃଢ଼ ହେବ ବୋଲି କହିଛନ୍ତି। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ ଏହି ସଫଳ ପରୀକ୍ଷଣରେ ସାମିଲ ଥିବା ଦଳକୁ ପ୍ରଶଂସା କରିଛନ୍ତି। ଭାରତୀୟ ନୌସେନାର ଯୁଦ୍ଧ ଜାହାଜରେ ସ୍ୱଦେଶୀ ଅସ୍ତ୍ର ପ୍ରଣାଳୀ ସାମିଲ ହେବା ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣରୁ ପ୍ରମାଣିତ ହୋଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରିତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଓଡ଼ିଶାକୁ ଡବ୍ଲ୍ୟୁଏଫ୍‌ପିର ...

ପ୍ରଥମ ପୃଷ୍ଠାରୁ...

ଏକାଧିକ କାର୍ଯ୍ୟକ୍ରମ ଜାରି ରହିଛି। ଏ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ସହ ଭାବ ବିନିମୟ କରିଛନ୍ତି। ଓଡ଼ିଶାରେ ଜୀବନଜୀବିକା ଓ ଖାଦ୍ୟ ସୁରକ୍ଷାକୁ କିପରି ଅଧିକ ସୁଦୃଢ଼ କରାଯାଇ ପାରିବ, ତାହା ଆମର ଲକ୍ଷ୍ୟ। ଡବ୍ଲ୍ୟୁଏଫ୍‌ପି ସହଯୋଗରେ ଓଡ଼ିଶା ଶୂନ୍ୟ ଭୋକିଲା ଓ ଜାତିସଂଘର ଅନ୍ୟ ଦୀର୍ଘମିଆଦୀ ବିକାଶମୂଳକ ଲକ୍ଷ୍ୟ ହାସଲ କରିପାରିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ହେଉଥିବା ରୂପାନ୍ତରୀକରଣକୁ ବିସ୍‌ଲେ ସ୍ୱୀକୃତି ଦେବା ସହ ପ୍ରଶଂସା କରିଛନ୍ତି। ଓଡ଼ିଶା ସଫଳତାର କାହାଣୀ ଅନ୍ୟ ଦେଶଗୁଡ଼ିକ ପାଇଁ ଶିକ୍ଷଣୀୟ ସୁଯୋଗ ଦେବ। ଡବ୍ଲ୍ୟୁଏଫ୍‌ପି ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏକ ବିଶ୍ୱସ୍ତରୀୟ ତାଲିମ ପ୍ଲାଟଫର୍ମ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାତିସଂଘର ଡବ୍ଲ୍ୟୁଏଫ୍‌ପି ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭେଲେରି ଏନ୍. ଗୁରନେରି, ମନୋଜ ଜୁନେଜା, କଣ୍ଟ୍ରି ଡାଇରେକ୍ଟର ବିଶ୍ୱ ପାରାଜୁଲି, ଡବ୍ଲ୍ୟୁଏଫ୍‌ପି ଓଡ଼ିଶା ମୁଖ୍ୟ ହିମାଂଶୁ ବଳ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ଭି.ଭି. ଯାଦବ, ଆବାସିକ କମିଶନର ରବିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୧ରେ ଡବ୍ଲ୍ୟୁଏଫ୍‌ପି ଏବଂ ଓଡ଼ିଶା ସରକାର ୪ଟି ଚୁକ୍ତି ସ୍ୱାକ୍ଷର କରିଥିବା ବେଳେ ୬ଟି ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ**
**ଘର ପୋଡ଼ିଠାରୁ ବିପତ୍ତି ନାହିଁ।**

ସାଧାରଣତଃ ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚମିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘରଣୀ ଗଙ୍ଗା**
**ପେଯ ପିଇ କରି ବାନ୍ଧୁଛି ସଙ୍ଗା।**

କୃପଣ ନ ହେଲେ ସଞ୍ଚୟ କରିବା କଷ୍ଟକର। ଭବିଷ୍ୟତକୁ ସୁଦୃଢ଼ ଏବଂ ସୁରକ୍ଷିତ କରିବା ଲାଗି ସଞ୍ଚୟ ମନୋବୃତ୍ତି ରଖିବା ବୁଦ୍ଧିମତାର ପରିଚୟ ହୋଇଥାଏ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରିସ୍ଥଳେ ବହୁ କଷ୍ଟ କରି ଘର ପ୍ରତି ପୂର୍ଣ୍ଣ ସମର୍ପିତା ଥିବା ଗୃହିଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.


# classifieds Everyday
0674-2580101, 2549302




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73925

Luxurious 4BHK Duplex Jharpada-1.5cr, Pokhariput-1.3cr, Bhubaneswar New Railway Station-90Lakh, Balianta-85Lakh, Retanga-49Lakh. 7008550473. D-814

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644

## PURCHASE

Required flats independent house GA plots from direct owner's, Bhubaneswar. 6371090682. D-68293




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254




2BHK with parking available at Bankers Enclave, Palasuni. Contact: 7747006625. D-771

Semi furnished Airconditioned room near Lingaraj Temple, Bhubaneswar 6000/-. Contact: 9437388990. D-73706

2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618




Mesmerizing, energetic body, mind qualitative relaxing massage experienced therapists. 9668374480. D-73610

All types hair cutting, body massage by smart lady room services available. Contact: 9938582450. D-71346

**Relax, refresh your body, mind at Saikrupa Spa with best therapies. 8984068077.** D-805

Newly open SPA offer @799/-, positively health benefits, Kalpana. 7846814019. D-73619

Newly open SPA positively health benefit with expert. Contact: 7749976301. D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

Newly open full body massage ladies and gents. 8327740003, 8093860513. D-73921


## AFFIDAVIT

ମୁଁ ଶ୍ରୀମତୀ ସଙ୍ଘମିତ୍ରା ଦାଶ, ଜନ୍ମ ତାରିଖ ତା-୦୨ ଅପ୍ରେଲ ୧୯୭୨ ସ୍ୱାମୀ- ପ୍ରଭାତ ରଞ୍ଜନ ବାରିକ, କ୍ୱାର୍ଟର ନଂ.-ଡି-୮୨ ପିଟିଏସ୍, ଦୀପଶିଖା, ଜିଲ୍ଲା- ଅନୁଗୋଳ ଘୋଷଣା କରୁଛି ଆମ୍ଭ ନାମେ ପାସ୍‌ପୋର୍ଟ ନଂ.- ଏଚ୍ ୯୪୨୬୯୫୧ ପାସ୍‌ପୋର୍ଟ ଅଧିକୃତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କରାଯାଇଅଛି। ଭୁଲ୍ କ୍ରମେ ମୋର ନାମ ଉପରୋକ୍ତ ପାସ୍‌ପୋର୍ଟରେ SANGHAMITRA ପରିବର୍ତ୍ତେ "SANGHMITRA" ଲେଖା ଯାଇଅଛି। ଉପରୋକ୍ତ ଭୁଲ୍ ସଂଶୋଧନ ନିମନ୍ତେ ଆମ୍ଭେ ନୋଟାରୀ, ତାଳଚେରଙ୍କ ନିକଟରେ ଏକ ସତ୍ୟପାଠ ନଂ.- 3790 Dt- 21.06.2022 କରିଅଛୁ ଓ ଘୋଷଣା କରୁଅଛୁ କି ଉପରୋକ୍ତ ନାମ ଗୁଡ଼ିକରେ ମୋ ଛଡ଼ା ଅନ୍ୟ କୌଣସି ବ୍ୟକ୍ତି ଚଳାଚଳ କରୁନାହାନ୍ତି। ଧ-୮୧୫

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ନିରୁଦ୍ଦିଷ୍ଟ



ଜି.- ଗଣେଶ, ପିତା.- ଜି ଆପାରାଓ, ବୟସ- ୨୭, କଳାବର୍ଣ୍ଣ, ଗତ ୧୭।୦୬।୨୨ ଶୁକ୍ରବାରଠାରୁ ବାଲିଅନ୍ତା ବଜାର ସ୍ଥିତ ଘରୁ ଶ୍ରମିକଙ୍କୁ ପେମେଣ୍ଟ ଦେବା ପାଇଁ ପଲ୍‌ସର ବାଇକ (ନଂ.- OD-02AZ 3716) ରେ କେଉଁଆଡେ ପଳେଇଛନ୍ତି। ତାଙ୍କ ଫୋନ୍ ସୁଇଚ ଅଫ୍ ଅଛି। ତାଙ୍କର ସନ୍ଧାନ ପାଇଲେ ୯୯୩୮୧୬୪୫୦୧ରେ ଯୋଗାଯୋଗ ପାଇଁ ଅନୁରୋଧ। ଧ-୭୧୨୧୧

## ନିରୁଦ୍ଦିଷ୍ଟ



ଅବିନାଶ ମହାନ୍ତି (୩୦), ଗାଁ- ବାଲିପାଟଣା, ଥାନା- ଧୁସୁରି, ଭଦ୍ରକ। ବାଲେଶ୍ୱର ସ୍ଥିତ ବାପାଙ୍କ ଭଡ଼ାଘରୁ ଗତ ୦୯।୦୬।୨୨ ମଧ୍ୟାହ୍ନରେ କୁଆଡେ ପଳାଇ ଯାଇଛନ୍ତି। ସେ ବରମୁଣ୍ଡା ପ୍ୟାଣ୍ଟ ସହ ଗ୍ରୀନ୍ କଲରର ଟି-ଶାର୍ଟ ପିନ୍ଧିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ଠାବ କରିପାରନ୍ତି ତା'ହେଲେ ମୋବାଇଲ (ନଂ.- ୯୩୩୭୪୦୧୪୮୦)ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୮୧୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ରାଇମୋହନଙ୍କ ...

ପ୍ରଥମ ପୃଷ୍ଠାରୁ...

ଭୁବନେଶ୍ୱର ପ୍ରାଚୀବିହାରସ୍ଥିତ ଘରେ ସାନ ଝିଅ ଉଦିତା ଓ ସ୍ତ୍ରୀ ରଞ୍ଜିତାଙ୍କ ସହ ରହୁଥିଲେ। ବଡ଼ ଝିଅ ନିସୁ ୧୦ ବର୍ଷ ହେବ ବିବାହ କରିଥିବାବେଳେ ପ୍ରାୟ ସମୟରେ ଉକ୍ତ ଘରକୁ ଆସିଥାନ୍ତି। ସପ୍ତାହେ ହେବ ସେ ଏଠାକୁ ଆସି ରହୁଥିଲେ। ରାଇମୋହନ ଶୁକ୍ରବାର ସକାଳୁ ନିତ୍ୟକର୍ମ ସାରିବା ପରେ ମାର୍କେଟରୁ ପରିବା କିଣାକିଣି କରି ଘରକୁ ଫେରିଥିଲେ। ପୂର୍ବାହ୍ନରେ ବଡ଼ ଝିଅ ଓ ସ୍ତ୍ରୀ କୌଣସି କାମରେ ବାହାରକୁ ଯାଇଥିଲେ। ସାନ ଝିଅ ଉଦିତାଙ୍କୁ ଡ୍ରାଇଭର ଅଶୋକ କାରରେ ନେଇ କଲେଜରେ ଛାଡ଼ି ଫେରିଥିଲେ। ସେ ଘରେ ପହଞ୍ଚି ଏକ ରୁମ୍‌ର କବାଟ ଖୋଲିବାରୁ ରାଇମୋହନ ଏକ ଧଳା ଧୋତି ଦ୍ୱାରା ଫ୍ୟାନରେ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ତୁରନ୍ତ ସ୍ତ୍ରୀ ଓ ଝିଅ ଘରକୁ ଫେରିଥିଲେ। ପରିବାର ଲୋକଙ୍କଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ରାଇମୋହନଙ୍କ ମୃତ୍ୟୁ ଖବର ଶୁଣିବା ପରେ ବାସଭବନରେ ସାଧାରଣ ଲୋକଙ୍କ ଭିଡ଼ ଜମିଥିଲା। ଦେଖୁଦେଖୁ ରାସ୍ତାଘାଟ ଲୋକାରଣ୍ୟ ହୋଇଯାଇଥିଲା। ନିର୍ଦ୍ଦେଶକ ଚଣ୍ଡି ପରିଜା, ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତ୍ରୀ ଉଷସୀ ମିଶ୍ର, ଅଭିନେତା ତଥା ପ୍ରଯୋଜକ ଲୁବୁନ୍ ସେନ୍, ଲିଟୁ ମିଥୁନ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚିଥିଲେ। ପାଖ ପଡୋଶୀଙ୍କଠାରୁ ଆରମ୍ଭ କରି ତାଙ୍କ ସହ ମିଶିଥିବା ଓ ଅଭିନୟ କରିଥିବା କଳାକାର, ପ୍ରଯୋଜକ, ନିର୍ଦ୍ଦେଶକ ତାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ସେପଟେ କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ବହୁ ଅଭିନେତା ଓ ରାଜନେତାଙ୍କ ଭିଡ଼ ଜମିଥିଲା। ସେଠାରେ ପରିବାର ପକ୍ଷରୁ ତାଙ୍କ ଚକ୍ଷୁ ଦାନ କରାଯାଇଥିଲା। ପରେ ମୃତଦେହକୁ ପ୍ରଥମେ ସେ ପାଠ ପଢ଼ିଥିବା ଉତ୍କଳ ସଂଗୀତ ମହାବିଦ୍ୟାଳୟକୁ ନିଆଯାଇଥିଲା। ଏହାପରେ ବାସଭବନକୁ ଅଣାଯାଇଥିଲା। ସାଧାରଣ ଲୋକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ପରେ ରାତି ପ୍ରାୟ ୧୦ଟାରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଝିଅ ମୁଖାଗ୍ନି ଦେଇଥିଲେ। ରାଇମୋହନଙ୍କ ଏହି ଅକାଳ ବିୟୋଗ ଚଳଚ୍ଚିତ୍ର, ଯାତ୍ରା ଜଗତରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ଗାଁ ଉଦୟପୁର, ବାସସ୍ଥାନ ପ୍ରାଚୀବିହାର, ପାଠପଢ଼ିଥିବା ସ୍କୁଲ୍ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଶୋକାକୁଳ ପରିବେଶ ଲାଗି ରହିଥିବାବେଳେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ ଅଭିନେତା ରାଇମୋହନଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ନୂଆ ଶ୍ରମ ଆଇନକୁ ...

ଶ୍ରମିକ ବିରୋଧୀ। ସାମଗ୍ରିକ ଭାବେ ଏହି ଆଇନ ଶ୍ରମିକ ସମାଜକୁ କୌଣସି ପ୍ରକାର ସାହାଯ୍ୟ କରିବ ନାହିଁ। ଧର୍ମଘଟ, ମୂଳଚାଲ ଆଇନକୁ ଉଠାଇ ଦିଆଯାଇଛି। ସରକାରଙ୍କ ବନ୍ଧୁ କମ୍ପାନୀଗୁଡିକ ଲାଗି ଏହି ଆଇନ ସାହାଯ୍ୟକାରୀ ହେବ। ଶ୍ରମିକମାନେ ବିଭିନ୍ନ ଦୁର୍ଦ୍ଦଶା ଭୋଗିବେ। ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ(ଆଇଏନ୍‌ଟିୟୁସି) ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଶ୍ରମ ଆଇନକୁ ୪ଟି ଶ୍ରମ କୋଡ୍ ଅନୁଯାୟୀ ଭାଗ କରାଯାଇଛି। ଏହା ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ। ଏହି ଆଇନରେ ଶ୍ରମିକଙ୍କ ଲାଗି ଯେଉଁସବୁ ଅଧିକାର ଥିଲା, ତାହା ରହିଛି ବୋଲି କେନ୍ଦ୍ର ସରକାର କହୁଥିଲେ ମଧ୍ୟ ସେଥିରେ ସତ୍ୟତା ନାହିଁ। ମାଲିକ ଏବଂ ଶ୍ରମିକଙ୍କ ପାଇଁ ଉର୍ଦ୍ଦିଷ୍ଟ ଆଇନର ସଂଜ୍ଞାକୁ ଯେଭଳି ମିଶ୍ରଣ କରିଦିଆଯାଇଛି, ତାହା ଭବିଷ୍ୟତରେ ଅଧିକ ସମସ୍ୟା ସୃଷ୍ଟି କରିବ। ଆନ୍ଦୋଳନ କରିବା ଲାଗି ଯାହା ଆଇନ ଥିଲା ସେଥିରେ ପରିବର୍ତ୍ତନ କରିଦିଆଯାଇଛି। ଏହାଦ୍ୱାରା ଶ୍ରମିକମାନେ ଆଗକୁ ଆନ୍ଦୋଳନ କରିପାରିବେ ନାହିଁ। ଟ୍ରିବ୍ୟୁନାଲ କୋର୍ଟ ଆଉ ରଖିବେ ନାହିଁ। ସେହିପରି ଯେଉଁ ୪ଟି ଶ୍ରମିକ କୋଡ୍ କରୁଛନ୍ତି, ସେଥିରେ ଇନସ୍ପେକ୍ଟର ରହିବେ ନାହିଁ। ଅର୍ଥାତ୍ ବଡ଼ ବଡ଼ ଫ୍ୟାକ୍ଟ୍ରି ଆଉ ଇନ୍‌ସ୍ପେକ୍ସନ ହେବନାହିଁ। କେଉଁ ଶିଳ୍ପ ସଂସ୍ଥା ଇନ୍‌ସ୍ପେକ୍ସନ ହେବ ନ ହେବ ସେକଥା କେନ୍ଦ୍ରର ଲେବର କମିଶନର ନିଷ୍ପତ୍ତି ନେବେ। ଆଗରୁ ଟ୍ରିବ୍ୟୁନାଲ କୋର୍ଟ ଥିବା ସତ୍ତ୍ୱେ ସେଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜଜ୍ ନିଯୁକ୍ତି ଦେଉ ନ ଥିଲେ। ଯଦି ଆଦୌରୁ ଟ୍ରିବ୍ୟୁନାଲ ନ ରହିବ ତେବେ ଯାହା ଅବସ୍ଥା ହେବ। ମୁଖ୍ୟତଃ ଶିଳ୍ପପତିଙ୍କ ସ୍ୱାର୍ଥ ରକ୍ଷା ଲାଗି ୪ଟି ଲେବର କୋଡ୍ କରିଛନ୍ତି। ସେଣ୍ଟର ଅଫ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ(ସିଆଇଟିୟୁ) ରାଜ୍ୟ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି, ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ୪୪ ଶ୍ରମ ଆଇନ ମଧ୍ୟରୁ ୧୫ଟି ଉଚ୍ଛେଦ କରି ଦେଇଥିବା ବେଳେ ୨୯ଟି ଆଇନକୁ ୪ଟି କୋଡ୍‌ରେ ପରିବର୍ତ୍ତନ କରିଛନ୍ତି। ଆସିବାକୁ ଥିବା ନୂଆ ଶ୍ରମ ଆଇନରେ ଅନେକ ଆମେଣ୍ଡମେଣ୍ଟ କରିଦେଇଛନ୍ତି। ବିଭିନ୍ନ କଥାକୁ ୪ଟି କାଟାଗୋରିରେ ବିଭକ୍ତ କରିଦେଇଛନ୍ତି। ବର୍ତ୍ତମାନ ଯେଉଁ ନିୟମ ଲାଗୁ କରିବାକୁ ଯାଉଛନ୍ତି, ସେନେଇ ଆମମାନଙ୍କୁ ଏପର୍ଯ୍ୟନ୍ତ କିଛି ଜଣାଇ ନାହାନ୍ତି କି ଏ ବାବଦରେ ଆଲୋଚନା କରିନାହାନ୍ତି। ସେମାନେ ସରକାରୀ ଭାବେ ମଧ୍ୟ କିଛି ସୂଚନା ଦେଇନାହାନ୍ତି। ଶୁଣୁଥିଲୁ ଉକ୍ତ ରୁଲ୍ ଫ୍ରେମ୍ ଆସିଲେ ଯାହା କିଛି ହେବ। ଉକ୍ତ ଆଇନ ବାବଦରେ ଯେତିକି ଜାଣିଛି ସେମାନେ ଗୋଟେ ନିୟମ ଆଣୁଛନ୍ତି, ଯେଉଁଥିରେ ଉଲ୍ଲେଖ ଅଛି ୧୪ ଦିନ ପୂର୍ବରୁ ଶ୍ରମିକଙ୍କୁ ଆନ୍ଦୋଳନର ନୋଟିସ ଦେବାକୁ ପଡିବ। ଆଉ ଗୋଟିଏରେ ଉଲ୍ଲେଖ ଅଛି ୬୦ ଦିନ ପୂର୍ବରୁ ଆନ୍ଦୋଳନ ସମ୍ପର୍କିତ ନୋଟିସ ଦେବାକୁ ପଡ଼ିବ। ଏହାଦ୍ୱାରା କ'ଣ ହେବ ଶ୍ରମିକମାନେ ୧୪ଦିନ ନୋଟିସ ନେଲେ ସେମାନେ ୬୦ ଦିନ କଥା କହିବେ। ଶ୍ରମିକମାନେ ୬୦ ଦିନ ନୋଟିସ ନେଲେ ସେମାନେ ୧୪ ଦିନିଆ କଥା କହିବେ। ଏଭଳି ବିଭ୍ରାନ୍ତି କରିବା ଭଳି ଅନେକ ନିୟମ ରହିଥିବା ସେ କହିଛନ୍ତି।

ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା କହିଛନ୍ତି, ସେଥିରେ ୪ଟି ଲେବର କୋଡ୍ ଅଛି, ସେଥିରୁ ୨ଟିକୁ ସମର୍ଥନ କରିଛୁ। ତାହା ଶ୍ରମିକଙ୍କ ସ୍ୱାର୍ଥ ଲାଗି ଥିବାରୁ ସମର୍ଥନ କରିଛୁ। ଏ ବାବଦରେ ସରକାରଙ୍କୁ ଲିଖିତ ଭାବେ ଦେଇଛୁ। ଆମେ ଚାହୁଁଛୁ ଯେଉଁ ୨ଟି ଲେବର କୋଡ୍‌କୁ ବିରୋଧ କରୁଛୁ ତାହାକୁ ସଂଶୋଧନ କଲେ ଠିକ୍ ହେବ। ସେନେଇ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲେଖିକି ଦେଇଛୁ। ଯଦି ତାହା ପରିବର୍ତ୍ତନ କରା ନ ଯାଏ ତେବେ ଦିଲ୍ଲୀରେ ଧାରଣା ଦେବୁ। କର୍ମଚାରୀମାନଙ୍କ ଲାଗି ପୂର୍ବରୁ ଯେଉଁ ଇଏସ୍‌ଆଇ, ଇପିଏଫ୍ ଆଦି ଥିଲା ସେହି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଛି। ସେହିପରି ଅନେକ କଥାରେ ପରିବର୍ତ୍ତନ କରିଛନ୍ତି। ଏହାକୁ ଆମେଣ୍ଡମେଣ୍ଟ କରିବାକୁ କହୁଛୁ ବୋଲି ସେ କହିଛନ୍ତି।

### ଏହି ଆଇନ ଲାଗୁ କରିବାକୁ ଆମେ ବାଧ୍ୟ

ଶ୍ରମ କମିଶନର ଏନ୍. ଥିରୁମାଲା ନାଏକ କହିଛନ୍ତି, ଏହି ଆଇନ କେତେବେଳେ ଆସିବ ସେନେଇ କିଛି ଜଣାନାହିଁ। ଆଜି ନ ହେଲେ କାଲି ଆସିବ ବୋଲି କୁହାଯାଉଛି। ସବୁକିଛି ପ୍ରସ୍ତୁତ ହୋଇ ଥିବାବେଳେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାକୁ ଲାଗୁ କରିଦିଆଯିବ। ପୂର୍ବରୁ ଯେଉଁ ୪୪ଟି ଆଇନ ଥିଲା ସେଥିରେ ପରିବର୍ତ୍ତନ ହୋଇ ୪ଟି କୋଡ୍ କରିଦିଆଯାଇଛି। ସବୁ ମିଶାଇ ଗୋଟିଏ ଆଇନ କରାଯାଇଛି। ପୂର୍ବରୁ ଯେତେ କାଗଜ ଦରକାର ପଡୁଥିଲା ଏବେ ଆଉ ସେମିତି କିଛି ଦରକାର ପଡିବ ନାହିଁ। ବହୁ ସମସ୍ୟା ମଧ୍ୟ ଏହା ଭିତରେ ରହିଛି। ହେଲେ ଏହି ଆଇନ ଲାଗୁ କରିବାକୁ ଆମେ ବାଧ୍ୟ। ତେଣୁ ଆଇନ ଆସିବା ମାତ୍ରେ ଆମେ ଲାଗୁ କରିବାକୁ ପ୍ରସ୍ତୁତ।

### ନୂଆ କ'ଣ...

- ଅବସର ପରେ ମିଳୁଥିବା ଗ୍ରାଚ୍ୟୁଟି (ଆନୁତୋଷିକ) ଅର୍ଥ ପରିମାଣ ମଧ୍ୟ ବଢ଼ିବ। ଫଳରେ କର୍ମଚାରୀମାନେ ଅବସର ପରେ ଉନ୍ନତ ଜୀବନ ବଞ୍ଚିପାରିବେ।
- ନିଯୁକ୍ତି ସମୟରେ ଜଣେ କର୍ମଚାରୀ ଗୋଟିଏ ବର୍ଷ ଅବଧି ମଧ୍ୟର ବକେୟା ଛୁଟିକୁ ପରବର୍ତ୍ତୀ ବର୍ଷରେ ନେଇପାରିବେ। ଛୁଟି ନ ନେଲେ ସେଥିପାଇଁ ତାଙ୍କୁ ଅତିରିକ୍ତ ପାଉଣା ଦିଆଯିବ। ପୂର୍ବରୁ ବର୍ଷକୁ ୨୪୦ ଦିନ କାର୍ଯ୍ୟ କରିଥିଲେ ଶ୍ରମିକଙ୍କୁ ଛୁଟି ମିଳୁଥିଲା। ନୂଆ ଆଇନ ଅନୁସାରେ ଏଣିକି ୧୮୦ ଦିନ କାର୍ଯ୍ୟ କରିଥିଲେ ଶ୍ରମିକ ଛୁଟି ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ତେବେ ପୂର୍ବରୁ ରହିଥିବା ପ୍ରତି ୨୦ ଦିନ କାର୍ଯ୍ୟ ପାଇଁ ଦିନେ ଛୁଟି ନିୟମ ଅପରିବର୍ତ୍ତିତ ରହିବ।
- କୋଭିଡ୍-୧୯ ମହାମାରୀ ଆରମ୍ଭ ହେବା ପରଠୁ ସବୁ ସେକ୍ଟରରେ ଘରୁ କାମ କରିବା (ୱାର୍କ ଫ୍ରମ୍ ହୋମ୍) ବ୍ୟବସ୍ଥା ଚାଲିଛି। ଏହାକୁ କେନ୍ଦ୍ର ସରକାର ସେବା ଶିଳ୍ପ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛନ୍ତି।
- ପାର୍ଲାମେଣ୍ଟରେ ନ୍ୟୁ କୋଡ୍ ଅନ୍ ୱେଜେସ୍-୨୦୧୯, ଇଣ୍ଡଷ୍ଟ୍ରିଆଲ ରିଲେଶନ୍‌ସ କୋଡ୍-୨୦୨୦, କୋଡ୍ ଅନ୍ ସୋସିଆଲ ସିକ୍ୟୁରିଟି-୨୦୨୦, ଅକ୍ୟୁପେଶନାଲ ସେଫ୍ଟି ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିସନ୍‌ସ କୋଡ-୨୦୨୦ ଗୃହୀତ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ୨୩ଟି ରାଜ୍ୟ ଲେବର କୋଡ୍ ନିୟମ ପ୍ରଣୟନ କରିଛନ୍ତି। ୭ଟି ରାଜ୍ୟରେ ଏହି ନିୟମ ଏ ପର୍ଯ୍ୟନ୍ତ ପ୍ରଣୟନ ହୋଇନାହିଁ।

## ସ୍କୁଲ ଗେଟ୍ ଭୁଶୁଡ଼ି ...

ତାହା ତାଙ୍କ ଉପରେ ଢଳିପଡ଼ିଥିଲା। ଏହି ଦୃଶ୍ୟ ଦେଖି ନିକଟରେ ଛିଡ଼ା ହୋଇଥିବା ସୁରଜ ଗେଟ୍‌କୁ ଭରା ଦେଇ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ହଠାତ ଗେଟ୍‌ଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ସେଠାରେ ଉଭୟେ ଚାପିହୋଇ ଯାଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ୨ଜଣଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ଡାକ୍ତର ଗାନ୍ଧିରାମଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ଭୋର ୫ଟାରେ ସୁରଜଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସେକ୍ଟର-୭ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗରେ ରଖି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ସ୍କୁଲ ନିକଟରେ ସୁରଜଙ୍କ ଘର।

## ପୁଅକୁ ମାରି ବାପାଙ୍କ...

ସେହିଠାରେ ହିଁ ଟଳି ପଡିଥିଲେ ଶୋଭିତ। ପୁଅର ମୃତ୍ୟୁ ପରେ ନକୁଳ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ପଶିଯାଇ ଖୋଲା ଛାତର କାଠରେ ପ୍ଲାଷ୍ଟିକ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ସଂଯୁକ୍ତା ବାର୍ଲା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ର ପ୍ରତି ବିଭିନ୍ନ ସମସ୍ୟା ଆସିଲେ ମଧ୍ୟ ଦୃଢ଼ ହସ୍ତରେ ତାହା ଦମନ କରିବାରେ ସମର୍ଥ ହେବେ। ଦ୍ୱିଜା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଥାନା କିମ୍ବା ହାଜତରେ ଆରକ୍ଷୀ ସମ୍ପର୍କିତ ବିବାଦୀୟ ଘଟଣାର ଅବସାନ ଘଟିବ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ** ପାପଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିପାରିବେ ନାହିଁ। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣିପାରି ନଥିବା ଜିନିଷଟି ଆଜି ଆଣିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି ଏବଂ ପରିବହନରେ ସ୍ଥିତି ମାନ୍ଦା ହେବନାହିଁ।

**ମିଥୁନ** ଘର କାମ ସାଙ୍ଗକୁ ବନ୍ଧୁମାନଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତ୍ତିରେ କରିବାକୁ ବାଧ୍ୟ ହୋଇପାରନ୍ତି। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ବ୍ୟବସାୟରେ ବ୍ୟସ୍ତ ରହିବେ ମାତ୍ର ବିଶେଷ ଭାବରେ ଲାଭବାନ୍ ହେବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** କର୍ମସ୍ଥାନ ପାପଗ୍ରହଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଙ୍ଗ୍, ପ୍ରଭୃତିରେ ବ୍ୟସ୍ତ ରହିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବାଧାପ୍ରାପ୍ତ ହୋଇପାରେ। ପର ଉପରେ ନିର୍ଭର ନ କରି ଚଳିପାରିବେ ନାହିଁ କିମ୍ବା ନିର୍ଭର କରିବା ଦ୍ୱାରା ପୂର୍ଣ୍ଣ ମାତ୍ରାରେ କାମ ମଧ୍ୟ ହାସଲ ହୋଇପାରିବ ନାହିଁ।

**ସିଂହ** କେତୁଙ୍କ କୁପ୍ରଭାବରୁ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ନିଜର ସାଙ୍ଗସାଥୀମାନେ ହିଁ ଆପଣଙ୍କ ପାଇଁ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି। କାହାର କଥା ନ ଶୁଣି ନିଜ ମନଇଚ୍ଛା କାମ କରିବା ଫଳରେ କିଛିଟା ସାମୟିକ ସମସ୍ୟାର ସମ୍ମୁଖୀନ ହେବେ।

**କନ୍ୟା** ସଚେତନତା ଅଭାବ ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ହେତୁ ଶାରୀରିକ ସୁସ୍ଥତା ବ୍ୟାହତ ହେବ। ଚିତ୍ରା ନକ୍ଷତ୍ର ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲରେ ସମର୍ଥ ହେବେ। କାମଟିକୁ ଶେଷ କରିବାରେ ସମସ୍ୟାର ସାମ୍ନା କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ତୁଳା** ରାଶିରେ କେତୁଙ୍କ ଯୋଗୁ ଅଧିକାଂଶ ସମୟ ମାନସିକ ଅସ୍ଥିରତା ଲାଗି ରହିବ। ସାଧାରଣ କଥାକୁ କେନ୍ଦ୍ର କରି ଅଧସ୍ତନ କର୍ମଚାରୀ ସମସ୍ୟାକୁ ବୃଦ୍ଧି କରିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ସମସ୍ୟା ସୃଷ୍ଟି କରିବ। ଆଲୋଚନାରେ, ସଭାସମିତିରେ, ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା** ଅଷ୍ଟମସ୍ଥ ରବି ହେତୁ କର୍ମକ୍ଷେତ୍ରରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ମଧ୍ୟ ମାନସିକ ସ୍ଥିରତା କ୍ଷୁଣ୍ଣ ହେବ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ଖର୍ଚ୍ଚରୁ ପରିବାରରେ ମତଭେଦ ତୀବ୍ର ହୋଇପାରେ। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାହାର ପଥରୋଧ କରିବ।

**ଧନୁ** ପାପଗ୍ରସ୍ତ ଚନ୍ଦ୍ରଙ୍କ ସ୍ଥିତିର ପ୍ରଭାବରେ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ ହେଉ କର୍ମଦକ୍ଷତାରୁ ପ୍ରତିଷ୍ଠିତ ହେବେ। ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମୂଳା ନକ୍ଷତ୍ର ଆଜି ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ମକର** ଚତୁର୍ଥକେନ୍ଦ୍ରର କୁପ୍ରଭାବରୁ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ କୌଣସି କାର୍ଯ୍ୟ ସୁବିଧାରେ ହେବନାହିଁ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୁସି ରହିବେ। ସଭାସମିତି, ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ହେତୁ ଚିନ୍ତିତ ରହିପାରନ୍ତି।

**କୁମ୍ଭ** ମୁଖସ୍ଥ ମଙ୍ଗଳଗ୍ରହଙ୍କ ଯୋଗୁ ସମସ୍ୟା ସହ ଲଢ଼େଇ କରି ପରିସ୍ଥିତିରୁ ମୁକୁଳିବାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟି କାରଣରୁ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁମାନଙ୍କ ପରୋକ୍ଷ ଶତ୍ରୁତା ହେତୁ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ।

**ମୀନ** ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଏକପ୍ରକାର ଭଲରେ ଅତିବାହିତ ହେବ। ରେବତୀ ନକ୍ଷତ୍ର ଧନସ୍ଥାନ ପାପଗ୍ରହ ପ୍ରଭାବରେ ଥିବାରୁ ଧନହାନି ଘଟିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ପାରିଶ୍ରମିକ ମନଲାଖି ନ ହେବା କାରଣରୁ ମନ ବିଷାଦଗ୍ରସ୍ତ ହୋଇପାରେ।

## ସଂକ୍ଷେପରେ

### ବିରୁଡି ଦଂଶନରେ ଶିଶୁ ମୃତ

**ପଟ୍ଟାଙ୍ଗୀ,୨୪।୬(ଡି.ଏନ. ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଗାଙ୍ଗରାଜପୁର ପଞ୍ଚାୟତର ବଡଗାଁରେ ବିରୁଡି ଆକ୍ରମଣରେ ଗୁରୁବାର ଜଣେ ୩ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ଗ୍ରାମର ବସନ୍ତୀ ହନ୍ତାଳ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇ ସାଙ୍ଗରେ ନିଜ ପୁଅକୁ ନେଇ ଯାଇଥିଲେ। ଏହି ସମୟରେ ସେ ତାକୁ ଏକ ଗଛମୂଳେ ଛାଡ଼ି ଜାଳେଣି କାଠ ସଂଗ୍ରହ କରୁଥିବା ବେଳେ ହଠାତ ବିରୁଡି ବାହାରି ପ୍ରଥମେ ବସନ୍ତୀଙ୍କୁ ଆକ୍ରମଣ କରିଥିଲେ। ସେ ସେଠାରେ ପୁଅକୁ ଛାଡ଼ି ଅନ୍ୟତ୍ର ଦୌଡି ପଳାଇଥିଲେ। ନିକଟସ୍ଥ ଜମିରେ କାମ କରୁଥିବା ଗ୍ରାମବାସୀଙ୍କୁ ଡାକି ବାସନ୍ତୀ ଗଛମୂଳକୁ ଫେରିବା ବେଳେ ୫୦ରୁ ଊର୍ଦ୍ଧ୍ୱ ବିରୁଡି ପୁଅକୁ ଘେରି କାମୁଡୁଥିବା ଦେଖିବାକୁ ପାଇଥିଲେ। ପୁଅକୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରି ଘରକୁ ନେଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାର ମୃତ୍ୟୁ ଘଟିଥିଲା।

### ସୀମାନ୍ତରୁ ଧରାପଡ଼ିଲେ ୫ ମାଓବାଦୀ

**ମାଲକାନଗିରି,୨୪।୬(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୋଲିସ ଏବଂ ସିଆରପିଏଫ-୧୫୧ ବାଟାଲିୟନ ପକ୍ଷରୁ ସର୍ଚ୍ଚ ଅପରେଶନ ବେଳେ ଜାରପାଲି ଜଙ୍ଗଲରୁ ୫ ଜଣ ମାଓବାଦୀ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ନାବାଳକ ଥିବା ଜଣାପଡିଛି। ଅନ୍ୟ ୩ ଜଣ ହେଲେ କୁଞ୍ଜାମ ଯୋଗ, କରିମ ଭୀମା ଓ ଲେକମ ଭୀମା। ଖବରରୁ ଜଣାପଡିଛି ବିଜାପୁର ଜିଲା ପାମେଡ ଥାନା ଅଞ୍ଚଳରେ ଥିବା ଏହି ଜଙ୍ଗଲରେ ମାଓବାଦୀ ଦମନ ନେଇ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ଯବାନଙ୍କୁ ଦେଖି ମାଓବାଦୀମାନେ ନିଜ ବାଇକ୍ ଛାଡି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ଯବାନମାନେ ସମ୍ପୃକ୍ତ ମାଓବାଦୀଙ୍କୁ କାବୁ କରି ଧରିଥିଲେ। ସେମାନଙ୍କ ନିକଟରୁ ଦୁଇଟି ବାଇକ୍, ବିସ୍ଫୋରକ ସାମଗ୍ରୀ, ୧୦୦ଟି ଜେଲାଟିନ୍, ୨ଟି ବଡ ଜେଲାଟିନ୍, ୩୫ ମିଟର ତାର, ୨୦ କିଲୋ ୟୁରିଆ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

### ୨୮.୫ ଲକ୍ଷ ଟଙ୍କା ଜବତ, ଯୁବକ ଅଟକ



**ପୁରୀ ଅଫିସ, ୨୪।୬:** ପୁରୀ ପୁରୀ ରେଳଷ୍ଟେଶନରେ ଶୁକ୍ରବାର ସନ୍ଧ୍ୟାରେ ରେଲୱେ ପୋଲିସ ଫୋର୍ସ (ଆର୍‌ପିଏଫ୍) ଜଣେ ଯୁବକଙ୍କଠାରୁ ନଗଦ ୨୮ ଲକ୍ଷ ୫୦ ହଜାର ୫ଶହ ଟଙ୍କା ଜବତ କରିଛି। ସମ୍ପୃକ୍ତ ଯୁବଙ୍କ ନାମ ଉଦୟ୍ କୁମାର (୨୯)। ସେ ପୁରୀରୁ ବିଶାଖାପାଟଣା ଅଭିମୁଖେ ଯିବାକୁ ଟ୍ରେନକୁ ଅପେକ୍ଷା କରିଥିବାବେଳେ ଯାଞ୍ଚ ସମୟରେ ତାଙ୍କ ବ୍ୟାଗରୁ ଏହି ଟଙ୍କା ମିଳିଛି। ତାଙ୍କୁ ଅଟକ ରଖାଯାଇ ଜେରା କରାଯାଉଛି। କାହିଁକି ଓ କେଉଁଠାରୁ ସେ ଏତେ ପରିମାଣର ନଗଦ ଟଙ୍କା ଧରି ଆସୁଥିଲେ, ଏହି ଟଙ୍କା ତାଙ୍କର ନା କିଏ କାହା ନିକଟକୁ ପଠାଉଥିଲେ ପ୍ରଭୃତି ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି।

# କୃଷ୍ଣସାଗର ଡାହାଣ କେନାଲ ମରାମତି କରୁଛି ଆନ୍ଧ୍ର

**ପାରଳାଖେମୁଣ୍ଡି,୨୪।୬(ଡି.ଏନ୍.ଏ.)**

ଗଜପତି ଜିଲାରେ ପୁଣି ଆନ୍ଧ୍ର ଅନୁପ୍ରବେଶ କରି ନିଜର ଦାଦାଗିରି ଦେଖାଇଛି। ଚଳିତଥର କୃଷ୍ଣ ସାଗର ଡାହାଣ କେନାଲରେ ଜଳ ଲୁଟି ନେବାକୁ ମସୁଧା କରିଛି। ଗୋଷାଣୀ ବ୍ଲକର ଜଙ୍ଗଲପାଡୁ ନିକଟରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଆନ୍ଧ୍ର ପ୍ରଶାସନର ନିର୍ଦ୍ଦେଶରେ ଆନ୍ଧ୍ରର ଠିକାଦାର ଓ ସରପଞ୍ଚ ଉପସ୍ଥିତ ରହି ଇଚ୍ଛା ମୁତାବକ ମରାମତି କରୁଛନ୍ତି। ଏଥିରେ ନୀରବଦ୍ରଷ୍ଟା ସାଜିଛି ଗଜପତି ଜିଲା ପ୍ରଶାସନ।

ଚାଷୀଙ୍କ ସୁବିଧା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସମୟରେ ଅନେକ ଜଳସେଚନ ପ୍ରକଳ୍ପ ନିର୍ମିତ ହୋଇଥିଲା। ସେଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ କ୍ଷୁଦ୍ର ଜଳସେଚନ ବିଭାଗ ନେଇଥିଲେ ସୁଦ୍ଧା ଦୀର୍ଘ ଦିନ ହେଲା ମରାମତି ଅଭାବରୁ ଅଧିକାଂଶ ଭାଙ୍ଗିରୁଜି ଗଲାଣି। ଦୀର୍ଘ ୨୦ ବର୍ଷ ଧରି କୃଷ୍ଣ ସାଗରର ଡାହାଣ କେନାଲର ଜଙ୍ଗଲପାଡୁ ଚେକଡ୍ୟାମ ମରାମତି ଅଭାବରୁ ଭାଙ୍ଗିଯାଇଛି। ଏ ନେଇ ସ୍ଥାନୀୟ ଚାଷୀ ବିଭିନ୍ନ ସମୟରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଆଜି ଯାଏ ଏହି କେନାଲର କୌଣସି ମରାମତି ହୋଇପାରି ନାହିଁ। ଏହି କେନାଲ ଓଡ଼ିଶାର ପ୍ରାୟ ୫୦୦ ଏକର ଜମିକୁ ପାଣି ଯୋଗାଇବା ପରେ ଅବଶିଷ୍ଟ ଜଳ ଆନ୍ଧ୍ର ଜମିକୁ ଯାଇଥାଏ। ଚଳିତ ଖରିଫ ଚାଷ ପୂର୍ବରୁ ଆନ୍ଧ୍ରର ସରପଞ୍ଚ ଓ ଠିକାଦାର ଓଡ଼ିଶା ସୀମାରେ ପଶି ଉକ୍ତ ଚେକଡ୍ୟାମର ମରାମତି କାର୍ଯ୍ୟ ଚାଲୁ ରଖିଛନ୍ତି; ଯାହାକୁ ନେଇ ସ୍ଥାନୀୟ ଚାଷୀ ପ୍ରତିବାଦ କରିବାରୁ ବିବାଦୀୟ ପରିସ୍ଥିତି ଉପୁଜିଛି। ଏହି ଘଟଣାକୁ ନେଇ ଆନ୍ଧ୍ର ସରପଞ୍ଚ ଓ ଠିକାଦାର କହିଛନ୍ତି, କେନାଲ ତଳମୁଣ୍ଡରେ ଶହଶହ ଏକର ଆନ୍ଧ୍ର ଚାଷ ଜମି ରହିଛି। ପାଣି ପାଇବା ପାଇଁ ବିକଳ୍ପ ବ୍ୟବସ୍ଥା ନାହିଁ ତେଣୁ ସରକାରଙ୍କ ନିର୍ଦ୍ଦେଶରେ ଚେକଡ୍ୟାମର ମରାମତି କରାଯାଉଛି। ଅପରପକ୍ଷରେ ଘଟଣାସ୍ଥଳରେ ପହଞ୍ଚିଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଦୀର୍ଘ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଉତ୍ତ୍ୟକ୍ତ ଚାଷୀ ଅଟକ ରଖିଥିଲେ। ସମ୍ପୃକ୍ତ ବିଭାଗୀୟ ଏସ୍‌ଡିଓ ଆଶିଷ କୁମାର ମଲ୍ଲିକ ପହଞ୍ଚି ତୁରନ୍ତ ମରାମତି କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଯନ୍ତ୍ରୀଙ୍କୁ ଛାଡ଼ିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ଭିତରେ ପ୍ରବେଶ କରି ଆନ୍ଧ୍ରର ଲୋକପ୍ରତିନିଧି ଓ ଠିକାଦାର ଉକ୍ତ ଚେକଡ୍ୟାମ ଓ କେନାଲ ମରାମତି କରୁଥିବା ବେଳେ ଦୀର୍ଘ ୨୦ ବର୍ଷ ଧରି ଉକ୍ତ ଚେକଡ୍ୟାମ ମରାମତି ପାଇଁ ଦାବି ହେଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ହୋଇପାରି ନ ଥିଲା।



ଗଜପତିରେ ଡ୍ୟାମ୍ ମରାମତି ଚାଲିଛି।

## ଗଜପତିରେ ପୁଣି ଦାଦାଗିରି

# ଭିଜିଲାନ୍ସ ଜାଲରେ ବିଇଓ ଅଫିସର ମୁଖ୍ୟ କିରାଣି

**ଭବାନୀପାଟଣା,୨୪।୬(ସ୍ୱ.ପ୍ର.)**

## ୧୩ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ



ଭିଜିଲାନ୍ସ ହାତରେ ଧରାପଡିଥିବା ମୁଖ୍ୟ କିରାଣି ଯୁଧିଷ୍ଠିର ହରିଜନ।

କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଇଓ ଅଫିସର ମୁଖ୍ୟ କିରାଣି ଯୁଧିଷ୍ଠିର ହରିଜନ ଶୁକ୍ରବାର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଜିପିଏଫ୍ କରାଇ ଦେବାକୁ ୧୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କୁ ଗିରଫ କରି ଅଧିକ ପଚରାଉଚରା କରୁଛି। ସେହିପରି ମୁଖ୍ୟ କିରାଣିଙ୍କ ଗାଁ ଜୁନାଗଡ଼ ବ୍ଲକ ମଥୁରାସ୍ଥିତ ବାସଭବନ ଓ ଅଫିସରେ ମଧ ଭିଜିଲାନ୍ସ ବିଭାଗ ଯାଞ୍ଚ କରିଛି।

ସୂଚନାଯୋଗ୍ୟ ଯେ, କଲମପୁର ବ୍ଲକ ମାଠିଆପଡା ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ନାଏକ ତାଙ୍କ ଜିପିଏଫ୍ ଟଙ୍କା ଶୀଘ୍ର ଉଠାଣ କରିବା ପାଇଁ ଯୁଧିଷ୍ଠିରଙ୍କୁ କହିଥିଲେ। ଏଥିପାଇଁ କିରାଣି ଯୁଧିଷ୍ଠିର ୧୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାଏକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କଠୁ ମୁଖ୍ୟ କିରାଣି ହରିଜନ ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛପି ରହିଥିବା କଳାହାଣ୍ଡି ଓ ନୂଆପଡା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଲାଞ୍ଚ ଟଙ୍କା ସହ କିରାଣିଙ୍କୁ ଗିରଫ କରିଥିଲା। ପରେ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ନେଇ ତଦନ୍ତ କରାଯାଉଥିବା ଜଣାପଡିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୮/୨୨) ରୁଜୁ ହୋଇଛି।

# ଅପରାହ୍ନ ୪ରେ ରଥଟଣା

**ପୁରୀ ଅଫିସ,୨୪।୬**

ରଥଯାତ୍ରାଠାରୁ ଆରମ୍ଭକରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି। ରଥଯାତ୍ରା ଦିନ ମଙ୍ଗଳଆଳତି ସକାଳ ୬ଟା, ମଇଲମ ୬ଟା ୧୦, ତଡ଼ପ ଲାଗି ଓ ରୋଷହୋମ ୬ଟା ୩୦ରେ ସରିବ। ଅବକାଶ ନୀତି ସକାଳ ୭ଟା, ସୂର୍ଯ୍ୟପୂଜା ୭ଟା ୧୦, ଦ୍ୱାରପାଳ ପୂଜା ୭ଟା ୩୦ରେ ହୋଇ ବେଶ ଶେଷ ହେବ। ପୂର୍ବାହ୍ନ ୮ଟାରୁ ୯ଟା ମଧ୍ୟରେ ଗୋପାଳବଲ୍ଲଭ ଓ ସକାଳ ଧୂପ (ଖେଚୁଡ଼ି ଭୋଗ) ହେବ। ଏହାପରେ ରଥ ପ୍ରତିଷ୍ଠା ୯ଟା, ମଙ୍ଗଳାର୍ପଣ ୯ଟା ୧୫ରେ ସରି ୯ଟା ୩୦ ସୁଦ୍ଧା ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ପହଣ୍ଡି ଶେଷ କରାଯିବ। ଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣ ବିଜେ ବେଳକୁ ଅପରାହ୍ନ ୧ଟାରୁ ଅଧିକ ସମୟ ହୋଇ ନ ଥିବ। ଅପରାହ୍ନ ୨ଟା ୩୦ ସୁଦ୍ଧା ବେଶ ଶେଷ ହୋଇ ଛେରାପହଁରା ଆରମ୍ଭ ହେବ। ଛେରାପହଁରା ୩ଟା ୩୦ରେ ଶେଷ ହେବ। ଚାରମାଳ ଫିଟା, ଘୋଡ଼ା ଓ ସାରଥୀ ଲାଗିବା କାର୍ଯ୍ୟ ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ସରିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ତଦନୁଯାୟୀ ଅନ୍ୟ ନୀତିକାନ୍ତି କାର୍ଯ୍ୟକାରୀ ହେବ। ଏହି ନୀତିକାନ୍ତିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ କରିବା ପାଇଁ ସେବାୟତମାନେ ଜୋର ଦେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ମୃତକଙ୍କ ପରିବାରଙ୍କୁ ୫ ଲକ୍ଷ ଲେଖାଏ କ୍ଷତିପୂରଣ

**ଦଶମନ୍ତପୁର,୨୪।୬ (ଡି.ଏନ୍.ଏ.)**

## କୃତ୍ରିମ ପୋଖରୀରେ ବୁଡ଼ି ୪ ଶିଶୁ ମୃତ୍ୟୁ ଘଟଣା

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତ ମାଝିଗୁଡ଼ା ଗ୍ରାମର ୪ ଜଣ ଶିଶୁ ଗୁରୁବାର ଠିକା ସଂସ୍ଥା ଦ୍ୱାରା ଖୋଳାଯାଇଥିବା ଗାତରେ ପଡ଼ି ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ଏହି ଗାତ ଭାରତମାଳା ଯୋଜନାରେ ଠିକା ନେଇଥିବା ଠିକା ସଂସ୍ଥା ଖୋଳିଥିଲା। ବର୍ଷା ହେବାରୁ ସେଥିରେ ପାଣି ଜମି ପୋଖରୀ ସଦୃଶ ହୋଇଥିଲା। ଏହି ୪ ଶିଶୁ ଅପରାହ୍ନରେ ସେଠାକୁ ଗାଧୋଇବାକୁ ଯାଇ ଗାଧୋଉଥିବା ବେଳେ ସେମାନଙ୍କ ଗୋଡ଼ ଖସିଯିବାରୁ ଜଣକ ପରେ ଜଣେ ପାଣିରେ ବୁଡ଼ିଯାଇଥିଲେ। ଏହି ଘଟଣାରେ ଭାରତମାଳା ଯୋଜନାରେ ରାସ୍ତା ନିର୍ମାଣ ଲାଗି ଠିକା ନେଇଥିବା ଠିକା ସଂସ୍ଥା ସମ୍ପୃକ୍ତ ଶିଶୁମାନଙ୍କ ପରିବାରକୁ କ୍ଷତିପୂରଣ ଦେବ। ସଂସ୍ଥା ପ୍ରତି ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଦେବାକୁ ସଂସ୍ଥାର ସୁପରଭାଇଜର କୋରାପୁଟ ସଦର ଥାନାରେ ପ୍ରତିଶ୍ରୁତି ଦେଇଥିବା ଦଶମନ୍ତପୁର ତହସିଲଦାର ଅଜୟ ପ୍ରକାଶ ତିର୍କୀ କହିଛନ୍ତି।

ବର୍ତ୍ତମାନ ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ପାଣ୍ଠିରୁ ପ୍ରତି ପରିବାରକୁ ୪ ଲକ୍ଷ ଲେଖାଏ ଟଙ୍କା ସହାୟତା ପ୍ରଦାନ କରାଯିବ। ଇତିମଧ୍ୟରେ ରେଡ୍‌କ୍ରସ୍ ପକ୍ଷରୁ ସେମାନଙ୍କ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି ବୋଲି ତହସିଲଦାର ତିର୍କୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣା ନେଇ ସରପଞ୍ଚ ମହେଶ୍ୱର ଗାଦବାଙ୍କ ନେତୃତ୍ୱରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କୋରାପୁଟ ଥାନା ଘେରାଉ କରିଥିଲେ। ଏଥିପାଇଁ କିଛିସମୟ ଧରି ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ଡିପିଓ ମନୋଜ ପୂଜାରୀ, ତହସିଲଦାର ତିର୍କୀଙ୍କ ସମେତ ଅନ୍ୟମାନେ ସେମାନଙ୍କୁ ବୁଝାଶୁଝାକରି ସମସ୍ୟାର ସମାଧାନ କରିଥିଲେ। ଅନ୍ୟ ପକ୍ଷରେ ୭ ଦିନ ମଧ୍ୟରେ ଠିକାସଂସ୍ଥା କ୍ଷତିପୂରଣ ଅର୍ଥ ନ ଦେଲେ ରାସ୍ତା ନିର୍ମାଣ ବନ୍ଦ କରି ପୁଣି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ତୁରନ୍ତ ତଦନ୍ତ ରିପୋର୍ଟ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

## ମାହାଙ୍ଗା ଡବଲ ମର୍ଡର ଘଟଣା

**ନିଶ୍ଚିନ୍ତକୋଇଲି, ୨୪।୬ (ସ୍ୱ.ପ୍ର.)**

ବହୁଚର୍ଚ୍ଚିତ କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟଙ୍କ ପୁଣି ଏକ ନିର୍ଦ୍ଦେଶ ଶୁକ୍ରବାର ଆସିଛି। ଏହି ମାମଲାର ତଦନ୍ତ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ ତଦନ୍ତକାରୀ ଅଫିସରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେ' ୪ ତାରିଖର ଏହି ଘଟଣାର ତଦନ୍ତ କାହିଁକି ଶୀଥିଳ ପଡିଛି, ତଦନ୍ତର ବିଳମ୍ବ କ'ଣ ପାଇଁ ହେଉଛି ଏ ନେଇ କୋର୍ଟଙ୍କୁ ଅଭିଯୋଗକାରୀ ରମାକାନ୍ତ ବରାଳ ଲିଖିତ ଭାବେ ଜଣାଇଥିଲେ। କୋର୍ଟଙ୍କ ସମ୍ମୁଖରେ ତଦନ୍ତକାରୀ ଅଧିକାରୀ ଉପସ୍ଥିତ ହୋଇ ଏପର୍ଯ୍ୟନ୍ତ ହୋଇଥିବା ତଦନ୍ତର ସିଡୀ ଦାଖଲ କରିଛନ୍ତି। ୧୧ ପୃଷ୍ଠାର ଏହି ତଦନ୍ତ ରିପୋର୍ଟରେ ୭ ଜଣଙ୍କ ବୟାନ ରେକର୍ଡ ହୋଇଥିବା ରିପୋର୍ଟ ଦିଆଯାଇଛି। ବିଧାୟକ ପ୍ରତାପ ଜେନାଙ୍କ ଦୁଇ ସହଯୋଗୀ ବାପି ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ଶରତ ନାୟକଙ୍କ ବୟାନ ମଧ ପୂର୍ବରୁ ରେକର୍ଡ କରି ଏହି କେସ୍ ଡାଏରିରେ ଦାଖଲ କରାଯାଇଛି। ବାପି ଓ ଶରତ ଏବେ ଜେଲରେ ଥିବା ଅଭିଯୁକ୍ତ ଭିକାରୀ ସ୍ୱାଇଁ, କ୍ଷୀତିଶ ଆଚାର୍ଯ୍ୟଙ୍କ ସହ ହତ୍ୟାକାଣ୍ଡ ପୂର୍ବରୁ ଏବଂ ପରେ ରାଜନୈତିକ କଥା ହେଉଥିଲେ ବୋଲି ବୟାନରେ କହିଥିବା ଓକିଲ କହିଛନ୍ତି। ଏମାନଙ୍କ ସହ ୧୦୮ ଆମ୍ବୁଲାନ୍ସ ଚାଳକ ମନୋଜ ନାୟକ, ଫାର୍ମାସିଷ୍ଟ ପ୍ରଫୁଲ୍ଲ ବାରିକ, ସୁଦାମ ଖଟୁଆ, ସହଦେବ ନାୟକ, ଗଣେଶ୍ୱର ସାହୁଙ୍କ ବୟାନ ମଧ ରେକର୍ଡ କରି ପଠାଇଥିଲେ। ସୂଚନାଯୋଗ୍ୟ, ୨୦୨୧ ଜାନୁୟାରୀ ୨ରେ ଭାଜପା ନେତା କୁଳମଣି ବରାଳ ଓ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା।

# ପାରାଦୀପ ବନ୍ଦରରେ ସର୍ବବୃହତ୍ ପଣ୍ୟବାହୀ ଜାହାଜ ରେକର୍ଡ

**ପାରାଦୀପ, ୨୪।୬(ସ୍ୱ.ପ୍ର.)**

**୧,୪୬,୫୬୫ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହେଲା**

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଆଉ ଏକ ସଫଳତା ହାସଲ କରିଛି। ଶୁକ୍ରବାର ବନ୍ଦର ଇତିହାସରେ ସର୍ବବୃହତ୍ ପଣ୍ୟବାହୀ ଜାହାଜରେ ୧ଲକ୍ଷ ୪୬ ହଜାର ୫୬୫ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଛି। ଉକ୍ତ ଜାହାଜର ନାମ ହେଲା ଏମ୍.ଭି. କେପେରାଏ। ୨୯୨ ମିଟର ଲମ୍ବ, ୪୫ ମିଟର ପ୍ରସ୍ଥ ଓ ୧୬ ମିଟର ଗଭୀର ଥିବା ଏହି ଜାହାଜ ପଣ୍ୟ ବୋଝେଇ କରି ସଫଳତାର ସହିତ ପୋତାଶ୍ରୟ ଛାଡ଼ିଛି। ଏହା କୋଷ୍ଟାଲ ଶିପିଂ ଜରିଆରେ ମହାରାଷ୍ଟ୍ରର ଘରୋଇ ପୋର୍ଟ ଜୟୀଗଡ଼ ଯିବ। ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଏହି ପଣ୍ୟ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଗତ ମାର୍ଚ୍ଚରେ ୧,୪୩,୮୫୩ ମେଟ୍ରିକ ଟନ୍ ପଣ୍ୟ ବୋଝେଇ ସର୍ବାଧିକ ଥିଲା।



# ଭିଜିଲାନ୍ସ ଜାଲରେ ଯୋଗାଣ ବିଭାଗ ଚତୁର୍ଥଶ୍ରେଣୀ କର୍ମଚାରୀ

## ଏକକାଳୀନ ୫ ସ୍ଥାନରେ ଚଢ଼ାଉ



ଜନାର୍ଦ୍ଦନ ପଲେଇ

**ଜଳେଶ୍ୱର, ୨୪।୬(ଡି.ଏନ.ଏ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଯୋଗାଣ ବିଭାଗର ଚତୁର୍ଥଶ୍ରେଣୀ କର୍ମଚାରୀ ତଥା ଆଣ୍ଟି ସ୍କିମ୍ଲିଂ ଗାର୍ଡ ଜନାର୍ଦ୍ଦନ ପଲେଇଙ୍କ ବାସଭବନରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭିଜିଲାନ୍ସର ୫ଜଣ ଡିଏସ୍‌ପିଙ୍କ ସହିତ ୩୫ଜଣିଆ ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ କରିଥିଲେ।

ଭୋର୍ ସମୟରେ ଭିଜିଲାନ୍ସ ପକ୍ଷରୁ ପ୍ରଥମେ ଜନାର୍ଦ୍ଦନଙ୍କ ନୂଆବଜାରସ୍ଥିତ ବାସଭବନରେ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଦିନତମାମ ଚଢ଼ାଉରେ ତାଙ୍କ ବାସଭବନରୁ ୪୨ଲକ୍ଷ ୭୦ହଜାର ୩୮୦ ଟଙ୍କାର ୪୦ରୁ ଅଧିକ ଏଲଆଇସି ବଣ୍ଡ, ୬ଲକ୍ଷ ଟଙ୍କାର ପୋଷ୍ଟାଲ ଫିକ୍ସଡିପୋଜିଟ୍, ବିଭିନ୍ନ ବ୍ୟାଙ୍କରେ ୧୭ରୁ ଅଧିକ ଜମାଖାତା, ୬ଟି ଜମି ଦଲିଲ, ୧୨ଟି ପଟ୍ଟା, ଏକ ବ୍ୟାଙ୍କ ଲକରରେ ୧୨୦ ଗ୍ରାମ ଓଜନର ସୁନା ସହିତ ବହୁ ନଗଦ ଟଙ୍କା ଓ ଅଳଙ୍କାର ଜବତ କରାଯାଇଛି। ପଲାଇ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇଥିବାରୁ ତାଙ୍କର୧୮ଶହ ବର୍ଗଫୁଟର ଦୁଇମହଲା କୋଠା ଦେଖି ଭିଜିଲାନ୍ସ ବିଭାଗ ଆଶ୍ଚର୍ଯ୍ୟ ହୋଇଥିଲେ। ତାଙ୍କ ବାସଭବନକୁ ଲାଗି ଶ୍ୱଶୁର ଘର, ବ୍ରହ୍ମପୁରର ଛତ୍ରପୁରସ୍ଥିତ ପୈତୃକ ବାସଭବନ, ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ତାଙ୍କ ହୋଟେଲ, ସରକାରୀ ଗୋଦାମଘର/କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ବିଭାଗର ଆଡିଶନାଲ ଏସ୍‌ପି ମହେଶ୍ୱର ସେଠୀଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଛି। ପଲାଇ ପୂର୍ବରୁ ଆମ୍ବଳିଅଠା, ଲକ୍ଷ୍ମଣନାଥ ୟୁନିଫାଏଡ ତନଖି ଫାଟକରେ ଆଣ୍ଟି ସ୍କିମ୍ଲିଂ ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଏବେ ସେ ବାଲେଶ୍ୱର ରାଇସ୍ ରିସିଭିଂ ସେଣ୍ଟର ଓ ଜଳେଶ୍ୱର ଜିଲା ଷ୍ଟୋରେଜ ସେଣ୍ଟରରେ କାର୍ଯ୍ୟରତ ଅଛନ୍ତି।










ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। –ଶ୍ରୀମା

# ଧାମିଙ୍କ ଦାବି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରାଖଣ୍ଡରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ଲାଗି ରହିଛି। ରାଜ୍ୟରେ ଆଇଏଏସ୍ ଅଧିକାରୀଙ୍କ ନିର୍ଦ୍ଧାରିତ ତଥା ଅନୁମୋଦିତ ସଂଖ୍ୟା ୧୨୦ ରହିଛି। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କୁ ୭୬ ଆଇଏଏସ୍ ଅଧିକାରୀଙ୍କୁ ନେଇ କାମ କରିବାକୁ ପଡୁଛି। ଏମାନଙ୍କ ମଧ୍ୟରୁ ୭ ଜଣ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଯାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆଶିଷ ଜୋଶୀ, ଶ୍ରୀଧର ବାବୁ ଅଦ୍ଧାଙ୍କି, ଜ୍ୟୋତି ଯାଦବ, ରାଘବ ଲାଙ୍ଗର, ମଙ୍ଗେଶ ଘିଲ୍‌ଡିୟାଲ ଏବଂ ଅମିତ ସିଂ ନେଗି। ଗତ ସପ୍ତାହରେ କେନ୍ଦ୍ର ରାଜ୍ୟର ଆଇଏଏସ୍ କ୍ୟାଡର ସଂଖ୍ୟା ୧୨୦ରୁ ୧୨୬କୁ ବୃଦ୍ଧି କରିବା ଲାଗି ରାଜି ହେବାରୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଦାବି କିଛିଟା ପୂରଣ ହୋଇଛି ଓ ସେ ଆଂଶିକ ସନ୍ତୁଷ୍ଟି ଲାଭ କରିଛନ୍ତି। ରାଜ୍ୟ ସରକାର ନିର୍ଦ୍ଧାରିତ ସଂଖ୍ୟା ୧୨୦ରୁ ୧୩୯ କରିବା ଲାଗି ଦାବି କରି ଆସୁଥିଲାବେଳେ କେନ୍ଦ୍ର ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛି। କେନ୍ଦ୍ରରେ ମଧ୍ୟ ଆଇଏଏସ୍ ଅଧିକାରୀଙ୍କ ଅଭାବ ଯୋଗୁ ସମସ୍ୟା ବଢୁଛି। ଉତ୍ତରାଖଣ୍ଡ ଭଳି ଅନେକ ରାଜ୍ୟ ମଧ୍ୟ ସମାନ ଦୁର୍ଦ୍ଦଶା ଭୋଗୁଛନ୍ତି। କିନ୍ତୁ ବିଶେଷସୂତ୍ରରୁ ଜଣାପଡ଼ିଛି ଯେ, ଏବେ ଯେଉଁ ବାବୁ ଅଭାବ ଦେଖାଯାଇଛି ତାହା ରାଜ୍ୟ ଯୋଗୁ ହିଁ ଘଟିଛି। ଅଲ୍ ଇଣ୍ଡିଆ ସର୍ଭିସ କ୍ୟାଡରର ଢାଞ୍ଚା ପ୍ରତି ୧୦ ବର୍ଷରେ ସମୀକ୍ଷା ହୋଇଥାଏ। ଏହା ୨୦୧୦ରେ ହୋଇଥିଲା ଓ କ୍ୟାଡର ପଦବୀ ୧୨୦ରୁ ବୃଦ୍ଧି କରିବା ପାଇଁ ସେତେବେଳେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିବାର ଏକ ସୁଯୋଗ ଥିଲା। କିନ୍ତୁ ରାଜ୍ୟଏହା କରିବାକୁ ଚାହିଁଲା ନାହିଁ। ଏବେ ୬ଟି କ୍ୟାଡର ପଦବୀ ବୃଦ୍ଧି କଲେ ଅଧିକ କିଛି ଫରକ୍ ପଡ଼ିବନାହିଁ।

### ଲମ୍ବା ଅଭିଯୋଗ

ହରିୟାଣା ସରକାର ଦୀର୍ଘଦିନ ହେଲା ଦାବି କରୁଛନ୍ତି ଯେ ଚଣ୍ଡିଗଡ ପ୍ରଶାସନ ସହିତ ୟୁଟି କ୍ୟାଡର ଆଇଏଏସ୍ ଅଧିକାରୀମାନେ ସେମାନଙ୍କ ଏକାଧିକାର ଜମାଇ ରଖିଛନ୍ତି ଓ ହରିୟାଣା କ୍ୟାଡର ଆଇଏଏସ୍ ଅଧିକାରୀଙ୍କୁ ଅବହେଳା କରାଯାଉଛି। ଫଳରେ ତାଙ୍କ ସରକାରଙ୍କ ପ୍ରତି ଅନୁଚିତ ବ୍ୟବହାର କରାଯାଉଛି ବୋଲି ସରକାର କହିଆସୁଛନ୍ତି। ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜୀବ ଅରୋରାଙ୍କ ସହ ପଞ୍ଜାବ ରାଜ୍ୟପାଳ ବନୱାରୀ ଲାଲ୍ ପୁରୋହିତ ବିଭିନ୍ନ ସମୟରେ ଏହି ପ୍ରସଙ୍ଗ ବାରମ୍ବାର ଉଠାଇଛନ୍ତି। ବର୍ତ୍ତମାନ ହରିୟାଣାର ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଏହି ପ୍ରସଙ୍ଗରେ ପୁରୋହିତଙ୍କୁ ଏକ ଚିଠି ଲେଖି ଚଣ୍ଡିଗଡରେ ହରିୟାଣା କ୍ୟାଡର ଆଇଏଏସ୍ ଏବଂ ଆଇପିଏସ୍ କ୍ୟାଡର ଅଧିକାରୀଙ୍କୁ କେନ୍ଦ୍ରଶାସିତ ଅଞ୍ଚଳରେ ବିଭାଗର ଅସମାନ ବଣ୍ଟନରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଟ୍ଟର ଅଭିଯୋଗ କରିଛନ୍ତି କି ୟୁଟି କ୍ୟାଡର ଅଧିକାରୀ କିମ୍ବା ଡାନିକ୍ସ କ୍ୟାଡର ଆଇଏଏସ୍ ଅଧିକାରୀଙ୍କ ଅନୁଚିତ ପ୍ରାଧାନ୍ୟ ହରିୟାଣା ଏବଂ ପଞ୍ଜାବ ଆଇଏଏସ୍ ଅଫିସରଙ୍କ ତୁଳନାରେ ବଢିବାରେ ଲାଗିଛି। ଏମିତି କି ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ୟୁଟି କ୍ୟାଡର ଅଧିକାରୀମାନେ ମାଡି ବସିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହ ଖଟ୍ଟର ଅଭିଯୋଗ କରିଛନ୍ତି ଯେ ଫେବୃୟାରୀରେ ୨ ଜଣ ଏଚ୍‌ସିଏସ୍ ଅଧିକାରୀଙ୍କ ପୁନଃପ୍ରତ୍ୟାବର୍ତ୍ତନ ମାମଲାକୁ ଆହୁରି ଖରାପ କରିଦେଇଛି। ସେ ଆହୁରି ମଧ୍ୟ ସୂଚାଇ ଦେଇଛନ୍ତି କି ହରିୟାଣାରୁ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡକୁ ଗୃହସଚିବ ଏବଂ ଡେପୁଟି କମିଶନର ଭାବେ ଡେପୁଟେଶନରେ ଯାଇଥିବା ଦୁଇ ଆଇଏଏସ୍ ଅଧିକାରୀଙ୍କ କ୍ଷମତା ଏବଂ ଦାୟିତ୍ୱକୁ ମଧ୍ୟ ସମାନ ଭାବରେ କମାଇ ଦେଇଛନ୍ତି। ହରିୟାଣାର ଅଭିଯୋଗର ତାଲିକା ଲମ୍ବା ଏବଂ କେନ୍ଦ୍ରୀୟ ପ୍ରଶାସନ ଖୁବ୍ ଶୀଘ୍ର ଏହି ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଖଟ୍ଟର ଏବେ ଆଶା କରୁଛନ୍ତି।

### ବାବୁଙ୍କ ପୋଷାକ ଚର୍ଚ୍ଚା

ଆଇପିଏସ୍ କିମ୍ବା ପ୍ରତିରକ୍ଷା କର୍ମଚାରୀମାନେ ସାଧାରଣତଃ ଡ୍ୟୁଟିରେ ୟୁନିଫର୍ମରେ ଦେଖାଯାଆନ୍ତି। କିନ୍ତୁ ସେମାନଙ୍କ ଭଳି ଆଇଏଏସ୍ ଅଧିକାରୀମାନଙ୍କ ପାଇଁ କୌଣସି ଡ୍ରେସ କୋଡ୍ ନାହିଁ। ସେମାନଙ୍କ ପୋଷାକକୁ ନେଇ କୌଣସି ନିଶ୍ଚିତ ନିୟମ ନ ରଖାଯିବା ଏବଂ ସ୍ପଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିବାରୁ ବେଳେବେଳେ ଏହା ବାବୁମାନଙ୍କୁ ଅସୁବିଧାରେ ପକାଉଛି। ଖୁବ୍ ନିକଟରେ ପାଟନା ଉଚ୍ଚନ୍ୟାୟାଳୟ ବିହାରର ଆଇଏଏସ୍ ଅଧିକାରୀ ଆନନ୍ଦ କିଶୋରଙ୍କୁ ଭର୍ତ୍ସନା କରିଥିଲେ। ଆନନ୍ଦ ରାଜ୍ୟ ସ୍କୁଲ୍ ଏକ୍‌ଜାମିନେଶନ ବୋର୍ଡର ଚେୟାରମ୍ୟାନ ଏବଂ ଗୃହ ଓ ସହର ବିକାଶର ପ୍ରିନ୍ସିପାଲ ସେକ୍ରେଟାରି ରହିଛନ୍ତି। ସେ କୋର୍ଟରେ ଏକ ଶୁଣାଣି ସମୟରେ ଧଳା ଶାର୍ଟ ଓ ଟ୍ରାଉଜରରେ ଉପସ୍ଥିତ ହୋଇଥିଲେ। ଏଣୁ ତାଙ୍କର ଏଭଳି ବେଶ ପୋଷାକରେ କେଉଁଠି ଭୁଲ୍ ରହିଲା ? ହେଲେ ଏହି ବାବୁ ଜଣକ କଲର ବୋତାମ ଦେଇ ନ ଥିଲେ କି କୋର୍ଟ ମଧ୍ୟ ପିନ୍ଧି ନ ଥିଲେ। ତେବେ ବିଚାରପତିଙ୍କ ଏଭଳି ବ୍ୟବହାରରେ କେହି ଏକମତ ନୁହନ୍ତି। ଏପରି କି କେତେଜଣ ଓକିଲ ମଧ୍ୟ ଏହାକୁ ଗ୍ରହଣ କରିନାହାନ୍ତି। କେତେ ଜଣ କହିଥିଲେ ଯେ, ବିଚାରପତିଙ୍କ ମନ୍ତବ୍ୟ ଅନୁଚିତ ଥିଲା ଏବଂ ଏହା ଅନାବଶ୍ୟକ ଅପମାନ ଓ କ୍ରୋଧର କାରଣ ହୋଇଥିଲା। ଅନ୍ୟ କେତେ ଜଣ କହିଛନ୍ତି ଯେ, ଗରିମା ଓ ମର୍ଯ୍ୟାଦା ପାଇଁ କୋର୍ଟରେ ପ୍ରତ୍ୟେକ ସରକାରୀ ଅଧିକାରୀ ଠିକ୍ ଭାବେ ପୋଷାକ ପିନ୍ଧିବା ଦରକାର। ଯଦି ଏହା ହୁଏ, ତେବେ ସାଧାରଣରେ ସରକାରୀ ଅଧିକାରୀମାନେ କେମିତିକା ପୋଷାକରେ ଦୃଶ୍ୟମାନ ହେବେ ସେଥିପାଇଁ ଏକ ନିୟମ କରିବାର ସମ୍ଭବତଃ ଏହା ହିଁ ଉପଯୁକ୍ତ ସମୟ। ଏହା ଏକ ସାମ୍ୟବାଦୀ ପ୍ରତୀକ ନା ପ୍ରଗତିଶୀଳ ମାନସିକତା, ତାହା ପାଠକମାନେ ସ୍ଥିର କରିବେ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | 3 |
| 9 | | 7 | | 4 | | | | 6 |
| | | 4 | | | | 7 | | |
| | | | | | | 4 | | 7 |
| | | | 3 | | | | 9 | |
| 1 | | | | | 4 | | | 5 |
| | 4 | 8 | | | | 9 | | |
| 2 | | 9 | | 5 | | | | |
| | | | 9 | | 6 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 6 | 5 | 8 | 9 | 1 | 2 | 3 |
| 5 | 1 | 8 | 3 | 2 | 6 | 9 | 7 | 4 |
| 3 | 9 | 2 | 1 | 7 | 4 | 5 | 8 | 6 |
| 8 | 6 | 1 | 7 | 9 | 5 | 3 | 4 | 2 |
| 4 | 7 | 9 | 6 | 3 | 2 | 8 | 5 | 1 |
| 2 | 3 | 5 | 8 | 4 | 1 | 7 | 6 | 9 |
| 6 | 8 | 3 | 2 | 1 | 7 | 4 | 9 | 5 |
| 1 | 2 | 4 | 9 | 5 | 8 | 6 | 3 | 7 |
| 9 | 5 | 7 | 4 | 6 | 3 | 2 | 1 | 8 |

ଗତକାଲିର ଉତ୍ତର

# ବେକାରି ଓ ଅଗ୍ନିପଥ



କିଶୋର ଜେନା

ଭାରତ ସାରା ବ୍ୟାପିଚାଲିଛି ସଶସ୍ତ୍ର ବାହିନୀର ଏହି ନୂତନ କର୍ମସଂସ୍ଥାନ ଯୋଜନା 'ଅଗ୍ନିପଥ' ବିରୋଧୀ ଆନ୍ଦୋଳନ। ୨୨୫ ବର୍ଷର ପୁରୁଣା ନିଯୁକ୍ତି ପରମ୍ପରାକୁ ଭାଙ୍ଗି ଏହି 'ଅଗ୍ନିପଥ' ଯୋଜନା ଲାଗୁ କରିବା ଠିକ୍ ପୂର୍ବର ବିମୁଦ୍ରୀକରଣ, ନାଗରିକତ୍ୱ ସଂଶୋଧନ ଆଇନ, କୃଷି ଆଇନ ଓ ଅପରିକଳ୍ପିତ ଲକ୍‌ଡାଉନ ପରି କେନ୍ଦ୍ରର ମୋଦି ସରକାରଙ୍କ ଆଉ ଏକ କାର୍ଯ୍ୟ, ଯାହା ସାରା ଦେଶରେ ବେକାର ଯୁବତୀଯୁବକଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଛି। ସେଣ୍ଟର ଫର୍ ମନିଟରିଙ୍ଗ ଇଣ୍ଡିଆର ତଥ୍ୟ ଅନୁସାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ସଂଖ୍ୟା ୪୦ କୋଟି ପାଖାପାଖି। ସେନାରେ ନିଯୁକ୍ତି ବା ଭର୍ତ୍ତି ନେଇ ଦେଖାଦେଇଥିବା କ୍ରୋଧ ବେକାରି ଭଳି ଏକ ଉତ୍କଟ ସମସ୍ୟାର ପ୍ରତୀକାତ୍ମକ। ସମଗ୍ର ଦେଶରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ ସବୁ ବ୍ୟାପକ ଠିକାକରଣ ମାଧ୍ୟମରେ କରାଯାଉଛି। କେବଳ ବାକି ଥିଲା ପ୍ରତିରକ୍ଷା। ଏଥର ପ୍ରତିରକ୍ଷା କର୍ମ ପାଇଁ ମାନବିକ ଶକ୍ତିକୁ ଏହି ଠିକାକରଣ ମଧ୍ୟକୁ 'ଅଗ୍ନିପଥ' ଜରିଆରେ ଠେଲି ଦିଆଯାଇଛି। ୧୭ ବର୍ଷର କୈଶୋର ପାର ହୋଇଥିବା ମାନବିକ ଶକ୍ତିକୁ ଅଗ୍ନି ପରୀକ୍ଷା ଦେବାକୁ ହେବ ଦେଶ ମାତୃକାର ପାଦ ତଳେ। ୨୩ ବର୍ଷ ପହଞ୍ଚିବା ପରେ ସମସ୍ତଙ୍କୁ ସାମାନ୍ୟ ଟଙ୍କା ଦେଇ ବିଦାୟ ଦିଆଯିବ। କୌଣସି ପେନ୍‌ସନ ବା ଅବସରକାଳୀନ ସୁବିଧା ମିଳିବ ନାହିଁ। ଏହାପରେ ପୁଣି ପରୀକ୍ଷା କରି ଅଗ୍ନିବୀରଙ୍କୁ ସମ୍ମାନ ଦିଆଯିବ ମାତ୍ର ୨୫ ପ୍ରତିଶତଙ୍କୁ। ଆଉ ୭୫ ପ୍ରତିଶତ ଅଗ୍ନିବୀର ଯିଏ ଅଗ୍ନି ପରୀକ୍ଷା ଦେଇଥିଲେ ସେମାନଙ୍କୁ ବିଦା କରିଦିଆଯିବ।

ଅର୍ଥାତ୍ ୨୩ ବର୍ଷରେ ଯେଉଁ ତରୁଣ ତାରୁଣ୍ୟର ଉତ୍ତେଜନାରେ ପ୍ରସ୍ଫୁଟିତ ହୋଇଥାଆନ୍ତା ଚକମକ କରି, ସେ ହତାଶାର କ୍ଳାନ୍ତିରେ ଅଗ୍ନିବୀର ନ ହେବା ଏବଂ ସେନାରେ ନିୟମିତ ଯୋଦ୍ଧା ରୂପେ ଭର୍ତ୍ତି ନ ହେବାର ନୈରାଶ୍ୟର ଯନ୍ତ୍ରଣା ମଧ୍ୟରେ ଆଗାମୀକୁ ଅନାଇ ବସିବା ଅବଶ୍ୟ ଚାରିବର୍ଷରେ ଏଗାର/ବାର ଲକ୍ଷ ମିଳିବ, ସେଥିରେ ତାହାର ଅଂଶ ପ୍ରାୟ ୫ଲକ୍ଷ ପାଖାପାଖି।

ଏଭଳି ପ୍ରକଳ୍ପ ଶୁଣିବା ପରେ ଦେଶର ତରୁଣ ସମାଜ କ୍ରୋଧରେ ଫାଟି ପଡ଼ିଛି। କେବଳ ବିରୋଧୀ ଦଳଗୁଡ଼ିକ ନୁହନ୍ତି ଏନ୍‌ଡିଏ ସରକାରଙ୍କ ଅଂଶୀଦାର ଜନତାଦଳ (ୟୁ) ସହ ବହୁ ନାଗରିକ ପ୍ରଶାସନିକ ଅଧିକାରୀ ନୁହନ୍ତି ଭାରତୀୟ ସେନାବାହିନୀର ଅବସରପ୍ରାପ୍ତ ଅଧିକାରୀମାନେ ଏହି ଅତି ଆପତ୍ତିଜନକ ଏବଂ ଦେଶ ବିରୋଧୀ ପରିକଳ୍ପନାର ବିରୋଧ କରିଛନ୍ତି ଏବଂ ସରକାର ତୁରନ୍ତ ଏହି ଯୋଜନାକୁ ପ୍ରତ୍ୟାହାର କରିବାକୁ ଆବେଦନ କରିଛନ୍ତି। ଏହିଭଳି ନିଯୁକ୍ତି ଫଳରେ ଭାରତର ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେବ। ସେନାର ପରିଚୟ ଓ ଏକତା ପ୍ରଭାବିତ ହେବ। ବିପୁଳ କର୍ମସଂସ୍ଥାନର ସୁଯୋଗ ସୃଷ୍ଟିକାରୀ ସେନାବାହିନୀ ପ୍ରତିବର୍ଷ ୩୫–୪୦ ହଜାର ବେରୋଜଗାର ସୃଷ୍ଟି କରିବାର ଏକ ପ୍ରତିଷ୍ଠାନରେ ପରିଣତ ହୋଇଯିବ। ଜୀବନକୁ ବାଜି ରଖି ଅହରହ ଲଢୁଥିବା ସୈନିକଙ୍କୁ ଛୋଟବଡ଼ କାରଖାନାର ଅସ୍ଥାୟୀ ଏବଂ ଠିକା ଶ୍ରମିକଙ୍କଠାରୁ ଆହୁରି ଖରାପ ଅବସ୍ଥାକୁ ଠେଲି ଦିଆଯିବ। ଏହାଫଳରେ ସେମାନଙ୍କର ଓ ଭାରତୀୟ ସେନାବାହିନୀର ମନୋବଳ ଓ ପେସାଦାରିତ୍ୱ ଉଭୟ ଉପରେ ଭୟଙ୍କର ପ୍ରଭାବ ପକାଇବ। ଏହା ବୁଝିବାକୁ ସାମରିକ ବିଜ୍ଞାନ, ମ୍ୟାନେଜମେଣ୍ଟ ବା ମନୋବିଜ୍ଞାନର ଅଧ୍ୟୟନର ଆବଶ୍ୟକତା ନାହିଁ ଏହା ସ୍ଫଟିକଠାରୁ ସ୍ୱଚ୍ଛ।



ଏସବୁ କଥାକୁ ଚର୍ବିତ ଚର୍ବଣ ନ କରି ଏହାଠାରୁ ଅନେକ ବେଶି ଗୁରୁତର ଓ ବିପଜ୍ଜନକ ତିନୋଟି ଦିଗ ପ୍ରତି ଦୃଷ୍ଟି ଦିଆଯିବା ଠିକ୍ ହେବ। ପ୍ରଥମତଃ 'ଅଗ୍ନିପଥ' ପରେ ସେନାବାହିନୀରେ ନିଯୁକ୍ତି ଯାହା ବର୍ଷକୁ ବର୍ଷ ହେଉଥିଲା ବନ୍ଦ କରିଦିଆଯିବ। ଏଠାରେ ମନେକରାଇ ଦିଆଯାଇପାରେ ବିଗତ ଦୁଇବର୍ଷ ହେବ ସେନାବାହିନୀରେ ନିୟମିତ ନିଯୁକ୍ତି ହୋଇନାହିଁ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ବକ୍ତବ୍ୟ ଅନୁସାରେ 'ବେତନ ଏବଂ ପେନ୍‌ସନ ବଞ୍ଚାଇବା'ର ଏହି ମିତବ୍ୟୟିତାର 'ଅର୍ଥନୈତିକ ଚତୁରତା' ପାଇଁ ପରିସ୍ଥିତି ଏଭଳି ହୋଇଯାଇଛି ଯେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ସେନାବାହିନୀରେ ୨୦୨୧ ପର୍ଯ୍ୟନ୍ତ ୧ଲକ୍ଷ ୪ ହଜାର ୬୫୩ଜଣ କର୍ମୀ କମ୍ ହୋଇଯାଇଛନ୍ତି। ଏହି ଶୂନ୍ୟପଦ ଆଉ କେବେହେଲେ ପୂରଣ କରାଯିବ ନାହିଁ। ଆଗାମୀବର୍ଷଗୁଡ଼ିକରେ ଏହି ଶୂନ୍ୟପଦରେ ସ୍ଥାୟୀ ନିଯୁକ୍ତି ପରିବର୍ତ୍ତେ ଅଗ୍ନିବୀରମାନଙ୍କୁ ନିଆଯିବ।

ଗତ ତିନି ଶତକର ଇତିହାସ ଦେଖିଲେ ଦେଖାଯାଏ ଇଚ୍ଛା ଥାଉ ବା ନ ଥାଉ ଭାରତୀୟଙ୍କ ଏକ ବିରାଟ ଅଂଶ ବ୍ୟବସାୟ ବାଣିଜ୍ୟ ପାଇଁ ବା ଶ୍ରମିକ ଭାବେ ଆଫ୍ରିକା ଓ ଏସିଆର ଅନ୍ୟ ଦେଶ ତଥା କାରବିୟାନ ଦେଶଗୁଡ଼ିକୁ ଯାଇଛନ୍ତି। ଗତ ଶତାବ୍ଦୀରେ ବିପୁଳ ସଂଖ୍ୟକ ଡାକ୍ତର ଏବଂ ବିଭିନ୍ନ ବ୍ୟବସାୟିକ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ଦକ୍ଷ ଶ୍ରମିକ ଇଉରୋପ ଓ ଆମେରିକା ଯାଇଛନ୍ତି। ଅଧିକାଂଶ ମଜୁରି କରିବାକୁ ଏବଂ କିଛି ବ୍ୟବସାୟ କରିବାକୁ ଉପସାଗରୀୟ ଦେଶଗୁଡ଼ିକୁ ଯାଇଛନ୍ତି। ଲକ୍ଷ ଲକ୍ଷ ଭାରତୀୟ ଯୁବକ ସାରା ଦୁନିଆରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ସାଇବର ସାମ୍ରାଜ୍ୟକୁ ଛିଡ଼ା କରାଇଛନ୍ତି। କିନ୍ତୁ କେହି କେତେବେଳେ ବି ଦ୍ୱିତୀୟ ଦେଶ ବା ଗୋଷ୍ଠୀର ହୋଇ ଲଢ଼େଇ ପାଇଁ ଭଡ଼ାଟିଆ ସୈନିକ ହୋଇ ଯାଇନାହାନ୍ତି। ଦେଶର ଯୁବକମାନଙ୍କର ଚାକିରିର ବଡ଼ ଭରସା ଥିଲା ଭାରତୀୟ ସେନା। ଚାକିରିର ସ୍ଥାୟିତ୍ୱ କାରଣରୁ ଜୀବନକୁ ଉପେକ୍ଷା କରି ଗରିବ, ନିମ୍ନ ମଧ୍ୟବିତ୍ତ ପରିବାରର ଯୁବକମାନେ ସେନାର ଚାକିରିକୁ ବାଛି ନେଇଥାଆନ୍ତି। କିନ୍ତୁ ଅଗ୍ନିପଥ ପ୍ରକଳ୍ପରେ ନିୟୋଜିତ ଚୁକ୍ତିଭିତ୍ତିକ 'ଅଗ୍ନିବୀର'ଙ୍କ ମଧ୍ୟରୁ ୭୫ ପ୍ରତିଶତ ଚାକିରି ପାଇବାର ଚାରିବର୍ଷ ପରେ ଅବସର ନେବାକୁ ହେବ। ଏକକାଳୀନ କିଛି ଟଙ୍କା ମିଳିଲେ ମଧ୍ୟ ପେନ୍‌ସନ ବ୍ୟବସ୍ଥା ରହିବ ନାହିଁ। ସେ କ୍ଷେତ୍ରରେ ଏମାନଙ୍କୁ ପୁଣି ଚାକିରି ଖୋଜିବାକୁ ହେବ। ଅନିଶ୍ଚିତ ହୋଇପଡ଼ିବ ଭବିଷ୍ୟତ। ମିଳିଥିବା ଏଗାର ବାର ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ ହୋଇଯିବ। ଯାହା ସଚରାଚର ଘଟୁଛି।

ଗତ ୧୯ ତାରିଖରେ ସରକାରଙ୍କ ପକ୍ଷରୁ ସେନାର ତିନି ବାହିନୀର ମୁଖପାତ୍ରଙ୍କର ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ବହୁ ଭାବି ଚିନ୍ତି ଏହି ପ୍ରକଳ୍ପ ଚାଲୁ କରାଯାଇଛି। ଭାରତୀୟ ସେନାବାହିନୀର ହାରାହାରି ବୟସ ୩୨ରୁ ୨୬କୁ କମାଇବା ଲକ୍ଷ୍ୟରେ ଏହି ତରୁଣମାନଙ୍କୁ ନିଯୁକ୍ତି ଦେବାର ସିଦ୍ଧାନ୍ତ କରାଯାଇଛି। ଯଦି ତାହା, କେବଳ ମାତ୍ର ୪ ବର୍ଷ ପାଇଁ କାହିଁକି ? ନିୟମିତ ଓ ପ୍ରଥାଗତ ନିଯୁକ୍ତିରେ ହେଉ ନାହିଁ କାହିଁକି ? ଏପରି କି ସେନାବାହିନୀରେ ଲକ୍ଷାଧିକ ପଦ ଖାଲି ପଡ଼ିରହିଛି, ତାହାର କୌଣସି ଉତ୍ତର ନାହିଁ। ସାମ୍ବାଦିକ ସମ୍ମିଳନୀରେ ପୁଣି କୁହାଗଲା ଯେ, ସେନାବାହିନୀକୁ ତରୁଣର ଚେହେରା ଦେବା ଲକ୍ଷ୍ୟରେ କୁହାଯାଇଛି। ୧୯୯୯ର କାର୍ଗିଲ ଯୁଦ୍ଧ ପରଠାରୁ ଏଭଳି ଚିନ୍ତା କରାଯାଇଥିଲା। ମୋଦି ସରକାରଙ୍କ ୮ ବର୍ଷ ପରେ ଅକସ୍ମାତ୍ ଏକଥା କିପରି ଚିନ୍ତାକୁ ଆସିଲା ତାହାର ମଧ୍ୟ କୌଣସି ଉତ୍ତର ନାହିଁ। ଏହା ପଛରେ ରହିଛି କେବଳ ଏକ ଠିକା ନିଯୁକ୍ତି ଓ ଖର୍ଚ୍ଚକାଟର ବ୍ୟବସ୍ଥା।

ପେନ୍‌ସନ ବା ଗ୍ରାଚ୍ୟୁଟିର କୌଣସି ସୁବିଧା ମିଳିବ ନାହିଁ। ଅର୍ଥାତ୍ ସ୍ଥାୟୀ ଚାକିରି, ନ୍ୟାୟସଙ୍ଗତ ବେତନ ଓ ଅନ୍ୟାନ୍ୟ ସୁବିଧା ଇତ୍ୟାଦି ବଦଳରେ ରକମ ରକମ ଠିକା ଶ୍ରମିକ ନିଯୁକ୍ତି ହେବାର ଆଶଙ୍କା ଓ ଭବିଷ୍ୟତର ଅନିଶ୍ଚିତତା ଦେଶରେ ଯୁବକୁଳକୁ ହତାଶ ଓ ନୈରାଶ୍ୟ ମଧ୍ୟକୁ ଠେଲି ଦେଇଛି। ଏହାର ପ୍ରତିଫଳନ ଘଟୁଛି। ପ୍ରତିକ୍ରିୟା ସୁଦୂରପ୍ରସାରି ହୋଇଛି ବେକାରି ଯୋଗୁ, ବିକ୍ଷୋଭରୁ ଆୱାଜ ଉଠୁଛି ''ଭରତି ଦୋ ଇୟା ଆରତି ଦୋ'' ଅର୍ଥାତ୍ ''ଚାକିରି ଦିଅ ନଚେତ୍ ମାରଦିଅ'' ବେକାରି ଓ ଅଗ୍ନିପଥ ନେଇ ଅଗ୍ନିଗର୍ଭରେ ଭାରତ।

ଉତ୍କଳମଣି ମାର୍ଗ,
ଅପର୍ଣ୍ଣାନଗର,ଚାଉଳିଆଗଞ୍ଜ, କଟକ
ମୋ:୯୩୪୮୧୬୯୯୩୧

# ବୃକ୍ଷର ଦାନ



ଡ. ଅଜୟ କୁମାର ପାତ୍ର

ଥରେ ଦେଶର ଜନକ ମହାତ୍ମା ଗାନ୍ଧୀ ଲୋଭାନ୍ୱିତ ମଣିଷର କାର୍ଯ୍ୟ ପ୍ରଣାଳୀରେ ବ୍ୟଥିତ ହୋଇ କହିଥିଲେ, ''ଆମର କ୍ଷୁଧା ଦୂର କରିବାପାଇଁ ଏ ପୃଥିବୀ ସର୍ବଶ୍ରେଷ୍ଠ ସ୍ଥଳ। ଆଗାମୀ ସହସ୍ର ବର୍ଷ ପର୍ଯ୍ୟନ୍ତ କ୍ଷୁଧା ମେଣ୍ଟାଇବାରେ ସକ୍ଷମ। ମାତ୍ର ଲୋଭ ପାଇଁ ଏ ପୃଥିବୀ ଅତି କ୍ଷୁଦ୍ର।'' ବାସ୍ତବିକ କାମନାର ବିନାଶରେ ପ୍ରକୃତିର ସୁରକ୍ଷା ନିଶ୍ଚିତ; ଅନ୍ୟଥା ଏ ନୈସର୍ଗିକ ପୃଥିବୀର ଆୟୁଷ କ୍ଷଣସ୍ଥାୟୀ। ପୁନଶ୍ଚ ଗବେଷଣାଲବ୍ଧ ଜ୍ଞାନରୁ ଜଣାଯାଇଛି ଯେ ଗୋଟିଏ ସବୁଜ ବୃକ୍ଷରେ ପ୍ରାୟ ୧୦ରୁ ୧୫ ପ୍ରଜାତିର କ୍ଷୁଦ୍ର ଓ ବୃହତ୍ ପ୍ରାଣୀ ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ଭାବନାଶୂନ୍ୟ ଓ ଚିନ୍ତାରହିତ ଜୀବନ ନିର୍ବାହ କରନ୍ତି। ଗୋଟିଏ ବୃକ୍ଷର ସମୁଦାୟ ପ୍ରାଣୀ ସଦସ୍ୟ ସଂଖ୍ୟା ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ହେବ। ବୃକ୍ଷଟିଏ କାଟିଦେଲେ ଏକ ହଜାରରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ବୃହତ୍ ପ୍ରାଣୀ ବେସାହାରା ହୋଇଯିବେ। ଫଳରେ ପରିବେଶ ତା'ର ଭାରସାମ୍ୟ ହରାଇବ। କେବଳ ସେତିକି ନୁହେଁ, ଗୋଟିଏ ବଡ଼ ବୃକ୍ଷର ଛତ୍ରଛାୟା ତଳେ ବିକ୍ଷିପ୍ତ ଆଲୋକରେ ମୁଣ୍ଡ ଟେକିଥିବା ବିରଳ ପ୍ରଜାତିର ଔଷଧୀୟ ଗୁଳ୍ମ, ବୃକ୍ଷର ନିଧନ ସହିତ ଧ୍ୱଂସ ପାଇଯିବେ। କାରଣ ଏହି କ୍ଷୁଦ୍ର ଦରକାରୀ ଗୁଳ୍ମଗୁଡ଼ିକ ତୀର୍ଯକ ସୂର୍ଯ୍ୟକିରଣରେ ବଢ଼ିପାରନ୍ତି ନାହିଁ। ବୃକ୍ଷର ମାଟି ଧାରଣ ଶକ୍ତି ଅତ୍ୟନ୍ତ ଉଚ୍ଚକୋଟୀର। ମାଟିଧାରଣ ସହିତ ଜଳଧାରଣ ଶକ୍ତି ବଳରେ ଭୂସ୍ତରର ଜଳସ୍ତରକୁ ନିୟନ୍ତ୍ରଣ କରିଥାଏ। ବୃକ୍ଷଟି କାଟିଦେଲେ ଯଥେଷ୍ଟ ମୃତ୍ତିକା ଧୋଇଯାଇ ନାଳ ମାଧ୍ୟମରେ ନଦୀରେ ପଡ଼ି ନଦୀ ଅଗଭୀର ହୋଇଯାଏ। ଫଳରେ ଗ୍ରୀଷ୍ମଋତୁରେ ନଦୀ ଶୁଷ୍କ ହୋଇ ଜଳକଷ୍ଟ ଅନୁଭୂତ ହୁଏ। ଅଗଭୀର ନଦୀ ପାଣି ଶୀଘ୍ର ଉତ୍ତପ୍ତ ହୋଇ ମତ୍ସ୍ୟ ପ୍ରଜନନ ଓ ମତ୍ସ୍ୟ ଅଭିବୃଦ୍ଧିରେ ଘୋର ବାଧା ସୃଷ୍ଟି କରାଏ। ନଦୀ ଓ ନାଳରୁ ମାଛ ଧୀରେ ଧୀରେ ଲୋପ ପାଇଯାଏ। ଗବେଷକ କହିଛନ୍ତି, ୨୦୮୦ ସୁଦ୍ଧା ମାଛର ୩୦% ପ୍ରଜାତି ନିଶ୍ଚିହ୍ନ ହେବାର ଆଶଙ୍କା ଦେଖାଗଲାଣି। ଉଲ୍ଲେଖ କରାଯାଇପାରେ ଯେ ବିଶ୍ୱର ଶତକଡ଼ା ଷାଠିଏ ପ୍ରତିଶତ ପୁଷ୍ଟିସାର ଖାଦ୍ୟ ମାଛରୁ ମିଳିଥାଏ। ଗବେଷଣା ତଥ୍ୟକୁ ଆଧାର କରି କୁହାଯାଇଛି ପୃଥିବୀ ପୃଷ୍ଠରେ ଦୁଇ ଇଞ୍ଚ ମୃତ୍ତିକା ଗଠନ ନିମନ୍ତେ ପ୍ରକୃତିକୁ ଦୁଇଶହ ବର୍ଷ ଲାଗିଥାଏ, ମାତ୍ର ଅବିବେକୀ ମଣିଷ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ପ୍ରକୃତିର ଦୁଇବର୍ଷର କଠିନ ପରିଶ୍ରମକୁ ବିଫଳ କରିଦିଏ। ଉର୍ବର ଓ ଉତ୍ପାଦନକ୍ଷମ ମୃତ୍ତିକା ଗଠନରେ ବୃକ୍ଷର ଅବଦାନ ଅତୁଳନୀୟ। ବୃକ୍ଷର ନିଧନରେ ଏହି ଅତ୍ୟନ୍ତ ଉପକାରୀ ଅଣୁକୀଟଗୁଡ଼ିକର ନିଧନ ଘଟେ, ଫଳରେ ବୃକ୍ଷହୀନ ଭୂମି କାଳକ୍ରମେ ମରୁଭୂମିରେ ପରିଣତ ହୁଏ। ଦେଖାଯାଇଛି ଯେ ଯଦି ବାହାରର ତାପମାତ୍ରା ୪୦ଡିଗ୍ରୀ, ସେତେବେଳେ ବୃକ୍ଷ ତଳର ତାପମାତ୍ରା ୩୦ଡିଗ୍ରୀ ହୋଇଥାଏ। ଅର୍ଥାତ୍ ବୃକ୍ଷ ନିଜସ୍ୱ ସ୍ୱକୀୟ ଗୁଣ ବଳରେ ପ୍ରଚଣ୍ଡ ତାପକୁ ମଧ୍ୟ ବଶୀଭୂତ କରିପାରେ। ବୃକ୍ଷ ଟନ ଟନ ଅମ୍ଳଜାନ ଯୋଗାଇ ଲକ୍ଷାଧିକ ଜୀବନ ବଞ୍ଚାଇପାରିଛି। ବୃକ୍ଷର ଇତିହାସ ଯେମିତି ଚମକପ୍ରଦ, ତା'ର ଭୂଗୋଳ ମଧ୍ୟ ସେହିପରି ଅତ୍ୟନ୍ତ ଚିତ୍ତାକର୍ଷକ। ହେଲେ ଏ ଅପରିଣାମଦର୍ଶୀ ମାନବ ବୃକ୍ଷକୁ ହେୟଜ୍ଞାନ କରି ନିଜର ଅନ୍ତ ପାଇଁ ନିଜେ ହିଁ ଗର୍ତ୍ତ ଖୋଳୁଛି।



ଯେଉଁ ରାଜଧାନୀ ଭୁବନେଶ୍ୱର ଏକଦା ବୃକ୍ଷବହୁଳ ଶ୍ୟାମଳିମାରେ ସୁଶୋଭିତ ଥିଲା ; ଶୀତ ଋତୁରେ ଶୈତ୍ୟର ପ୍ରାଦୁର୍ଭାବ, ମୌସୁମୀରେ ବର୍ଷାକାଳୀନ ସବୁଜିମା ଓ ଋତୁରାଜ ବସନ୍ତରେ କୋକିଳର ମଧୁର ସ୍ୱନ ଆଜି ସେଠାରେ ବିରାଜମାନ କରୁଛି ମଣିଷକୃତ କଙ୍କ୍ରିଟ ଜଙ୍ଗଲ। ଏଠାରେ ବିକାଶ ନାମରେ ଶହ ଶହ ଗଛ କଟାଯାଉଛି। ସହରୀକରଣ ପାଇଁ କେବଳ ଭୁବନେଶ୍ୱରର ୯୩% ଘଞ୍ଚ ଜଙ୍ଗଲ ନଷ୍ଟ ହେଲାଣି, ଅନାବାଦୀ ଓ କୃଷି ଜମି ପ୍ରାୟ ୫୨.୩% ରୁ ୧୯.୩%କୁ ହ୍ରାସ ପାଇଲାଣି। ୮୨.୯୪% ଚାଷ ଜମି ସହରୀ ଜମିରେ ପରିଣତ ହୋଇଛି। ଶହ ଶହ ଗଛ କାଟି ଦିଆଯିବା ଦ୍ୱାରା ଛାଇ ଟିକିଏ ମିଳୁନାହିଁ। ବୋଝ ଉପରେ ନଳିତା ବିଡ଼ା ସଦୃଶ ପୁନଶ୍ଚ ବୃକ୍ଷ ନିଧନ ରାଜଧାନୀବାସୀଙ୍କ ନିଦ ହଜାଇ ଦେଇଛି। ବୃକ୍ଷ ଜୀବନର ଉତ୍ସ, ବଞ୍ଚିବାର ରାହା ଦେଖାଏ, ଜୀବନଧାରଣର ମାନଦଣ୍ଡ ବଢାଏ। ତା'ହେଲେ କ'ଣ ବିକାଶ ପାଇଁ ବୃକ୍ଷ ଛେଦନ ଅତ୍ୟନ୍ତ ଜରୁରୀ ? ଯଦି ଜରୁରୀ, ତା' ହେଲେ ବୃକ୍ଷ କଟା ନ ଯାଇ ତାହାକୁ ବିଜ୍ଞାନ ପ୍ରଣାଳୀରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ଅଦରକାରୀ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇପାରିଥାନ୍ତା: ରାସ୍ତା ନିର୍ମାଣ କ୍ଷେତ୍ରରେ ରାସ୍ତାର ଦିଗ ପରିବର୍ତ୍ତନ କରି ବୃକ୍ଷକୁ ସୁରକ୍ଷିତ ରଖାଯାଇ ରାସ୍ତା ନିର୍ମାଣ କରାଯାଇ ପାରନ୍ତା। ମାତ୍ର ତାହା କରାଯାଉନାହିଁ। ଗୋଟିଏ ଗଛ କାଟିଲେ ଏଠାରେ ଅନ୍ୟୂନ ୩ଟି ଗଛ ରୋପଣ କରିବା ବିଧେୟ। ଅଧିକନ୍ତୁ ଭୁବନେଶ୍ୱରର ଦୂରବର୍ତ୍ତୀ ଅଞ୍ଚଳରେ ଅନେକ ଅନୁର୍ବର ଓ ଅନାବଶ୍ୟକ ଜମି ରହିଛି, ଯେଉଁଠି ପରିବେଶର ଭାରସାମ୍ୟ ରକ୍ଷାକରି ଆପାର୍ଟମେଣ୍ଟ ତିଆରି କରାଯାଇପାରନ୍ତା। ବୃକ୍ଷ ଛେଦନରୁ ନିବୃତ୍ତ ରୁହନ୍ତୁ। ବୃକ୍ଷର ସୁରକ୍ଷା ହିଁ ଆମର ସୁରକ୍ଷା। ବୃକ୍ଷକୁ ବଞ୍ଚିବାକୁ ଦିଅ, ବଞ୍ଚିବା ସେମାନଙ୍କ ଅଧିକାର, ସେବାକରିବା ସେମାନଙ୍କ ଧର୍ମ। ସେମାନଙ୍କୁ ଏଥିରୁ ନିବୃତ୍ତ କରନାହିଁ। ହେ ମଣିଷ କାନ ପାତି ଶୁଣ ବୃକ୍ଷର ଅଧୁରା କାହାଣୀ:

'ମୁଁ ବରଗଛ ! ଆପଣମାନଙ୍କର ଅଚିହ୍ନା ବୁଢ଼ା ବରଗଛ। ଆପଣମାନେ ହୁଏତ ମୋତେ ଚିହ୍ନି ପାରିବେନି। ମାତ୍ର ମୁଁ ଆପଣଙ୍କୁ ଚିହ୍ନିଛି। ଅନ୍ତୁଡ଼ିଶାଳରୁ ଏ ଭୁବନେଶ୍ୱରକୁ ପାଳିପୋଷି ବଡ଼ କରାଇଛି। ମାତ୍ର ଆଜି ମୋର ଆୟୁଷ କମି ଆସିଛି। ମୁଁ ଆଜି ଅଲୋଡ଼ା, ଅଦରକାରୀ। ବଡ଼ବଡ଼ିଆଙ୍କ ଆକ୍ରୋଶର ଶିକାର ହୋଇଛି। ମୁଁ କଥା କି ଆପତ୍ତି କରିପାରେନା କେବଳ ଶୁଣିପାରୁଛି ଖାଲି କରତର କର୍କଶ ଗର୍ଜନ। ଆଉ ମାତ୍ର ଅଳ୍ପକ୍ଷଣ, ମୋତେ ଚିର ବିଦାୟ ନେବାକୁ ପଡ଼ିବ। ବିଦାୟ ରାଜଧାନୀ, ଚିର ବିଦାୟ ରାଜଧାନୀବାସୀ !

ପରିବେଶ ବିଜ୍ଞାନୀ
ମୋ:୯୪୩୮୬୨୧୩୯୧

## ଏଇ ଭାରତରେ

ପ୍ରାର୍ଥୀ ଯୋଗ୍ୟ ହେବା ପରେ ଚାକିରି ପାଇବାକୁ ଚାଲିଗଲା ଦୁଇ ଦଶନ୍ଧିରୁ ଅଧିକ ସମୟ। ଏମିତି ଏକ ଅଜବ ଘଟଣା ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ। ଉକ୍ତ ଜିଲା ଅନ୍ତର୍ଗତ ସିଦ୍ଧିଗାଁର ବ୍ୟକ୍ତି କେଦାରେଶ୍ୱର ରାଓ ୧୯୯୮ରେ ଡିଷ୍ଟ୍ରିକ୍ଟ ସିଲେକ୍ସନ କମିଟି (ଡିଏସ୍‌ସି) ଦ୍ୱାରା ଶିକ୍ଷକ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ଆଇନଗତ କାରଣରୁ ଏହାକୁ ସରକାର ବନ୍ଦ କରିଦେଇଥିଲେ। ପରେ ବହୁ ଯୋଗ୍ୟ ପ୍ରାର୍ଥୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏହାର ସମାଧାନ ହୋଇ ନ ଥିଲା। ତେବେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ପଦଯାତ୍ରାରେ କେଦାରେଶ୍ୱରଙ୍କ ଗାଁକୁ ଯାଇଥିବା ବେଳେ ସେ ତାଙ୍କ ଚାକିରି ବିଷୟରେ ଜଣାଇଥିଲେ। ପରେ ମୁଖ୍ୟମନ୍ତ୍ରୀ ସେହି ଫାଇଲକୁ ସବୁଜ କ୍ଲିୟର୍ କରିବାରୁ କେଦାରେଶ୍ୱର ୨୪ ବର୍ଷ ପରେ ଚାକିରି ପାଇଛନ୍ତି। କେଦାରେଶ୍ୱରଙ୍କୁ ଏବେ ବୟସ ୫୭। ଆଉ କେଇ ବର୍ଷ ଚାକିରି କରିବେ ସତ, କିନ୍ତୁ ଦୁଇ ଦଶନ୍ଧି ପରେ ଚାକିରି ପାଇଥିବାରୁ ଗାଁ ଲୋକେ ତାଙ୍କୁ ନୂଆ ପ୍ୟାଣ୍ଟଶାର୍ଟ ପିନ୍ଧାଇ ଶିକ୍ଷକ ବେଶରେ ସଜାଇଛନ୍ତି। କାରଣ ଅତି ଗରିବ ଅବସ୍ଥାରେ ସେ ବଞ୍ଚୁଥିଲେ। ପିଲାଦିନେ ବାପାଙ୍କୁ ହରାଇବା ପରେ ବହୁ କଷ୍ଟରେ ବି.ଏ. ପାସ୍ କରି ବିଏଡ୍ କରି ଡିଏସ୍‌ସି ଦ୍ୱାରା ଶିକ୍ଷକ ପାଇଁ ମନୋନୀତ ହୋଇଥିଲେ। ତେବେ ତାହା ବନ୍ଦ ରହିବା ପରେ କେଦାରେଶ୍ୱର ମା'ଙ୍କ ସହ ହାଇଦ୍ରାବାଦ ଯାଇ ସେଠାରେ କପଡ଼ା ଦୋକାନରେ କାମ କରିଥିଲେ। ପୁନର୍ବାର ଗାଁକୁ ଫେରି ସାଇକେଲରେ ବୁଲି ଶାଢ଼ି ବିକୁଥିଲେ। ଏବେ ଚାକିରି ପାଇବା ପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ସବୁ ଶ୍ରେୟ ଅଜାଡ଼ି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜୁନ୍ ୧୯୯୭

- ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରସିଦ୍ ମାସୁଦ୍ ସମାଜବାଦୀ ପାର୍ଟିରୁ ନିଲମ୍ବିତ।
- ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା ପଥିତଯଶା ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୫୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ମଦ୍ୟପ ଆତଙ୍କ ରୋକାଯାଉ

ମହାଶୟ,

ଲାଇସେନ୍ସପ୍ରାପ୍ତ ଠିପିବନ୍ଦ ମଦ ଦୋକାନ ପାଖରେ ଠିପିଖୋଲା ମଦ କାରବାର ପାଇଁ କୌଣସି ସରକାରୀ ନିୟମ ନ ଥିବାବେଳେ ଢେଙ୍କାନାଳ ଜିଲା ଅନ୍ତର୍ଗତ ଅଧିକାଂଶ ଠିପିବନ୍ଦ ମଦ ଦୋକାନରେ ଠିପିଖୋଲା କାରବାର ହେଉଛି। ବିଶେଷକରି ଠିପିବନ୍ଦ ମଦ ଦୋକାନ ପାଖରେ କେତେଜଣ ବ୍ୟକ୍ତି ମଦ୍ୟପଙ୍କ ପାଇଁ 'ଚାଖଣ' ଦୋକାନ ଖୋଲିଥିବାରୁ ମଦ୍ୟପମାନେ ଉକ୍ତ ଦୋକାନରେ ଖୋଲାଖୋଲି ମଦ୍ୟପାନ କରୁଛନ୍ତି। ଯଦ୍ୱାରା ସେମାନେ ନିଶାଗ୍ରସ୍ତ ହୋଇ ନାନା ବିଶୃଙ୍ଖଳା ସୃଷ୍ଟିକରିବା ସହିତ ରାସ୍ତାର ପଥଚାରୀମାନଙ୍କୁ ଅସୁବିଧାରେ ପକାଉଛନ୍ତି। ଏପରିକି ରାସ୍ତାରେ ଛାତ୍ରୀଛାତ୍ର, ସାଧାରଣ ନାଗରିକ ତଥା ବୟସ୍କମାନେ ସେହି ମଦ୍ୟପଙ୍କ ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ଏଥିପ୍ରତି ଦୃଷ୍ଟି ଦେଇ ମଦ୍ୟପଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଚ୍ଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ!
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଉତ୍କଳର ଐତିହାସିକ ଦର୍ପଣ: ଉତ୍କଳ ଭ୍ରମଣଂ

**ଅତୀତର ବହି**



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗ କବିତାର ନାମ ଉଚ୍ଚାରଣ ମାତ୍ରେ ସର୍ବାଗ୍ରେ ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ' ମନକୁ ଆସେ। ଏହା ଉତ୍କଳୀୟମାନଙ୍କ ମାନସ ଭୂମିରେ ସୁଦୃଢ଼ ଭାବରେ ପ୍ରତିଷ୍ଠିତ। ଊନବିଂଶ ଶତାବ୍ଦୀର ସାହିତ୍ୟିକ, ସମାଜସେବୀ ପ୍ରମୁଖଙ୍କ ପରିଚୟ ପ୍ରଦାନବେଳେ ପାଠକ ଉତ୍କଳ ଭ୍ରମଣଂରେ ପ୍ରଦତ୍ତ ପଂକ୍ତିକୁ ଆଗ୍ରହର ସହିତ ସ୍ମରଣ କରନ୍ତି। ଉତ୍କଳ ଭ୍ରମଣଂ କେବଳ କବିତାଟିଏ ନୁହେଁ, ବରଂ ଏହା ଓଡ଼ିଶାର ଜାତୀୟ ସଂକଳ୍ପ। ସମାଜ-ଜୀବନର ଅଭୁଲା ଇତିହାସକୁ ଏହା ପ୍ରକାଶିତ କରେ। ସମଗ୍ର ଓଡ଼ିଶାର ଚିତ୍ର, ମହାପୁରୁଷଙ୍କ ଅବଦାନ, କବି କଳାକାରଙ୍କୁ ସାରସ୍ୱତ ସ୍ୱୀକୃତି ଦେବାର ଅନବଦ୍ୟ ପ୍ରୟାସ ହିଁ ଉତ୍କଳ ଭ୍ରମଣଂ।



ଫକୀରମୋହନ ସେନାପତି ୧୮୯୨ ମସିହା ଫେବୃୟାରୀରେ 'ଉତ୍କଳ ଭ୍ରମଣଂ'ର ପହିଲା ଗସ୍ତର ବିବରଣ ରଚନା କରି ଆନନ୍ଦପୁର ପ୍ରେସ୍‌ରୁ ପ୍ରକାଶ କରିଥିଲେ। ପୁସ୍ତକଟିରେ 'କେନଚିତ୍ ଉତ୍କଳ ପୁତ୍ରେଣ ବିରଚିତଂ' ବୋଲି ଉଲ୍ଲେଖ ଥିଲା। ସଂପୃକ୍ତ ପୁସ୍ତକର ନୂତନ ଭାବଧାରା ନୀଳମଣି ବିଦ୍ୟାରତ୍ନଙ୍କୁ ଆକୃଷ୍ଟ କରିଥିଲା। ସେ ପୁସ୍ତକଟିକୁ ସମ୍ବଲପୁର ହିତୈଷିଣୀ ୧୮୯୨ ମାର୍ଚ୍ଚ ୭ରେ ପ୍ରକାଶ କରିଥିଲେ। ଏହି ସମୟକୁ ଫକୀରମୋହନ ଉତ୍କଟ ମାନସିକ ଚାପରେ ଥିଲେ। ଧରଣୀଧର ଆନ୍ଦୋଳନ ଯୋଗୁଁ କେନ୍ଦୁଝରରେ ଅସ୍ଥିରତା ସୃଷ୍ଟି ହୋଇଥିଲା। ରାଜାଙ୍କ ଦଳ ଫକୀରମୋହନ ମେଳିକୁ ଉସୁକାଇଥିବାର ଧାରଣା ସୃଷ୍ଟି କଲେ। ଫକୀରମୋହନ ରାଜାଙ୍କୁ ପ୍ରଶଂସା କରୁଥିବାରୁ ଧରଣୀଧର ଗୋଷ୍ଠୀ ପରିସ୍ଥିତି ପାଇଁ ଫକୀରମୋହନଙ୍କୁ ଦାୟୀ କରିଥିଲେ। ଏପରି ସ୍ଥିତିରେ ଯେଉଁମାନଙ୍କ କୃତି ଓ ନାମ ମନେପଡ଼ିଲା, ସେମାନଙ୍କ ବିଷୟରେ ଉତ୍କଳ ଭ୍ରମଣଂ ରଚନା କରି ରାତାରାତି ଛାପି ଉତ୍କଳ ଦୀପିକା, ସଂବାଦ ବାହିକା ଓ ସମ୍ବଲପୁର ହିତୈଷିଣୀ ପତ୍ରିକାକୁ ପଠାଇଥିଲେ। ଦୀପିକା ଓ ବାହିକା ପୁସ୍ତକଟିକୁ ସ୍ୱୀକାର କରିଥିଲେ, କିନ୍ତୁ ହିତୈଷିଣୀ ପୂରା ବହିଟି ପତ୍ରିକା ପୃଷ୍ଠାରେ ଛାପିଥିଲା। ବାଲେଶ୍ୱର ଫେରିଆସି ସେ ଦୋସରା ଗସ୍ତ ଲେଖିଛନ୍ତି। ଯିଏ ଡାକ ଟିକଟ ପଠାଇବ ତାକୁ ପୁସ୍ତକ ପଠାଯିବ ବୋଲି ବିଜ୍ଞାପନ ପ୍ରକାଶ ପାଇଛି। ପ୍ରଥମ ଓ ଦୋହରା ଗସ୍ତ ଭିତରେ ସମକାଳ ଓଡ଼ିଶାର କବି, ସାହିତ୍ୟିକ, ନେତା, ସମାଜସେବୀ ଓ କୃତବିଦ୍ୟ ବ୍ୟକ୍ତିମାନଙ୍କ ବିଷୟରେ ସୂଚନା ରହିଥିଲା। 'ଉତ୍କଳ ଭ୍ରମଣଂ' ଛଦ୍ମ ନାମରେ ଲେଖାଯାଇଥିଲେ ମଧ ଦୀପିକା ୨୭.୮.୧୮୯୨ ପୃଷ୍ଠାରେ ଦାମୋଦର ପଟ୍ଟନାୟକ ଏକ କବିତା ବ୍ୟଙ୍ଗାତ୍ମକ ଶୈଳୀରେ ଲେଖି ପ୍ରଶ୍ନ କରିଛନ୍ତି–

''ଉତ୍ତରରୁ ଗସ୍ତ ଯାଇ ଦକ୍ଷିଣେ ସଇଲା
ଫକୀରମୋହନକୁ ତ କେହି ନ ଦେଖିଲା
କହକହ ଗ୍ରନ୍ଥକର୍ତ୍ତା ଫକୀରର କଥା
କେଉଁଠାରେ ଲୁଚି ଅଛି ଏବେ ତାଙ୍କ ମଥା।
ଅବଧାନ ଅବଧାନ ଫକୀରମୋହନ
'ଆହେ' ତୁମ୍ଭଙ୍କୁ ଯେ ଛାଡ଼ିଗଲା ଉତ୍କଳ ଭ୍ରମଣ।
ଅଧା ତାଳ ଗଛ ମେରି ଫକୀରମୋହନ
ଲୁଚିବାର ଲୋକ ନୁହେଁ ଲୁଚ କିପାଁ ଧନ।''
(ଉତ୍କଳ ଦୀପିକା ୨୭.୮.୧୮୯୨, ପୃଷ୍ଠା–୨୭୭)

ଉତ୍କଳ ଭ୍ରମଣଂ ଦୁଇ ଗସ୍ତକୁ ଏକତ୍ରିତ କରି ୧୮୯୯ରେ କଟକ ଅରୁଣୋଦୟ ପ୍ରେସ୍‌ରୁ ୪୯ ପୃଷ୍ଠାର ପୁସ୍ତିକା ପ୍ରକାଶ ଲଭେ। ଏଥିରେ ପ୍ରାରମ୍ଭରେ ଥିବା ଶାରଳା ବନ୍ଦନାକୁ ପରିହାର କରିବା ସହିତ କିଛି ଖଣ୍ଡନମଣ୍ଡନ କରିଛନ୍ତି କବି। ପୁନଶ୍ଚ ୧୯୧୬ରେ ଉତ୍କଳ ସାହିତ୍ୟ ପ୍ରେସ୍‌ରୁ ଏହାର ତୃତୀୟ ସଂସ୍କରଣ ପ୍ରକାଶ ପାଇଥିଲା। ପ୍ରଥମରେ ଥିବା ଶାରଳା ବନ୍ଦନା ଏଠାରେ ପୁଣି ସଂଯୋଜିତ ହୋଇଛି ଓ ସମୟାନୁକ୍ରମେ ତଥ୍ୟଗତ ସଂଶୋଧନ କରାଯାଇଛି। ୧୯୨୫ରେ ଉତ୍କଳ ଭ୍ରମଣଂର ଚତୁର୍ଥ ସଂସ୍କରଣ ମୋହିନୀମୋହନ ସେନାପତିଙ୍କ ଉଦ୍ୟମରେ ପ୍ରକାଶ ପାଇଥିଲା। ଏଥିରେ ମୋହିନୀମୋହନ କିଛିଟା ସଂଶୋଧନ କରିଥିବାର ଦେଖାଯାଏ।



ଉତ୍କଳ ଭ୍ରମଣଂ।
କେନଚିତ୍ ଉତ୍କଳପୁତ୍ରେଣ
ବିରଚିତଂ
ଉତ୍ପତ୍ସ୍ୟତେଽସ୍ତି ମମକୋଽପି ସମାନଧର୍ମା।
ଅବଶ୍ୟ ପଢ଼ିବେ ଯାହା ଲେଖିଗଲେ ଶର୍ମା।
CUTTACK.
Printed by B. P. Dan
at the Arunodoy Press,
1899.
ମୂଲ୍ୟ ୫ ॰ ୵

ପହିଲା ଗସ୍ତ ବିନା ମୂଲ୍ୟରେ ବିତରିତ ହେଲାବେଳେ ଦୋସରା ଗସ୍ତକୁ ଡାକ ଟିକଟ ଦେଲେ ପାଇପାରିବେ ବୋଲି ଉଲ୍ଲେଖ ଥିଲା। ଏହି ବହିର ଉପର ପୃଷ୍ଠାରେ ଲେଖା ଅଛି–

ନିନ୍ଦା ଯଶ ଗନ୍ଧ ବାସ ରୁହେ ନାହିଁ ଢଙ୍କା
ଉତ୍କଳ ଭ୍ରମଣଂ
ଏପରି କବିତା ପାଇଁ ନ ପଡ଼ଇ ଟଙ୍କା।

୧୮୯୯ ଓ ୧୯୧୬ ସଂସ୍କରଣର ମଲାଟରେ ଲେଖାଅଛି–

କେନଚିତ୍ ଉତ୍କଳପୁତ୍ରେଣ ବିରଚିତଂ
ଉତ୍ପତ୍ସ୍ୟତେଽସ୍ତି ମମକୋଽପି ସମାନଧର୍ମା
ଅବଶ୍ୟ ପଢ଼ିବେ ଯାହା ଲେଖିଗଲେ ଶର୍ମା।

ସେ ଯାହାହେଉ ଉତ୍କଳ ଭ୍ରମଣଂ ଯେ କେବଳ ଏକ ବ୍ୟଙ୍ଗ କବିତା ତା' ନୁହେଁ, ବରଂ ଏଥିରେ ଊନବିଂଶ ଶତାବ୍ଦୀର ଓଡ଼ିଶାର ଅସ୍ମିତାବୋଧ, ବୀରବନ୍ଦନା, ସାମାଜିକ ଚିତ୍ର ଓ ଚରିତ୍ରଗୁଡ଼ିକ ସୁନ୍ଦର ଭାବେ ପ୍ରଦର୍ଶିତ। ୧୯୧୬ ଭିତରେ ଉତ୍କଳ ଭ୍ରମଣଂ ଚାରିଥର ପ୍ରକାଶ ପାଇଥିଲେ ମଧ ଏହାର କୌଣସି ସଂସ୍କରଣ ପୂର୍ବ ସଂସ୍କରଣର ଅବିକଳ ପୁନଃ ମୁଦ୍ରଣ ନୁହେଁ। ପ୍ରତ୍ୟେକ ସଂସ୍କରଣରେ ପୂର୍ବର କିଛି ପାଠ ସଂଶୋଧିତ ଓ କିଛି ଅଧିକ ସଂଯୋଜିତ ହୋଇଛି। ଉତ୍କଳ ଭ୍ରମଣଂର ୧୮୯୨ ଓ ୧୯୧୬ ସଂସ୍କରଣର ପ୍ରାରମ୍ଭରେ ଶାରଳା ବନ୍ଦନା ରହିଛି, କିନ୍ତୁ ୧୮୯୯ ସଂସ୍କରଣରେ ବନ୍ଦନାକୁ ସଂପୂର୍ଣ୍ଣ ବାଦ ଦିଆଯାଇଛି।

ଉତ୍କଳ ଭ୍ରମଣଂରେ ହରିଶ ସରକାର, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ଶିବନାରାୟଣ, ରାଧାନାଥ, ରେଭେନ୍ସା ସାହେବ, ମଧୁବାବୁ, ଗଙ୍ଗାଧର, ମଧୁ ରାଓ, ଗୋବିନ୍ଦ ରଥ, ପ୍ୟାରୀ ଆଚାର୍ଯ୍ୟ, ସୁଢଳଦେବ, ନୀଳମଣି ବିଦ୍ୟାରତ୍ନ, ନନ୍ଦକିଶୋର ଦାସ, ନନ୍ଦନକିଶୋର ବଳ, ଦାମୋଦର ପଟ୍ଟନାୟକ, ସୁଲକ୍ଷଣା ଦେବୀ, ପ୍ୟାରୀ ସେନ, ଭିକାରୀ ପଟ୍ଟନାୟକ, ଗୌରୀଶଙ୍କର ରାୟ, ପଠାଣି ସାଆନ୍ତ, ବିଜୟ ମଜୁମଦାର ପ୍ରମୁଖ ଅନେକ ବ୍ୟକ୍ତିଙ୍କର ଗୁଣକୀର୍ତ୍ତନ କରାଯାଇଛି। ଅନେକ ରାଜା ଜମିଦାରଙ୍କ ବ୍ୟତିରେକେ ପାନ, ଗୁଣ୍ଡି ଆବିଷ୍କାର କରିଥିବା ଯାଜପୁରର ପାର୍ବତୀ ମା'ଙ୍କୁ ମଧ ସ୍ମରଣ କରାଯାଇଛି ଏବଂ ମଠ, ମନ୍ଦିର, ରାଜ୍ୟ, ବିମଳା, ଅରୁଣଖମ୍ଭ ପ୍ରଭୃତିର ବର୍ଣ୍ଣନା ରହିଛି। ଓଡ଼ିଶାର ଭୌଗୋଳିକ, ରାଜନୈତିକ ଓ ସାଂସ୍କୃତିକ ଇତିହାସର ବିଚକ୍ଷଣ ପ୍ରତିବେଦନ ଭାବରେ ଉତ୍କଳ ଭ୍ରମଣଂକୁ ଗ୍ରହଣ କରାଯାଇପାରେ।

ଉତ୍କଳ ଭ୍ରମଣଂରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଗୁଣକୀର୍ତ୍ତନ ଭିତରେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଓ ସଂସ୍କୃତି ଚର୍ଚ୍ଚାକୁ ଫକୀରମୋହନ ଅଗ୍ରାଧିକାର ଦେଇଛନ୍ତି। ଓକିଲ, ପଣ୍ଡା, ବ୍ରାହ୍ମଣମାନଙ୍କର ଜନଶୋଷଣ କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ସବୁ ଭିତରେ ଦେଶର ଉନ୍ନତି ହିଁ ତାଙ୍କର ଲକ୍ଷ୍ୟ। ଶେଷରେ ଯା'ର ନାମ ନାହିଁ ତା' ପାଇଁ ଦୁଃଖ ପ୍ରକାଶ କରିଛନ୍ତି କବି। ଉତ୍କଳ ଭ୍ରମଣଂ କେବଳ ଏକ କବିତା ନୁହେଁ, ସମକାଳ ଉତ୍କଳର ସାମାଜିକ ପ୍ରତିଲିପି। ବ୍ୟଙ୍ଗାତ୍ମକ ଶୈଳୀ ଅନ୍ତରାଳରେ ଉତ୍କଳର ସମାଜଜୀବନ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ସହିତ ଜନ ସମୁଦାୟର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ଏଥିରେ ପ୍ରତିଫଳିତ। ଏହା ଉତ୍କଳର ଅଭିନବ ଐତିହାସିକ ଦର୍ପଣ ଭାବରେ ପ୍ରତୀୟମାନ ହୁଏ।

ମୋ: ୯୪୩୭୨୫୬୧୭୬

## କବିତା

### ମେଘ ମୟୂଖ

ବଳରାମ ପୂଜାରୀ

ମୟୂର ଖୋଳାରୁ ଓହ୍ଲାଉଥିଲେ
କଷି କଷି ମେଘମାନେ,
ଦର ଧାଙ୍ଗଡ଼ୀ ଦେହରୁ
ଖସୁଥିଲେ ଓଦା ଓଦା ସ୍ମୃତି
କିନ୍ଦିରି କିନ୍ଦିରି ନାଚୁଥିଲେ
ଅଳସେଇ ପାଦର ପାଉଁଜିସବୁ,
'ଗୋଇ ଡଙ୍ଗର'ର ମଥାନରୁ
ଝରୁଥିଲା, 'ମେଘବତୀ'
ପାଦ ଅଳତାର ରତୁସ୍ନାତା ରଙ୍ଗ।

ଖିଲିଖିଲି ହସୁଥିଲେ
କୁଆଁରୀ ମେଘସବୁ
ଲୁଚକାଳି ଖେଳୁଥିଲା
ପାହାଡ଼ମୁହାଁ ଲଘୁଚାପ,
ଗର୍ଭୁଆ ଆକାଶରୁ ଉଙ୍କି ମାରୁଥିଲେ
ଛନଛନିଆ କୁନିକୁନି ମେଘଭ୍ରୂଣ,
ପେଟ ଚିରି ବାଟ ଖୋଜୁଥିଲେ
ମହଣ ମହଣ ମେଘମୁକ୍ତା,
ଆକାଶମୁହାଁ ହୋଇ
ପ୍ରତୀକ୍ଷା କରିଥିଲେ,
ଶୋଷରେ ଆଉଟୁପାଉଟୁ
'ଗୋଇ ଡଙ୍ଗର'ର ତମାମ
ମାଟିମଗ୍ନା ମଣିଷମାନେ।

ଦୂରରୁ ଶୁଭୁଥିଲା
ହାକୁମ ଧାବଲ, ହାକୁମ ଧାବଲ
ବିଜୁଳିକନ୍ୟା ଜାଳୁଥିଲେ
ସନ୍ଧ୍ୟା ଦୀପର
ଚକ୍ ଚକ୍ ସଞ୍ଜ ସଳିତା,
ଶଙ୍ଖନାଦରେ ସ୍ୱାଗତ କରୁଥିଲେ
ଘଡ଼ଘଡ଼ି ଓ ନୀଳ ଆକାଶର
ମୁହୂର୍ତ୍ତ ସବୁ
ଧୀରେ ଧୀରେ ଧାଙ୍ଗଡ଼ୀ ବସାରେ
ଘୋଡ଼ାଇ ହେଉଥିଲେ ମେଘମାନେ
ପାହାଡ଼ ସେପାରି ଗାଁର
ଧାଙ୍ଗଡ଼ା ବସାରୁ
ଶୁଭୁଥିଲା ଚିଙ୍କେଡ଼ିର ଯୁଆନ ସ୍ୱର
ମେଘ ସ୍ୱାଗତରେ,
ମେଳି ବାନ୍ଧିଥିଲେ 'ମେଘ ମୟୂଖ'ର
ଆଞ୍ଜୁଳାଏ ଗ୍ରନ୍ଥ ଗୀତିକା।

ମୋ: ୯୬୬୮୬୮୮୪୭୪

### ଊର୍ଦ୍ଧ୍ୱାୟନ

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଉଡ଼ନ୍ତା ମେଘ ପିଠିରେ
ସବାର ହେଲାପରେ ହିଁ
ଉଦାସିଆ ଜହ୍ନକୁ
ପଚାରିବାକୁ ହେବ ପ୍ରଶ୍ନଟିଏ
ନିରିମାଖି ତାରାମାନଙ୍କଠୁ
ଦାବି କରିବାକୁ ପଡ଼ିବ ଉତ୍ତର
ବହଳ ଅନ୍ଧାରରୁ ଖୋଜିବାକୁ ହେବ
ନିଦର ଠିକଣା।

ଶେଯ ଶୁଙ୍ଘୁ ଶୁଙ୍ଘୁ ଅଠା ଧରୁଥିବା ନିଦ
ଆଜି ଏତେ ତରଳ କାହିଁକି?
ଅନ୍ଧାର ଘୁଡ଼ୁଘୁଡ଼ିର ଭୟନାହିଁ ବୋଲି
ନା ସକାଳୁ ଉଠିବାର
ନିଘା ନାହିଁ ବୋଲି?
ଜଡ଼ରୁ ଉପରକୁ ଉଠିଲେ ହିଁ ତ
ପରଖି ହେବ ସ୍ଥିତି, ସମୟ
ଆଉ ସମ୍ଭାବନା ଦେଖିହେବ
ତଳେ କୁହୁଳୁଥିବା ପୃଥିବୀରେ
ଅସହାୟ ଆକ୍ରାମାକ୍ରା ପ୍ରାଣୀମାନଙ୍କୁ
ଚିହ୍ନଟ କରିହେବ
ବାଷ୍ପାୟିତ ଅବସୋସର ଘୂର୍ଣ୍ଣିବଳୟରୁ
କଡ଼ ଲେଉଟଉଥିବା ସମ୍ଭାବନା।

ମୋ: ୮୨୪୯୪୫୦୦୫୦

### ଶୁଭ୍ର ଚେତନା

ନରେଶ୍ ମଣ୍ଡଳ

ମୁଁ ଦେଖୁଛି କାରୁଣ୍ୟର ଚିତ୍ର
ଯନ୍ତ୍ରଣାର ମୁକ୍ତ ଆକାଶରେ।

ମୁଁ ଦେଖୁଛି
ସର୍ବହରା ଲୁହ
ସମ୍ପର୍କର
ମିଠା ଛଳନାରେ।

ମୁଁ ଦେଖୁଛି
ନିଃଶବ୍ଦ ମାଟିର ଛାତି
ଅନ୍ଧାରର ନିବିଡ଼ ଆଶ୍ଳେଷେ।
ଆସ ପ୍ରିୟା
ବିଶ୍ୱାସର କବିତା ଲେଖିବା ଆମେ
ବିବର୍ତ୍ତିତ କାଳର ଛାତିରେ।

ମୋ: ୯୪୩୮୩୨୧୪୫୪

## ପୁସ୍ତକ ପରିଚୟ

### ଆ' ଆଜି ନଈକୁ ଯିବା




**କବି:** ଅଜିତ୍ କୁମାର ମହାନ୍ତି
**ପ୍ରକାଶିକା:** ଶାନ୍ତି ମହାନ୍ତି, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ. ୨୦୦/–

ମୋଟ ୫୬ଟି କବିତାର ଏକ ତାଜା ସମ୍ଭାର ଅଜିତ୍‌ଙ୍କ କବିତା ସଂକଳନ ''ଆ' ଆଜି ନଈକୁ ଯିବା''। ପ୍ରେମ ଓ ଆବେଗର ମିଶ୍ର ଝଙ୍କାର ଅଧିକାଂଶ କବିତାରେ ଶୁଣିବାକୁ ମିଳେ। ଜୀବନର ଛୋଟଛୋଟ ଅନୁଭୂତିକୁ ସେ ରୁଞ୍ଜଫଳ ପରି ଚେତନାର ପତ୍ରଠୋଳାରେ ସାଇତି ଯାଇଛନ୍ତି, ସାନ ପିଲାଟିଏର ଅନାବନା ଅଥଚ ମନ ନ ଛାଡ଼ିଲା ପରି ଖେଳଘର ଯେପରି କବିତାଗୁଡ଼ିକ। ଶୈଳୀଗତ ନିଷ୍କପଟତା ହିଁ କବିଙ୍କ କବିତାକୁ ମହାର୍ଘ କରିଛି। ଦୁଇଟି ଦୃଷ୍ଟାନ୍ତ ନେବା– ୧. ''ତୁମ ହସ ପରି କେତେ ରବିବାର ହସେ/ ତୁମ ହାତ ଚା ଆଉ କଅଁଳ ହସରେ/ ଅଳପ ଅଳପ ତା'ର ତରଳ ଚାହାଣି/ ରବିବାର କଥା କୁହେ ପକ୍ଷୀଙ୍କ ଭାଷାରେ।'' (ରବିବାର, ପୃ:୧୨୬), ୨. ''ଥୁଣ୍ଟା ଗଛେ ଯୌବନର ମଳୟ ଖେଳାଇ/ ସେପ୍ଟେମ୍ବର ବୁଲିଗଲା ଗଳିରୁ ଗଳିକୁ x x/ କୁଟାରଂଗ ମେଘ ସବୁ ସିଗାରେଟ୍ ଧୂଆଁ/ ଫୁଙ୍କିଲେ ଉଡ଼ିଲେ କେତେ ଆକାଶ ଛାତିରେ/ ଚନ୍ଦ୍ରକୁ ଛାତିରେ ଯାକି ଅନ୍ଧାର ବସିଲା/ ତାରାମାନେ ଖୋଜିହେଲେ ବଉଦ ଫାଙ୍କରେ।'' (ସେପ୍ଟେମ୍ବର, ପୃ:୧୩୦)। ୧୯୬୮ରୁ ଗୀତି–କବିତା ଲେଖାରୁ କବିତାରେ ଶ୍ରୀଗଣେଶ କରିଥିବା ଅଜିତ୍‌ଙ୍କ କବିତା ସମ୍ପର୍କରେ ଅଭିମତ ଦେଇ ଡ. ଶରତ ଚନ୍ଦ୍ର ରଥ ଲେଖିଛନ୍ତି: ଅଜିତ୍‌ଙ୍କର ''କେତେକ କବିତା ବେଶ୍ କିଛି ଉଚ୍ଚତର ଭାବଭୂମିରୁ ଅବତରି ଆସିଲା ପରି ମନେହୁଏ।'' ଏହା ଅତିରଂଜନ ନୁହେଁ। ବହିର କବିତାଗୁଡ଼ିକ ଯେତିକି ମନର, ତତୋଽଧିକ ଚେତନାର– ଏଥିରେ ସନ୍ଦେହ ନାହିଁ।

### ତୁଳନାତ୍ମକ ସାହିତ୍ୟ ସଂଚୟନ




**ସମ୍ପାଦନା:** ଡ. ବିଦ୍ୟୁତ୍‌ପ୍ରଭା ସାହୁ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ. ୪୦୦/–

ବହିଟି ସମ୍ପର୍କରେ ସଂପାଦିକା କହନ୍ତି: ''ସମାଲୋଚନା ସାହିତ୍ୟର ବହୁ ପଛରେ ରହିଛି ତୁଳନାତ୍ମକ ସାହିତ୍ୟ। ଯାହା କିଛି ବି ବିଭିନ୍ନ ସମୟରେ ପତ୍ରପତ୍ରିକାରେ ପ୍ରକାଶ ପାଉଛି, ସେ ସବୁର ସଂକଳନ ଉପଲବ୍ଧ ହେଉନି। ତୁଳନାତ୍ମକ ସାହିତ୍ୟ ଅଧ୍ୟାପନା ସମୟରେ ଏହି ଅଭାବ ଅନୁଭବ କରିହୁଏ। ଏହି ଦୃଷ୍ଟିରୁ 'ତୁଳନାତ୍ମକ ସାହିତ୍ୟ ସଂଚୟନ'ର ପରିକଳ୍ପନା।'' ବହିଟିରେ ମୋଟ ୨୬ଟି ନିବନ୍ଧ ସ୍ଥାନିତ। ବଙ୍ଗଳା, ହିନ୍ଦୀ, ସଂସ୍କୃତ ଓ ଇଂଲିଶ୍ ଭାଷାର ସାହିତ୍ୟକୃତି ସହ ଓଡ଼ିଆ ଭାଷାର ସାହିତ୍ୟକୃତିକୁ ମିଳାଇ ବହୁ ଯଶସ୍ୱୀ ଓ ନବୀନ ସମାଲୋଚକ ସେମାନଙ୍କର ତୁଳନାତ୍ମକ ଦୃଷ୍ଟିକୋଣକୁ ଉଜାଗର କରିଛନ୍ତି ନିଜନିଜର ନିବନ୍ଧରେ। ବହିରେ ସ୍ଥାନିତ କତିପୟ ନିବନ୍ଧକାର ହେଲେ– ବୈଷ୍ଣବ ଚରଣ ସାମଲ, ଗୋବିନ୍ଦଚନ୍ଦ୍ର ଉଦ୍‌ଗାତା, ହୃଷୀକେଶ ମଲ୍ଲିକ, ସଂଘମିତ୍ରା ମିଶ୍ର, ବାଉରୀବନ୍ଧୁ କର, ଗିରିବାଳା ମହାନ୍ତି, କୁମୁଦ ଚନ୍ଦ୍ର ଦାଶ, ବିଜୟ କୁମାର ମହାନ୍ତି, ବିଦ୍ୟୁତ୍‌ପ୍ରଭା ସାହୁ, ବସନ୍ତ କୁମାର ପଣ୍ଡା, ତାରିଣୀ ଚରଣ ଦାସ, ଭଗବାନ ଜୟସିଂହ, ମନୋରଞ୍ଜନ ପ୍ରଧାନ ଓ ସଂଘମିତ୍ରା ଭଞ୍ଜ ପ୍ରମୁଖ। ୩୫୨ ପୃଷ୍ଠାର ଏହି ବହିଟି ତୁଳନାତ୍ମକ ସାହିତ୍ୟ ବିଚାର କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଂଗ୍ରହ। ବହିଟିର ପ୍ରସାର ଆଶାଜନକ ହେବ ବୋଲି ମନେହୁଏ।

## ମାନସିକ

ସୁଦର୍ଶନ ମହାପାତ୍ର

ମିନି ଗଳ୍ପ



ଯେତେ କହିଲେ ବି ବୋଉ ଶୁଣିଲା ନାହିଁ। ତା'ର ଏକା ଜିଦି ସେ ପାହାଚ ଚଢ଼ି ଠାକୁରଙ୍କ ପାଖକୁ ଯିବ। ନହେଲେ ନାତି ପାଇଁ କରିଥିବା ତା'ର ମାନସିକ କାଳେ ପୂରା ହେବନି। ଶହେରୁ ଅଧିକ ପାହାଚ କେମିତି ଚଢ଼ିବ ବୋଉ ଏ ବୟସରେ! ସହଜେ ତା'ର ଆଣ୍ଠୁ ଧରୁଛି! ହେଲେ ତା'ର ଇଚ୍ଛା ଆଗରେ ଆମେ ହାର ମାନିଲୁ। ଆମେ କେତେ ପାହାଚ ଆଗେଇ ଗଲାବେଳକୁ ବୋଉ ଥାଏ ପଛରେ। ଏଣେ ପହଡ଼ ପଡ଼ିଯିବାର ସମୟ ହୋଇଯାଉଛି। ଏତିକି ବେଳକୁ ପୁଅ କହିଲା, ସେ ଜେଜେମା'ଙ୍କ ହାତ ଧରି ସାଙ୍ଗରେ ଯିବ। ବୋଉ ଖୁସି ହୋଇଗଲା। ଜେଜେମା' ଆଉ ନାତିକୁ ପଛରେ ଛାଡ଼ି ଆମେ ଆଗେଇ ଗଲୁ। ମନ୍ଦିର ପାଖରେ ପହଞ୍ଚି ବିଶ୍ରାମ ନେଲୁ। ଦଶ ପନ୍ଦର ମିନିଟ୍ ଗଲା। ବୋଉର ଦେଖା ନାହିଁ। ତେଣେ କାଳେ ପହଡ଼ ପଡ଼ିଯିବ ବୋଲି ବ୍ୟସ୍ତ ଲାଗୁଥାଏ। ଆହୁରି ଦଶ ପନ୍ଦର ମିନିଟ୍ ପରେ ବୋଉ ଦୃଶ୍ୟ ହେଲା। ଏଃ କ'ଣ ! ବୋଉ କାଖେଇଛି ତା' ପାଞ୍ଚ ବର୍ଷର ନାତିକୁ! ଉପର ପାହାଚରେ ବୋଉ କାଖରୁ ଓହ୍ଲାଇ ଅତି ଖୁସିରେ ଆମ ପାଖକୁ ଦୌଡ଼ି ଆସିଲା ପୁଅ। ମୁଁ ତଟସ୍ଥ! ବୋଉ ଗୋଟାଦେହ ଅବସ୍ଥା ଦେଖି ମୋ' ଛାତିରୁ କୋହ ଉଠୁଥିଲା। ମୋ' ପାଟିରୁ ଖାଲି ଶବ୍ଦଟିଏ ବାହାରିଲା 'ବୋଉ...ତୁ...!' ଆଖିରୁ ଲୁହ ଦି' ଟୋପା ଖସି ପଡ଼ିଲା। ଇଚ୍ଛା ଥିଲେ ବି ମୁଁ ବୋଉକୁ କୋଳକୁ ଉଠେଇ ନେଇ ପାରୁ ନ ଥିଲି। ଦୁନିଆରେ ସତରେ କେହି କ'ଣ ମାଆ ଋଣ ଶୁଝିପାରେ ନା ମୁଁ ଶୁଝି ପାରିଥା'ନ୍ତି...! ବୋଉ ମାନସିକ ପୂରଣ କରିବାକୁ ସେ ପର୍ଯ୍ୟନ୍ତ ଠାକୁରଙ୍କ ଦୁଆର ଖୋଲାଥିଲା...!

ମୋ: ୯୪୩୮୧୭୫୫୪୨

## କାଳକାଳକୁ

### ''ଖୋଲା ହସ ଓ ବିମଳ ପରିହାସଠୁଁ ବଳି ସଂକ୍ରାମକ ପୃଥିବୀରେ ଆଉ କିଛି ନାହିଁ''

–ଚାର୍ଲସ ଡିକେନ୍ସ



**ଚାର୍ଲସ ଡିକେନ୍ସଙ୍କ** ଜନ୍ମ ଇଂଲଣ୍ଡର ଲ୍ୟାଣ୍ଡ୍‌ପୋର୍ଟରେ, ୭ ଫେବୃୟାରୀ ୧୮୧୨ରେ ଓ ପରଲୋକ ହିଗ୍‌ହାମ୍‌ରେ, ୯ ଜୁନ୍ ୧୮୭୦ରେ। ପ୍ରକାଶିତ ପ୍ରମୁଖ ଉପନ୍ୟାସ: 'ଦ ପିକ୍‌ୱିକ୍ ପେପର୍ସ' (୧୮୩୭), 'ଓଲିଭର୍ ଟ୍ୱିଷ୍ଟ' (୧୮୩୮), 'Bleak House' (୧୮୫୩) ଓ 'ଗ୍ରେଟ୍ ଏକ୍ସପେକ୍‌ଟେସନ୍‌ସ' (୧୮୬୧)ରେ। ଡିକେନ୍ସ ବୃତ୍ତିରେ ସାମ୍ବାଦିକ ଥିଲେ ବି ଇଂଲିଶ୍ ସାହିତ୍ୟ ବିଶେଷକରି ଉପନ୍ୟାସ ସାହିତ୍ୟକୁ ତାଙ୍କର ଅବଦାନ ଅବିସ୍ମରଣୀୟ। ସେ କହନ୍ତି: ''ଆମ ଲୁହ ପାଇଁ ଆମେ କେବେ ବି ଲଜ୍ଜିତ ହେବା ନାହିଁ– ଏତକ ଆମର ଲୋଡ଼ା।'' ଏକଥା ବି କହନ୍ତି ଯେ, ''ଗୋଟିଏ ବକ୍ତୃତାଠାରୁ ଢେର୍ ଭଲ ଗୋଟିଏ ବିନୟୀ ଶବ୍ଦ।''

## ବର୍ଷାଦିନ ଓ ଶଜନା ଶାଗ ତରକାରି

ରୋଜାଲିନ୍ ବେହେରା

ଗଳ୍ପ

ପିଲାଦିନେ ଖୁବ୍ ମଜା ଲାଗୁଥିଲା ବର୍ଷା ହେଲେ। ଅତି ଜୋରରେ ବର୍ଷା ହେଲେ ସ୍କୁଲ ନ ଯିବାର ଯୋଉ ଖୁସି...! କିନ୍ତୁ ମୋ' ଜୀବନରେ ଏଇ ବର୍ଷାଦିନ ଗୋଟିଏ ବ୍ୟତିକ୍ରମ। ନାନାଦି ଅଭାବ ଅନଟନ ଭିତରେ ପିଲାଦିନଟା ଏତେ କଷ୍ଟରେ ବିତିଛି ଆଉ ତନ୍ମଧ୍ୟରୁ ଏହି ବର୍ଷା ଦିନର ଯୋଉ ହଟହଟା, ଭାରି ଅସହ୍ୟ ଲାଗେ ସତରେ। ତେଣୁ ବର୍ଷାକୁ ଦେଖିଲେ ଆଜି ବି ମନଟା ଆପେ ଆପେ ଝାଉଁଳି ପଡ଼େ ଅତୀତର ସେହି ଅନୁଭୂତିର ଝାସରେ। ସେସବୁ ଦିନମାନଙ୍କର ଅସୁବିଧାଗୁଡ଼ିକ ଜଳଜଳ ହେଇ ଆଖିରେ ନାଚିଯାଏ। ହଁ, ଅବଶ୍ୟ ମୋ' ସାନଭାଇ ଓ ସାନ ଭଉଣୀ ଭୁଲିଯିବେଣି, ପିଲା ମନ ଏବେ ଆଉ ଏତେଟା ମନେ ନ ଥିବ ସେମାନଙ୍କର, କିନ୍ତୁ ମୋତେ ତ ସବୁକିଛି କାଲିଭଳି ଅନୁଭବ ହେଉଛି।

ବେଶୀ ବଡ଼ ନ ହେଲେ ବି ପାଞ୍ଚ ପ୍ରାଣୀଙ୍କୁ ନେଇ ଆମ ପରିବାର। ପାଞ୍ଚ ବି କହିଲେ ଭୁଲ୍ ହେବ, କାରଣ ସେତେବେଳେ ମୋ' ଭାଇ ପୂରା ଛୋଟ ଥାଏ, ଛୋଟବେଳୁ ହିଁ ସେ ବାହାରକୁ ପାଠ ପଢ଼ିବା ପାଇଁ ଚାଲି ଯାଇଥାଏ। ଅତଏବ ଆମେ ଚାରିପ୍ରାଣୀ। ଗରିବ କହିଲେ ହିଁ ଠିକ୍ ହେବ, କାରଣ ମଧ୍ୟବିତ୍ତ ପରିବାର ବୋଲାଉଥିଲେ ବି ସେଭଳି କୌଣସି ସ୍ଥିତି ପରିଲକ୍ଷିତ ହୁଏ ବୋଲି କାହିଁ ମୁଁ ଭାବୁନାହିଁ। ଘର ଚଳେଇବା ପାଇଁ ବାପା ସମୟ ଅନୁସାରେ ବିଭିନ୍ନ ପନ୍ଥା ଅବଲମ୍ବନ କରିଥା'ନ୍ତି। କେତେବେଳେ ବେପାରବଣିଜ ତ କେତେବେଳେ ଚାଷବାସ। ତେବେ ବେଶୀ ସମୟ ସେ ମାଛ ଧରିବା ଭଳି କୁଳବେଉସା ଖଣ୍ଡକ ଜାବୁଡ଼ି ଧରିଥିଲେ। ବାପା ଖୁବ୍ ପରିଶ୍ରମ କରୁଥିଲେ, କିନ୍ତୁ ଭାଗ୍ୟ ଆଉ ଭଗବାନ୍‌ଙ୍କ ସୁଦୟା ସତେଯେମିତି କେତେବେଳେ ହେଲେ ତାଙ୍କ ଉପରେ ନ ଥିଲା। ବୋଧହୁଏ ସେଇଥିପାଇଁ ସବୁବେଳେ ସବୁ କ୍ଷେତ୍ରରେ ବିଫଳତା ତାଙ୍କ ପିଛା ଛାଡୁ ନ ଥିଲା।

ଏଇ ମାଛ ଧରିବା କାମଟା ବୋଉକୁ ଜମା ବି ସୁହାଏନି। ସବୁବେଳେ କହେ 'ମୀନ ମାରିଲେ ହୀନ, ପକ୍ଷୀ ମାରିଲେ ଦରିଦ୍ର'। ଉତ୍ତରରେ ବାପା କୁହନ୍ତି– 'ସେ କୁଳେ ଜନ୍ମଦେଲା ମୋତେ, ସ୍ୱଭାବ ଛାଡ଼ିବି କେମନ୍ତେ'...। ଅର୍ଥାତ୍ କୈବର୍ତ୍ତ କୁଳରେ ଜାତ ହୋଇ ଏଇ କୁଳବେଉସା ଖଣ୍ଡକ ଛାଡ଼ିବି କେମିତି! ତେବେ ବାପା ଯାହାଯେମିତି କରି ଆମମାନଙ୍କୁ ଚଳାନ୍ତି ପିଲାଦିନେ। କିନ୍ତୁ ଏଇ ମାଛ ଧରିବା କାମଟା ବର୍ଷାଦିନେ ପୂରା ଠପ୍ ହେଇଯାଏ, ଯେତେବେଳେ ନଈରେ ପାଣି ବଢ଼ିଯାଏ, ସୁଅ ପଡ଼େ ଆଉ ମାଛ ତ ମାଛ କୁଜି ଗେଣ୍ଡାଟିଏ ବି ଜାଲରେ ପଡ଼େନି। ଦିନଯାକ ଖେପା ପକେଇ ପକେଇ ହାତ କାନ୍ଧ ସିନା ପରାସ ହୁଏ, ହେଲେ ଖାଲେଇ ଭରେନି। ଘର ଚଳେଇବା ଭାରି ଅସହ୍ୟ ହେଇପଡ଼େ। ତରକାରି–ପତ୍ର ପାଇଁ ବି ପରିବା ଯୋଡ଼ାଏ ମିଳେନି, ହାଟବାଟ ତ ସାତସପନ। ସେତେବେଳେ ବାଡ଼ିରେ ଗୋଟିଏ ଶଜନାଗଛ ଥାଏ। ଛୁଇଁଟେ ଖାଇବା ଆଶାରେ ବୋଉ ଭାରି ଯତନରେ ବଢ଼େଇଥାଏ ଯେ ହେଲେ ଗଛଟାରେ ପତ୍ର ଛନଛନିଆ ଖୁନ୍ଦି ହେଇପଡ଼େ ସିନା ଫୁଲକଷିଟାଏ ଦିନେ ହେଲେ ଧରେନାହିଁ। ସେଥିପାଇଁ ବୋଉ ସବୁବେଳେ ଭାଗ୍ୟକୁ ଦୋଷ ଦିଏ। ଯାହା ହେଉ ବର୍ଷାଦିନେ କିନ୍ତୁ ଗଛଟା ଭାରି କାମରେ ଆସେ। ପରିବାପତ୍ର ନ ଥାଏ ବୋଲି ସେଇ ଶଜନା ଶାଗରେ ନିଇତି କିଛି ନା କିଛି ଖାଇବା କରି ଘର ଚଳେଇନିଏ ବୋଉ। କୋଉ ଦିନ ରସୁଣ ବଘରା ମୁଗ ଡାଲି ଶଜନା ତ କୋଉ ଦିନ ଆଳୁ ସାରୁ ଶଜନା ବେସର ଝୋଳ। କୋଉ ଦିନ ଜହ୍ନିକଷିଟାଏ ବାରିରୁ ଛିଡ଼େଇ ଶଜନାପତ୍ର ମିଶା ଭାଜି ଦେଇଥିବ ତ କୋଉ ଦିନ ଚୁଲିରେ କେଇ ପାଖୁଡ଼ା ସେକି ପକେଇ ରସୁଣ କଞ୍ଚାଲଙ୍କା ଦେଇ ଚକଟି ପକେଇଥିବ। ତା' ହାତର ରୋଷେଇ ନିଶ୍ଚିତ ଭାବରେ ଅଲଗା ଥିଲା। ଓଳିରୁ ଦିନଯାକ ମେଘ ଗଡୁଥିବ, ରୋଷେଇଘର ଚାଳିଆ ଉପରୁ ରସୁଣ ବଘରାର ବାସ୍ନାମିଶା ଧୂଆଁ ଆକାଶକୁ ଦେଖେଇ ହେଇ ଉପରକୁ ଉଠୁଥିବ ପାଣି କଖାରୁ ଲଟାର ଫାଙ୍କ ଦେଇ। ଦିନ ଦି'ଟା ବେଳକୁ ବାପା ଜାଲରୁ ଆସିଯାଆନ୍ତି। ଦିନଯାକର ବର୍ଷା ମାଡ଼ ସାଙ୍ଗକୁ ପାଣିରେ ପଶି ମାଛ ଧରିବା ହେତୁ ବାପାଙ୍କ ପାଦ ହାତ ସବୁ ଧଳା କଟକଟ ଶ୍ୱେତାଳିଆ ଦେଖାଯାଉଥିବ। ବୋଉ ଭାତ ସାଙ୍ଗରେ ବାମ୍ଫ ଉଠୁଥିବା ଶାଗ ତରକାରି ତାଟିଆଏ ବାଢ଼ିଦିଏ। କୋଉ ଦିନ ଯଦି ସମୟଥିବ ବାପାଙ୍କ ମାଛ ଖାଲେଇରୁ ଚେପେଟା ଚେପେଟା କେରାଣ୍ଡିରୁ ଯୋଡ଼େ ଚୁଲି କନ୍ଧାରେ ପୋଡ଼ି ଦେଇ ସୋରିଷ ତେଲ ଲଙ୍କାମିଶା ଚକଟିଦିଏ। ହାତରେ କଣ୍ଟା ଫୁଟିଯିବା ଡରରେ ଆସ୍ତେ ଆଙ୍ଗୁଠି ମାରିମାରି ଆମେ ଦୁଇ ଭଉଣୀ ଖାଉ। ବାହାରେ ବର୍ଷାର ରାଜୁତି ଆଉ ଘରେ ଶାଗ ତରକାରିର ସହାନୁଭୂତି ଭିତରେ ବାପା ବୋଉଙ୍କ କଷ୍ଟଗୁଡ଼ା ଲେସି ହେଇଯାଏ ମୋ' ମନରେ ସବୁବେଳେ।



ଆଜି ଆମେ ଖୁବ୍ ବଡ଼ ହେଇଗଲୁଣି। ଏବେ ସବୁକିଛି ସ୍ୱପ୍ନ ହେଇଗଲାଣି। ସବୁକିଛି ପାଇବାକୁ ଯାଇ ବୋଧେ ଆମେ ବହୁତ କିଛି ହରେଇ ଦେଇଛୁ। ନା ଅଛି ରୋଷଚାଳିଆ, ନା ଶଜନା ଶାଗର ସୁଖ, ନା ଅଛି ବାପାଙ୍କ ମାଛଧରା, ମାଛ ଖାଲେଇ, ଚେପେଟା କେରାଣ୍ଡି, ନା ଚୁଲି କନ୍ଧା ପାଉଁଶ, ନା ଅଛନ୍ତି ଜୀବନରେ ସେଇ ମୂଲ୍ୟବାନ୍ ମଣିଷଟି...ବାପା...।

ମୋ: ୭୩୭୭୯୩୧୩୮୦

# ପ୍ରତିଶ୍ରୁତି ପରେ ସ୍କୁଲରୁ ଖୋଲିଲା ତାଲା

■ ଗ୍ରାମବାସୀଙ୍କ ଦ୍ୱାରା ସ୍କୁଲ ଫାଟକରେ ତାଲା ପଡିବା ଘଟଣା
■ ନୂତନ କୋଠରି ନିର୍ମାଣ ହେବ

ରିଆମାଳ,୨୪।୬(ଡି.ଏନ.ଏ)

ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ରିଆମାଳ ବିଡିଓ ପ୍ରତିଶ୍ରୁତି ଦେବା ପରେ ଶୁକ୍ରବାର ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ନୂଆଁଡିହିସ୍ଥିତ ପଞ୍ଚପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଛି। ଶୁକ୍ରବାର ସନ୍ଧ୍ୟାରେ ରିଆମାଳ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ସହକାରୀ ଯନ୍ତ୍ରୀ ଜଓରୁ ଏକ୍କା ଓ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପଣ୍ଡାଙ୍କ ସହିତ ପଞ୍ଚପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ପରିଚାଳନା କମିଟିର କେତେକ ସଦସ୍ୟ, ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଡିଓ ଜୟପୁରିଆ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଦୃଷ୍ଟିରୁ କଂକ୍ରିଟ ଛାତ ବିଶିଷ୍ଟ ୨ଟି କୋଠରୀ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଆଗାମୀ ଜୁଲାଇ ୧ରୁ ଉକ୍ତ କୋଠରୀ ଦ୍ୱୟର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା। ସୂଚନାଯୋଗ୍ୟ ଯେ, ରିଆମାଳ ବ୍ଲକ ଅନ୍ତର୍ଗତ ନୂଆଁଡିହି ସ୍ଥିତ ପଞ୍ଚପାଲି ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ଯୋଜନାରେ ରୂପାନ୍ତରିତ କରାଯାଇଥିଲା। ମାତ୍ର ଅତନ୍ତ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବାରୁ ସେତେବେଳେ ଅଞ୍ଚଳବାସୀ ଓ ଅଭିଭାବକ ଯନ୍ତ୍ରୀମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ନିର୍ମାଣ କାର୍ଯ୍ୟରେ କୌଣସି ସୁଧାର ପରିଲକ୍ଷିତ ହୋଇ ନ ଥିଲା। ଫଳରେ ଗତ ଜୁନ ୧ ତାରିଖ କାଳବୈଶାଖି ପ୍ରଭାବରେ ବିଦ୍ୟାଳୟର ନବ ନିର୍ମିତ ଟିଣ ଛାତ ପବନରେ ଉଡାଇନେଇଥିଲା। ୨୯୨ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ସ୍ଥାନାଭାବ ଦେଖାଦେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାଧହୋଇ ଗୋଟିଏ କୋଠରୀରେ ୨ଟି ଲେଖାଏଁ ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢାଉଥିଲେ। ଫଳରେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେବା ସହ ଭଙ୍ଗା ଟିଣ ଛାତର ମରାମତି ନେଇ ରିଆମାଳ ବ୍ଲକ କର୍ତ୍ତୃପକ୍ଷଙ୍କ ଉଦାସୀନତା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ରଣଜିତ ଓ ଅଭିଭାବିକା ମହିମା ପଟ୍ଟାଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଗ୍ରାମବାସୀ, ଅଭିଭାବକ ଅଭିଭାବିକା ଓ ପରିଚାଳନା କମିଟିର କର୍ମକର୍ତ୍ତା ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କୁ ବାହାରକୁ ଡାକି ଆଣିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଗୁରୁବାର ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଉକ୍ତ ବିଦ୍ୟାଳୟକୁ ଯାଇ ସେମାନଙ୍କୁ ବୁଝାଶୁଝା କରିବାସହ ଅବିଳମ୍ବେ ଭଙ୍ଗା ଟିଣଛାତର ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ନୂଆଁ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଫାଟକରୁ ତାଲା ଖୋଲାଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଫଳରେ ଗୁରୁବାର ମଧ୍ୟ ବିଦ୍ୟାଳୟରେ ପାଠପଢା ସମ୍ଭବ ହୋଇ ନ ଥିଲା।

## ରାଉରକେଲାରେ ସିଆଇଟିୟୁର ବିକ୍ଷୋଭ



ସିଆଇଟିୟୁ ପକ୍ଷରୁ ବିଶ୍ରାଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ,୨୪।୬

କେନ୍ଦ୍ର ସରକାରଙ୍କ ମନମୁଖି ଯୋଜନାକୁ ବିରୋଧ କରି ସହରରେ ଥିବା ସିଆଇଟିୟୁ ପକ୍ଷରୁ ଶୁକ୍ରବାର ବିଶ୍ରାଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭକୁ ସହରରେ ଥିବା ବିଭିନ୍ନ ଶ୍ରମିକ ସଙ୍ଗଠନ ସମର୍ଥନ ଜଣାଇଛି। କେନ୍ଦ୍ର ମୋଦି ସରକାର ମନମୁଖୀ ଅଗ୍ନିପଥ ଯୋଜନାକୁ ଯଥାଶୀଘ୍ର ପ୍ରତ୍ୟାଖାନ କରିବା ସହ ବେକାର ଯୁବତୀ ଓ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ଠିକା ନିଯୁକ୍ତି ପ୍ରଥା ବିଲୋପ କରିବା ଦାବିରେ ଶତାଧିକ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭକୁ ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇଟିୟୁସି, ଆରଡବ୍ଲୁସି ଭଳି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ସମର୍ଥନ ଜଣାଇଥିଲେ। ଏଥିରେ ବରିଷ୍ଠ ଶ୍ରମିକ ନେତା ବିମାନ ମାଇତି, ରାଜ କିଶୋର ପ୍ରଧାନ, ଦିଗମ୍ବର ମହାନ୍ତି, ସୁବାସ ଲେଙ୍କାଙ୍କ ସହ ସମସ୍ତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଳରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ଦେବଗଡ଼,୨୪।୬(ଡି.ଏନ.ଏ.): ଗୁରୁବାରଠାରୁ ନିଖୋଜ ଥିବା ଜଣେ ମତ୍ସ୍ୟଜୀବୀଙ୍କର ମୃତଦେହ ଶୁକ୍ରବାର କପାସିରା ନାଳରୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ମତ୍ସ୍ୟଜୀବୀଙ୍କ ନାମ କୈଳାସ ପେଣ୍ଡେଇ(୪୫) ଓ ତାଙ୍କ ଘର ନିକଟସ୍ଥ ଅଶୁରଖୋଳ ଗ୍ରାମରେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ କୈଳାସ ଅନ୍ୟ ଦିନ ଭଳି ଗୁରୁବାର ପୂର୍ବାହ୍ନରେ ମଧ ଜାଲ ଧରି ମାଛ ମାରିବା ପାଇଁ ନିକଟସ୍ଥ କପାସିରା ନାଳକୁ ଯାଇଥିଲେ। ମାତ୍ର ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ମାତ୍ର ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ କୈଳାସଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ମୃତଦେହ କପାସିରା ନାଳରେ ଭାସୁଥିବା କେତେକ ଗ୍ରାମବାସୀ ଦେଖିବାକୁ ପାଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏନେଇ କୈଳାସଙ୍କ ସ୍ତ୍ରୀ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ସୂଚନା ଦେବାପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ବେକରେ ଫାଶି ଲଗାଇ ଦୁଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ, ୨୪।୬: ରାଉରକେଲା ସହରରେ ପୃଥକ୍ ପୃଥକ୍ ଦୁଇଟି ଆତ୍ମହତ୍ୟା ଘଟଣା ଘଟିଛି। ସହରର ଝିରପାଣି ଓ ରଘୁନାଥପାଲି ଅଞ୍ଚଳରେ ବାସ କରୁଥିବା ଦୁଇଜଣ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଦ୍ୱୟ ହେଲେ ଝିରପାଣିର ସୁବ୍ରତ କୁମାର ନାୟକ(୩୫) ଓ ରଘୁନାଥପାଲି ଅଞ୍ଚଳର ରାଜକିଶୋର ଜୋଜୋ(୨୫)। ଏନେଇ ଝିରପାଣି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫।୨୨) ଓ ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୮।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଝିରପାଣି ଥାନା ଅନ୍ତର୍ଗତ ସେକ୍ଟର-୨୦ ସ୍ଥିତ ପମ୍ପହାଉସ୍ ବସ୍ତିରେ ସୁବ୍ରତ ପରିବାର ସହ ବାସ କରୁଥିଲେ। ଗତ କିଛି ଦିନ ହେବ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହୁ ନ ଥିଲା। ଗୁରୁବାର ରାତି ସାଢ଼େ ୯ଟାରେ ତାଙ୍କ ଘର ଲୋକେ ଖାଇ ସାରି ଶୋଇପଡିବା ପରେ ବିଳମ୍ବିତ ରାତିରେ ସୁବ୍ରତ ଘର ପାଖରେ ଥିବା ଏକ ଚାକୁଣ୍ଡା ଗଛରେ ବେକରେ ଗାମୁଛା ବାନ୍ଧି ଝୁଲି ଯାଇଥିଲେ। ସକାଳ ହେବାରୁ ପରିବାର ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଥିଲା। ସେହିଭଳି ରଘୁନାଥପାଲି ଥାନା ଅନ୍ତର୍ଗତ ଗାଡ଼ାଟୋଲା ବସ୍ତିରେ ରାଜ କିଶୋର ପରିବାର ସହ ବାସ କରନ୍ତି। କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ଘରେ ସମସ୍ତେ ଶୋଇପଡ଼ିଥିବାବେଳେ ଘର ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଏକ ଚୁନି ବାନ୍ଧି ଝୁଲି ଯାଇଥିଲେ। ଏହା ମା' ଆଶାଦେବୀ ଦେଖି ପୋଲିସକୁ ଖବର ଦେଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ଚିକିତ୍ସାଲାଗି ଆରଜିଏଚ୍‌କୁ ଅଣା ଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବଢୁଛି ବାଲି ଚୋରା ଚାଲାଣ: ୫୦ ହଜାର ଜରିମାନା

କୁତ୍ରା, ୨୪।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅଞ୍ଚଳରେ ବାଲି ଚୋରା ଚାଲାଣ ବଢୁଛି। ବାରମ୍ବାର ଚଢ଼ାଉ କରାଯାଉଥିଲେ ମଧ୍ୟ ବାଲି ଚାଲାଣ ଥମୁନାହିଁ। ଶୁକ୍ରବାର ଜଉରାମୁଣ୍ଡାଠାରେ ଚଢ଼ାଉ କରାଯାଇ ଦୁଇଟି ଗାଡିରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଓ ତାଙ୍କ ସହଯୋଗୀମାନେ କୁତ୍ରା ବ୍ଲକ ଅନ୍ତର୍ଗତ ଜଉରାମୁଣ୍ଡାଠାରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଦୁଇଟି ଗାଡି ଚୋରା ବାଲି ଚାଲାଣ କରି ନେଉଥିବାବେଳେ ସେମାନଙ୍କ ହାବୁଡ଼ରେ ପଡ଼ିଥିଲା। ଗୋଟିଏ ଗାଡିରୁ ୨୫ ହଜାର ଲେଖାଏଁ ଫାଇନ ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ତେବେ ଏହି ଅଞ୍ଚଳରେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରି ହେଉଛି। ଚୋରା ବାଲି ଚାଲାଣକାରୀଙ୍କ ପକେଟ ଗରମ ହେଉଥିବାବେଳେ ରାଜସ୍ୱ ବିଭାଗର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। କୁତ୍ରା ଅଞ୍ଚଳରେ ୩ଟି ବାଲି ଘାଟ ରହିଛି। ତରକେରା, ଉଡ଼ରୁମା ଓ ସମଲେଇମୁଣ୍ଡା। ଏହି ବାଲିଘାଟରୁ ବାଲି ଚୋରା ଚାଲାଣକାରୀମାନେ ଚଞ୍ଚକତା କରି ଚୋରି କରୁଛନ୍ତି। ଆଗାମୀ ଦିନରେ ଆହୁରି କଡାକଡି ଭାବରେ ଚଢ଼ାଉ କରିବା ସହିତ ଧରାପଡିଲେ ମୋଟା ଅଙ୍କର ଜରିମାନା ଆଦାୟ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ତହସିଲଦାର। ତେବେ ଚୋରା ବାଲିଚାଲାଣ ଦୃଢ଼ ଭାବେ ଦମନ କରାଯିବ ବୋଲି ଜଣାପଡ଼ିଛି।



ଚୋରା ବାଲି ବୋଝେଇ ଟ୍ରକ୍।

## ସାନପୁଅ, ନାତି ଠେଙ୍ଗା ମାଡ଼ରେ ବୃଦ୍ଧା ମୃତ

ନାକଟିଦେଉଳ,୨୪।୬(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ପିତାବଳୀଖମଣ ଗ୍ରାମରେ ଶୁକ୍ରବାର ସାନପୁଅ ଓ ନାତିର ଠେଙ୍ଗା ମାଡ଼ରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁକାନ୍ତି ମୁଣ୍ଡା (୭୦)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗ୍ରାମର ବଟ ମୁଣ୍ଡାଙ୍କ ଦୀର୍ଘବର୍ଷ ହେବ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ସୁକାନ୍ତି ମୁଣ୍ଡା ରହୁଥିଲେ। ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ଝିଅକୁ ଅନ୍ୟତ୍ର ବିବାହ କରିଦେଇଛନ୍ତି। ଦୁଇପୁଅ ଅନ୍ୟତ୍ର ରହୁଥିବାବେଳେ ସାନପୁଅ ପରମେଶ୍ୱର ମୁଣ୍ଡା ପରିବାର ସହ ମା'ଙ୍କ ପାଖରେ ରହୁଥିଲେ। ଗୁରୁବାର ସକାଳୁ ବାଡ଼ିରେ ଲାଉ ଡ଼ଙ୍କକୁ ନେଇ ସୁକାନ୍ତିଙ୍କ ଜ୍ୱାଇଁ ଓ ପୁଅ ମଧ୍ୟରେ ଝଗଡ଼ା ହୋଇଥିଲା। ସୁକାନ୍ତି ଏଥିରେ ହସ୍ତକ୍ଷେପ ପରି କଳିଝଗଡା ନ କରିବାକୁ ଉଭୟଙ୍କୁ ତାଗିଦ କରିଥିଲେ। ରାତିରେ ପୁଣି ମା'ପୁଅ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପରମେଶ୍ୱର ଓ ତାଙ୍କ ପୁଅ ପଦ୍ମଚରଣ ଏକ ଠେଙ୍ଗାରେ ସୁକାନ୍ତିଙ୍କ ମୁଣ୍ଡକୁ ପିଟିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁକାନ୍ତିଙ୍କୁ ନାକଟିଦେଉଳ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରୁ ତାଙ୍କୁ ରେଢ଼ାଖୋଲ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ଶୁକ୍ରବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରିଛି। କିସିଣ୍ଡା ପୋଲିସ ପରମେଶ୍ୱର ଓ ପଦ୍ମଚରଣଙ୍କୁ ଥାନାରେ ଅଟକ ରଖିଛି।

## ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଧାୟିକା କୁସୁମ



ସୁନ୍ଦରଗଡ,୨୪।୬(ଡି.ଏନ.ଏ.)

ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କୁ ଶୁକ୍ରବାର ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଦିଲ୍ଲୀଠାରେ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଭିନ୍ନ ଦଳର ପ୍ରତିନିଧି ସହ ଅନେକ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁ ତାଙ୍କର ନାମାଙ୍କନପତ୍ର ଦାଖଲ କରିବା ପୂର୍ବରୁ ବିଧାୟିକା କୁସୁମ ଟେଟେ ତାଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଛନ୍ତି। ଏହି ସମୟରେ ଭାଜପାର ୧୨ଜଣ ବିଧାୟକଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

## ମୁକ୍ତ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ



ମୁକ୍ତ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନୀ ମୁହୂର୍ତ୍ତ।

ରାଉରକେଲା ଅଫିସ,୨୪।୬

ରୋଟାରୀ କ୍ଲବ ଅଫ ରାଉରକେଲା ଷ୍ଟିଲସିଟି ଓ ରିମ୍ସ ରୋଟାକ୍ଟର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଅଲମ୍ପିକ ଦିବସ ଉପଲକ୍ଷେ ରିମ୍ସ ପରିସରରେ ମୁକ୍ତ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ରୋଟାରୀ କ୍ଲବର ସଭାପତି ଅର୍ଚ୍ଚନା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଡ. ଅଞ୍ଜନା ମୈତ୍ରଙ୍କ ଆବାହକତ୍ୱରେ ଆୟେଜିତ ଏହି କାର୍ଯ୍ୟକ୍ରମରେ ରିମ୍ସ ଅଧକ୍ଷା ନଳନୀପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଦେବାଂଶୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା ସହଯୋଗ କରିଥିବାବେଳେ ପ୍ରକାଶ କୁମାର ସାହୁ ଓ ପ୍ରଦୀପ କୁମାର ବିଶୋଇ ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ବିଭିନ୍ନ ବର୍ଗରେ ୬୬ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲୁଥିବାବେଳେ ରୋଟାରୀଆନ ପୁତୁଲ ରାହୁଲ, ସନ୍ଧ୍ୟା ସାହୁ, ଚମ୍ପାବତୀ ଅମାନ, ଦିଲୀପ ଭୁଇ, ସଞ୍ଜୀତ ଛୋଟରାୟ, ବିକାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦନ୍ତାରିବାହାଲରେ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ


ଦନ୍ତାରିବାହାଲରେ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା କରାଯାଉଛି।

ଦେବଗଡ଼,୨୪।୬(ଡି.ଏନ.ଏ)

ବାରକୋଟ ବ୍ଲକ ଦନ୍ତାରୀବାହାଲରେ ଶୁକ୍ରବାର ଶ୍ରୀଗୁଣ୍ଡିଚାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ମନ୍ଦିରର ପ୍ରତିଷ୍ଠାତା ଗୋବିନ୍ଦ ବାଘ ତାଙ୍କ ସ୍ତ୍ରୀ କୁମୁଦିନୀ ବାଘଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୁରୋହିତ ଭାବେ ଭାଗିରଥୀ ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଷ୍ଠା ଉତ୍ସବ ଆୟୋଜନରେ ଗ୍ରାମ୍ୟ କମିଟିର ମୀନକେତନ ବେହେରା, ହୃଦାନନ୍ଦ ନାୟକ, ଦୈତାରୀ ଚରଣ ସାହୁ, ବିରଞ୍ଚି ଭୋଇ, ଉମେଶ ଚନ୍ଦ୍ର ସାମଲ, କେଶବ ବେହେରା, ଅରୁଣ କୁମାର ନାୟକ, ଦୟାନିଧି ବାରିକ ଓ ସ୍ୱରୂପା ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଦନ୍ତାରିବାହାଲ ଗ୍ରାମର ବଦାନ୍ୟ ବ୍ୟକ୍ତି ଗୋବିନ୍ଦ ବାଘ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମାଣ ନିମନ୍ତେ ନିଜର ଦାନ କରିବା ସହ ମନ୍ଦିର ନିର୍ମାଣର ସମସ୍ତ ଖର୍ଚ୍ଚ ନିଜେ ବହନ କରିଥିବାରୁ ଅଞ୍ଚଳବାସୀ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗାଡି ଚୋରି ଉଦ୍ୟମ ବିଫଳ

କୁତ୍ରା, ୨୪।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖଡକୁରବାହାଲ ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଏକ କାର ଚୋରି ହେବା ସହିତ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗ୍ରାମର ସୁରେଶ ଚନ୍ଦ୍ର ସାହୁ ତାଙ୍କ ଚାରିଚକିଆ ଗାଡିକୁ ତାଙ୍କ ଘର ନିକଟରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରଖିଥିଲେ। ତେବେ ସକାଳୁ ତାଙ୍କ ବାପା ଫୁଲତୋଳିବା ପାଇଁ ଯିବାବେଳେ ଗାଡିଟି ନ ଥିବାର ଦେଖିବାକୁ ପାଇଥିଲେ। ପରେ ଚାରିଆଡେ ବହୁ ଖୋଜାଖୋଜି କରିବା ପରେ ଜଣାପଡିଲା ଗାଡିଟି ଗାଁଠାରୁ କିଛିଦୂରରେ ଥିବା ପତ୍ରାଟୋଲି ପାଖରେ ରାସ୍ତା କଡ଼ରେ ଓଲଟି ପଡିଛି। କେହି ଦୁର୍ବୃତ୍ତ ଗାଡିଟିକୁ ଚୋରି କରି ନେଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡ଼ି ଚୋରି ଉଦ୍ୟମ ବିଫଳ ହୋଇଛି।

## ରାଉରକେଲାରେ ଏନ୍‌ଡିଆରଏଫ୍ ଟିମ୍‌ର ମକଡ୍ରିଲ

ରାଉରକେଲା ଅଫିସ,୨୪।୬

ସାମ୍ଭବ୍ୟ ଦୁର୍ବିପାକକୁ ମୁକାବିଲା କରିବା ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ଶୁକ୍ରବାର ବ୍ରାହ୍ମଣୀ ନଦୀରେ ଏକ ମକ୍‌ଡ୍ରିଲର ଆୟୋଜନ କରାଯାଇଥିଲା। ରାଉରକେଲା ପ୍ରଶାସନ ଓ ରାଉରକେଲା ମହାନଗର ନିଗମ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ବନ୍ୟା ପରିସ୍ଥିତିରେ ଲୋକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ନିମନ୍ତେ ଏନ୍‌ଡିଆରଏଫ୍‌ର ସଦସ୍ୟମାନେ ଏହି ମକ୍‌ଡ୍ରିଲ କରି ଲୋକମାନଙ୍କୁ ସଚେତନ କରାଇଥିଲେ। ବନ୍ୟାବେଳେ ବଢ଼ି ପାଣିରେ ବୁଡି ଯାଇଥିବା ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ତାହା ଏଥିରେ ପ୍ରଦର୍ଶନ କରାଯାଇଥିଲା। ଏହି ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍‌ର ୨୩ଜଣ ଯବାନ ଯୋଗ ଦେଇଥିଲେ। ଏହା ସହ ଓଡ୍ରାଫ, ସିଭିଲ ଡିଫେନ୍ସ, ଅଗ୍ନିସମ ବାହିନୀର କର୍ମଚାରୀମାନେ ଉପସ୍ଥିତ ରହି ମକଡ୍ରିଲରେ ସହଯୋଗ କରିଥିଲେ। ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ରାଉରକେଲା ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ପୋଲିସ ଡିଏସ୍‌ପି ଏସ୍.ଏନ୍. ସାମାତ, ଏନ୍‌ଡିଆର୍‌ଏଫ୍‌ର ଇନ୍ସପେକ୍ଟର ଉଦିତ କୁମାର ଦୀକ୍ଷିତ, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ପିଏ ଆଇଟିଡିଏ ସରୋଜିନୀ ପ୍ରସନ୍ନ କୁଲୁ, ରାଉରକେଲା ଡେପୁଟି କମିଶନର ଗୌରବମୟ ପ୍ରଧାନ, ସୀତାଦେବୀ ମାଝୀ, ଆସିଷ୍ଟାଣ୍ଟ କମିଶନର ସୁକାନ୍ତ କୁମାର ବେହେରା, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ପାଣିରେ ବୁଡି ଯାଇଥିବା ଲୋକଙ୍କୁ ଉଦ୍ଧାର କରାଯିବା ନେଇ ମକ୍‌ଡ୍ରିଲ କରାଯାଉଛି।

## କୃଷକ ସଂଘ-ଜିଲାପାଳ ଆଲୋଚନା

ଦେବଗଡ଼, ୨୪।୬(ଡି.ଏନ.ଏ)

ଦେବଗଡ଼ ଜିଲା କୃଷକ ସଂଘ ପକ୍ଷରୁ ନୂତନ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଜିଲାର ଚାଷ ଓ ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡିଛି। ଦେବଗଡ଼ ଜିଲା କୃଷକ ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କରଙ୍କ ନେତୃତ୍ୱରେ ସମ୍ପାଦକ ଯଯାତି କିଶୋର ବିଶ୍ୱାଳ, ଆଇନ ଉପଦେଷ୍ଟା ବିଭୂତି ଗଙ୍ଗଦେବ, ତିଲେଇବଣି ବ୍ଲକ କୃଷକ ସଂଘ ସଭାପତି ଅଚ୍ୟୁତାନନ୍ଦ ନାୟକ, ବ୍ଲକ କୃଷକ ସଂଘ ସଭାପତି ବିନୋଦ ବିହାରୀ ନାୟକ ଓ ରିଆମାଳ ବ୍ଲକ ଉପସଭାପତି ପବିତ୍ର ମୋହନ ପ୍ରଧାନଙ୍କ ସମେତ ତିଲେଇବଣି ବ୍ଲକ ସମ୍ପାଦକ ପ୍ରମୋଦ କୁମାର ସାହୁ, ଉପେନ୍ଦ୍ର କୁମୁରା, ନିହାରରଞ୍ଜନ ପଟେଲ, ଭବାନୀ ଭୋଇ, ମିଡିଆ ସେଲ ସଂଯୋଜକ ସଂଗ୍ରାମଜିତ କୁଅଁର ଓ ସନ୍ତୋଷ କୁମାର ନାୟକଙ୍କ ସମେତ ଜିଲାର ବହୁ କୃଷକ ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ଜିଲାପାଳ ଉପାଧ୍ୟାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ସେମାନେ ଜିଲାର ଚାଷ ଏବଂ ଚାଷୀମାନଙ୍କର ସମସ୍ୟା ଓ ଏଗୁଡିକର ସମାଧାନ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିବା ସହ ଜିଲାରେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଏବଂ ଭିନ୍ନକ୍ଷମମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ନିବେଦନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି।


କୃଷକ ସଂଘର କର୍ମକର୍ତ୍ତା ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଖମ୍ବରେ ଚଢ଼ିଥିବା ଯୁବକଙ୍କ ମୃତ୍ୟୁ

**ବଡ଼ଗାଁ, ୨୪।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରୁନଗା ଗ୍ରାମରେ ଶୁକ୍ରବାର ଅପରାହ୍ନ ୫ଟାରେ ବିଦ୍ୟୁତ୍ ଖମ୍ବରେ ଚଢି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହି ଗ୍ରାମର ଶିବଦତ୍ତ ପ୍ରଧାନ(୨୨) ଘରକୁ ବିଦ୍ୟୁତ୍ ତାର ସଂଯୋଗ ପାଇଁ ଖମ୍ବରେ ଚଢିଥିବାବେଳେ ବିଦ୍ୟୁତ୍ ଆଘାତରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲ ନିଆଯାଇଥିଲା।ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ନୂତନ ଜିଲାପାଳଙ୍କୁ ଜିଲା ଅମଲା ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୨୪।୬(ଡି.ଏନ.ଏ.):** ନୂତନ ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲିଙ୍କୁ ଓଡିଶା ଅମଲା ସଂଘ ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘର ଜିଲା ଶାଖା ସମ୍ପାଦକ ପ୍ରଭାସ ଚନ୍ଦ୍ର ମିଶ୍ର ଓ ରାଜ୍ୟ ଶାଖା ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ନୂତନ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଜିଲାପାଳ ବିଭିନ୍ନ ବିଷୟରେ ପଚାରି ବୁଝିବା ସହ ଅମଲାମାନଙ୍କ ସହଯୋଗରେ ପ୍ରଶାସନ ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସଂଘର କର୍ମକର୍ତ୍ତା ପ୍ରଦୀପ ବହିଦାର, କୌତୁକ ମେହେର, ଜଗବନ୍ଧୁ ଆଚାର୍ଯ୍ୟ, ପ୍ରଦୀପ ପୁରୋହିତ, ରଣଜୀତ ପୋଢ, ମନମୋହନ ପଟ୍ଟନାୟକ ଏବଂ ସୁନ୍ଦରଗଡ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ସମ୍ପାଦକ ସୁଦାମ ଚରଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜ୍ ଏଗ୍ରିମେଣ୍ଟ ହୋଇନି, ରୟାଲ୍ଟି ଅସୁଲ

**ହୀରାପୁର ବାଲିଘାଟ**

■ ଟ୍ରାକ୍ଟର ମାଲିକ ସଂଘ ତହସିଲଦାରଙ୍କୁ ଫେରାଦ

**ଲୋଇସିଂହା,୨୪।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ହୀରାପୁର ବାଲିଘାଟରୁ ବେଆଇନଭାବେ ରୟାଲଟି ଅସୁଲ କରାଯାଉଛି । ପ୍ରାୟ ଏକ ବର୍ଷ ହେଲା ଜଣେ ବ୍ୟକ୍ତି ଏପରି ରୟାଲଟି ଆସୁଲ କରି ଟ୍ରାକ୍ଟର ମାଲିକମାନଙ୍କୁ ଶୋଷଣ କରୁଛନ୍ତି। ହେଲେ ତହସିଲ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅପରପକ୍ଷେ ଉକ୍ତ ବାଲିଘାଟରୁ ବାଲି ଉଠାଣ କରୁଥିବା ଟ୍ରାକ୍ଟରକୁ ଧରପଗଡ କରି ତହସିଲ ପକ୍ଷରୁ ଜରିମାନା ଆଦାୟ ସହ ମାଲିକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ଟ୍ରାକ୍ଟର ମାଲିକ ସଂଘ ସଭାପତି ପ୍ରଫୁଲ୍ଲ ବେହେରାଙ୍କ ନେତୃତ୍ୱରେ ଡ୍ରାଇଭର ଓ ମାଲିକମାନେ ତହସିଲଦାର ସଂଘମିତ୍ରା କାଲୋଙ୍କୁ ଫେରାଦ ହୋଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଇନର ଆଶ୍ରୟ ନେବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଟ୍ରାକ୍ଟର ମାଲିକ ସଂଘ ଅଭିଯୋଗ ଅନୁଯାୟୀ, ଗତବର୍ଷ ମାର୍ଚ୍ଚ ମାସରେ ତହସିଲ ପକ୍ଷରୁ ଉକ୍ତ ବାଲିଘାଟ ନିଲାମ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ଲୋଇସିଂହା ଟ୍ରାକ୍ଟର ମାଲିକ ସଂଘ ସାମିଲ ହୋଇ ଦ୍ୱିତୀୟ ବିଡର ଥିଲେ । ହେଲେ ବଲାଙ୍ଗୀରର ଜନୈକ ବ୍ୟକ୍ତି ଅଧିକ ଡାକରେ ଉକ୍ତ ବାଲିଘାଟକୁ ଲିଜ୍‌ରେ ନେଇଛନ୍ତି। ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଲିଜ୍ ବାବଦ ଏଗ୍ରିମେଣ୍ଟ ହୋଇନାହିଁ। ଅପରପକ୍ଷେ ଘରୋଇ ଏବଂ ଠିକା କାମ ପାଇଁ ଉକ୍ତ ଘାଟରୁ ବାଲି ଉଠାଣ ବେଳେ ଜଣେ ବ୍ୟକ୍ତି ଲିଜଧାରୀ କହି ଟ୍ରାକ୍ଟର ପିଛା ୧୫୦ଟଙ୍କା ରୟଲଟି ବାବଦ ରସିଦ କାଟୁଛନ୍ତି। ରସିଦରେ ଠିକାଦାରଙ୍କ ନାମ ଉଲ୍ଲେଖ କରାଯାଇନାହିଁ। ଉକ୍ତ ଘାଟରୁ ବାଲି ବୋଝେଇ କରି ଆସୁଥିବା ଟ୍ରାକ୍ଟରକୁ ବିଭିନ୍ନ ସମୟରେ ତହସିଲଦାର ଧରପଗଡ କରି ଜରିମାନା ଆଦାୟ କରୁଛନ୍ତି। ଟ୍ରାକ୍ଟର ମାଲିକମାନଙ୍କ ପ୍ରତି ବାରମ୍ବାର ଜରିମାନା ଆଦାୟକୁ ନେଇ ସଂଘ ସଦସ୍ୟମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଲିଜ ବାବଦ ଏଗ୍ରିମେଣ୍ଟ ହୋଇ ନ ଥିବାରୁ ସରକାର ରାଜସ୍ୱ ହରାଉଛନ୍ତି। ଲିଜଧାରୀ ଏବଂ ତହସିଲ କର୍ତ୍ତୃପକ୍ଷ ଭିତିରି ବୁଝାମଣା କରି ଟ୍ରାକ୍ଟର ମାଲିକମାନଙ୍କୁ ଶୋଷଣ କରାଯାଉଥିବା ସଂଘ ସଭାପତି ବେହେରା ଏବଂ ସମ୍ପାଦକ ଯଶୋବନ୍ତ ନାଗ କହିଛନ୍ତି। ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।



ତହସିଲଦାରଙ୍କୁ ଫେରାଦ ହେବାକୁ ଆସିଥିବା ଟ୍ରାକ୍ଟର ମାଲିକ ସଂଘ କର୍ମକର୍ତ୍ତା।

# ମଦ ବିକ୍ରି ବନ୍ଦ ପାଇଁ ଥାନା ଘେରିଲେ ମହିଳା




ମଦ ବନ୍ଦ ବିରୋଧ କରି ମହିଳା ଗୋଷ୍ଠୀ ତୁଷୁରା ଥାନା ଘେରାଉ କରିଛନ୍ତି।

**ଦେଓଗାଁ,୨୪।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ବ୍ରାହ୍ମଣୀପଲାରେ ମଦବିକ୍ରି ବନ୍ଦ ପାଇଁ ମହିଳା ଗୋଷ୍ଠୀ ଅଣ୍ଟା ଭିଡିଛନ୍ତି। ସେମାନେ ଶୁକ୍ରବାର ତୁଷୁରା ଥାନା ଘେରାଉ କରିଛନ୍ତି। ଏଥିସହ ସମ୍ପୃକ୍ତ ମଦ କୁଟିଆ ବିକ୍ରି ବନ୍ଦ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି। ସୂଚନାନୁସାରେ ଯୁଗେଶ୍ୱର ରଣାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ବୈଠକରେ ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଆଲୋଚନା କରାଯାଇଥିଲା। ବାରମ୍ବାର ସମ୍ପୃକ୍ତ କୁଟିଆଙ୍କୁ ମଦ ବିକ୍ରି ବନ୍ଦ କରିବା ପାଇଁ ତାଗିଦ କରିଆସୁଥିଲେ ହେଁ ସେମାନେ କର୍ଣ୍ଣପାତ କରୁ ନ ଥିବାରୁ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶୁକ୍ରବାର ଥାନା ଘେରାଉ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମଦବିକ୍ରି ବନ୍ଦପାଇଁ ପଦକ୍ଷେପ ନେବାକୁ ଥାନା ପକ୍ଷରୁ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ବିରିଙ୍ଗାଟୋଲି ସମବାୟ ସମିତି ସଭାପତି ହେଲେ ଆଲେକଜାଣ୍ଡର ଡୁଙ୍ଗଡୁଙ୍ଗ

**କୁତ୍ରା ୨୪।୬ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ସମବାୟ ସମିତିର ସଭାପତି ଭାବେ ଆଲେକଜାଣ୍ଡର ଡୁଙ୍ଗଡୁଙ୍ଗ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଲେକଜାଣ୍ଡର ସଭାପତି ଭାବରେ ନିର୍ବାଚିତ ହେବା ପରେ କହିଛନ୍ତି, ଆଗାମୀ ଦିନରେ ଅଞ୍ଚଳର ଚାଷୀମାନେ କିଭଳି ଭାବରେ ସୁବିଧାରେ ବିହନ, ସାର, ଋଣ ପାଇପାରିବେ ସେ ଦିଗରେ କାମ କରିବେ ବୋଲି କହିଥିଲେ। ତା ସହିତ ଧାନ ବିକ୍ରି ସମୟରେ ଚାଷୀ ହଇରାଣ ନ ହେବେ ଏବଂ ଏହାର ଉଚିତ ମୂଲ୍ୟ ପାଇ ପାରିବେ ସେ ଦିଗରେ ଧ୍ୟାନ ଦେବେ। ବିରିଙ୍ଗାଟୋଲି ଲ୍ୟାମ୍ପସରେ ମୋଟ ୧୫ଜଣ ନିର୍ଦ୍ଦେଶକ ମଧ୍ୟରୁ ୧୪ ଜଣ ନିର୍ଦ୍ଦେଶକ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ଆଲେକଜାଣ୍ଡର ଡୁଙ୍ଗଡୁଙ୍ଗଙ୍କ ବିରୋଧରେ କେହି ନାମାଙ୍କନ କରି ନ ଥିବାରୁ ନିର୍ବାଚନ ଅଧିକାରୀ କିତ୍ରୋ ପ୍ରଧାନ ତାଙ୍କୁ ସଭାପତି ଭାବେ ଘୋଷଣା କରିଥିଲେ । ଘୋଷଣା ହେବା ପରେ ଡୁଙ୍ଗଡୁଙ୍ଗ ସମର୍ଥକ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥିଲା । ବାଣ ଫୁଟାଇ, ରଙ୍ଗଖେଳି ତାଙ୍କ ସମର୍ଥକମାନେ ଖୁସି ଜାହିର କରି ଥିଲେ। ଡୁଙ୍ଗଡୁଙ୍ଗ ବିଜୟୀ ଘୋଷଣା ହେବା ପରେ ଏହି ବିଜୟର ଶ୍ରେୟ ଦେଇଛନ୍ତି ବର୍ତ୍ତମାନ ବିଜୁ ଜନତା ଦଳର ଉପସଭାପତି ତଥା ପୂର୍ବତନ ବିଧାୟକ ମଙ୍ଗଳା କିଷାନ ଏବଂ ତାଙ୍କ ସହଯୋଗୀ କୁତ୍ରା ବ୍ଲକ ଉପାଧ୍ୟକ୍ଷ କୋସ୍ତୁଭ ଭୂଷଣ ହୋତା, ଜିଲା ପରିଷଦ ସଭ୍ୟା ପିଙ୍କି ସୁନ୍ୟାନୀ, ପ୍ରଶ୍ନ ବାଘ,ପିତାମ୍ବର ନାୟକ, ଭୋଜରାଜ ଦାନୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ସମ୍ଭବ ହୋଇ ପାରିଲା ବୋଲି ସେ କହିଥିଲେ।



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଈ, ୩ ବାଛୁରୀ ମୃତ

**ଭବାନୀପାଟଣା,୨୪।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ଭେଲାଗାଁ ରାଧାକୃଷ୍ଣ ମନ୍ଦିରଠାରୁ ନଦୀଖଣ୍ଡି ଯିବା ରାସ୍ତାରେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ସକାଳରେ ଗୋଟିଏ ଗାଈ ଓ ୩ ବାଛୁରୀର ମୃତ୍ୟୁ ହୋଇଥିବା ଜଣାପଡିଛି। ଗୁରୁବାର ରାତିଠାରୁ ଏହି ବିଦ୍ୟୁତ୍ ତାର ଛିଣ୍ଡି ପଡିଥିବା ବେଳେ ସ୍ଥାନୀୟ ଲୋକେ ଏହା ଦେଖି ନିକଟସ୍ଥ ବଡକୁଟ୍ଟ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ହେଲେ ବିଦ୍ୟୁତ୍ ବିଭାଗ ଖବର ପାଇ ମଧ୍ୟ ଏହାକୁ କର୍ଣ୍ଣପାତ କରି ନ ଥିଲେ। ବିଭାଗର ଅବହେଳା ପାଇଁ ଏପରି ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏପଟେ ପ୍ରଶାସନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ମୃତ ଗାଈ ବାଛୁରୀ ମାଲିକ ନିବେଦନ କରିଛନ୍ତି।

# କୃଷି ଅଧିକାରୀଙ୍କୁ ଫେରାଦ ହେଲେ ଚାଷୀ



କୃଷି ଅଧିକାରୀଙ୍କୁ ଚାଷୀମାନେ ଫେରାଦ ହେଉଛନ୍ତି।

**ବରଗଡ଼ ଅଫିସ୍,୨୪।୬:** ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ଗତ ରବିଚାଷ ଭଳି ଏଥର ଯେଭଳି ସାର ଯୋଗାଣ ସମସ୍ୟା ଉପୁଜିବ ନାହିଁ ସେ ଦିଗରେ ପଦକ୍ଷେପ ନେବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ବରଗଡ଼ ଶାଖା ଦାବି କରିଛି। ଶୁକ୍ରବାର ସଂଗଠନର ଏକ ପ୍ରତିନିଧି ଦଳ ଜିଲା କୃଷି ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ୩ଦଫା ଦାବି କରାଯାଇଛି। ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରା ନ ଯାଇ ଜମିର ପଟ୍ଟା କିମ୍ବା ମାଲଗୁଜାରୀ ରସିଦର ଜେରକ୍ସ କପି ଦେଖି ସାର ଯୋଗାଣ, ଜିଲାର ପ୍ରତ୍ୟେକ ଲାଇସେନ୍ସପ୍ରାପ୍ତ ଦୋକାନରେ ସାରର ଦର ତାଲିକା ଝୁଲାଇବା ଏବଂ ସରକାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟ ନେଉଥିବା ଦୋକାନୀଙ୍କୁ ତାଗିଦ୍ ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ସଭାପତି ଷଡ଼ାନନ ଭୋଇ, ସମ୍ପାଦକ ଲୋକେଶ୍ୱର ପ୍ରଧାନ, ମହାଦେବ ମହାପାତ୍ର, ବସନ୍ତ ବାରିକ, ହାରାଧନ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ



ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ଅବସରରେ କର୍ମକର୍ତ୍ତାମାନେ ପତାକା ଉତ୍ତୋଳନ କରୁଛନ୍ତି।

**ଦେଓଗାଁ,୨୪।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲିରେ ଗୌଣ୍ଡୱାନା ଗୌଣ୍ଡ ସମିତି ପକ୍ଷରୁ ଶୁକ୍ରବାର ରାଣୀ ଦୁର୍ଗାବତୀଙ୍କ ଜିଲାସ୍ତରୀୟ ବଳିଦାନ ଦିବସ ପାଳିତ ହୋଇଯାଇଛି। ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପସଭାପତି କାମରାଜ ମଲ୍ଲିକ, ମହାସଚିବ ରାମଚନ୍ଦ୍ର ଧରୁଆ, ସଚିବ ଦାଶରଥି ଭୋଇ ପ୍ରମୁଖ ଯୋଗଦେଇ ବଳିଦାନ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପୁରନ୍ଦର ଭୋଇ ସଭା ସଂଯୋଜନା ଓ ସୁଦାମ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦଶରଥ ଛତ୍ରିଆ, ଭୁବନେଶ୍ୱର ଧରୁଆ, ଚନ୍ଦ୍ରଶେଖର କୁଅଁର, କରୁଣାକର ଧରୁଆ, ଗୋପାଳ ପଧାନ, କଳାକାହ୍ନୁ ଧରୁଆ, ହେମ ସାଗର ଭୋଇ, ଧନଞ୍ଜୟ ଭୋଇ, ସୋନୁ ଭୋଇ, ସହଦେବ ଧରୁଆ, ଇଶ୍ୱର ଭୋଇ,ଟିକେଲାଲ ଧରୁଆ, ସୁବଳ ଧରୁଆ, ଶତ୍ରୁଘ୍ନ ମଲ୍ଲିକ, ଅହଲ୍ୟା ମଲ୍ଲିକ, ଫୁଲଣା ମରେହି ପ୍ରମୁଖ ଉପସ୍ଥିତ ଥିଲେ।

---

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 275 / 2021**

**AXIS BANK LIMITED** ...APPLICANT
-Vrs.-
**Nihar Ranjan Dash & others** ...DEFENDANTS

To
1. **Nihar Ranjan Dash,** Near Industrial Estate Jagatpur, Cuttack, Odisha-753002.
2. **Anasuya Dash,** Friends Colony, Bajrakbati Road, Near Kalyani Apartment, Cuttack, Odisha-753002.

**DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 275/2021** in the Court of the Debts of Recovery Tribunal at Cuttack for recovery of **Rs.49,46,658/- ( Rupees Forty Nine Lakhs Forty Six Thousand Six Hundred Fifty Eight Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of May, 2022.**

Sd/-
REGISTRAR

---

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 270 / 2021**

**AXIS BANK LIMITED** ...APPLICANT
-Vrs.-
**M/s. Shiv Shankar Agency & others** ...DEFENDANTS

To
1. **M/s Shiv Shankar Agency,** Represented through its Partners Shri Uttam Kumar Barik & Smt. Babita Rani Das, At: Plot No.: A-48, Kharavela Nagar, Bhubaneswar, Dist.: Khurda, Pin-751001
2. **Shri Uttam Kumar Barik, Partner,** M/s. Shiv Shankar Agency At: Plot No.: A-48, Kharavela Nagar, Bhubaneswar, Dist.: Khurda, Pin-751001
3. **Smt. Babita Rani Das,** Partner, M/s. Shiv Shankar Agency, At: Plot No.: A-48, Kharavela Nagar, Bhubaneswar, Dist.: Khurda, Pin-751001

**DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 270/2021** in the Court of the Debts of Recovery Tribunal at Cuttack for recovery of **Rs.41,23,381.20 ( Rupees Forty One Lakhs Twenty Three Thousand Three Hundred Eighty One and Twenty Paisa Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14/07/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of May, 2022.**

Sd/- M. K. Patnaik
REGISTRAR

---

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 881 / 2019**

**AXIS BANK LIMITED** ...APPLICANT
-Vrs.-
**Alok Swain & others** ...DEFENDANTS

To
1. **Mr. Alok Swain,** S/o.: Narendra Kumar Swain, At: Plot No.: 252/2672, 4th Floor, Srabani Apartment, Bhimpur, Bhubaneswar, Odisha-751020.
2. **Mrs. Susmita Jena,** W/o.: Mr. Alok Swain, D/o.: Abadhuta Jena, At/P.O./P.S.: MIG-A/16, BRIT Colony, Nayapalli, Bhubaneswar, Dist.: Khurda-751012, Odisha.
3. **Amrita Builders & Developers Private Limited,** Represented through its Managing Director, 3rd Floor, Amrita Shopping Arcade, C.R.P. Square, Nayapalli, Bhubaneswar-751012, Odisha,

**DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 881/2019** in the Court of the Debts of Recovery Tribunal at Cuttack for recovery of **Rs.41,16,814/- ( Rupees Forty One Lakh Sixteen Thousand Eight Hundred Fourteen)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **26.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **6th day of June, 2022**

Sd/- M. K. Patnaik
REGISTRAR

---

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 311 / 2021**

**AXIS BANK LIMITED** ...APPLICANT
-Vrs.-
**M/s. Verein Hut Construction Pvt. Ltd. & others** ...DEFENDANTS

To
D-2. **Mr. Pranabesh Das @ Dash,** Managing Director, M/s Verein Hut Construction Pvt. Ltd, Plot No.: A-347, Saheed Nagar, PO/P.S.: Saheed Nagar, Bhubaneswar, Dist.: Khurdha, 751007
D-4. **Mr. Sachi Kant Jena,** S/o.: Niranjan Jena, At: S3/39, Niladree Vihar, Chandrasekharpur, Bhubaneswar-751015
D-5. **Mr. K.s. Rao,** S/o.: Late Kutti Kuppala Chandrrayya, C/O: Lala Mohan Gupta, Near Community Health Centre, College Road, RC Pur Bazar, Cuttack-752050

**DEFENDANTS**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 311/2021** in the Court of the Debts of Recovery Tribunal at Cuttack for recovery of **Rs.32,34,022.37 ( Rupees Thirty Two Lakhs Thirty Four Thousand Twenty Two and Thirty Seven Paisa Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of May, 2022.**

Sd/- M. K. Patnaik
REGISTRAR

---

**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, CUTTACK-753014
**O.A. No. 330/21**

**Odisha Gramya Bank** .... Applicant
Vs.
**Sri Sasanka Sekhar Pradhan & Ors.** ... Defendants

1. **Sri Sasanka Sekhar Pradhan,** aged about 39 yrs., S/o- Late Laxmidhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
2. **Subasini Pradhan,** aged about 67 yrs., W/o- Late Laxmidhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
3. **Sri Ashok Kumar Pradhan,** aged about 48 yrs., S/o- Late Laxmidhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
4. **Smt. Sulochana Pradhan,** aged about 40 yrs., W/o- Sri Ashok Kumar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
5. **Smt. Charulata Pradhan,** aged about 37 yrs., W/o- Sri Sasanka Sekhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
6. **Sri Manas Ranjan Mohapatra,** aged about 39 yrs., S/o- Dwijendra Mohapatra, At: Dahijanga, PO: Ratilo, P.S: Nimapara, District: Puri-752106.

...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the Applicant has instituted **OA No. 330/21** in the Debts Recovery Tribunal, Cuttack for recovery of **Rs.20,91,483.17** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.07.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **09th day of Month June of 2022.**

**By orders of this Tribunal**
**Sd/- Registrar**
**Debts Recovery Tribunal**

---

See Career Appointment on every Wednesday & Saturday

ସମ୍ବଲପୁରୀ ବସ୍ତ୍ରାଳୟ
PP-16
ପବିତ୍ର ରଥ ଯାତ୍ରା ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦% + ୨୦%
ତା୨୫।୦୬।୨୦୨୨ରୁ ତା୦୧।୦୭।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0010/2223

# ନବୀନଙ୍କୁ ଧନ୍ୟବାଦ ଦେଲେ ନଡ୍ଡା




ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମାଙ୍କନ ପରେ ଶୁକ୍ରବାର ନୂଆଦିଲ୍ଲୀଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ରାଜ୍ୟର ୨ କ୍ୟାବିନେଟ୍ ମନ୍ତ୍ରୀ ଟୁକୁନୀ ସାହୁ, ଜଗନ୍ନାଥ ସାରକା(ଡାହାଣ) ଏବଂ ୧୨ ଭାଜପା ବିଧାୟକ।

**ରାଷ୍ଟ୍ରପତି ନିର୍ବାଚନ**

- ବଦଳିଗଲା ବିଜେଡି ସମୀକରଣ
- ନଡ୍ଡାଙ୍କୁ ଭେଟିଲେ ରାଜ୍ୟ ମନ୍ତ୍ରୀ, ୧୨ ବିଧାୟକ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ନିଃସର୍ତ୍ତ ସମର୍ଥନ କରିବା ବିଜେଡିର ରାଜନୈତିକ ସମୀକରଣକୁ ବଦଳାଇ ଦେଇଛି। ଭାଜପା ଓ କଂଗ୍ରେସ ସହ ସମଦୂରତ୍ୱ ରକ୍ଷା କରୁଥିବା ବିଜେଡି ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିଛି। ଓଡ଼ିଶାର ଝିଅଙ୍କୁ ସବୁ ଦଳ ସମର୍ଥନ କରିବାକୁ ବିଦେଶ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି। କଂଗ୍ରେସ ଏଥିରୁ ମୁହଁ ମୋଡ଼ିଥିଲେ ମଧ୍ୟ ବିଜେଡି ପ୍ରସ୍ତାବକଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ପୂର୍ଣ୍ଣ ସମର୍ଥନ ଦେଇଛି। ବିଜେଡିର ଏହି ସମର୍ଥନ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ଏକପ୍ରକାର ସଫଳ ହେବ। ତେବେ ମୁର୍ମୁଙ୍କ ପ୍ରାର୍ଥିତ୍ୱର ଶ୍ରେୟ ବିଜେଡି ନେବାକୁ ବସିଥିବା ବେଳେ ରାଜ୍ୟ ଭାଜପା ଏହାର ସମସ୍ତ ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଇଛି। ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପୂର୍ବରୁ ଆଲୋଚନା କରିଥିବା ନବୀନ ଟୁଇଟ୍ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଓଡ଼ିଶାର ଆଦିବାସୀ ଝିଅକୁ ରାଷ୍ଟ୍ରପତି ପ୍ରାର୍ଥୀ କରିବାରେ ବିଜେଡିର ପ୍ରମୁଖ ଭୂମିକା ରହିଛି। ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଘୋଷଣା ହେବା ମାତ୍ରେ ନବୀନ ଟୁଇଟ୍ କରି ତୁରନ୍ତ ସମର୍ଥନ ଘୋଷଣା କରିଥିଲେ। କେବଳ ସେତିକି ନୁହେଁ ଅନ୍ୟ ଦଳର ବିଧାୟକମାନେ ମଧ୍ୟ ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ।

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମୟରେ ବିଜେଡି ସରକାରର ଦୁଇ କ୍ୟାବିନେଟ ମନ୍ତ୍ରୀ ଟୁକୁନି ସାହୁ ଓ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ନାମାଙ୍କନ ପରେ ଉଭୟ ମନ୍ତ୍ରୀ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରିଥିଲେ। ମୁର୍ମୁଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକ ଭାବେ ଦୁଇ ମନ୍ତ୍ରୀ ସ୍ୱାକ୍ଷର କରିବା ଓ ଉପସ୍ଥିତ ରହିବାକୁ ନେଇ ନଡ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

ଅନ୍ୟପକ୍ଷରେ ନାମାଙ୍କନ ବେଳେ ରାଜ୍ୟ ଭାଜପାର ୧୨ ଜଣ ବିଧାୟକ ଉପସ୍ଥିତ ଥିଲେ। ଏହା ପରେ ଭାଜପା ବିଧାୟକ ଓ ବିଜେଡି ମନ୍ତ୍ରୀମାନଙ୍କ ମଧ୍ୟରେ ଫଟୋ ଉଠା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଭାଜପା ବିଧାୟକମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେ. ପି. ନଡ୍ଡା, ରାଷ୍ଟ୍ରପତି ପ୍ରାର୍ଥୀ ମୁର୍ମୁଙ୍କ ସହ ଫଟୋ ଉଠାଇଥିବା ବେଳେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ଦୁଇ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ମୁର୍ମୁ, ଜେ.ପି. ନଡ୍ଡା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଫଟୋ ଉଠାଇଛନ୍ତି।

## ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ନେଇ ଭାଜପା-କଂଗ୍ରେସ ବାକ୍‌ଯୁଦ୍ଧ

- ଓଡ଼ିଆ ଝିଅଙ୍କୁ ସମର୍ଥନ କରିବାରେ ଅସୁବିଧା କେଉଁଠି: ଭାଜପା
- ଦୋଷ ଲଦି ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଭାଜପା: କଂଗ୍ରେସ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ରାଷ୍ଟ୍ରପତି ନିର୍ବାଚନକୁ ନେଇ ଭାଜପା ଓ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀ ଦୀର୍ଘଦିନ ଧରି କଂଗ୍ରେସକୁ ଶାସନ କ୍ଷମତାରେ ବସାଇଥିଲେ। ଏବେ ଜଣେ ଓଡ଼ିଆ ଆଦିବାସୀ ଝିଅ ଦେଶ ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ହେଲେ ରାଜ୍ୟ କଂଗ୍ରେସ ଏହାକୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିବା ଭାଜପାର ନିଷ୍ପତ୍ତି, ଓଡ଼ିଆଙ୍କର ନୁହେଁ। ଭାଜପା ଭଳି କଂଗ୍ରେସ ମଧ୍ୟ ନିଜର ପ୍ରାର୍ଥୀ ଦେଇଛି। ତାଙ୍କୁ ସେମାନେ ସମର୍ଥନ କରିବେ। ଭାଜପା କେବଳ ଦୋଷ ଲଦି ରାଜନୀତି ମାଧ୍ୟମରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚେଷ୍ଟା କରୁଛି।

## ଶପଥ ନେଲେ ନିରଞ୍ଜନ ବିଶି

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ରାଜ୍ୟ ସଭା ସଦସ୍ୟ ଭାବେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ନିରଞ୍ଜନ ବିଶି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ନିରଞ୍ଜନ ବିଶିଙ୍କୁ ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କୟା ନାଇଡୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ରାଜ୍ୟ ସଭା ଉପନିର୍ବାଚନରେ କଟକ ମେୟର ସୁବାସ ସିଂଙ୍କ ସ୍ଥାନରେ ନିରଞ୍ଜନ ନିର୍ବାଚିତ ହୋଇଛନ୍ତି। ଉପନିର୍ବାଚନରେ କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆ ନ ଯିବାରୁ ନିରଞ୍ଜନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିରଞ୍ଜନ ଜଣେ ଆଦିବାସୀ ନେତା। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ମହାସଚିବ ଭାବେ ଆଦିବାସୀଙ୍କ ବିକାଶ ଲାଗି ଶାସକ ଦଳ ବିରୋଧରେ ସେ ସଂଗ୍ରାମ କରିଆସୁଥିଲେ। ହେଲେ ରାଜ୍ୟ ସଭା ଯିବାର କିଛିଦିନ ପୂର୍ବରୁ ସେ ବିଜେଡିରେ ଯୋଗଦେଇଥିଲେ। ପୂର୍ବରୁ ଆଦିବାସୀଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ, ସେମାନଙ୍କ ଅର୍ଥନୈତିକ ବିକାଶ ଲାଗି ସେ ବିଭିନ୍ନ ସ୍ତରରେ ରାଜ୍ୟ ସରକାର ତଥା ବିଜେଡି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏବେ ସେ ୪ ବର୍ଷ ଲାଗି ରାଜ୍ୟ ସଭା ସଦସ୍ୟ ରହିବେ।

**ରାଜ୍ୟ ଖବର**

# ସିନେ, ଯାତ୍ରାଜଗତ ସ୍ତବ୍ଧ



ପରଦା ହେଉ କି ମଞ୍ଚ, ରାଇମୋହନ ପରିଡ଼ାଙ୍କ ଅଭିନୟରେ ସବୁବେଳେ ଭରିରହିଥାଏ ସ୍ୱତନ୍ତ୍ରତା। କଲେଜ ଜୀବନରୁ ସେ ଏହି ମାୟାରେ ପଡିଯାଇଥିଲେ। ନିଜ ମାରାଥନ ଆକ୍ଟିଂ ଜୀବନରେ ସେ ଦର୍ଶକ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ଜଣେ ଖଳନାୟକ ଭାବରେ ତାଙ୍କର ଦମଦାର ଅଭିନୟକୁ ହୁଏତ ଭୁଲିବା ଏତେ ସମ୍ଭବ ନୁହେଁ। ଅପେରା ଜଗତରେ କିଛି ବର୍ଷ ଭିତରେ ସେ ସୃଷ୍ଟି କରଥିଲେ ନିଆରା ପରିଚୟ। ଅଭିନୟରେ ସିନା ସେ ଚରିତ୍ର ଭିତରେ ମଜ୍ଜି ଯାଉଥିଲେ, ଆଉ ପ୍ରଶଂସା ସ୍ୱରୂପ ଗାଳି ବି ଶୁଣିବାକୁ ପଡୁଥିଲା। କିନ୍ତୁ ବାସ୍ତବ ଜୀବନରେ ସେ ଥିଲେ ଜଣେ ଆମାୟିକ ବ୍ୟକ୍ତି। ଯିଏ ତାଙ୍କ ସହ ମିଶିଛି ସେ ଜାଣିଛି। ତାଙ୍କର ହସ ହସ ଦୁଇ ପଦ କଥାରେ ଯେ କେହି ବି ହଜି ଯାଆନ୍ତି। ହେଲେ ତାଙ୍କର ଆକସ୍ମିକ ମୃତ୍ୟୁରେ ଆଜି ସିନେଜଗତ, ଯାତ୍ରଜଗତ ସ୍ତବ୍ଧ।

### ଥିଏଟରରୁ ଆରମ୍ଭ

କଲେଜ ଡ୍ରାମରେ ଅଭିନୟ କରିବା ପରେ ରାଇମୋହନ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିଥିଲେ। ଏଇଠୁ ଜଣେ ଅଭିନେତା ହେବାର ନିଶା ତାଙ୍କର ଦ୍ୱିଗୁଣିତ ହୋଇଯାଇଥିଲା। ପାଠ ପଢ଼ା ସହ ସେ ଥିଏଟର ନାଟକରେ ଅଭିନୟ ମଧ୍ୟ କରିଥିଲେ। ୧୯୮୫ରୁ ସେ ଥିଏଟର ସହ ଜଡିତ ହୋଇ ବିଭିନ୍ନ ଭୂମିକାରେ ନିଜର ଦକ୍ଷତା ଦେଖାଇବା ସହ ସାଉଁଟିଥିଲେ ଅନେକ ପ୍ରଶଂସା।

### 'ନାଗା' ଦେଲା ପରିଚୟ




ଖଳନାୟକ ଭାବରେ ରାଇମୋହନଙ୍କୁ ଅନେକ ସିନେମାରେ ଦେଖିବାକୁ ମିଳିଛି। ହେଲେ ତିରୁମାଲା ପିକ୍ଚର୍ସ ବ୍ୟାନରେ ନିର୍ମିତ, ମିଶ୍ର ବଦର୍ସ ପ୍ରଯୋଜିତ ଏବଂ ଡି. ବିଜୟ ଭାସ୍କରଙ୍କ ନିର୍ଦ୍ଦେଶିତ 'କୋଟିଏ ମଣିଷ ଗୋଟିଏ ଜଗା'ରେ ତାଙ୍କର ଅଭିନୟକୁ ଭୁଲିବା ଏତେ ସହଜ ନୁହେଁ। ଏହି ଫିଲ୍ମଟି ତାଙ୍କୁ ରାତାରାତି ଜଣେ ଦକ୍ଷ ଖଳନାୟକର ମାନ୍ୟତା ଦେଇଥିଲା। ଏଥିରେ ତାଙ୍କର ଭୂମିକାଟି ଥିଲା 'ନାଗା'। ଏହି ରୋଲ୍‌କୁ ସେ ଏପରି ଭାବରେ ତୁଲାଇଥିଲେ ସେତେବେଳେ ଘରେ ଘରେ ତାଙ୍କ ନାମକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଉକ୍ତ ସିନେମାରେ ମାନିଆ ଡାଏଲଗ୍ 'ଖୁମ୍ପି ଦେବି' ସେତେବେଳେ କେତେକ ଯୁବପିଢ଼ୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହି ଚିତ୍ରରେ ଅଭିନୟ କରିବା ପରେ ଓଲିଉଡ୍‌ରେ ସତେଯେମିତି ତାଙ୍କର ଭାଗ୍ୟ ଖୋଲି ଯାଇଥିଲା।

### 'ସାଗର' ରୁ 'ବିଶ୍ୱନାଥ'

କଲେଜ ଜୀବନରେ ଅଭିନୟ ମାୟାରେ ପଡିବା ପରେ ଥିଏଟର ନାଟକରେ ଅଭିନୟ କରିଥିଲେ ରାଇମୋହନ। ୧୯୮୯ରେ ତାଙ୍କୁ ବଡ ପରଦାରେ ମିଳିଥିଲା ପ୍ରଥମ ସୁଯୋଗ। ଚଳଚ୍ଚିତ୍ରଟି ଥିଲା 'ସାଗର'। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି, ଅପରାଜିତା, ବିଜୟ ମହାନ୍ତିଙ୍କୁ ଦେଖିବାକୁ ମିଳିଥିଲା। ନିଜର ଓଲିଉଡ୍ କ୍ୟାରିୟରରେ ରାଇ ପ୍ରାୟ ୫୦ରୁ ଅଧିକ ସିନେମାରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ 'ବିଶ୍ୱନାଥ' ଚଳିତ ବର୍ଷ ରଜରେ ମୁକ୍ତିଲାଭ କରିଥିଲା।

### ଚରିତ୍ର ଅଭିନେତା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର




ଓଡ଼ିଆ ଚଳଚ୍ଚିତ୍ର ଜଗତରେ ରାଇମୋହନ ଜଣେ ଖଳନାୟକ ଭାବରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ହେଲେ ତାଙ୍କୁ ଜଣେ ଚରିତ୍ର ଅଭିନେତା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ସତ ମିଛ' ଚଳଚ୍ଚିତ୍ରରେ ସେ ଅପରାଜିତାଙ୍କ ଭାଇ ଭୂମିକାରେ ଅଭିନୟ କରିଥିଲେ। ଏପରି ଏକ ପଜିଟିଭ ରୋଲ୍‌କୁ ବେଶ୍ ସୂଚାରୁ ଭାବରେ ତୁଲାଇଥିଲେ ରାଇମୋହନ।

### ହେଇ ଅନାନି..

ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ରଣଭୂମି'। ଜଣେ ନାରୀର ସଂଘର୍ଷମୟ ଜୀବନୀକୁ ନେଇ ଗତିଶୀଳ ଏହି ଫିଲ୍ମରେ ରାଇମୋହନଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କର ଡାଏଲଗ୍ 'ହେଇ ଅନାନି..' ଏ ପର୍ଯ୍ୟନ୍ତ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ରୂପା ଗାଙ୍ଗୁଲି ଏବଂ ଦେବୁ ବୋଷ ମଧ୍ୟ ଅଭିନୟ କରିଥିଲେ।



ହେଇଟି ଅନାନି.. ଜ୍ୟୋତି ମାଷ୍ଟାଣୀ..

### ରାଇମୋହନଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର




ରାଇମୋହନଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଥିଲା 'ସାଗର'। ଏହାପରେ ସେ 'କୋଟିଏ ମଣିଷ ଗୋଟିଏ ଜଗା', 'ଦାଦାଗିରି', 'ଉଦଣ୍ଡୀ ସୀତା', 'ରଣଭୂମି', 'ମୋ କାହ୍ନୁରେ', 'ନାଗଜ୍ୟୋତି', 'ରୂପା ଗାଁର ସୁନା କନିଆଁ', 'ସକଳ ତୀର୍ଥ ତୋ ଚରଣେ', 'ସୁନା ପୁଅ', 'ସୁନା ପାଲିଙ୍କି', 'ସ୍ତ୍ରୀ', 'ମଣି ନାଗେଶ୍ୱରୀ', 'ଜନ୍ମଦାତା', 'ନାଗପଞ୍ଚମୀ', 'କୃଷ୍ଣା କାବେରୀ', 'ମହାସଂଗ୍ରାମ', 'ସିଂହବାହିନୀ', 'ଧର୍ମ ଦେବତା', 'ସମୟ ଖେଳୁଛି ଚକା ଭଉଁରୀ', 'ପୁଅ ଭାଙ୍ଗି ଦେଲା ସୁନା ସଂସାର', 'କୁଳ ନନ୍ଦନ', 'ମା ମଙ୍ଗଳା', 'ତୁ ଏକା ମୋ ସାହା ଭରଷା', 'ପ୍ରିୟା ମୋ ପ୍ରିୟା', 'ସରପଞ୍ଚ ବାବୁ', 'ମୋ ମନ ଖାଲି ତୋରି ପାଇଁ', 'ଅର୍ଜୁନ', 'ଜୟ ଶ୍ରୀରାମ', 'ତୋ ପାଇଁ ନେବି ମୁଁ ଶହେ ଜନମ', ' ତୋ ବିନା ମୋ କାହାଣୀ ଅଧା', 'ରସିକ ନାଗର', 'ଛାତି ଚିରିଦେଲେ ତୁ', 'ମେଣ୍ଟାଲ', 'ମୁନା ଏ ଲଭ୍ ଷ୍ଟୋରି', 'ବନ୍ଦେ ଉତ୍କଳ ଜନନୀ', 'ନେଇ ଯାରେ ମେଘ ମୋତେ', 'ପହିଲି ରଜ', 'ଆସିବୁ କେବେ ସାଜି ମୋ ରାଣୀ', 'ତୁ ମୋ ସୁନା ଚଢ଼େଇ' ଏବଂ 'ବିଶ୍ୱନାଥ' ଆଦି ଚଳଚ୍ଚିତ୍ର।

### ଯାତ୍ରାଜଗତର ଅଲରାଉଣ୍ଡର




ରାଇମୋହନଙ୍କ ଯାତ୍ରା ଜୀବନ ଆରମ୍ଭ ହୁଏ ବାଣେଶ୍ୱରୀ ଗଣନାଟ୍ୟରୁ। ଅପେରା ଦୁନିଆରେ ସେ ମଧ୍ୟ ନିଜର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଥିଲେ। ଭୂମିକାଟି ଖଳନାୟକ ହେଉ ଅବା ଚରିତ୍ର ଅଭିନେତା- ତାହାକୁ ଏଭଳି ଢ଼ଙ୍ଗରେ ସେ ତୁଲାଇଥିଲେ ଯେ ପ୍ରାୟ ବର୍ଷତମାମ ତାଙ୍କୁ ନେଇ ଚର୍ଚ୍ଚା ଲାଗି ରହୁଥିଲା। ବାଣେଶ୍ୱରୀ ଗଣନାଟ୍ୟ ପରେ ସେ ପାର୍ବତୀ ଗଣନାଟ୍ୟ, ଅପେରା ବିଶ୍ୱଦରବାର, ଓମଶ୍ରୀ ଅପେରା, ଇଷ୍ଟର୍ଣ୍ଣ ବ୍ଲୁ ଏବଂ ମଧୁବାସନ୍ତୀ ଗଣନାଟ୍ୟରେ ତାଙ୍କର ଅପେରା କ୍ୟାରିୟର ଜାରି ରଖିଥିଲେ। ହେଲେ ଅସୁସ୍ଥତା ଦୃଷ୍ଟିରୁ ସେ ଗତ କିଛି ବର୍ଷ ହେବ ଯାତ୍ରା ଅଭିନୟରୁ ବିରତି ନେଇଥିଲେ। ତାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି 'ସ୍ୱାମୀକୁ ଛୁଇଁଲେ ପାପ', 'ସବୁ ସହରରେ ଶଶୁର ଘର', 'ଟୋକିଟା ବଡ ବୋକିଟା', 'ଡେଞ୍ଜର ସିଗନାଲ', 'ଉଷସୀ ଟାର୍ଗେଟରେ ରାଇମୋହନ', 'ଦିଅଁ ପୂଜିବାକୁ ଦେଉଳ ମନା', 'ଦେଖିବା କାହାର କେତେ ଦମ୍' ଏବଂ 'ଅଡର ହେଇଛି ମର୍ଡର ପାଇଁ'। ଯାତ୍ରା ଜଗତରେ ଜଣେ ଆଗ ଧାଡିର ଖଳନାୟକ ଭାବରେ ପରିଚିତ ଥିଲେ ରାଇମୋହନ। ତା'ସହ କେତୋଟି ନାଟକର ମଧ୍ୟ ସେ ନିର୍ଦ୍ଦେଶନା ଦେଇଥିଲେ।

## ରାଇମୋହନଙ୍କ ଜନ୍ମମାଟିରେ ଶୋକର ଛାୟା

ପାଟଣା/କେନ୍ଦୁଝର, ୨୪।୬(ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଆ ସିନେ ତାରକା ରାଇମୋହନ ପରିଡ଼ାଙ୍କ ମୃତ୍ୟୁ ପରେ ଜନ୍ମ ମାଟି କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ଉଦୟପୁର ପରିଡ଼ା ସାହିରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଏଭଳି ଦୁଃଖଦ ମୃତ୍ୟୁ ଖବର ଶୁଣି ଗାଁ ଲୋକେ ସ୍ତବ୍ଧ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ରାଇମୋହନଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି କିମ୍ବା ଆତ୍ମହତ୍ୟା ପାଇଁ ବାଧ କରାଯାଇଛି ବୋଲି ତାଙ୍କ ବିବାହିତା ସାନ ଭଉଣୀ ସସ୍ମିତା ପରିଡ଼ା ଅଭିଯୋଗ କରିଛନ୍ତି। ଏହାର ସେ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଉଦୟପୁରଠାରେ ଗଣମାଧ୍ୟମକୁ କହିଛନ୍ତି।

ସ୍ୱର୍ଗତ ତ୍ରିଲୋଚନ ପରିଡ଼ା ଏବଂ ସ୍ୱର୍ଗତ ତିଳୋତ୍ତମା ପରିଡ଼ାଙ୍କ ୭ ସନ୍ତାନ ମଧ୍ୟରେ ରାଇମୋହନ ଏକମାତ୍ର ପୁଅ ଥିଲେ। ତାଙ୍କୁ ଗାଁରେ ସିଦ୍ଧୁ ବୋଲି ଡାକନ୍ତି। ଶୁକ୍ରବାର ପରିଡ଼ା ପରିବାର ପକ୍ଷରୁ ନବନିର୍ମିତ ବାଟ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାଇମୋହନ ଯୋଗଦେବା

**ଭଉଣୀ ଆଣିଲେ ହତ୍ୟା ଅଭିଯୋଗ**



କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେବେ ତାଙ୍କ ବିୟୋଗ ପରେ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ହର୍ଷଉଲ୍ଲାସ କମି ଯାଇଥିବା ଦେଖିବାକୁ ମିଳିଛି। ରାଇମୋହନଙ୍କ ଦେହାନ୍ତ ଗାଁ ମାଟି ଓ କେନ୍ଦୁଝର ଜିଲା ପାଇଁ ଅପୂରଣୀୟ କ୍ଷତି ବୋଲି ସାଙ୍ଗ ଦୀପକ ରାଜ, ଅଶୋକ ପରିଡ଼ାଙ୍କ ସମେତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତ, କୃଷ୍ଣଚନ୍ଦ୍ର ମହାପାତ୍ର, ନିନି ସିଂ, ପ୍ରଦୀପ ପୋହି ପ୍ରମୁଖ କହିଛନ୍ତି। ରାଇମୋହନଙ୍କ ବଡ଼ବାପା ପୁଅ ଭାଇ ଆଇନଜୀବୀ ଗୋପାଳ ଚନ୍ଦ୍ର ପରିଡ଼ା କୁହନ୍ତି, ସେ ଆର୍ଥିକ ଦିଗରେ ସ୍ୱଚ୍ଛଳ ଥିଲେ। ଆତ୍ମହତ୍ୟା ପଛରେ ସ୍ୱାସ୍ଥ୍ୟ ସମସ୍ୟା ଥାଇପାରେ। ରାଇ ଭାଇ ଜଣେ ଖୁସିବାସିଆ ଲୋକ ଥିଲେ। ମୋ ଲୁନାରେ ବହୁବାର ପୁରୀ ଯାଇଛୁ। ବିଭିନ୍ନ ନାଟକ ଓ ଦୂରଦର୍ଶନ କାର୍ଯ୍ୟକ୍ରମରେ ଅଭିନୟ କରିଛୁ। ସେ ମୋତେ ସାନଭାଇ ହିସାବରେ ବହୁତ ସ୍ନେହ କରୁଥିଲେ ବୋଲି ବରିଷ୍ଠ ଆଇନଜୀବୀ ସଞ୍ଜୟ ପାଇକରାୟ କହିଛନ୍ତି।

ତାଙ୍କ ବିୟୋଗରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ, ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷ ଦୀପକ ରାଜ, କଂଗ୍ରେସ ନେତା ଇଂ. ବିନୋଦ ବିହାରୀ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ.ବିଦ୍ୟାଧର ଦାଶ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର ନାଏକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଆତ୍ମହତ୍ୟାକୁ ସହଜରେ ଗ୍ରହଣ କରି ହେଉନି

ରାଇମୋହନ ଓ ମୁଁ ବେଶ୍ ଅନ୍ତରଙ୍ଗ ବନ୍ଧୁ ଥିଲୁ। ଗୁରୁବାର ରାତିରେ ଆମେ କଥା ହୋଇଥିଲୁ। ସେ ବେଶ୍ ସ୍ୱାଭାବିକ ଥିଲେ। ସକାଳୁ ଶୁଟିଂରେ ବ୍ୟସ୍ତ ଥିବାରୁ ଆଉ କଥା ହୋଇପାରି ନ ଥିଲି। ଏହାପରେ ହଠାତ୍ ରାଇମୋହନଙ୍କ ମୃତ୍ୟୁ ଖବର ଶୁଣିଲି। ପରଦା ଉପରେ ସେ ଘୋ ଘା କରେ, ନାଲି ଆଖି ଦେଖାଏ। ମାତ୍ର ବ୍ୟକ୍ତିଗତ ଭାବେ ସେ ଜଣେ ବହୁତ ଭଲ ଲୋକ ଥିଲେ। ଆମେ ଦୁହେଁ ଏକା ସାଙ୍ଗରେ ବେଶ୍ କିଛିଦିନ ରହିଥିଲୁ। କେତେ କେତେ ଦୁଃଖରୁ ସେ ବାହାରିଥିଲେ। ବହୁ ବଡ ବିପଦକୁ ଯିଏ ଭ୍ରୂକ୍ଷେପ କରିନି। ଆଜି କ'ଣ ହେଲା ଯେ ସେ ଏଭଳି ପଦକ୍ଷେପ ନେଲା। ତାଙ୍କର ଆର୍ଥିକ କିମ୍ବା ସେପରି କିଛି ସମସ୍ୟା ମଧ୍ୟ ନ ଥିଲା। ତେଣୁ ତାଙ୍କର ଆତ୍ମହତ୍ୟା କଥାକୁ ସହଜରେ ଗ୍ରହଣ କରି ହେଉନି।

- ଅଶ୍ରୁମୋଚନ ମହାନ୍ତି, ଅଭିନେତା

### ସେ ଜଣେ ଭଲ ମଣିଷ ଥିଲେ

ରାଇମୋହନ ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ସହ ଜଣେ ଭଲ ମଣିଷ ଥିଲେ। ଚଳଚ୍ଚିତ୍ର, ଦୂରଦର୍ଶନ, ଯାତ୍ରା ସବୁଥିରେ ସେ ଏଷ୍ଟାବ୍ଲିଶ୍ ଥିଲେ। ସେ ଯେ ଏମିତି ଆତ୍ମହତ୍ୟା କରିବେ ତାହା ବିଶ୍ୱାସ ହେଉନାହିଁ। ତାଙ୍କର ଘର ଅଛି, ପରିବାର ଅଛି, ପଇସା ବି ଅଛି। ଆତ୍ମହତ୍ୟାର କାରଣ କ'ଣ ଥାଇପାରେ ତାହା ବୁଝି ହେଉନାହିଁ। କିଛିଦିନ ତଳେ ତାଙ୍କ ସହ ମୋର ଦେଖାହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ କାହାର ଅଭିଶାପ ପଡ଼ିଲା ବୋଧେ ସେଥିପାଇଁ ଜଣେ ପରେ ଜଣେ ବଳିଷ୍ଠ ଅଭିନେତା ଚାଲି ଯାଉଛନ୍ତି।

- ଚଣ୍ଡୀ ପରିଜା, ଚଳଚ୍ଚିତ୍ର ନିର୍ଦ୍ଦେଶକ

### ମୁଁ ରାଇ ଭାଇ ଡାକେ

ଏଭଳି କାମ କାହିଁକି କଲେ ତାହା ବୁଝିପାରୁନି। ତାଙ୍କ ଉପରେ କିଛି ବି ଚାପ ନ ଥିଲା। ଏବେ ଚଳିବା ପାଇଁ ସାମାନ୍ୟ ଭାବେ କାମ କରୁଥିଲା। ତାଙ୍କ ବିୟୋଗ ଆମ ଇଣ୍ଡଷ୍ଟ୍ରି ପାଇଁ କେତେ ବଡ କ୍ଷତି ତାହା ଭାଷାରେ କହିପାରୁନି। ଯିଏ ନ ଯିବା କଥା, ସେ ଚାଲି ଯାଉଛି। ସେ ମତେ ବହୁତ ଭଲପାଏ। ଆମେ ରାଇ ଭାଇ ଜୟୀ ଭାଇ ବୋଲି ଡକାଡକି ହେଉ। ୨୦/୨୫ ଦିନ ତଳେ ଆମେ କଥା ହୋଇଥିଲୁ। ଏ କ୍ଷତି କେବେବି ପୂରଣ ହେବନି। ଜଗନ୍ନାଥ କରନ୍ତୁ ତାଙ୍କ ଆତ୍ମାର ସଦ୍‌ଗତି ହେଉ।

- ଜୟୀରାମ ସାମଲ, ବରିଷ୍ଠ ଅଭିନେତା

### ପ୍ରଥମେ ବିଶ୍ୱାସ କରିପାରି ନ ଥିଲି

ରାଇମୋହନଙ୍କ ମୃତ୍ୟୁ ଖବର ଶୁଣିବା ପରେ ପ୍ରଥମେ ମୁଁ ବିଶ୍ୱାସ କରିପାରି ନ ଥିଲି। ମୋତେ ଲାଗିଲା ଏହା ଉଡା ଖବର ବୋଲି। ମାତ୍ର ନ୍ୟୁଜ୍ ଦେଖିବା ପରେ ଏହା ସତ ବୋଲି ଜାଣିଲି। ତାଙ୍କର ଆର୍ଥିକ ସମସ୍ୟା ନ ଥିଲା। ତେବେ ମାନସିକ ସମସ୍ୟାରେ ଥିଲେ କି ନାହିଁ ସେ ସମ୍ପର୍କରେ ଆମେ ଜାଣିନାହୁଁ। ତାଙ୍କ ମନର ଦୁଃଖ ସେ ତାଙ୍କ ସହ ନେଇକି ଗଲେ।

- ଉଷସୀ ମିଶ୍ର, ଅଭିନେତ୍ରୀ

### ନିଜକୁ ତିଆରି କରିଥିବା ମଣିଷ ଥିଲେ

ମୋର ପ୍ରଥମ ଚଳଚ୍ଚିତ୍ର 'ଜନ୍ମଦାତା'ରେ ସେ ମୋ ବାପା ଭୂମିକାରେ ଅଭିନୟ କରିଥିଲେ। ଜଣେ ଶିକ୍ଷକ ଭାବେ ମତେ ବହୁତ କିଛି ଶିଖାଇଥିଲେ। ମତେ ଯେଉଁଠି ବି ଦେଖନ୍ତି, ଏ ବଦ୍‌ମାସ ପୁଅ ଏଠିକି ଆସେ ବୋଲି ଡାକନ୍ତି। ତାଙ୍କର ମୋ ପ୍ରତି ବହୁତ ଭଲପାଇବା ଥିଲା। ସେ ନିଜକୁ ନିଜେ ତିଆରି କରିଥିବା ମଣିଷ ଥିଲେ। ତାଙ୍କ ଷ୍ଟ୍ରଗଲ ଲାଇଫ୍‌ରୁ ଆରମ୍ଭ କରି ସଫଳତା ପର୍ଯ୍ୟନ୍ତ ସବୁକିଛି ଦେଖିଛି। ହେଲେ ତାଙ୍କର କ'ଣ ଅସୁବିଧା ଥିଲା ତାହା କେହି ଜାଣି ନାହାନ୍ତି। ପରିବାର ସହିତ ସେ ସବୁ କାର୍ଯ୍ୟକ୍ରମକୁ ଆସୁଥିଲେ। ତାଙ୍କ ମୃତ୍ୟୁ ରହସ୍ୟ ପରି ଲାଗୁଛି।

- ଶ୍ରୀତମ ଦାସ, ଅଭିନେତା ତଥା ନିର୍ଦ୍ଦେଶକ

### ଓଲିଉଡ୍ ଜଗତ ପାଇଁ ବିରାଟ କ୍ଷତି

ରାଇମୋହନଙ୍କ ସହ ଛୋଟବେଳୁ କାମ କରିଛି। ସେତେବେଳେ ତାଙ୍କ ଆଖି ଦେଖି ଡର ଲାଗୁଥିଲା। ବଡ ହେବା ପରେ ତାଙ୍କ ସହ 'ସିଂହଦ୍ୱାର' ଧାରାବାହିକରେ ତାଙ୍କ ଝିଅ ଭାବେ କାମ କରିଛି। ବହୁତ ସାଧାରଣ ଏବଂ ମେଳାପୀ ଲୋକ ଥିଲେ। ଏହା ଭିତରେ ବହୁ ବଡ଼ ବଡ଼ କଳାକାର ଆମକୁ ଛାଡି ଚାଲିଗଲେଣି। ହେଲେ ରାଇମୋହନଙ୍କ ବିୟୋଗ ଓଲିଉଡ୍ ଜଗତ ପାଇଁ ବିରାଟ କ୍ଷତି।

- ନିକିତା ମିଶ୍ର, ଅଭିନେତ୍ରୀ

## ସଂକ୍ଷେପରେ

### କାରଖାନା ଭିତରେ ଠିକା ଶ୍ରମିକ ମୃତ

**ରାଉରକେଲା ଅଫିସ,୨୪।୬:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଜରଙ୍ଗ ସ୍ପଞ୍ଜ କାରଖାନାରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କର ମୃତ୍ୟୁ ହୋଇଛି। ମୃତ ଶ୍ରମିକ ବେଦବ୍ୟାସ ଅଞ୍ଚଳର ସାବିୟର ସଏ(୩୨)। ସୂଚନାଯୋଗ୍ୟ ଯେ, ବେଦବ୍ୟାସ ମନ୍ଦିର ରୋଡ ବସ୍ତିରେ ସାବିୟର ବାସ କରୁଥିଲେ। ସେ ମହାବୀର ସ୍ପଞ୍ଜ କାରଖାନାରେ କ୍ରେନଅପରେଟର ଭାବେ କାମ କରୁଥିଲେ। ଗୁରୁବାର ରାତିରେ ଡ୍ୟୁଟି କରୁଥିବାବେଳେ କୌଣସି କାରଣରୁ କ୍ରେନ ଉପରୁ ଖସି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ଖୁବ ଜୋରରେ ଆଘାତ ଲାଗିଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟ କର୍ମଚାରୀ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା ସହ ଘରର କୌଣସି ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ଲାଗି କାରଖାନା କର୍ତ୍ତୃପକ୍ଷଙ୍କ ପାଖରେ ଦାବି କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୧୨୪/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉ

**ସମ୍ବଲପୁର,୨୪।୬ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସେଥିମଧ୍ୟରେ ଭୁତାପଡାରୁ କଚେରି ଛକ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଫ୍ଲାଏଓଭର, ହୀରାକୁଦ ଓ ବୁର୍ଲାରେ ଜିମ୍ ଏବଂ ପାର୍କ ଅନ୍ୟତମ। ଏସବୁକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଶୁକ୍ରବାର ଜିଲାପାଳ ଅନନ୍ୟା ଦାସଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ମନ୍ଥର ଗତିରେ ଚାଲିଥିବା ପ୍ରକଳ୍ପ ତ୍ୱରାନ୍ୱିତ କରିବା, ପୁରୁଣା ବସ୍‌ଷ୍ଟାଣ୍ଡରେ ନିର୍ମାଣାଧୀନ ଟାଉନ ହଲ କାର୍ଯ୍ୟ ଅଗ୍ରଗତି ନେଇ ଦୃଷ୍ଟି ଦେବାକୁ କହିଥିଲେ। ଏହାସହ ସହରରେ ଭେଣ୍ଡିଂ ଜୋନ ନିର୍ମାଣ କରିବାକୁ ଧ୍ୟାନ ଦେବାକୁ ଆଲୋଚନା କରିଥିଲେ ।

# ନାଗରିକ କମିଟିର ଆନ୍ଦୋଳନ ଚେତାବନୀ

ରେଢ଼ାଖୋଲ,୨୪।୬(ଡି.ଏନ.ଏ.)


ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ରାସ୍ତାକାମ ଶେଷହେଉ ନ ଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାର ପ୍ରତିବାଦରେ ରେଢ଼ାଖୋଲ ନାଗରିକ କମିଟି ଆସନ୍ତା ୨୮ ତାରିଖରେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛି। ଏ ନେଇ ଉପଜିଲାପାଳ ପବିତ୍ର ବେହେରାଙ୍କ ଜରିଆରେ ଶୁକ୍ରବାର ସମ୍ବଲପୁର ଜିଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି, ସମ୍ବଲପୁର-ଅନୁଗୋଳ ୫୫ନଂ ଜାତୀୟ ରାଜପଥର ଚାରିଥାକିଆ ରାସ୍ତାକାମ ୨୦୧୭ ମସିହାଠାରୁ ଚାଲିଛି। ୫ବର୍ଷ ଧରି ରାସ୍ତାକାମ ସରୁ ନ ଥିବାବେଳେ ଏବେ ଏହା ମରଣଯନ୍ତା ପାଲଟିଛି। ବାରମ୍ବାର ଏ ନେଇ ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏହି ଜାତୀୟ ରାଜପଥ ଅଞ୍ଚଳର ଜୀବନ ରେଖା। ପ୍ରତିଦିନ ହଜାର ହଜାର ଗାଡି ମୋଟର ଯାତାୟାତ କରୁଛି। ତେବେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଛୋଟ ଗାଡିରେ ଯିବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ପ୍ରାୟ ୭ ମାସ ହେବ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏପରି କି ଯିବାଆସିବା ପାଇଁ ମଧ୍ୟ ଆବଶ୍ୟକ ମରାମତି କରାଯାଉନାହିଁ। ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ

### ଶେଷ ହେଉନି ରାସ୍ତାକାମ

ନାଗରିକ କମିଟି ବାଧ୍ୟ ହୋଇ ଆସନ୍ତା ୨୮ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାତୀୟ ରାଜପଥର ରେଢାଖୋଲଠାରେ ଅବରୋଧ କରିବ ବୋଲି ଚେତାବନୀ ଦେଇଛି। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର,ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ସାମ୍ବାଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାର, ସାମ୍ବାଦିକ ଦେବାନନ୍ଦ ପ୍ରଧାନ, ଶ୍ରମିକ ନେତା ଅନାଦି ସାହୁ, ବ୍ରହ୍ମ ସମାଜ ସଭାପତି ହରିଶଙ୍କର ହୋତା, ପୂର୍ବତନ ଉପନଗରପାଳ ସୁନୀଲ କୁମାର ପ୍ରଧାନଙ୍କ ସମେତ ବହୁ ନାଗରିକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

### ସ୍ୱଚ୍ଛତା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୨୪।୬ (ବ୍ୟୁରୋ):** ସ୍ୱଚ୍ଛତା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଶୁକ୍ରବାର ସମ୍ବଲପୁର ସରକାରୀ ମହିଳା କଲେଜ ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ଶିବାନୀ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ନିରୂପମା ଭୋଇ ଦ୍ୱିତୀୟ ଓ ସଂଜନା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ମୋ କଲେଜ ଅଭିଯାନ ସଂଯୋଜକ ଯୋଗେଶ ଚନ୍ଦ୍ର ଭୋଇଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ମହାନଦୀ କୋଇଲା କମ୍ପାନୀ ସିଏସ୍‌ଆର ଡେପୁଟି ମ୍ୟାନେଜର ଅରବିନ୍ଦ ସାହୁ ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପ୍ରମାଣପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ମନସ୍ୱିନୀ ପରିଡା, ଭାରତୀ ମିଶ୍ର, ଶ୍ରାବଣୀ ମିଶ୍ର ବିଚାରକ ଥିଲେ।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At:- Ambapua, PO:Engineering School,Near Income Tax Office, Berhampur-760011
E-mail:serwbpr2004@yahoo.com, Tel/Fax:0680-2404287
**No. e-tender//2523//RWC//BAM// Dated 24.06.2022**
**1st Corrigendum to Bid Identification No.**
**Online Tender/19-2022-23/BPR**
**No.O-535:**The partial modification of bridge work vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 30.06.2022 to 14.07.2022 upto 3.00 P.M. instead of 24.06.2022 to 08.07.2022 |
| 2 | Last Date & Time of seeking tender clarification | :: | 12.07.2022 at 2.00 PM instead of 06.07.2022 at 2.00 PM |
| 3 | Date of Opening of Technical Bid | :: | 15.07.2022 at 11.00 AM instead of 11.07.2022 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.
**Sd./- Chief Construction Engineer, R.W.Circle, Berhampur**
**OIPR-25071/11/0034/2223**


# ଏମ୍‌ସିଏଲ୍‌ରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ


ଅତିଥିମାନେ ପତ୍ରିକା ସମ୍ବଳ ପ୍ରଭା ଉନ୍ମୋଚନ କରୁଛନ୍ତି ।

ସମ୍ବଲପୁର,୨୪।୬ (ବ୍ୟୁରୋ)

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ବିହାର ମୁଖ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଅଧ୍ୟକ୍ଷତା କରି କହିଥିଲେ ଭାଷା ହେଉଛି ଅନ୍ତରଙ୍ଗତାର ଏକ ମାଧ୍ୟମ। ହିନ୍ଦୀ ଭାଷା ସରଳ, ମଧୁର ଓ ସହଜ। ସରକାରୀ ଭାଷା ହିନ୍ଦୀକୁ ପ୍ରୋତ୍ସାହିତ କରିବା ଦିଗରେ ସମସ୍ତେ ଯତ୍ନବାନ ହେବା ବିଧେୟ। ଏହାଦ୍ୱାରା ହିନ୍ଦୀ ଏକ ଅନ୍ତର୍ଜାତୀୟ ଭାଷାରେ ପରିଣତ ହେବ। ବିଦେଶରେ ଏହା ପ୍ରଭାବ ବିସ୍ତାର କରିବ। ରାଜଭାଷା ମହାପ୍ରବନ୍ଧକ ତଥା ସଚିବ ସୋମେନ ଘୋଷ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ବଲପୁର ଗୃହ ପତ୍ରିକା ସମ୍ବଳ ପ୍ରଭାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଦ୍ରବ୍ୟ ଓ ସେବା କର କାର୍ଯ୍ୟାଳୟ ଆୟୋଜିତ ରାଜଭାଷା ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜଭାଷା ଉପପ୍ରବନ୍ଧକ ବି. ଆର୍. ସାହୁ ରିପୋର୍ଟ ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗୀୟ ଅଫିସ ମୁଖ୍ୟ, ପ୍ରତିନିଧି, ସଦସ୍ୟ, କାର୍ଯ୍ୟାଳୟର ସରକାରୀ ଭାଷା ଅଧିକାରୀ ଉପସ୍ଥିତ ଥିଲେ ।

### ଶିକ୍ଷା ସଚେତନତା ରଥକୁ ସ୍ୱାଗତ

ବ୍ରଜରାଜନଗର,୨୪।୬(ଡି.ଏନ.ଏ.)

ଝାରସୁଗୁଡା ବ୍ଲକରେ ଶିକ୍ଷା ସଚେତନତା ରଥ ଗତ ୨୦ ତାରିଖରୁ ପରିକ୍ରମା ଆରମ୍ଭ କରି ଶୁକ୍ରବାର ବ୍ରଜରାଜନଗର ଓପିଏମ୍ ବାଳିକା ହାଇସ୍କୁଲରେ ଯାତ୍ରା ଶେଷ ହୋଇଛି। ରଥ ଓପିଏମ୍ ବାଳିକା ହାଇସ୍କୁଲରେ ପହଞ୍ଚିବା ପରେ ସ୍କୁଲ ଶିକ୍ଷକ ଓ କର୍ମଚାରୀ ଏହାକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ଼. ମାନସୀ ସାହୁ ଅଧ୍ୟକ୍ଷତା କରିଥିଲେ। ଓପିଏମ୍ ବାଳିକା ହାଇସ୍କୁଲ ପୁରାତନ ଛାତ୍ରସଂସଦ ସଭାନେତ୍ରୀ ସଂଯୁକ୍ତା ମହାପାତ୍ର ମୁଖ୍ୟଅତିଥି ଓ ଖବରଦାତା ଉପନ ସାହୁ, ଝାରସୁଗୁଡା ଜିଲା ପ୍ରାଥମିକ ଶିକ୍ଷକ ସଙ୍ଘ ସାଧାରଣ ସମ୍ପାଦକ ରାଜକିଶୋର ଜେନା ସମ୍ମାନିତ ଅତିଥି ଥିଲେ। ଅତିଥିମାନେ ବିଦ୍ୟାଳୟରେ କିଭଳି ପିଲାମାନଙ୍କ ଉପସ୍ଥାନ କୋଭିଡ୍ ପୂର୍ବର ସ୍ଥିତିକୁ ଫେରିଆସିବ ସେ ନେଇ ଶିକ୍ଷକ, ଅଭିବାବକ ଓ ସାମାଜିକ ଅନୁଷ୍ଠାନ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

# ପାଇପ୍ ଫାଟି ଜଳଯୋଗାଣ ବ୍ୟାହତ

ସମ୍ବଲପୁର,୨୪।୬ (ବ୍ୟୁରୋ)



ସମ୍ବଲପୁର ସହରରେ ଗ୍ୟାସ୍ ପାଇପ ଲାଇନ ବିଛା ଯାଉଥିବାବେଳେ ବିଭିନ୍ନ ସ୍ଥାନରେ ପାଣି ପାଇପ୍ ଫାଟୁଥିବା ନଜରକୁ ଆସୁଛି। ଭୀମଭୋଇ ରାସ୍ତାର ଶିଶୁ ଉଦ୍ୟାନ ନିକଟରେ ୩ଦିନ ହେଲା ପାଣି ପାଇପ ଫାଟି ଅଞ୍ଚଳକୁ ଜଳ ଯୋଗାଣ ବ୍ୟାହତ ହୋଇଛି। ଏ ନେଇ ବିଭାଗରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଶୁକ୍ରବାର ଅଞ୍ଚଳବାସୀ ଗ୍ୟାସ୍ ପାଇପ ବିଛାଯାଉଥିବା ସ୍ଥାନକୁ ଆସି ପାଟିତୁଣ୍ଡ କରିଥିଲେ। ପରେ ଅପରାହ୍ନରେ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ମରାମତି କରିବାକୁ ଆସିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଏକକୀକରଣ ତାଲିମ ଶିବିର

ଜମନକିରା,୨୪।୬(ଡି.ଏନ.ଏ.)


ଶିବିରରେ ଯୋଗଦେଇଥିବା ଅତିଥି।

ଜମନକିରା ବ୍ଲକ ଫାଶିମାଲ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରଠାରେ ରାଜ୍ୟସ୍ତରୀୟ ଏକକୀକରଣ ଅଭିଯାନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ା. ଶରତ କୁମାର ଦେହୁରିଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଶିବିରରେ ବ୍ଲକର ପୁରୁଷ ଓ ମହିଳା ସାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବିପିଏମ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଓ ରାଷ୍ଟ୍ରୀୟ ବାଲ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ୩ମାସ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ଆଶାକର୍ମୀମାନେ ଘର ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଟିବି, କୁଷ୍ଠ ଓ କରୋନା ପାଇଁ ସର୍ଭେ କରିବେ। ଡ଼ା. ଦେହୁରି ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେଇ ଦାୟିତ୍ୱ ବଣ୍ଟନ କରିଥିଲେ। ଶେଷରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତରୁଣ କୁମାର ନାଏକ ଧନ୍ୟବାଦ ଦେଇଥିଲେ।

# ରେଳ ଫାଟକ ସମସ୍ୟା, ତହସିଲଦାରଙ୍କୁ ଦାବିପତ୍ର

କୁଚିଣ୍ଡା,୨୪।୬(ଡି.ଏନ.ଏ.)

ବାମରା ରେଳଷ୍ଟେଶନ ଫାଟକ ସମସ୍ୟାକୁ ନେଇ ଶୁକ୍ରବାର ବ୍ୟବସାୟୀ ସଂଘ ପକ୍ଷରୁ ବାମରା ତହସିଲଦାରଙ୍କୁ ୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଷ୍ଟେଶନର ଉଭୟ ପାର୍ଶ୍ୱରେ ଥିବା ଫାଟକରେ ପ୍ରତ୍ୟହ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଯାତାୟାତ ଯୋଗୁ ଦୀର୍ଘ ସମୟ ଧରି ଫାଟକ ବନ୍ଦ ରହି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ୧୦ ମିନିଟରୁ ଅଧଘଣ୍ଟା ପର୍ଯ୍ୟନ୍ତ ଫାଟକ ବନ୍ଦ ରହୁଥିବାରୁ ଫାଟକ ଖୋଲିଲେ ଅଟକିଥିବା ଯାନବାହନ ଏକସାଙ୍ଗରେ ଅତିକ୍ରମ କରୁଥିବାରୁ ଛୋଟ ବଡ ଦୁର୍ଘଟଣା ଘଟୁଛି। ଦୀର୍ଘ ସମୟ ଧରି ଫାଟକ ବନ୍ଦ ରହୁଥିବାରୁ ଆମ୍ବୁଲାନ୍ସ, ଦମକଳ, ପୋଲିସ, ତଥା ଆପତ୍‌କାଳୀନ ଯାନ ଠିକ ସମୟରେ ସେବା ଯୋଗାଇ ପାରୁ ନ ଥିବା ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡା ଫାଟକ ପାର୍ଶ୍ୱରେ ବଡ଼ ବଡ଼ ହମ୍ପସ୍ ଯୋଗୁ ପାଣି ଜମି ରହି ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ଫାଟକର ଉଭୟ ପାର୍ଶ୍ୱରେ ଟ୍ରାଫିକ କଣ୍ଟ୍ରୋଲ ସହିତ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା କରିବାକୁ ନେଇ ବାମରା ତହସିଲଦାର ଅନିଲ କୁମାର କୁଲୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ୟବସାୟୀ ସଂଘ ସଭାପତି ମନୋଜ ଚୌଧୁରୀ, ଗିରୀନ୍ଦ୍ର ଅଗ୍ରୱାଲ, ଶଙ୍କର୍ଷଣ ସାହୁ, ଅର୍ଜୁନ ଚୌଧୁରୀ, କାନ୍ତିଲାଲ ବିଶଞ୍ଜି, ଅନୁଭବ ଲାଠ, ଅଶୋକ ଅଗ୍ରୱାଲ, ବିନୋଦ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସି ବୈଠକରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

କୁଚିଣ୍ଡା, ୨୪।୬(ଡି.ଏନ.ଏ.)

କୁଚିଣ୍ଡା ଏନ୍‌ଏସିରେ ଶୁକ୍ରବାର ଦ୍ୱିତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ସହରର ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଏମ୍‌ପି ପ୍ରତିନିଧି ଶୁଶିଲ କର, ଉପାଧ୍ୟକ୍ଷା ଦେବଜାନୀ କାଲୋ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ, ମୁକ୍ତା ଯୋଜନା, ଜାଗା ମିଶନ ଯୋଜନାରେ ବସ୍ତିଗୁଡ଼ିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରିତ କରିବା ସହ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା।


ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ସୌଧ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ,ଭୁବନେଶ୍ୱର-୭୫୧୦୦୧
ଦୂରଭାଷ-(୦୬୭୪)୨୩୯୨୮୦୧, ୨୩୯୦୯୯୮
**No.CAD-907:** ଫାକ୍ସ- (୦୬୭୪) ୨୩୯୦୬୩୩

**ସର୍ବସାଧାରଣ ନୋଟିସ**

(ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୩ର ନିୟମ ୨୯ ମୁତାବକ)
ପତ୍ର ସଂଖ୍ୟା **24175**/ଭୁ.ଉ.କ. ଭୁବନେଶ୍ୱର ତା.**23.06.2022**
**File No.TPS-29/2022/10**

ବିଷୟ: ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା ୨୯/୨୦୧୯ (ଆଂଶିକ ରୂପେ ଗ୍ରାମସମୂହ:ବରଗଡ଼ ଓ ବାଙ୍କୁଆଳ) ର ଜମିର ସ୍ୱାର୍ଥ ସଂଲଗ୍ନ ବ୍ୟକ୍ତିମାନଙ୍କ ସହ ପରାମର୍ଶକାରୀ ସଭା ।
ସଭାସ୍ଥଳ:ଜଗନ୍ନାଥ ଆଶ୍ରମ, ଟଙ୍କପାଣି ରୋଡ, ମୌଜା-ବାଙ୍କୁଆଳ, ତାରିଖ-୨୯.୦୬.୨୦୨୨ ସମୟ ୧୦.୦୦ ଘଟିକା
ମହାଶୟା/ମହାଶୟ,

ଏତଦ୍ୱାରା ମୌଜା-ବାଙ୍କୁଆଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ ତଥା ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଷୟବସ୍ତୁରେ ବର୍ଣ୍ଣିତ ଶୀର୍ଷକ ଅନୁଯାୟୀ ଉପର ବର୍ଣ୍ଣିତ ଗ୍ରାମମାନଙ୍କରେ ସହର ଯୋଜନା ପରିକଳ୍ପନାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଉପଲବ୍ଧ ରେକର୍ଡ / ଦସ୍ତାବିଜ ଅନୁସାରେ ଜମି ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା୨୯/୨୦୧୯ (ଆଂଶିକ ରୂପେ ଗ୍ରାମ ସମୂହ ବରଗଡ଼ ଓ ବାଙ୍କୁଆଳ)ରେ ଅନ୍ତର୍ଭୁକ୍ତ ହୋଇଛି । ଆଇନଗତ ବ୍ୟବସ୍ଥାର ଅନୁପାଳନ କରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ର ନିୟମ ୨୮(୧) ଅନୁଯାୟୀ ଫର୍ମ-III ଓ ନିୟମ ୨୮(୩) ମୁତାବକ ଫର୍ମ ନଂ- IV ପ୍ରସ୍ତୁତ କରି ଓଡ଼ିଶା ରାଜପତ୍ର ସଂଖ୍ୟା ୩୨୯ ତା.୨୫.୦୨.୨୦୨୧ରେ ଓଡ଼ିଶା ରାଜପତ୍ରରେ ପ୍ରକାଶ କରିଛନ୍ତି ଏବଂ ବହୁଳ ପ୍ରଚାର ପାଇଁ ନିମ୍ନବର୍ଣ୍ଣିତ ଦୈନିକ ସମ୍ବାଦପତ୍ରମାନଙ୍କରେ ଉକ୍ତ ରାଜପତ୍ରକୁ ପ୍ରକାଶ କରି ଭୂମିମାଲିକ, ସ୍ୱତ୍ୱାଧାରୀ ଓ ଜମିରେ ସ୍ୱାର୍ଥନିହିତ ବ୍ୟକ୍ତିବିଶେଷଙ୍କଠାରୁ ସମସ୍ତ ସୂଚନା ଆହ୍ୱାନ କରି ସଂଲଗ୍ନ ଫର୍ମ ନଂ.IV ରେ ପୂରଣ କରି ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଭୂମି ମାଲିକଙ୍କ ଅବଗତି ନିମନ୍ତେ ଆହୂତ ଉକ୍ତ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଯାଉଅଛି ।

ଉକ୍ତ ସଭାରେ ଯୋଗଦେଉଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସହର ଯୋଜନା ପରିକଳ୍ପନାରେ ଆପାତତଃ ପ୍ରସ୍ତୁତ ପ୍ରସ୍ତାବ ସଂପର୍କରେ ବିଶଦ୍ ଭାବରେ ଜଣାଇ ଦିଆଯିବ । ଆବଶ୍ୟକ ସ୍ଥଳେ ଫର୍ମ ନଂ.IV ରେ ନିଜ ଜମି ସମ୍ପର୍କିତ ସମସ୍ତ ବିବରଣୀ ଉଲ୍ଲେଖ କରି ପ୍ରଦାନ କରିବା ସହ ପରୀକ୍ଷାମୂଳକ ଭାବେ ପ୍ରସ୍ତୁତ ସହର ପରିକଳ୍ପନା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ପ୍ରସ୍ତାବ ଉପରେ ଆବଶ୍ୟକତା ଅନୁଭବ କଲେ ସୁଚିନ୍ତିତ ମତାମତ ଲିଖିତ ଭାବେ ପ୍ରଦାନ କରିବାକୁ ଅନୁରୋଧ । ଏତଦ୍ ବ୍ୟତୀତ ଅଂଶଗ୍ରହଣକାରୀ ଭୂମି ମାଲିକ ନିଜର ସମ୍ପୂର୍ଣ୍ଣ ହାଲ୍ ଠିକଣା, ଯୋଗାଯୋଗ ସମ୍ପର୍କୀୟ ସୂଚନା/ସବିଶେଷ ତଥ୍ୟ ପରିପୂରକ ତଥ୍ୟ ଯଥା ଫୋନ୍, ମୋବାଇଲ ଓ ଇ-ମେଲ୍ ଠିକଣା ସ୍ୱୟଂ ପ୍ରମାଣିତ ଦସ୍ତାବିଜର ନକଲ (ସଫ୍ଟ ଓ ହାର୍ଡ କପି), ଜମିର ସତ୍‌ସତ୍ ସମ୍ପର୍କୀୟ ଦସ୍ତାବିଜ (ବନ୍ଦୋବସ୍ତ / ଚକବନ୍ଦୀ) ନାମ ଜାରି, ଖାତା ନଂ. ନିର୍ବାହିତ ବିକ୍ରୟ ଦଲିଲ, ଜମିର ବଟା ପ୍ଲଟ ମାପଚୁପ ଫର୍ଦ୍ଦ, ମଞ୍ଜୁରୀପ୍ରାପ୍ତ ରୂପରେଖ /ଯୋଜନା, ପରିବର୍ତ୍ତିତ ମାଲିକାନା ସ୍ୱତ୍ୱ ତଥା ସହର ଯୋଜନା ପରିକଳ୍ପନା ଅନ୍ତର୍ଗତ ପ୍ରଯୁଜ୍ୟ ଅନ୍ୟାନ୍ୟ ସୂଚନା ଫର୍ମ ନଂ.IV ରେ ସଂଯୋଗ କରିବାକୁ ଅନୁରୋଧ । ଏତଦ୍ୱାରା ମୂଳ ଜମିର ସଠିକ ମାଲିକାନା ଆଧାରରେ ଚୂଡାନ୍ତ ଜମି ଆବଣ୍ଟନ ସହଜ ହୋଇପାରିବ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆପଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟ ସୂଚୀ ଅନୁଯାୟୀ ପ୍ରସ୍ତାବିତ ସଭାରେ ସମସ୍ତ ଆବଶ୍ୟକୀୟ କାଗଜାତ ସହ ଯୋଗଦାନ ପାଇଁ ଆପଣଙ୍କୁ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଉଅଛି । ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରିବା ପାଇଁ ଅନୁରୋଧ ।

**ସ୍ୱା./- ସଚିବ,ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ବି.ଦ୍ର-ଏତଦ୍ ସଂପର୍କୀୟ ବିଜ୍ଞାପନ ୧୩.୦୩.୨୦୨୧ ଶନିବାର ଦିନ ଓଡ଼ିଶା ଭାସ୍କର ପୃଷ୍ଠା-୯ ଏବଂ ୧୮.୦୩.୨୦୨୧ ଗୁରୁବାର ଦିନ ପ୍ରଗତିବାଦୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ସୌଧ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ,ଭୁବନେଶ୍ୱର-୭୫୧୦୦୧,
ଦୂରଭାଷ-(୦୬୭୪)୨୩୯୨୮୦୧, ୨୩୯୦୯୯୮,
ଫାକ୍ସ- (୦୬୭୪) ୨୩୯୦୬୩୩

**ସର୍ବସାଧାରଣ ନୋଟିସ**

(ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୩ର ନିୟମ ୨୯ ମୁତାବକ)
ପତ୍ର ସଂଖ୍ୟା **24176**/ଭୁ.ଉ.କ. ଭୁବନେଶ୍ୱର ତା.**23.06.2022**
**File No.TPS-29/2022/10**

ବିଷୟ: ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା ୨୯/୨୦୧୯ (ଆଂଶିକ ରୂପେ ଗ୍ରାମସମୂହ:ବରଗଡ଼ ଓ ବାଙ୍କୁଆଳ) ର ଜମିର ସ୍ୱାର୍ଥ ସଂଲଗ୍ନ ବ୍ୟକ୍ତିମାନଙ୍କ ସହ ପରାମର୍ଶକାରୀ ସଭା ।
ସଭାସ୍ଥଳ:ଦୁର୍ଗା ମଣ୍ଡପ ବରଗଡ, ମୌଜା-ବରଗଡ, ତାରିଖ-୨୮.୦୬.୨୦୨୨, ସମୟ ୧୦.୦୦ ଘଟିକା
ମହାଶୟା/ମହାଶୟ,

ଏତଦ୍ୱାରା ମୌଜା-ବରଗଡର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ ତଥା ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଷୟବସ୍ତୁରେ ବର୍ଣ୍ଣିତ ଶୀର୍ଷକ ଅନୁଯାୟୀ ଉପର ବର୍ଣ୍ଣିତ ଗ୍ରାମମାନଙ୍କରେ ସହର ଯୋଜନା ପରିକଳ୍ପନାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଉପଲବ୍ଧ ରେକର୍ଡ / ଦସ୍ତାବିଜ ଅନୁସାରେ ଜମି ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା୨୯/୨୦୧୯ (ଆଂଶିକ ରୂପେ ଗ୍ରାମ ସମୂହ ବରଗଡ଼ ଓ ବାଙ୍କୁଆଳ) ରେ ଅନ୍ତର୍ଭୁକ୍ତ ହୋଇଛି । ଆଇନଗତ ବ୍ୟବସ୍ଥାର ଅନୁପାଳନ କରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ର ନିୟମ ୨୮(୧) ଅନୁଯାୟୀ ଫର୍ମ-III ଓ ନିୟମ ୨୮(୩) ମୁତାବକ ଫର୍ମ ନଂ- IV ପ୍ରସ୍ତୁତ କରି ଓଡ଼ିଶା ରାଜପତ୍ର ସଂଖ୍ୟା ୩୨୯ ତା. ୨୫.୦୨.୨୦୨୧ ରେ ଓଡ଼ିଶା ରାଜପତ୍ରରେ ପ୍ରକାଶ କରିଛନ୍ତି ଏବଂ ବହୁଳ ପ୍ରଚାର ପାଇଁ ନିମ୍ନବର୍ଣ୍ଣିତ ଦୈନିକ ସମ୍ବାଦପତ୍ରମାନଙ୍କରେ ଉକ୍ତ ରାଜପତ୍ରକୁ ପ୍ରକାଶକରି ଭୂମିମାଲିକ, ସ୍ୱତ୍ୱାଧାରୀ ଓ ଜମିରେ ସ୍ୱାର୍ଥନିହିତ ବ୍ୟକ୍ତିବିଶେଷଙ୍କଠାରୁ ସମସ୍ତ ସୂଚନା ଆହ୍ୱାନ କରି ସଂଲଗ୍ନ ଫର୍ମ ନଂ.IV ରେ ପୂରଣ କରି ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଭୂମି ମାଲିକଙ୍କ ଅବଗତି ନିମନ୍ତେ ଆହୂତ ଉକ୍ତ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଯାଉଅଛି ।

ଉକ୍ତ ସଭାରେ ଯୋଗଦେଉଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସହର ଯୋଜନା ପରିକଳ୍ପନାରେ ଆପାତତଃ ପ୍ରସ୍ତୁତ ପ୍ରସ୍ତାବ ସଂପର୍କରେ ବିଶଦ୍ ଭାବରେ ଜଣାଇ ଦିଆଯିବ । ଆବଶ୍ୟକ ସ୍ଥଳେ ଫର୍ମ ନଂ.IV ରେ ନିଜ ଜମି ସମ୍ପର୍କିତ ସମସ୍ତ ବିବରଣୀ ଉଲ୍ଲେଖ କରି ପ୍ରଦାନ କରିବା ସହ ପରୀକ୍ଷାମୂଳକ ଭାବେ ପ୍ରସ୍ତୁତ ସହର ପରିକଳ୍ପନା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ପ୍ରସ୍ତାବ ଉପରେ ଆବଶ୍ୟକତା ଅନୁଭବ କଲେ ସୁଚିନ୍ତିତ ମତାମତ ଲିଖିତ ଭାବେ ପ୍ରଦାନ କରିବାକୁ ଅନୁରୋଧ । ଏତଦ୍ ବ୍ୟତୀତ ଅଂଶଗ୍ରହଣକାରୀ ଭୂମି ମାଲିକ ନିଜର ସମ୍ପୂର୍ଣ୍ଣ ହାଲ ଠିକଣା, ଯୋଗାଯୋଗ ସମ୍ପର୍କୀୟ ସୂଚନା/ସବିଶେଷ ତଥ୍ୟ ପରିପୂରକ ତଥ୍ୟ ଯଥା ଫୋନ, ମୋବାଇଲ ଓ ଇ-ମେଲ ଠିକଣା ସ୍ୱୟଂ ପ୍ରମାଣିତ ଦସ୍ତାବିଜର ନକଲ (ସଫ୍ଟ ଓ ହାର୍ଡ କପି), ଜମିର ସତ୍‌ସତ୍ ସମ୍ପର୍କୀୟ ଦସ୍ତାବିଜ (ବନ୍ଦୋବସ୍ତ /ଚକବନ୍ଦୀ) ନାମ ଜାରି, ଖାତା ନଂ. ନିର୍ବାହିତ ବିକ୍ରୟ ଦଲିଲ, ଜମିର ବଟା ପ୍ଲଟ ମାପଚୁପ ଫର୍ଦ୍ଦ, ମଞ୍ଜୁରୀପ୍ରାପ୍ତ ରୂପରେଖ /ଯୋଜନା, ପରିବର୍ତ୍ତିତ ମାଲିକାନା ସ୍ୱତ୍ୱ ତଥା ସହର ଯୋଜନା ପରିକଳ୍ପନା ଅନ୍ତର୍ଗତ ପ୍ରଯୁଜ୍ୟ ଅନ୍ୟାନ୍ୟ ସୂଚନା ଫର୍ମ ନଂ.IV ରେ ସଂଯୋଗ କରିବାକୁ ଅନୁରୋଧ । ଏତଦ୍ୱାରା ମୂଳ ଜମିର ସଠିକ ମାଲିକାନା ଆଧାରରେ ଚୂଡାନ୍ତ ଜମି ଆବଣ୍ଟନ ସହଜ ହୋଇପାରିବ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆପଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟ ସୂଚୀ ଅନୁଯାୟୀ ପ୍ରସ୍ତାବିତ ସଭାରେ ସମସ୍ତ ଆବଶ୍ୟକୀୟ କାଗଜାତ ସହ ଯୋଗଦାନ ପାଇଁ ଆପଣଙ୍କୁ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଉଅଛି । ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରିବା ପାଇଁ ଅନୁରୋଧ ।

**ସ୍ୱା./- ସଚିବ,ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ବି.ଦ୍ର-ଏତଦ୍ ସଂପର୍କୀୟ ବିଜ୍ଞାପନ ୧୩.୦୩.୨୦୨୧ ଶନିବାର ଦିନ ଓଡ଼ିଶା ଭାସ୍କର ପୃଷ୍ଠା-୯ ଏବଂ ୧୮.୦୩.୨୦୨୧ ଗୁରୁବାର ଦିନ ପ୍ରଗତିବାଦୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ।
**OIPR-13033/11/0127/2223**


### ସାକ୍ଷୀଗୋପୀନାଥ ପଡ଼ାରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ସମ୍ବଲପୁର,୨୪।୬ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାକ୍ଷୀ ଗୋପୀନାଥ ପଡାଠାରେ ଶୁକ୍ରବାର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡାସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ବିଜେଡିର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଡ. ପ୍ରମୋଦ ରଥ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଏଥିରେ ସାମିଲ ଥିଲେ। ଶେଷରେ ଇଂ ଶ୍ରୀକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରା ପାଳନ ପାଇଁ ସମନ୍ୱୟ କମିଟି ବୈଠକ

ରେଢ଼ାଖୋଲ,୨୪।୬(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଅଧିକାରୀ ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତା।

ରେଢ଼ାଖୋଲରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ଶୁକ୍ରବାର ପ୍ରାଶାସନ ପକ୍ଷରୁ ବ୍ଲକ ସଭାଗୃହଠାରେ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ପରିଚାଳନା କମିଟି, ଦେବୋତ୍ତର ବୋର୍ଡ ସଭ୍ୟ, ବ୍ରହ୍ମସମାଜ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଭୀମଭୋଇ ଛକଠାରୁ ବଡଦାଣ୍ଡ ଦେଇ ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଉଚ୍ଛେଦ, ରଥଯାତ୍ରା ସମୟରେ ପାନୀୟ ଜଳ ଓ ବିଦ୍ୟୁତ ନିୟମିତ ଯୋଗାଣ, ରାସ୍ତାଘାଟ ସଫେଇ, ଟ୍ରାଫିକ ନିୟନ୍ତ୍ରଣ ଆଦି ବିଷୟରେ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଓକିଲସଂଘ ସଭାପତି ଅଭୟ କୁମାର ବୀର, ବ୍ରହ୍ମସମାଜ ସଭାପତି ହରୀଶଙ୍କର ହୋତା, ସାମ୍ବାଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାର,ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ବିଡିଓ ପରିକ୍ଷିତ ସାହୁ, ଅତିରିକ୍ତ ତହସିଲଦାର ଅମୂଲ୍ୟ ବାଘ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

**୪୬୨ ଅଙ୍କ ବଢ଼ିଲା ସେନ୍‌ସେକ୍ସ**

**ମୁମ୍ବାଇ:** ଚଳିତ ସପ୍ତାହରେ ଲାଗି ରହିଥିବା ହ୍ରାସ ବୃଦ୍ଧି ସହିତ ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଭାରତୀୟ ପୁଞ୍ଜିବଜାରରେ ଲାଭ ଦେଖିବାକୁ ମିଳିଛି। ସେନ୍‌ସେକ୍ସରେ ୪୬୨ (୦.୮୮%) ଏବଂ ନିଫ୍ଟିରେ ୧୪୨ (୦.୯୨%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୨,୭୨୮ ଏବଂ ନିଫ୍ଟି ୧୫,୭୦୦ ଇଣ୍ଡେକ୍ସ ପାଖାପାଖି ବନ୍ଦ ହୋଇଥିଲା। ଶୁକ୍ରବାରର ଟପ୍ ଗେନର୍ସ ତାଲିକାରେ ଏମ୍ ଆଣ୍ଡ ଏମ୍, ହିରୋ ମୋଟୋକର୍ପ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍, ବଜାଜ ଫାଇନାନ୍ସ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଟେକ୍ ମହିନ୍ଦ୍ରା, ଇନ୍‌ଫୋସିସ୍, ଆପୋଲୋ ହସ୍ପିଟାଲ, ଏନ୍‌ଟିପିସି, ଟିସିଏସ୍ ରହିଛନ୍ତି।

# ମେ ସୁଦ୍ଧା ୫୨,୪୬୦ଟନ୍ ପିଆଜ କ୍ରୟ

ନୂଆଦିଲ୍ଲୀ, ୨୪।୬



■ବଫର ଷ୍ଟକ୍ ପାଇ କେନ୍ଦ୍ରର ପ୍ରୟାସ

■ଚଳିତ ରବିଋତୁ ଲାଗି ୨.୫୦ ଲକ୍ଷ ଟନ୍ ପିଆଜ କ୍ରୟ ଲକ୍ଷ୍ୟ ରହିଛି

ବୈଶ୍ୱିକ ଦରବୃଦ୍ଧି ବର୍ତ୍ତମାନ ଅନେକ ଦେଶ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହା ମଧ୍ୟରେ ବିଶ୍ୱର ଅଗ୍ରଣୀ ଗହମ ରପ୍ତାନିକାରୀ ଭାରତ, ଚିକେନ୍ ରପ୍ତାନିକାରୀ ଥାଇଲାଣ୍ଡ ଏବଂ ପାମ୍ ତୈଳ ରପ୍ତାନିକାରୀ ଇଣ୍ଡୋନେସିଆ ଭଳି ଏସୀୟ ଦେଶଗୁଡ଼ିକ ରପ୍ତାନି ଉପରେ କଟକଣା ଲଗାଇବା ପରେ ସମସ୍ୟା ବୃଦ୍ଧି ପାଇଛି। ଏହି ଦେଶଗୁଡ଼ିକ ପରେ ଅନ୍ୟ କିଛି ଦେଶ ମଧ୍ୟ ରପ୍ତାନି ଉପରେ ରୋକ୍ ଲଗାଇବା ପାଇଁ ଆଗକୁ ବଢ଼ୁଛନ୍ତି। ଏହା ମଧ୍ୟରେ ଆମଦାନୀକାରୀ ଦେଶଗୁଡ଼ିକ ଯଥେଷ୍ଟ ଷ୍ଟକ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଏ ଦିଗରେ ଭାରତ ସରକାର ବଫର ଷ୍ଟକ୍ ବଜାୟ ରଖିବା ପାଇଁ ଚଳିତ ବର୍ଷର ମେ' ମାସ ଶେଷ ସୁଦ୍ଧା ୫୨,୪୬୦ ଟନ୍ ପିଆଜ କ୍ରୟ କରିଛନ୍ତି। ସରକାରଙ୍କ ପକ୍ଷରୁ ଶୁକ୍ରବାର ଏନେଇ ସୂଚନା ଦିଆଯାଇଛି। ସରକାର ଗତ କିଛି ବର୍ଷ ହେଲା ଉତ୍ପାଦନରେ ହ୍ରାସ କାରଣରୁ ଦରବୃଦ୍ଧି ସ୍ଥିତିକୁ ରୋକିବା ପାଇଁ ପିଆଜର ଅଧିକ ଷ୍ଟକ୍ ରଖୁଛନ୍ତି। ଅନ୍ୟ ଦେଶଗୁଡ଼ିକରୁ ପିଆଜ କ୍ରୟ ନ୍ୟାଶନାଲ ଏଗ୍ରିକଲ୍‌ଚରାଲ୍ କୋଅପ୍‌ରେଟିଭ୍ ମାର୍କେଟିଂ ଫେଡେରେଶନ ଅଫ୍ ଇଣ୍ଡିଆ(ନାଫେଡ୍) ଜରିଆରେ କରାଯାଉଛି। ଆର୍ଥିକ ବର୍ଷ ୨୦୨୨-୨୩ର ରବିଋତୁ ପାଇଁ ୨.୫୦ ଲକ୍ଷ ଟନ୍ ପିଆଜ କ୍ରୟ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ସରକାରୀ ସୂଚନା ଅନୁସାରେ, ନାଫେଡ୍ ଚଳିତ ଆର୍ଥିକ ବର୍ଷର ମେ' ଶେଷ ସୁଦ୍ଧା ୫୨,୪୬୦.୩୪ ଟନ୍ ପିଆଜ କ୍ରୟ କରିଛି। ଚଳିତ ରବିଋତୁ ପାଇଁ ଆମଦାନୀ ଲକ୍ଷ୍ୟ ରଖାଯାଇଥିବା ୨.୫୦ ଲକ୍ଷ ଟନ୍ ପିଆଜ ପରିମାଣ ଆଗାମୀ ମାସ ସୁଦ୍ଧା ଅକ୍ତିଆର କରାଯିବ ବୋଲି ସରକାରୀ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ ପିଆଜ ଦର ସ୍ଥିର ରଖିବା ପାଇଁ ମୋଟ୍ ୨.୦୮ ଲକ୍ଷ ଟନ୍ ପିଆଜ କ୍ରୟ କରାଯାଇଥିଲା। କୃଷି ମନ୍ତ୍ରଣାଳୟର ଆକଳନ ଅନୁସାରେ, ୨୦୨୨-୨୩ ଫସଲ ବର୍ଷ (ଜୁଲାଇ-ଜୁନ୍)ରେ ଦେଶର ମୋଟ୍ ପିଆଜ ଉତ୍ପାଦନ ୧୬.୮୧% ବୃଦ୍ଧି ଘଟି ୩୧.୧୨ ମିଲିୟନ ଟନ୍ ଛୁଇଁବା ସମ୍ଭାବନା ଦେଖାଦେଇଛି। ୨୦୨୧-୨୨ ଅମଳ ବର୍ଷରେ ଏହି ପରିମାଣ ୨୬.୬୪ ମିଲିୟନ ଟନ୍ ରହିଥିଲା।

## ବଢ଼ୁଛି ରାଇସ୍ ବ୍ରାନ୍ ତୈଳ ଚାହିଦା

ନୂଆଦିଲ୍ଲୀ, ୨୪।୬

ଭାରତରେ ରାଇସ୍ ବ୍ରାନ୍ ତୈଳ ଏକ ଲୋକପ୍ରିୟ କମୋଡିଟି ପାଲଟିଛି। ଦେଶର ବୈଶ୍ୱିକ ସପ୍ଲାଇ ଚେନ୍‌ରେ ବାଧା ଯୋଗୁ ଘରୋଇ ବଜାରରେ ଖାଇବା ତୈଳରେ ହ୍ରାସ ଘଟିଛି। ରଏଟର୍ସ ଅନୁସାରେ, ସାରା ବିଶ୍ୱରେ ସର୍ବାଧିକ ଖାଦ୍ୟ ତୈଳ ଆମଦାନୀ କରୁଥିବା ଦେଶ ହେଉଛି ଭାରତ। ଚାଉଳ ଚୋପାରୁ ପ୍ରସ୍ତୁତ ହେଉଥିବା ରାଇସ୍ ବ୍ରାନ୍ ତେଲକୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥିବା ଲୋକମାନେ ବିଶେଷ ବ୍ୟବହାର କରୁଛନ୍ତି। ଏହା ସାଧାରଣ ଖାଇବା ତେଲଠାରୁ ଅଳ୍ପମାତ୍ରାରେ ମହଙ୍ଗା ହୋଇଥାଏ। ଭାରତରେ ଅନ୍ୟ ଖାଇବା ତେଲ ତୁଳନାରେ ରାଇସ୍ ବ୍ରାନ୍ ତୈଳର ବ୍ୟବହାର ବହୁ କମ୍ ମାତ୍ରାରେ ହୋଇଥାଏ। ଏହାସତ୍ତ୍ୱେ ଅନ୍ୟ ତୈଳ ଅପେକ୍ଷା ରାଇସ୍ ବ୍ରାନ୍‌ର ବ୍ୟବହାରକାରୀ ସଂଖ୍ୟା ଅଧିକ ମାତ୍ରାରେ ବଢ଼ୁଛି।

## ବାରବାଟୀ ଡାଇଗ୍ନୋଷ୍ଟିକ୍ସ ଉଦ୍‌ଘାଟିତ




କଟକ, ୨୪।୬

ମିଲେନିୟମ୍ ସିଟି କଟକରେ ଶୁକ୍ରବାର ଡାଇଗ୍ନୋଷ୍ଟିକ୍ ସେଟ୍ ଅପ୍ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଏହା ଏକ ଡକ୍ଟର୍ସ ହବ୍ ହେବା ସହିତ ମଲ୍ଟି-ସ୍ପେଶାଲିଟି କ୍ଲିନିକ୍ ଭାବରେ ମଧ୍ୟ କାର୍ଯ୍ୟ କରିବ। ବାରବାଟୀ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ଭାବରେ କଟକର ଜୋବ୍ରା ରୋଡ୍‌ରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରର ଉଦ୍‌ଘାଟନ କଟକ-ଚୌଦ୍ୱାର ବିଧାୟକ ଶୌଭିକ୍ ବିଶ୍ୱାଳଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ମହମ୍ମଦ ମୋକ୍ସିମ୍, ପ୍ରଭାତ ବିଶ୍ୱାଳ ଏବଂ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଭଳି ରାଜ୍ୟର ବରିଷ୍ଠ ନେତାଗଣ ଉପସ୍ଥିତ ଥିଲେ। ବାରବାଟୀ ଡାଇଗ୍ନୋଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡାକ୍ତର ଉପେନ୍ଦ୍ର ଉପାଧ୍ୟାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ରୋଗୀଙ୍କ ଆବଶ୍ୟକତା ପୂରଣ କରିବା ଭଳି ଏଠାରେ ମଲ୍ଟି ଡିଟେକ୍ଟର ସିଟି ସ୍କାନ୍, ଅଲ୍‌ଟ୍ରା ସାଉଣ୍ଡ, ଏଣ୍ଡୋସ୍କୋପି ଏବଂ ଇମେଜ୍‌ଗାଇଡ୍ ଥେରାପିଜ୍ ଭଳି ବ୍ୟବସ୍ଥା ରହିଛି। ଦେଶ ବିଦେଶରେ ପ୍ରଶିକ୍ଷିତ ରେଡିଓଲୋଜିଷ୍ଟ ଏବଂ ପାଥୋଲୋଜିଷ୍ଟଙ୍କ ଦ୍ୱାରା ଏହି କେନ୍ଦ୍ର ପରିଚାଳିତ ହେବ।

## ବଢ଼ିଲା କାର୍ଡ ଟୋକେନାଇଜେଶନ ସମୟସୀମା

ନୂଆଦିଲ୍ଲୀ, ୨୪।୬

ଗ୍ରାହକଙ୍କ କାର୍ଡ ଡିଟେଲ୍ସକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କାର୍ଡ ଟୋକେନାଇଜେଶନ ସମୟସୀମାକୁ ୩ ମାସ ବଢ଼ାଇ ଦିଆଯାଇଛି। ବର୍ତ୍ତମାନ କାର୍ଡ ଟୋକେନାଇଜେଶନ ପାଇଁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସମୟ ମିଳିବ। ଆର୍‌ବିଆଇ ନିୟମ ଅନୁସାରେ ଟୋକେନାଇଜେଶନ ଲାଗୁ ହେବା ପରେ କାରବାର ବ୍ୟାଙ୍କ କିମ୍ବା କାର୍ଡ ନେଟ୍‌ୱାର୍କ ବ୍ୟତୀତ ଅନ୍ୟ କୌଣସି କାର୍ଡ ଡାଟା ଷ୍ଟୋର୍ କରିବ ନାହିଁ। ବର୍ତ୍ତମାନ କୌଣସି କମ୍ପାନୀ ପାଖରେ ଡାଟା ଷ୍ଟୋର ଯଦି ଅଛି, ତେବେ ତାହାକୁ ଡିଲିଟ୍ କରିବାକୁ ହେବ। କାର୍ଡ ଟୋକୋନାଇଜେଶନ ବ୍ୟବସ୍ଥାକୁ ନ ଆପଣେଇବା ଦ୍ୱାରା ଇ-କମର୍ସ ୱେବ୍‌ସାଇଟ୍‌ରେ ଶପିଂ କରିବା ସମୟରେ ୧୬ ଅଙ୍କ ବିଶିଷ୍ଟ କାର୍ଡ ନମ୍ବର ବ୍ୟବହାର କରିବାକୁ ହେବ। ଉଦାହରଣ ସ୍ୱରୂପ ବର୍ତ୍ତମାନ ଯଦି ଆମେ କୌଣସି ଇ-କମର୍ସ ୱେବ୍‌ସାଇଟ୍‌ରେ ଶପିଂ କରୁଛୁ ତେବେ, ଆମ କାର୍ଡର ଡିଟେଲ୍ସ ଉକ୍ତ ଇ-କମର୍ସ ୱେବ୍‌ସାଇଟ୍ ପାଖରେ ରହୁଥିଲା। ଏହାପରେ ଆମେ ଯେଉଁ ପେମେଣ୍ଟ ଏଗ୍ରିଗେଟର ମାଧ୍ୟମରେ ପେମେଣ୍ଟ କରୁଥିଲୁ, ତା' ନିକଟରେ ମଧ୍ୟ କାର୍ଡ ଡିଟେଲ୍ସ ରହୁଥିଲା। ଏହାଛଡ଼ା କାର୍ଡ ଜାରି କରୁଥିବା ବ୍ୟାଙ୍କ ଏବଂ କାର୍ଡ ନେଟ୍‌ୱାର୍କ କମ୍ପାନୀ ନିକଟରେ ମଧ୍ୟ ଡାଟା ରହୁଥିଲା। କାର୍ଡ ଅନ୍ ଫାଇଲ ଡାଟା ଟୋକେନାଇଜେଶନ ବିଭିନ୍ନ ପ୍ରକାର ପେମେଣ୍ଟ ପାଇଁ ଲାଗୁ ହେବ।

## 'ଡିସେମ୍ବର ଯାଏ କମିବନି ମୁଦ୍ରାସ୍ଫୀତି'

**ନୂଆଦିଲ୍ଲୀ,୨୪।୬:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଶୁକ୍ରବାର କହିଛନ୍ତି, ମୁଦ୍ରାସ୍ଫୀତି ବର୍ତ୍ତମାନ ଅନେକ ଦେଶ ପାଇଁ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି। ତେବେ ଆର୍‌ବିଆଇ ଏହା ସହ ଲଢ଼ିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଏହାଛଡ଼ା ଦରବୃଦ୍ଧିକୁ କାବୁକରିବା ପାଇଁ ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି କରାଯିବା ପୂର୍ବରୁ ବଜାରରେ ଲିକ୍ୱିଡିଟି ସନ୍ତୁଳନ କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରାଯାଇଥିଲା। ଗଣମାଧ୍ୟମ ସାକ୍ଷାତ୍‌କାରରେ ଦାସ କହିଛନ୍ତି, ବିଶ୍ୱର ଅଧିକାଂଶ ସମସ୍ତ ଦେଶ ମୁଦ୍ରାସ୍ଫୀତି ବୃଦ୍ଧି ଦ୍ୱାରା ପ୍ରଭାବିତ ହେଉଛି। ବୈଶ୍ୱିକ କାରକ ଯୋଗୁ ଭାରତର ମୁଦ୍ରାସ୍ଫୀତି ପ୍ରଭାବିତ ହେଉଛି।

## 'ସୂର୍ଯ୍ୟ ନୂତନ' ଇନ୍‌ଡୋର ସୋଲାର କୁକିଂ ସିଷ୍ଟମ ପ୍ରଦର୍ଶିତ



ନୂଆଦିଲ୍ଲୀ, ୨୪।୬

ଇଣ୍ଡିଆନ୍‌ଅଏଲ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱଦେଶୀ ସୋଲାର କୁକ୍ ଟପ୍ 'ସୂର୍ଯ୍ୟ ନୂତନ' ବିକଶିତ କରାଯାଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ବାସଭବନରେ ବୁଧବାର ଏହାର ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ଗିରିରାଜ ସିଂହ ଉପସ୍ଥିତ ଥିଲେ। ଏମାନଙ୍କ ସମେତ ରାଷ୍ଟ୍ରମନ୍ତ୍ରୀ ସୋମ୍ ପ୍ରକାଶ ଏବଂ କୁଶଲ କିଶୋର, ଉତ୍ତର ପ୍ରଦେଶର ମନ୍ତ୍ରୀ ସୁରେଶ ଖାନ୍ନା, ଇଣ୍ଡିଆନ ଅଏଲ ଚେୟାରମ୍ୟାନ ଶ୍ରୀକାନ୍ତ ମାଧବ ବୈଦ୍ୟ, ଇଣ୍ଡିଆନ୍ ଅଏଲ ନିର୍ଦ୍ଦେଶକ ଏସ୍‌ଏସ୍‌ଭି ରାମକୁମାର ଓ ବରିଷ୍ଠ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂର୍ଯ୍ୟ ନୂତନ ସୋଲାର କୁକ୍ ଟପ୍‌ରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଯୋଗଦେଇଥିବା ଅତିଥିମାନଙ୍କୁ ପରିବେଷଣ କରାଯାଇଥିଲା। ଏହି ସୋଲାର କୁକ୍ ଟପ୍‌ର ଅନେକ ବିଶେଷତା ରହିଛି। ଏହାର ଦାମ୍ ୧୨,୦୦୦ଟଙ୍କାରୁ ଆରମ୍ଭ ହୋଇ ୨୩,୦୦୦ ପର୍ଯ୍ୟନ୍ତ ରହିଛି।


ଦଶମ ଜନ୍ମବାର୍ଷିକ ଶୁଭେଚ୍ଛା



(ରିତି)

ରାଜଶ୍ରୀ ସେନାପତି

ଗ୍ରାମ: ବାଂଶ, ନାଉଗାଁ, ଜଗତ୍‌ସିଂହପୁର

ଆଜି ୧୦ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଇଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛା ସହ: କେକେମା, କେକେବାପା, ବଡ଼ବାପା, ବଡ଼ମା, ବଡ଼ଭାଇ, ସାନଭଉଣୀ, ଦାଦା, ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ।

ଧ-୮୦୧


## ଫୁରସତ୍




### ଫିଲ୍ମର ସଫଳତା ପାଇଁ ଉପହାର

**ମୁମ୍ବାଇ:** ହିନ୍ଦୀ ଫିଲ୍ମ 'ଭୁଲ ଭୁଲେୟା ୨'ର ସଫଳତା ପାଇଁ ନିର୍ଦ୍ଦେଶକ ଭୂଷଣ କୁମାର ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କୁ ଏକ କାର୍ ଉପହାର ଦେଇଛନ୍ତି, ଯାହାର ଦାମ୍ ୪.୭ କୋଟି ଟଙ୍କା। ଇଣ୍ଡିଆର ପ୍ରଥମ ଏମ୍‌ସି ଲରେନ୍ ଜିଟି କାରକୁ ଭୂଷଣ କୁମାର କାର୍ତ୍ତିକଙ୍କୁ ଗିଫ୍ଟ କରିଛନ୍ତି। ଏ ନେଇ କାର୍ତ୍ତିକ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ପରିଶ୍ରମର ଫଳ ମିଠା ବୋଲି ଶୁଣିଥିଲି କିନ୍ତୁ ଏତେ ବଡ଼ ହେବ ବୋଲି ଜାଣି ନ ଥିଲି ବୋଲି ନାୟକ ଜଣଙ୍କ ପୋଷ୍ଟର କ୍ୟାପ୍ସନରେ ଲେଖିଛନ୍ତି। ତେବେ କାର୍ତ୍ତିକଙ୍କ ଏହି ପୋଷ୍ଟରେ ଫରା ଖାନ୍‌ଙ୍କ ସମେତ ଅନେକ ହିନ୍ଦୀ ଜଗତର କଳାକାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ଭୁଲ ଭୁଲେୟା୨'ର ସଫଳତା ପରେ ନାୟକ ଏବେ ଆରିୟନ ଏବେ ସେଲିବ୍ରେଶନ୍ ମୁଡ୍‌ରେ ଅଛନ୍ତି। କାର୍ତ୍ତିକଙ୍କ ବ୍ୟତୀତ ଫିଲ୍ମରେ କିଆରା ଆଡଭାନି, ତବୁ ପ୍ରମୁଖ କଳାକାର ଅଭିନୟ କରିଥିଲେ। ୨୦୧୮ରେ ଭୂଷଣ କୁମାର ଓ କାର୍ତ୍ତିକ 'ସୋନୁ କେ ଟିଟୁ କେ ସ୍ୱିଟି' ଫିଲ୍ମରେ ଏକାଠି ହୋଇଥିଲେ।


ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, +୨ ନାମଲେଖା ବିଜ୍ଞାପନ

Student Academic Management System

No. RR-11: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୧୭।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | www.samsodisha.gov.in ୱେବସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୦୪।୦୭।୨୦୨୨ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡମିଟ୍ କାର୍ଡ଼ ଡାଉନଲୋଡ଼ ପାଇଁ ଉପଲବ୍ଧ ହେବାର ତାରିଖ | ତା୦୮।୦୭।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୧୮।୦୭।୨୦୨୨ରିଖରୁ ତା୨୩।୦୭।୨୦୨୨ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୨୮।୦୭।୨୦୨୨ରିଖ |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.: (କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0013/2223



DSPL-83

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏଏସ୍ (AS) ସିରିଜ୍

ବିଶେଷ ସୂଚନା

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଏଏସ୍ (AS) ସିରିଜ୍‌ର କୁପନ୍ ସଂଗ୍ରହ କରିଥିବା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅନିବାର୍ଯ୍ୟ କାରଣବଶତଃ, ଏହି ଯୋଜନାର ଉଠାଣ ତା.୨୬.୦୬.୨୦୨୨ ରିଖ ପରିବର୍ତ୍ତେ ତା.୦୭.୦୭.୨୦୨୨ ରିଖ ପୂର୍ବାହ୍ନ ୧୦.୩୦ ସମୟରେ ଜୟଦେବ ଭବନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ

ଅର୍ଥ ବିଭାଗ, ଓଡ଼ିଶା ସରକାର

OIPR-05001/13/0008/2223



OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH

(District Child Protection Unit)

Odisha State Child Protection Society, W&CD Department

Govt. of Odisha

Letter No.186/DCPU/SNG/2022 Date:24.06.2022

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଗୁଡିକ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁ ତିନୋଟିଙ୍କୁ ଶିଶୁ ମଙ୍ଗଳ ସମିତି, ସୁନ୍ଦରଗଡ଼ରେ ଉପସ୍ଥାପନା କରି କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁସାରେ ଏହାପର ପଦକ୍ଷେପ ନିଆଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ.ନଂ.୯୯୩୮୧୭୦୪୫୦/ଅଫିସ୍: ୦୬୬୨୨-୨୭୩୩୪୩

ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ.ନଂ.୯୪୩୭୦୮୫୪୩୪/ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଶିଶୁ ଯତ୍ନକାରୀ ଅନୁଷ୍ଠାନ | ଶିଶୁର ଫଟୋ |
|---|---|---|---|---|---|
| ୧ | କରନ କିସାନ | ୦୧.୦୧.୨୦୧୪ | ପୁଅ | ଜୟଶଙ୍କର ସେବାଶ୍ରମ, ଟାଙ୍ଗରପାଲୀ |  |
| ୨ | ଭାରତୀ ଲୋହାର | ୧୯.୦୪.୨୦୧୦ | ଝିଅ | ଜୟଶଙ୍କର ସେବାଶ୍ରମ, ଟାଙ୍ଗରପାଲୀ |  |
| ୩ | ଅଙ୍ଗଦ | ୨୫.୦୭.୨୦୧୫ | ପୁଅ | ସହଯୋଗ, ବିରମିତ୍ରପୁର |  |

Sd./- District Child Protection Officer, Sundargarh



Government of Odisha No.O-528:

Office of the Superintending Engineer Rural Works Division, Jharsuguda

Email : eerw_jharsuguda@yahoo.co.in, Tel. : 06645-271643

Bid Identification No. Online - SEJSG - 01 of 2022-23

NOTICE INVITING TENDER FOR ROAD WORKS IN ODISHA NATIONAL COMPETITIVE BIDDING THROUGH e-Procurement

1. Name of the work : Road works as per DTCN available in the www.tendersorissa.gov.in
2. Total No. of Work : 08 (Eight) Nos.
3. Estimated Cost : Rs. 11.31 Lakh to Rs. 34.80 Lakhs
4. Period of completion : 2 (Two) & 3 (Three) Calendar Months
5. Period and Time of availability of bid document in the portal for bidding : Dt. 29.06.2022 at 11.00 A.M. to 11.07.2022 upto 05.00 P.M.
6. Date and Time of bid opening : Dt. 12.07.2022 at 11.00 A.M.
7. Name and address of the Officer inviting Bid : S.E., R.W.Division, Jharsuguda

(1) Other details can be seen from Detailed notice Inviting Tenders, available in website www.tendersorissa.gov.in

(2) Corrigendum if any shall only be published in the above website.

Sd./- Superintending Engineer
R.W.Division, Jharsuguda

OIPR-25104/11/0002/2223


## ପାଦୁକାରେ କୃଷ୍ଣ ମୂର୍ତ୍ତି ଗିଳିଦେଲେ ଭକ୍ତ

**ବେଙ୍ଗାଲୁରୁ:** କର୍ଣ୍ଣାଟକ ବେଲାଗାଭି ଅଞ୍ଚଳରେ ଜଣେ ୪୫ ବର୍ଷୀୟ ବ୍ୟକ୍ତି ପାଦୁକାରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତି ଗିଳିଦେଇଛନ୍ତି। ଛାତିରେ ଅସହ୍ୟ ଯନ୍ତ୍ରଣା ହେବାରୁ ତାଙ୍କୁ କେଏଲ୍‌ଇ ହସ୍ପିଟାଲ ନିଆଯାଇଥିଲା, ଯେଉଁଠାରେ ବ୍ୟକ୍ତିଙ୍କ ଏକ୍ସରେ କରାଯାଇଥିଲା। ତେବେ ତାଙ୍କ ଖାଦ୍ୟନଳିରେ ମେଟାଲ ମୂର୍ତ୍ତି ଅଟକି ରହିଥିବା ଜଣାପଡ଼ିଥିଲା। କେଏଲ୍‌ଇ ହସ୍ପିଟାଲର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର ଜରିଆରେ ବ୍ୟକ୍ତିଙ୍କ ଖାଦ୍ୟନଳିରୁ ମୂର୍ତ୍ତିଟିକୁ ବାହାର କରିଥିଲେ। ତେବେ ଅପରେଶନ୍ ପରେ ବ୍ୟକ୍ତି ଜଣଙ୍କ ସୁସ୍ଥ ଥିବା କୁହାଯାଉଛି। ସେ ପାଦୁକରେ ଭଗବାନଙ୍କ ମୂର୍ତ୍ତି ଗିଳିବାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଗତବର୍ଷ ବ୍ରିଟେନର ୧୨ ବର୍ଷୀୟ ରିଲେ ମୋରିସନ୍ ଏକାଧିକ ଚୁମ୍ବକ ଗିଳିଦେଇଥିଲେ। ପେଟରେ ଯନ୍ତ୍ରଣା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପାଖାପାଖି ୬ ଘଣ୍ଟାର ଅପରେଶନ୍ ପରେ ସୁଦ୍ଧା ନାବାଳକଙ୍କୁ ବଞ୍ଚାଯାଇ ପାରି ନ ଥିଲା।




ମନେ ପଡ଼ନ୍ତି

ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



୰ଡା. ଦେବେନ୍ଦ୍ର କୁମାର ଜେନା

ଜାରକା, ଧର୍ମଶାଳା, ଯାଜପୁର

ଆବିର୍ଭାବ-୨୧।୦୫।୧୯୫୬

ତିରୋଧାନ- ୨୦।୦୬।୨୦୨୧

ଆପଣ ଅନେକ ରୋଗୀଙ୍କୁ ସୁସ୍ଥ କରିଛନ୍ତି। ମାତ୍ର ଜୀବନ ଯୁଦ୍ଧରେ ନିଜେ ହାରିଗଲେ। ସୁସ୍ଥ ଲୋକମାନେ ଆପଣଙ୍କୁ ଝୁରି ହେଉଛନ୍ତି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ- ପୁତ୍ର ଡା. ସନ୍ତୋଷ କୁମାର ଜେନା, ପୁତ୍ରବଧୂ: ଡା. ସ୍ମିତାରାଣୀ ନାୟକ, ବଡ଼ ଭାଉଜ: ସଞ୍ଜୁକ୍ତା, ପତ୍ନୀ: ରାଜଶ୍ରୀ, ଭାଇ: ପ୍ରଦୀପ, ଭାଇବୋହୂ: ଜାହ୍ନବୀ, ଝିଅ: ସୁଦୀପ୍ତା, ଜ୍ୱାଇଁ: ସବ୍ୟସାଚୀ ଆଇଚ୍, ବନ୍ଧୁ ଓ ପରିବାରବର୍ଗ।

ଧ-୮୧୬



OFFICE OF THE EXECUTIVE ENGINEER, RURAL WORKS DIVISION, BARGARH

e-Procurement Notice No. ONLINE-BGH- 08 OF 2022-23

No.O-520: Email: rd_bgh@yahoo.co.in Gmail: rwd.bgh@gmail.com

| | | | |
|---|---|---|---|
| 1 | Name of the Work | : | Supply, Installation, Testing and Commissioning of 10 Passenger Lift and 16 Passenger Stretcher Type Lift (Make - Johnson/OTIS/Thyssenkrupp) for G+3 MCH Building at Sohela in the district of Bargarh. |
| 2 | EMD | : | Bid Security Declaration |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-08 of 2022-23 | 02.07.2022 at 11.00 A.M. | 12.07.2022 upto 5.00 P.M. | 11.07.2022 upto 5.00 P.M. | 15.07.2022 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer, R.W. Division, Bargarh

OIPR-25062/11/0013/2223



GOVERNMENT OF ODISHA

OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

No.O-515: jajpurrwd@yahoo. com

'E' PROCUREMENT NOTICE NO. Tender Online 05 JJPT of 2022-23

1. Name of Work : Road Works.
2. Total No of Work : 14 nos. road work.
3. Estimated Cost (Approx.) : 6.00 Lakhs to 23.00 Lakhs
4. Period of Completion : 1,2 & 3 Month
5. Class of Contractors : C&D

**Other details as follows:**

a) Procurement Officer : Executive Engineer, Rural Works Division, Jajpur
b) Availability of tender online & submission of bid : 27.06.2022 at 11.00 AM to 07.07.2022 upto 5.00 PM
c) Last date & time of seeking of tender clarification : 06.07.2022 up to 1:00 PM
d) Opening of Tender : 08.07.2022 at 11.30 A.M.

Further details can be seen from the Govt. website www.tendersodisha.gov.in.

Sd./- Executive Engineer
Rural Works Division, Jajpur

OIPR-25047/11/0008/2223

# କାର୍ଯ୍ୟକ୍ଷମ ହେଲା ବଲାଙ୍ଗୀର ବସ୍ ଟର୍ମିନାଲ

ବଲାଙ୍ଗୀର ଅଫିସ,୨୪।୬

ବଲାଙ୍ଗୀର ନୂତନ ବସ୍ ଟର୍ମିନାଲ ଶୁକ୍ରବାର କାର୍ଯ୍ୟକ୍ଷମ ହୋଇଛି। ଏଥିସହିତ ଓଏସ୍ଆରଟିସି ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ପ୍ରାତଃ ୪.୪୫ରେ ବଲାଙ୍ଗୀର-ଫୁଲବାଣୀ ଓଏସ୍ଆରଟିସି ବସ୍‌କୁ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଓଏସ୍ଆରଟିସି ୟୁନିଟ୍ ସହିତ ବଲାଙ୍ଗୀର ଦେଇ ଯାଉଥିବା ବିଭିନ୍ନ ୟୁନିଟର ବସ୍‌ଗୁଡିକ ମଧ୍ୟ ଏହି ନୂତନ ଟର୍ମିନାଲ ଦେଇ ଚଳାଚଳ କରିବ। ବଲାଙ୍ଗୀର ଟର୍ମିନାଲରୁ ୨୪ଟି ରୁଟ୍‌ରେ ଓଏସ୍ଆରଟିସି ବସ୍ ଆଜିଠୁ ଚଳାଚଳ କରିଛି। ଏଥିରେ ଭୁବନେଶ୍ୱର ଓଏସ୍ଆରଟିସି ୟୁନିଟର ଗୋଟିଏ, ଭବାନୀପାଟଣା ୟୁନିଟର ଗୋଟିଏ, ବରଗଡ଼ ୟୁନିଟର ୪ଟି, ସମ୍ବଲପୁର ୟୁନିଟର ୩ଟି, ରାଉରକେଲା ୟୁନିଟର ଗୋଟିଏ ଓ ଅନୁଗୋଳ ୟୁନିଟର ଗୋଟିଏ ରୁଟରେ ବଲାଙ୍ଗୀର ନୂତନ ବସ୍ ଟର୍ମିନାଲ ଦେଇ ଚଳାଚଳ କରିଛି। ଏଥିପାଇଁ ସମସ୍ତ ରୁଟ୍‌ବସ୍‌ର ସମୟ ସମ୍ପର୍କରେ ରାଜ୍ୟ ପରିବହନ ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତମ ସେବା ଯୋଗାଇଦେବାରେ ଓଏସ୍ଆରଟିସି ଓ ଜିଲା ପ୍ରଶାସନକୁ ସହଯୋଗ କରିବା ସହ ବସ୍ ଟର୍ମିନାଲକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଓଡିଶା ରାଜ୍ୟ ସଡ଼କ ପରିବହନ ଭୁବନେଶ୍ୱର ମୁଖ୍ୟାଳୟର ଡିଟିଏମ୍ (ଅପରେଶନ) ପ୍ରଶାନ୍ତ କୁମାର ହୋତା, ଭୁବନେଶ୍ୱର ମୁଖ୍ୟାଳୟ ମାନବ ସମ୍ବଳ ପରିଚାଳକ ଦୁର୍ଗା ମାଧବ ମହାପାତ୍ର, ଅତିରିକ୍ତ ଇଷ୍ଟେଟ ଅଧିକାରୀ ଗଗନ ବିହାରୀ ସେନାପତି, ଓଏସ୍ଆରଟିସି ବଲାଙ୍ଗୀର ୟୁନିଟର ଭାରପ୍ରାପ୍ତ ଅଧିକାରୀ ବଲାଙ୍ଗୀର ତହସିଲଦାର ମଘବାନ ବାଗ, ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନ୍ ବିହାରୀ ଦୀପ୍, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ସହକାରୀ ଜିଲାପାଳ ଦିଲୀପ କୁମାର ମାଝୀ, ଗୁରେଶ୍ୱର ଭୋଇ, ଓଏସ୍ଆରଟିସି ମୁଖ୍ୟାଳୟର କନିଷ୍ଠ ଯନ୍ତ୍ରୀ ସାଲଖାନ୍ ମାଝିଙ୍କ ସମେତ ଓଏସ୍ଆରଟିସିର କର୍ମକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ଅଧିକାରୀମାନେ।

**ଓଏସ୍ଆରଟିସି ବସ୍ ଚଳାଚଳର ଶୁଭାରମ୍ଭ କଲେ ଜିଲାପାଳ**

# ମାଓବାଦୀଙ୍କ ନାଁରେ ଟଙ୍କା ଆଦାୟ, ୨ ଗିରଫ

ଭବାନୀପାଟଣା,୨୪।୬(ସ୍ୱ.ପ୍ର.)

ମାଓବାଦୀଙ୍କ ନାଁରେ ଲୋକଙ୍କୁ ଡରାଇ ଟଙ୍କା ଆଦାୟ କରିବା ଅଭିଯୋଗରେ କଳାହାଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ଏହି ଜିଲା ବିଜେପୁର ଥାନା ଅଞ୍ଚଳର ଉଦ୍ଧବ ନାଏକ ଓ କେଗାଁ ଥାନା ଅଞ୍ଚଳର ଜରାଷଣ୍ଢ ସୁନା। ସେମାନଙ୍କଠାରୁ ନଗଦ ୧ ଲକ୍ଷ ଟଙ୍କା, ଗୋଟିଏ ବାଇକ୍, ୩ଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି। ଅଧିକ ପଚାରଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ଜିଲାର ବିଭିନ୍ନ ଥାନାରେ ଏକାଧିକ କେସ୍ ଥିବା ଏସ୍‌ପି କହିଛନ୍ତି। ସୂଚନା ଅନୁଯାୟୀ ଜିଲାର ଜୟପାଟଣା ଥାନା ଅଧୀନ ଘଣ୍ଟିଗୁଡା ଗାଁର ହେମରାଜ ନାଏକ ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣାରେ ପିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଗତ ୧୦ ତାରିଖରେ ତାଙ୍କ ପାଖକୁ ମାଓବାଦୀଙ୍କ ନାଁରେ ଏକ ଫୋନ କଲ ଆସିଥିଲା। ଫୋନରେ ୨ ଲକ୍ଷ ଟଙ୍କା ନ ଦେଲେ ତାଙ୍କୁ ଏବଂ ପରିବାର ଲୋକଙ୍କୁ ମାରି ଦେବାକୁ ଧମକ ମିଳିଥିଲା। ଏ ନେଇ ହେମରାଜ ଥୁ.ରାମପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଫୋନ ଆସିଥିବା ନମ୍ବରକୁ ଟ୍ରାକ କରି ଅଭିଯୁକ୍ତମାନଙ୍କ ଟେର ପାଇଥିଲା କଳାହାଣ୍ଡି ପୋଲିସ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ନକଲି ମାଓବାଦୀଙ୍କୁ ଟଙ୍କା ଦେବା ଆଳରେ ହେମରାଜ ଫୋନ କରି ଟଙ୍କା ଦେବା ପାଇଁ କଥା ହୋଇଥିଲା। ପୋଲିସ ଏକ ସ୍ଥାନକୁ ଡାକି ପୂର୍ବ ଯୋଜନା ଅନୁଯାୟୀ ନକଲି ମାଓବାଦୀଙ୍କ ସହ ହେମରାଜ କଥା ହେବା ସମୟରେ ୨ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି।


ଗିରଫ ୨ ଅଭିଯୁକ୍ତ।


ବଲାଙ୍ଗୀର ସର୍କିଟ ହାଉସ୍ ରାସ୍ତାକଡ଼ରେ ଗଦାଗଦା ପଲିଥିନ ଓ ବର୍ଜ୍ୟବସ୍ତୁ। (ଫଟୋ: ସୁନୀଲ)

# ୨ କ୍ରଶର, ୪ ପଥର ଖାଦାନ ସିଲ୍

## ରାଜସ୍ୱ ବିଭାଗର ଚଢ଼ାଉ

କୋକସରା,୨୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟ ଅଧୀନ କାଶିବାହଲ ଗ୍ରାମ ଜିନ୍ଦମାତା କ୍ରଶର, ସର୍ଗିଗୁଡାରେ ଥିବା ପଞ୍ଚାନନ କ୍ରଶର ଓ ୪ ପଥର ଖାଦାନରେ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଓ ଶୁକ୍ରବାର ଚଢ଼ାଉ କରାଯାଇଛି। ଧର୍ମଗଡ ଉପଜିଲାପାଳଙ୍କ ତଦାରଖରେ ତଦନ୍ତ ଓ କାଗଜପତ୍ର ଯାଞ୍ଚ ପରେ ପ୍ରଶାସନ ପକ୍ଷରୁ ୨ କ୍ରଶର ଓ ୪ ପଥର ଖାଦାନକୁ ସିଲ କରାଯାଇଥିବା ସୂଚନା ମିଳିଛି। ଶୁକ୍ରବାର ମଧ୍ୟ କୋକସରା ଅତିରିକ୍ତ ତହସିଲଦାର କମଳାସନ ରଥଙ୍କ ସମେତ ମାଇନିଂ ଅଧିକାରୀ କଳାକାର ବେହେରା ଓ ଜିଓଲୋଜି ବିଭାଗ ଅଧିକାରୀ ଡିଲେଶ୍ୱର ଶବର, କୋକସରା ରାଜସ୍ୱ ସୁପରଭାଇଜର କାର୍ତ୍ତିକ ସୁନା, ରାଜସ୍ୱ ନିରୀକ୍ଷକ ରମଣୀ ରଞ୍ଜନ ପ୍ରଧାନୀ, ରିତେନ୍ଦ୍ର ନିଆଲ, ଅଗ୍ନି ନାଏକଙ୍କ ସମେତ କର୍ମଚାରୀ ଜିନ୍ଦମାତା କ୍ରଶର ଓ ପଞ୍ଚାନନ କ୍ରଶର ସମେତ ପଥର ଖାଦାନରେ ପହଞ୍ଚି ଯାଞ୍ଚ ଓ ତଦନ୍ତ କରିଛନ୍ତି। ଏହା ସହ କ୍ରଶର ଓ ପଥର ଖାଦାନ ସମ୍ପର୍କିତ କାଗଜପତ୍ର ଯାଞ୍ଚ ପରେ ଅନିୟମିତତା ଦର୍ଶାଇ ୨ ଦିନର ଚଢ଼ାଉରେ ୨ କ୍ରଶର ଓ ୪ ପଥର ଖାଦନ ସିଲ କରାଯାଇଥିବା କୋକସରା ଅତିରିକ୍ତ ତହସିଲଦାର କମଳାସନ ରଥ ସୂଚନା ଦେଇଛନ୍ତି।


କ୍ରଶର ଓ ପଥର ଖାଦାନରେ ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରୁଛନ୍ତି।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ରେଢ଼ାଖୋଲ,୨୪।୬(ଡି.ଏନ.ଏ.): ତାଳଚେର-ସମ୍ବଲପୁର ରେଳପଥର ରେଢ଼ାଖୋଲ ଷ୍ଟେଶନ ଅନତି ଦୂର ବଂଶାଜାଲ ଗ୍ରାମ ଧୋବାନାଳ ନିକଟରୁ ଶୁକ୍ରବାର ସକାଳୁ ଜିଆର୍‌ପି ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ବଂଶାଜାଲ ଗ୍ରାମର ବିଷ୍ଣୁଚରଣ ସାହୁ(୪୦)। ଜିଆର୍‌ପି ମୃତଦେହକୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବଡରମା ହାଇସ୍କୁଲକୁ ଜମି ପଟ୍ଟା ପ୍ରଦାନ

ଜମନକିରା,୨୪।୬(ଡି.ଏନ.ଏ.)

ଜମନକିରା ତହସିଲ ପକ୍ଷରୁ ଶୁକ୍ରବାର ବଡରମା ବନଦୁର୍ଗା ହାଇସ୍କୁଲକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜମନକିରା ତହସିଲଦାର ଡ଼ା. ସୌମ୍ୟରୂପା ରଥ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନି ପଟେଲଙ୍କୁ ଜମିପଟ୍ଟା ପ୍ରଦାନ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ହାଇସ୍କୁଲ ଷ୍ଟାଫ୍ ଉପସ୍ଥିତ ଥିଲେ।

# ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ବ୍ରଜରାଜନଗର,୨୪।୬(ଡି.ଏନ.ଏ.)

ଓରିଏଣ୍ଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ସକାଳେ ଝାରସୁଗୁଡା ରେଳ ଷ୍ଟେଶନରୁ ଅପହରଣକାରୀ ଚନ୍ଦନ କୁମାର (୨୨)ଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଚନ୍ଦନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରିଣୀ କଲ୍ୟାଣୀ ବେହେରା ସୂଚନା ଦେଇଛନ୍ତି।

PUBLIC SERVICE COMMISSION ODISHA

# ODISHA PUBLIC SERVICE COMMISSION, CUTTACK

## NOTICE

**No.5707/P.S.C., Dt.24.06.22**
**PF-1E-11-2021/22 (DR-III)**

**No.D-75:** It is for information of all concerned that, 113 (One hundred Thirteen) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in ZOOLOGY for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN of candidates |
|---|---|---|
| 05.07.2022 | 10.30 A.M. | 00101753, 00111150, 00099405, 00119669, 00122246, 00118741, 00092927, 00120363, 00090249, 00046061, 00043805, 00126439, 00123682, 00123462 & 00097063 = **15 candidates** |
| | 02.30 P.M. | 00118539, 00115248, 00121434, 00119070, 00123075, 00120417,00114802. 001 17811, 00117748,00121026, 00115693, 00100432 & 00058523= **13 candidates** |
| 06.07.2022 | 10.30 A.M. | 00125835, 00128324, 00098334, 00098482, 00071732, 00103974, 00099265, 00098784, 00104480, 00099683, 00118778, 00099672, 00103730, 0090695 & 00121563 = **15 candidates** |
| | 02.30 P.M. | 00128677, 00039691, 00117184, 00096036, 00124314, 00104325, 00118587, 00119381, 00120522, 00132355, 00121122, 00119543 & 00120255 = **13 candidates** |
| 07.07.2022 | 10.30 A.M. | 00100382, 00120483, 00125424, 00120316, 00104620, 00100057,00069817, 00119243, 00046485, 00114991, 00119971, 00120515, 00021865,00121219 & 00060982 = **15 candidates** |
| | 02.30 P.M. | 00101029, 00103032, 00126324, 00094958, 00102353, 00103112, 00102442, 00126577, 00127545, 00117800, 00101420, 00120293 & 00048483= **13 candidates** |
| 08.07.2022 | 10.30 A.M. | 00094917, 00093608, 00101451, 00102460, 00120361, 00102745, 00035126, 00092280, 00025972, 00057087, 00115898, 00126319, 00103383, 00031984 & 00070889 = **15 candidates** |
| | 02.30 P.M. | 00100319, 00117403, 00076171, 00042423, 00033063, 00066242, 00132917, 00046239, 00121115, 00038956, 00126202, 00081987, 00103756 & 00044811 = **14 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form. While submitting the hard copy of online application form you are requested to **mask** the Mobile No./alternative Mobile No. and Email ID through **blackening.**
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed. certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE** - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0092/2223**

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED IN BHUBANESWAR
ADVOCATE CIVIL-2, DRIVER-2,
DIPLOMA CIVIL ENGINEER-2,
GIRLS HOSTEL CARETAKER-3.
ଅମିନ-୨, ପିଅନ-୨, ରୋଷେୟା-୨
7978651016 | 8249306797

WANTED
Smart and Energetic Sales Man Required for a reputed Kitchen Appliance Distributor for Bhubaneswar.
Call @ 8249250602

WANTED
NUHASS urgently required a DIPLOMA CIVIL ENGINEER for OTELP Plus Project at: Lathikata, Sundargarh. 3 Yrs. experience in OTELP/ OPELIP Project.
Contact :
9437041228, 9040268680
Email- nuhassbbsr@gmail.com
Apply within Seven days.

WALK IN-INTERVIEW
- FOLLOWING POSITIONS, QUALIFICATION & EXPERIENCE -
♦ SALES / MARKETING EXECUTIVE : For Garments & Textiles having experience 3 to 5 years / Fresher, Qualification: Matriculation & Above (Salary - 10,000 - 15,000/- + TA . DA + other benefits (PF+ESI)
♦ FLOOR STAFF : Qualification not required. (Salary-10,000 - 12,000/-)
DATE, TIME & PLACE OF INTERVIEW: 30 June, 2022 / 10.30 AM to 2.30 PM
JIYAJEE FABRICS / SHYAM SUNDER RATAN KUMAR
GRAND BAZAAR, PHULNAKHARA, PCH-D-3, MOB.:9778482413
Walk in with Photo, Self Attested Aadhar Xerox Copy & Original Aadhar for Verification

HINDUSTAN URVARAK & RASAYAN LIMITED
(A Joint Venture of NTPC, CIL, IOCL, FCIL & HFCL)
CAREER OPPORTUNITIES FOR NON-EXECUTIVES
HURL invites applications for appointment of non-Executives in various disciplines. The selection will be through computer-based-test. The test centers will be at Delhi, Lucknow, Gorakhpur, Patna, Begusarai, Ranchi and Dhanbad.
Interested candidates may visit HURL website www.hurl.net.in for details regarding application process, eligibility criteria, experience requirementetc.
Core 3&4, 9th Floor, SCOPE Minar, Laxmi Nagar, District Center, Delhi-110092 | Website: www.hurl.net.in

NALANDA INSTITUTE OF TECHNOLOGY
Affiliated to Biju Pattanaik University of Technology
Approved by A.I.C.T.E., New Delhi, Recognized by Govt. of Odisha
RECRUITMENT OF FACULTY POSITIONS
Applications are invited from qualified and experienced candidates for the position of Professor/Associate Professor/ Assitant Professor for the following Departments:
DEPARTMENT: PHYSICS, CHEMISTRY, MATHEMATICS, ENGLISH & CSE
Pay Scales: As per the AICTE norms. However salary is not a constraint for deserving candidates.
Eligible and interested candidates can mail their resume along with supporting documents of qualifications and experience to:
nalandabbsr2007@gmail.com
within 10 days from the date of advertisement
Nalanda Institute of Technology, Buddhist Villa, Chandaka, Bhubaneswar, Odisha, PIN - 754005
Website: www.thenalanda.com

WANTED
ଧରିତ୍ରୀ DHARITRI LIVE
Web Channel
is looking for
MOTION GRAPHIC DESIGNER
• Candidate should be able to create visual packages & create attractive news / stories for digital audiences.
• Develop graphics and visuals for product illustrations.
• Responsible for creating on screen text, video graphics, developing company creatives, assist with custom graphics & packages and building marketing material.
VIDEO EDITOR
• Candidate should be able to edit and create attrative news/ creative packages.
• Candidate should have working knowledge of online video editing, uploading videos & creating Live Stream feeds.
VIDEOGRAPHER
• Graduates having 2-3 years of experience in Cinematography/Videography.
• Responsibilities include managing camera & light crew, strong technical knowledge of cameras & thorough understanding of lighting techniques.
Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

NIIS GROUP OF INSTITUTIONS
ESTD - 2000
NIIS INSTITUTE OF BUSINESS ADMINISTRATION
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
WANTED ACADEMIC POSITIONS
PROFESSOR / ASSO. PROFESSOR / ASST. PROFESSOR / SR. LECTURER / LECTURER
Master Programme : Computer Science, Finance, HR, Management & Operation
Graduate/ Higher Secondary Programme : Political Science, Psychology, Sociology, Physics, Chemistry, Biotechnology, Zoology, English & Commerce
Eligibility : As per AICTE & UGC norms.
Applicants may mail / send their CVs by 7th July 2022
Applicants for Master degree programme having M.Phil / Ph.D degree on the domain shall be added advantage.
Similarly for UG/Higher Secondary stream experience in the academic field will be preferred. Package will commensurate with industry standard. Canvassing in any form shall disqualify ab initio.
MANAGEMENT
SARADA VIHAR, MADANPUR, BHUBANESWAR - 752054
Visit us: www.niisgroup.org
Email: hr@niisgroup.org

Your classified advertisement published in Dharitri will be listed free in Dharitri online edition :
www.dharitri.com

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁନ୍ ୨୫/୨୦୨୨ Sambalpur, Saturday, June 25/ 2022

## ଓଡ଼ିଶା ୨-୦ରେ ତ୍ରିପୁରାକୁ ହରାଇଲା



ଅଙ୍କିତା ସିଂ ଓ ମନୀଷା ବେହେରା।

**ଭୁବନେଶ୍ୱର, ୨୪।୬ (କ୍ରୀଡ଼ା ପ୍ରତିନିଧି):** ଆସାମର ସୋନାପୁରଠାରେ ଚାଲିଥିବା ୧୭ ବର୍ଷରୁ କମ୍ ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ତ୍ରିପୁରାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅଙ୍କିତା ସିଂ ଓ ମନୀଷା ବେହେରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୨୬ ତାରିଖରେ ମହାରାଷ୍ଟ୍ର ବିପକ୍ଷରେ ଖେଳିବ।

## ଜାତୀୟ ସବ୍‌ଜୁନିୟର ସନ୍ତରଣରେ ଓଡ଼ିଶାର ୭

**ଭୁବନେଶ୍ୱର, ୨୪।୬ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟରେ ଶୁକ୍ରବାର ଆରମ୍ଭ ହୋଇଥିବା ୩୮ତମ ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପ୍‌ରେ ଓଡ଼ିଶାର ୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବାଳିକା ବିଭାଗରେ ଅର୍ପିତା ସେଠ୍, ଆଲିୟାନା ପଣ୍ଡା ଓ ଶ୍ରୀଜିତା ମହାକୁର ଭାଗ ନେଇଥିବାବେଳେ ବାଳକ ବର୍ଗରେ କାହ୍ନୁ ସୋରେନ, ତେଜେଶ୍ୱର ମାଝି, ସ୍ୱସ୍ତିକ ମହାକୁର ଓ ଶ୍ରୀଜିତ ମହାକୁର ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି। ପ୍ରତିଯୋଗିତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। କଳିଙ୍ଗ ଷ୍ଟାଡିୟମରେ ଗତ ମେ'ରେ ଅନୁଷ୍ଠିତ ୬୨ତମ ଓଡ଼ିଶା ରାଜ୍ୟ ସୁଇମିଂ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଏ ସନ୍ତରଣକାରୀମାନେ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

## କମ୍ପାଉଣ୍ଡ ମିକ୍ସଡ ଯୋଡ଼ି ଫାଇନାଲରେ

**ପ୍ୟାରିସ, ୨୪।୬ (ପି.ଟି.):** ଭାରତର ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନମ କମ୍ପାଉଣ୍ଡ ମିକ୍ସଡ ଡବଲ୍ସ ଯୋଡ଼ି ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୩ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଚାମ୍ପିୟନଶିପ୍‌ରେ ଭାରତୀୟ ତୀରନ୍ଦାଜମାନେ ଦ୍ୱିତୀୟ ପଦକ ପକ୍କା କରିଛନ୍ତି। ପୂର୍ବରୁ ମହିଳା ରିକର୍ଭ ଟିମ୍ ପ୍ରତିଯୋଗିତାରେ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି। ବର୍ମା ଓ ଜ୍ୟୋତିଙ୍କୁ ନେଇ ମିକ୍ସଡ କମ୍ପାଉଣ୍ଡ ଯୋଡ଼ି ସେମିଫାଇନାଲରେ ଇସ୍ତୋନିଆର ରବିନ୍ ଜାଟମା ଓ ଲିସେଲା ଜାଟ୍‌ମାଙ୍କୁ ୧୫୬-୧୫୧ରେ ହରାଇ ଦେଇଛନ୍ତି। ଭାରତୀୟ ଯୋଡ଼ି ଶନିବାର କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ୫ମ ସିଡ୍ ଫ୍ରାନ୍ସକୁ ଭେଟିବେ।

# ଗ୍ରୁପ୍ 'ଏ'ରେ ଭାରତ

**ଭୁବନେଶ୍ୱର, ୨୪।୬ (କ୍ରୀଡ଼ା ପ୍ରତିନିଧି)**

### ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

- ଆନୁଷ୍ଠାନିକ ଡ୍ର ଉଠାଣ ଅନୁଷ୍ଠିତ
- ଭୁବନେଶ୍ୱରରେ ଖେଳିବେ ଭାରତ, ଆମେରିକା, ମରକ୍କୋ ଓ ବ୍ରାଜିଲ




ଭାରତର ୩ ଭେନ୍ୟୁରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଡ୍ର ଉଠାଣ କାର୍ଯ୍ୟକ୍ରମ ଶୁକ୍ରବାର ଜୁରିଚ୍‌ଠାରେ ଅନୁଷ୍ଠାନିକଭାବେ ଅନୁଷ୍ଠିତ ହୋଇଛି। ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ଆମେରିକା, ମରକ୍କୋ ଓ ବ୍ରାଜିଲ। ଭାରତ ସମେତ ଏହି ୩ଟି ଦଳ ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳିବେ। ଗ୍ରୁପ୍ 'ବି'ରେ ଜର୍ମାନୀ, ନାଇଜେରିଆ, ଚିଲି, ନ୍ୟୁଜିଲାଣ୍ଡ ରହିଥିବାବେଳେ ଗତଥରର ଚାମ୍ପିୟନ ସ୍ପେନ, କଲମ୍ବିଆ, ମେକ୍ସିକୋ ଓ ଚାଇନା ଗ୍ରୁପ୍ 'ସି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ 'ଡି'ର ଦଳ ଗୁଡ଼ିକ ହେଲେ ଜାପାନ, ତାଞ୍ଜାନିଆ, କାନାଡ଼ା ଓ ଫ୍ରାନ୍ସ। ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍ୟ ୨ଟି ଭେନ୍ୟୁ ହେଲା ଗୋଆର ମାର୍ଗାଓ ଏବଂ ନଭି ମୁମ୍ବାଇ। ଟୁର୍ନାମେଣ୍ଟ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୧୧ରେ ଆମେରିକା ସହିତ ଖେଳିବ। ୧୪ ତାରିଖରେ ମରକ୍କୋ ଏବଂ ୧୭ରେ ବ୍ରାଜିଲ ସହ ମୁକାବିଲା କରିବ।

"ଆଜିର ଡ୍ର ଆୟୋଜକ ଦେଶଭାବେ କେବଳ ଭାରତ ପାଇଁ ନୁହେଁ ସମଗ୍ର ବିଶ୍ୱର ଫୁଟବଲ ସମ୍ପ୍ରଦାୟ ପାଇଁ ଏକ ମାଇଲଖୁଣ୍ଟ ସଦୃଶ। ଟୁର୍ନାମେଣ୍ଟ ସୁରକ୍ଷିତ ଏବଂ ସଫଳତାର ସହ ସମ୍ପନ୍ନ ହେବା ଆଶା ରହିଛି। ଚଳିତ ବର୍ଷର ଶେଷ ଭାଗରେ ବିଶ୍ୱର ୧୬ଟି ଦେଶର ଶ୍ରେଷ୍ଠ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଖେଳୁଥିବା ଦେଖିବାକୁ ମିଳିବ। ମହିଳା ଫୁଟବଲକୁ କ୍ୟାରିୟର କରିବାକୁ ଆସୁଥିବା ଆଗାମୀ ପିଢ଼ି ଏଥିରୁ ନିଶ୍ଚିତ ଅନେକ କିଛି ଶିଖିବାକୁ ପାଇବେ" ବୋଲି ଡ୍ର ଉଠାଣ ଅବସରରେ ଫିଫା ସଭାପତି ଜିଆନି ଫାନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ଅକ୍ଟୋବର ୧୮ରେ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ପ୍ରଦର୍ଶନ ଭିତ୍ତିରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ନଭି ମୁମ୍ବାଇରେ ନକ୍‌ଆଉଟ୍‌ରେ ଡବଲ ହେଡର ଅକ୍ଟୋବର ୨୧ ତାରିଖରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ'ର ବିଜେତା ଦଳ ଗ୍ରୁପ୍ 'ବି'ର ଦ୍ୱିତୀୟ ସ୍ଥାନୀୟ ଦଳ ଏବଂ ଗ୍ରୁପ୍ 'ବି'ର ବିଜେତା ଗ୍ରୁପ୍ 'ଏ'ର ଦ୍ୱିତୀୟ ସ୍ଥାନୀୟ ଦଳକୁ ୨ଟି କ୍ୱାର୍ଟର ଫାଇନାଲରେ ଭେଟିବେ। ଏହା ପରଦିନ ଅର୍ଥାତ୍ ୨୨ ତାରିଖରେ ଗୋଆରେ ଅନ୍ୟ ୨ଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଏଥିରେ ଗ୍ରୁପ୍ 'ସି' ଓ 'ଡି'ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ପରସ୍ପରକୁ ଭେଟିବେ। ୨୬ ତାରିଖରେ ସେମିଫାଇନାଲ ସେହି ଗୋଆରେ ଅନୁଷ୍ଠିତ ହେବ। ୩୦ ତାରିଖରେ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ଏବଂ ଫାଇନାଲ ନଭି ମୁମ୍ବାଇରେ ଖେଳାଯିବ। ସେମିଫାଇନାଲରେ ଦୁଇ ପରାଜିତ ଦଳ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳିବେ। ପ୍ରକାଶ ଯୋଗ୍ୟ ଯେ, ୨୦୨୦ରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଭାରତ ଅଧିକାର ପାଇଥିଲା। ମାତ୍ର କୋଭିଡ-୧୯ ପାଇଁ ଏହା ସ୍ଥଗିତ ରହିଥିଲା।

# ମଧ୍ୟପ୍ରଦେଶ ରଣଜୀ ଟାଇଟଲ ନିକଟତର




ଦ୍ୱିଶତକୀୟ ଭାଗୀଦାରି ଅବସରରେ ଶୁଭମ୍ ଶର୍ମା ଓ ୟାଶ୍ ଦୁବେ।

### ୟାଶ, ଶୁଭମଙ୍କ ଶତକ

**ବେଙ୍ଗାଲୁରୁ, ୨୪।୬ (ପି.ଟି.):** ମଧ୍ୟପ୍ରଦେଶ ପ୍ରଥମ ଥର ରଣଜୀ ଟ୍ରଫି ଟାଇଟଲର ନିକଟତର ହୋଇଛି। ଏଠାରେ ଖେଳାଯାଉଥିବା ମୁମ୍ବାଇ ବିପକ୍ଷ ଫାଇନାଲରେ ୟାଶ ଦୁବେ ଓ ଶୁଭମ ଶର୍ମାଙ୍କ ଚମତ୍କାର ଶତକ ସହାୟତାରେ ଦଳ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୩୬୮ ରନ କରିଛି। ପ୍ରଥମ ଇନିଂସରେ ୩୭୪ ରନ ସ୍କୋର କରିବା ପରେ ମୁମ୍ବାଇ ଭଲ ସ୍ଥିତିରେ ରହିଥିବା ମନେ ହେଉଥିଲା। ମାତ୍ର ଦୁବେ (୩୩୬ବଲ୍‌ରୁ ୧୩୩ରନ) ଓ ଶର୍ମା (୨୧୫ବଲ୍‌ରୁ ୧୧୬ରନ) ଦ୍ୱିତୀୟ ଉଇକେଟରେ ୨୨୨ ରନ ଯୋଗ କରି ମଧ୍ୟପ୍ରଦେଶ ସ୍ଥିତିକୁ ସୁଦୃଢ଼ କରିଦେଇଛନ୍ତି। ବର୍ତ୍ତମାନ ନିର୍ଣ୍ଣାୟକ ପ୍ରଥମ ଇନିଂସ ଅଗ୍ରଣୀ ଲାଭ ପାଇଁ ମଧ୍ୟପ୍ରଦେଶ ଆଉ ମାତ୍ର ୭ରନ ଆବଶ୍ୟକ କରୁଛି। ଚତୁର୍ଥ ଇନିଂସରେ ଯଦି ବିପର୍ଯ୍ୟୟ ନ ଘଟେ ତେବେ ଦଳ ଏଥର ଟାଇଟଲ ଜିତିବା ନିଶ୍ଚିତ। ମଧ୍ୟପ୍ରଦେଶର ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ରଜତ ପଟିଦାର ୧୩ ଚୌକା ସହ ୬୭ରନ କରି ଅପରାଜିତ ରହିଛନ୍ତି। ମଧ୍ୟପ୍ରଦେଶ ନିଶ୍ଚିତ ଭାବେ ଏହାର ପ୍ରଥମ ଇନିଂସ ସ୍କୋରକୁ ଯଥାସମ୍ଭବ ଆଗକୁ ନେବାଲାଗି ଚାହିଁବ, ଯଦ୍ୱାରା ମୁମ୍ବାଇ ପାଇଁ ଗେମ୍‌କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ରହିବ ନାହିଁ। ମଧ୍ୟପ୍ରଦେଶ ଏହା ପୂର୍ବରୁ ୧୯୯୮-୯୯ରେ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଥିଲା। ସେଥର ଦଳ କର୍ନାଟକଠାରୁ ପରାଜିତ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୩୭୪
ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୩୬୮/୩ (ୟାଶ୍ ଦୁବେ-୧୩୩, ଶୁଭମ ଶର୍ମା-୧୧୬, ରଜତ ପଟିଦାର-୬୭*; ମୋହିତ ଅବସ୍ଥି-୧/୫୩, ତୁଷାର ଦେଶପାଣ୍ଡେ-୧/୭୩, ଶାମ୍ସ ମୁଲାନି-୧/୧୧୭)।

## ଆଇପିଏଲ୍ ପ୍ରସ୍ତାବକୁ ଚ୍ୟାଲେଞ୍ଜ କରିବ ପିସିବି

**ଲାହୋର, ୨୪।୬ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ବୈଠକରେ ଇଣ୍ଡିଆନ ପ୍ରିମିୟର ଲିଗ୍ ପ୍ରସ୍ତାବକୁ ଚ୍ୟାଲେଞ୍ଜ କରିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିଷ୍ପତ୍ତି ନେଇଥିବା ଏହାର ଚେୟାରମ୍ୟାନ ରମିଜ ରାଜା ପ୍ରକାଶ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମ୍ପାଦକ ଜୟ ଶାହା କିଛି ସପ୍ତାହ ପୂର୍ବେ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ କହିଥିଲେ ଯେ, ୨୦୨୪ରୁ ୨୦୩୧ ପର୍ଯ୍ୟନ୍ତ ଆଇସିସିର ପରବର୍ତ୍ତୀ ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ ଚକ୍ର (ସାଇକେଲ)ରେ ବିସିସିଆଇ ଆଇପିଏଲ ପାଇଁ ଅଧିକ ସମୟ ବ୍ୟବସ୍ଥା କରିବା ଲାଗି ନିବେଦନ କରିବ। ଏହାଦ୍ୱାରା ସମସ୍ତ ଟପ୍ ଅନ୍ତର୍ଜାତୀୟ ଖେଳାଳି ଭାଗ ନେଇପାରିବେ। ଏହି ବ୍ୟୟ ବହୁଳ ଟୁର୍ନାମେଣ୍ଟ ପାଇଁ ଅଢେଇ ମାସ ସମୟ ସୁରକ୍ଷିତ ରଖିବା ଲାଗି ବିସିସିଆଇ କହିପାରେ। ଏ ସମ୍ପର୍କରେ ବିଭିନ୍ନ ଦେଶର କ୍ରିକେଟ ବୋର୍ଡ ଓ ଆଇସିସି ସହ ଇତିମଧ୍ୟରେ ପ୍ରାକ୍ କଥାବାର୍ତ୍ତା ସରିଛି। ପିସିବି ଚେୟାରମ୍ୟାନ କହିଛନ୍ତି ବିସିସିଆଇ ପ୍ରସ୍ତାବ ଯଦି କାର୍ଯ୍ୟକାରୀ ହୁଏ ତେବେ କ୍ରିକେଟ କ୍ୟାଲେଣ୍ଡରରେ କେତେକ ପରିବର୍ତ୍ତନ କରିବାକୁ ହେବ। ତେଣୁ ବୈଠକରେ ଏହାକୁ ଚ୍ୟାଲେଞ୍ଜ କରାଯିବ। ରାଜା କହିଛନ୍ତି ଭାରତରେ ଖେଳିବା ଲାଗି ପାକିସ୍ତାନ ଆଗ୍ରହୀ। ମାତ୍ର ଏହି ପଡୋଶୀ ଦେଶ ସହ ବର୍ତ୍ତମାନର ରାଜନୈତିକ ସମୀକରଣ ରାସ୍ତା ଅବରୋଧ କରୁଛି। ଗତ ଦୁଇ ବର୍ଷ ହେଲା ଆଇପିଏଲ୍ ଫାଇନାଲ ଦେଖିବା ଲାଗି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ନେଇ ସେ ନିମନ୍ତ୍ରଣକୁ ସ୍ୱୀକାର କରିପାରୁ ନାହାନ୍ତି।

# ସିଙ୍ଗାପୁରକୁ ହରାଇଲା ଭାରତ

**ନୂଆଦିଲ୍ଲୀ, ୨୪।୬ (ପି.ଟି.)**

### ମହିଳା ଚ୍ୟାଲେଞ୍ଜ କପ୍ ଭଲିବଲ



କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ।

ଥାଇଲାଣ୍ଡର ନାଖୋନ୍‌ଠାରେ ଚାଲିଥିବା ୨୧ତମ ପ୍ରିନ୍‌ସେସ୍ କପ୍ ୩ୟ ଏଭିସି ମହିଳା ଚ୍ୟାଲେଞ୍ଜ କପ୍ ଭଲିବଲ ଟୁର୍ନାମେଣ୍ଟରେ ଭାରତ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଦଳ ଶୁକ୍ରବାର ଟୁର୍ନାମେଣ୍ଟର ଓପନିଂ ଲିଗ୍ ମ୍ୟାଚରେ ସିଙ୍ଗାପୁରକୁ ୩-୦ (୨୫-୧୬, ୨୫-୧୯ ଓ ୨୫-୦୮) ରେ ହରାଇ ଦେଇଛି। ଭାରତୀୟ ଦଳ ପକ୍ଷରୁ ଅଧିନାୟିକା ନିର୍ମଳା, ସୁରୟା ଓ ଅନୁଶ୍ରୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଜୁନ୍ ୩୦ରେ ଶେଷ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ଉଜବେକିସ୍ତାନ, ହଂକଂ ଓ ଚାଇନା ଆଦି ଦଳ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଦଳ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଉଜବେକିସ୍ତାନ ବିପକ୍ଷରେ ଖେଳିବ। ଚାମ୍ପିୟନଶିପ୍‌ରେ ବିଜୟ ସହ ଆରମ୍ଭ କରିଥିବାରୁ ଭାରତ ଭଲିବଲ ମହାସଂଘ (ଭିଏଫ୍‌ଆଇ) ସଭାପତି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ସୌଭାଗ୍ୟ, ପ୍ରଭାସଙ୍କ ମାଉଣ୍ଟ ଫ୍ରେଣ୍ଡଶିପ୍ ଆରୋହଣ

**ଭୁବନେଶ୍ୱର, ୨୪।୬ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ସୌଭାଗ୍ୟ କୁମାର ରଥ ଓ ପ୍ରଭାସ ରଞ୍ଜନ ଚିନାରା ସଫଳତାର ସହ ମାଉଣ୍ଟ ଫ୍ରେଣ୍ଡଶିପ୍ ଆରୋହଣ କରିଛନ୍ତି। ହିମାଚଳ ପ୍ରଦେଶରେ ଅବସ୍ଥିତ ମାଉଣ୍ଟ ଫ୍ରେଣ୍ଡଶିପ୍‌ର ଉଚ୍ଚତା ୫୨୮୭ ମିଟର (୧୭,୩୪୬ ଫୁଟ)। ପ୍ରବଳ ମାତ୍ରାରେ ତୁଷାରପାତ ଏବଂ ଖରାପ ପାଗ ଜନିତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏ ଦୁହେଁ ଗୁରୁବାର ଲକ୍ଷ୍ୟସ୍ଥଳରେ ପହଞ୍ଚି ତ୍ରିରଙ୍ଗା ଉଡ଼ାଇଥିଲେ। ୨୦୧୯ରେ ଜର୍ମାନୀରେ ଆଇରନମ୍ୟାନ ଟାଇଟଲ ହାସଲ କରିଥିବା ସୌଭାଗ୍ୟ ସମ୍ପ୍ରତି ଅଲ୍ ଇଣ୍ଡିଆ ରେଡିଓ, ସମ୍ବଲପୁରରେ କାର୍ଯ୍ୟରତ। ସେହିପରି ପ୍ରଭାସ ଜଣେ ଲଙ୍ଗ ଡିଷ୍ଟାନ୍ସ ରନର ଏବଂ ସାଇକ୍ଲିଷ୍ଟ।



ମାଉଣ୍ଟ ଫ୍ରେଣ୍ଡଶିପ୍ ଶିଖରରେ ପ୍ରଭାସ ଚିନାରା ଓ ସୌଭାଗ୍ୟ ରଥ।

# ଖେଳାଳିଙ୍କ ଉପରେ ପ୍ରଭାବ ପକାଉଛି 'କୁଲ୍ ଡାଉନ୍'

**ଭୁବନେଶ୍ୱର, ୨୪।୬ (କ୍ରୀଡ଼ା ପ୍ରତିନିଧି)**

### ୧୬ ଆଦିବାସୀ ପିଲାଙ୍କୁ ମାଗଣାରେ ପ୍ରଦାନ କଲା ଗ୍ଲୋବାଲ ଫିଜିଓ ସେଲ୍

"କୁଲ୍ ଡାଉନ୍ ଏପରି ଏକ ଉତ୍ପାଦ ଯାହାର ପ୍ରଭାବ ସୁଦୂରପ୍ରସାରୀ। ବେକରେ ଲଗାଇଲେ ଏହା ମୁଣ୍ଡକୁ ଥଣ୍ଡା ରଖିବା ସହ ଖେଳାଳିଙ୍କୁ କମ୍ ସମୟ ମଧ୍ୟରେ ସ୍ୱାଭାବିକ ଅବସ୍ଥାକୁ ନେଇ ଆସିବାରେ ବିଶେଷ ସହାୟକ ହୋଇପାରୁଛି। ମୋଟାମୋଟି କହିବାକୁ ଗଲେ ଏହା ଖେଳାଳିଙ୍କ ଉପରେ ଗଭୀର ପ୍ରଭାବ ପକାଉଛି" ବୋଲି କହିଛନ୍ତି ରାଜ୍ୟର ପ୍ରତିଷ୍ଠିତ ଫୁଟବଲ କୋଚ୍ ଜୟଦେବ ମହାପାତ୍ର। ସ୍ପୋର୍ଟ୍ସ ଇଞ୍ଜୁରି ସ୍ପେଶାଲିଷ୍ଟ ଭାବେ ପରିଚିତ କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଡ. ମୁକ୍ତି ପ୍ରସାଦ ଦାଶଙ୍କ ଗ୍ଲୋବାଲ ଫିଜିଓ ସେଲ୍ ପକ୍ଷରୁ ଏହି ଉତ୍ପାଦ ଗତ ମେ' ୨୧ ତାରିଖରେ ଉନ୍ମୋଚନ କରାଯାଇଥିଲା। ଏହା ଏବେ ରାଜ୍ୟ ଏବଂ ଦେଶରେ ଆଥଲେଟ୍‌ଙ୍କ ବନ୍ଧୁ ହେବାରେ ଲାଗିଛି। ସିଙ୍ଗାପୁରରେ ରହୁଥିବା ମାନସ ରଞ୍ଜନ ପାଇକରାୟ ଏହାକୁ ବ୍ୟବହାର କରିବା ସହ ଏହାର ଉପାଦେୟତା ଅନୁଭବ କରିବା ପରେ ମାଗଣାରେ କିଛି ଖେଳାଳିଙ୍କୁ ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେ ଦେଇଥିବା ଅର୍ଥରେ ଗ୍ଲୋବାଲ ଫିଜିଓ ସେଲ୍ ପକ୍ଷରୁ ଶୁକ୍ରବାର ଆର୍ଡର ଫୁଟବଲ ଏକାଡେମୀର ୧୬ ଆଦିବାସୀ ପିଲାଙ୍କୁ ମାଗଣାରେ ଏହା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ଲୋବାଲ ଫିଜିଓ ସେଲ୍‌ର ପ୍ରତିଷ୍ଠାତା ମୁକ୍ତି ପ୍ରସାଦଙ୍କ ସହ ଏକାଡେମୀର ମେଣ୍ଟର ତଥା କୋଚ୍ ଜୟଦେବ ମହାପାତ୍ର ଏବଂ ସିନିୟର ଭଲିବଲ କୋଚ୍ ସତ୍ୟ ନାରାୟଣ ସେନାପତି ଉପସ୍ଥିତ ଥିଲେ। ଜେଡି ନାମରେ ବିଶେଷ ପରିଚିତ ଜୟଦେବଙ୍କ କହିବା ଅନୁସାରେ "ଖେଳାଳିମାନେ ଖେଳ ମଝିରେ କିମ୍ବା ଖେଳ ଶେଷରେ ଶରୀର ଉତ୍ତାପରୁ ରକ୍ଷା ପାଇବା ପାଇଁ ଆଇସ୍ ବାଥ୍ କରିଥାନ୍ତି। ମାତ୍ର ସବୁବେଳେ ଏହା ସମ୍ଭବ ହୋଇ ନ ଥାଏ। ଏ କ୍ଷେତ୍ରରେ ଗରିବ ପିଲାମାନେ ବେଶି କ୍ଷତିଗ୍ରସ୍ତ ହୋଇଥାନ୍ତି। ମାତ୍ର ଏହି ଉତ୍ପାଦ ଉପଲବ୍ଧ ହେବା ପରେ ଅନେକ ସମସ୍ୟାର ସମାଧାନ ହୋଇପାରିଛି"। ଅନ୍ୟପକ୍ଷରେ ମୁକ୍ତି ପ୍ରସାଦ କହିଛନ୍ତି ଯେ, "ଭବିଷ୍ୟତରେ ସାରା ରାଜ୍ୟରେ ଗରିବ ଖେଳାଳିଙ୍କୁ ଠାବକରି ଏହାକୁ ମାଗଣାରେ ବାଣ୍ଟିବା ମୋର ଲକ୍ଷ୍ୟ ରହିଛି"। ଲକ୍ଷ୍ୟସ୍ଥଳରେ ପହଞ୍ଚିବାନେଇ ମୁଁ ଦୃଢ଼ ନିଶ୍ଚିତ ବୋଲି ସେ ପ୍ରକାଶ କରିଛନ୍ତି।




ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ କୋଚ୍ ଓ ଗ୍ଲୋବାଲ ଫିଜିଓ ସେଲ୍‌ର କର୍ମକର୍ତ୍ତା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ରାଇମୋହନଙ୍କ ପରଲୋକରେ ଶୋକ**

ବରଗଡ଼ ଅଫିସ୍: ବିଶିଷ୍ଟ ଅଭିନେତା ରାଇମୋହନ ପରିଡ଼ାଙ୍କ ପରଲୋକରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ରାଇମୋହନଙ୍କ ବିୟୋଗ ଯାତ୍ରା, ଚଳଚ୍ଚିତ୍ର ଜଗଦ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ ଶୋକବାର୍ତ୍ତାରେ କହିଛନ୍ତି। ସେହିପରି ମହାସଂଘ ଉପସଭାପତି ତଥା କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ସଂଯୋଜକ ପ୍ରମୋଦ ଦାଶ, ରାଜେଶ ବାରିକ ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ରାଇମୋହନଙ୍କ ସଦ୍‌ଗତି କାମନା କରିଛନ୍ତି।

## ସଂକ୍ଷେପରେ

### ଫାଟିଯାଉଛି ପାଇପ, ପାଇପ ଜଳଯୋଗାଣ ବନ୍ଦ

**ଲୋଇସିଂହା,୨୪।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ପାଇପ କାମ କରାଯାଇଛି। ହେଲେ ନିମ୍ନମାନର କାମ ଯୋଗୁ ପାଇପ ଫାଟି ଯାଉଛି। ଫଳରେ ଗତ ଏକ ସପ୍ତାହ ହେଲା ପଞ୍ଚାୟତର ସଦର ଗାଁ ଯୋଗୀସର୍ଡା, ଛେଲବାହାଲ, କେଉଁଟପାଲି ଓ ଗୁର୍ଜିଭଟା ଗ୍ରାମବାସୀ ପାଇପ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ଅଧୀନ ଛେଲବାହାଲ ଗାଁ ନିକଟ ସୁକତେଲ ନଦୀରୁ ଯୋଗୀସର୍ଡା, ଛେଲବାହାଲ, କେଉଁଟପାଲି ଓ ଗୁର୍ଜିଭଟାକୁ ଦୀର୍ଘବର୍ଷ ହେଲା ଜଳଯୋଗାଣ ହେଉଛି। ସୁକତେଲ ନଦୀ ପମ୍ପ ଗୃହଠାରୁ ଛେଲାବହାଲ-କେଉଁଟୁପାଲି ରାସ୍ତାର ବରଗଛ ଯାଏ ବାରମ୍ବାର ପାଇପ ଫାଟିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିଲା। ବିଭାଗ ପକ୍ଷରୁ ପମ୍ପଗୃହଠାରୁ ୧୪ ଶହ ମିଟର ଯାଏ ନୂତନ ପାଇପ ଲାଇନ ପକାଯାଇଛି। ହେଲେ ପାଇପ ଠିକ୍‌ଭାବେ ସଂଯୋଗ କରାଯାଇନାହିଁ। ଏଥିଯୋଗୁ ପ୍ରକଳ୍ପ ଚାଲୁ ହେଲା ପରେ ପାଇପ ଲାଇନର ଜଏଣ୍ଟ ସ୍ଥାନ ଛାଡି ଯାଉଛି। ପାଇପ ଲାଇନ ବିଛା କାମରେ ଅନିୟମିତତା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିବା ସରପଞ୍ଚ ବିଜୁଳି ପଧାନ କହିଛନ୍ତି।

### ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ କର

**ଲାଠୋର,୨୪।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଦୀର୍ଘଦିନ ହେଲା ବିଦ୍ୟୁତ୍ ସମସ୍ୟା ଲାଗି ରହିଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁ ନାହାନ୍ତି। ଲାଠୋର କଲେଜ ନିକଟରେ ଏକ ଗ୍ରୀଡ଼ ସ୍ଥାପନ କରି ୫ ଗୋଟି ଫିଡ଼ର ଯୋଗେ ବେନ୍ଦେର, ଲାଠୋର, ସାହାଜପାଣି, ମାଲପଡ଼ା ଏବଂ କରୁଆଝର ପଞ୍ଚାୟତ ଅନ୍ତର୍ଗତ ୨୦ ଖଣ୍ଡ ଗ୍ରାମର ୮ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଉଛି। ଗତ ୬ ମାସ ହେବ ପ୍ରତି ଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରାଯାଉଛି। ଯେତିକି ସମୟ ରହୁଛି ସେଥିରେ ଅପ ଡ଼ାଉନ ହେଉଛି। ବିଭାଗୀୟ ହେଲପରଠାରୁ ଆରମ୍ଭ କରି ସେକ୍ସନାଲ ଅଫିସର ପର୍ଯ୍ୟନ୍ତ ଯାହାକୁ ପଚାରିଲେ ରାମପୁର ୩୩ ଲାଇନ ଖରାପ ଅଛି କହୁଛନ୍ତି। ଲାଠୋର ଅଞ୍ଚଳରେ ରହିଥିବା ୫ଟି ଫିଡ଼ର ଅତି ପୁରୁଣା ହେବା ସାଙ୍ଗକୁ ତାର ମଧ ପରୁଣା ହୋଇଥିବାରୁ ବାରମ୍ବାର ସମସ୍ୟା ସୃଷ୍ଟି କରୁଛି। ହେଲେ ବିଦ୍ୟୁତ୍ ଯୋଗାଣ କରୁଥିବା ସଂସ୍ଥା ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ୫ଟି ଫିଡ଼ରକୁ ୧୫ ଜଣ କର୍ମଚାରୀ ରହିବା କଥା। ହେଲେ ଏଠାରେ କେବଳ ୬ ଜଣ କର୍ମଚାରୀ ରହିଥିବା ଯୋଗୁଁ ସମସ୍ୟା ଆହୁରି ବଢି ଯାଉଛି। ଖପ୍ରାଖୋଲ ସେକ୍ସନାଲ ଅଫିସର ସୁଧିର କୁମାର ସାହୁଙ୍କୁ ପଚାରିବାରୁ ଆଗକୁ ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

### ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

**ଦେଓଗାଁ,୨୪।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଫଟକରା ରାସ୍ତାରେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମତେ, ଭାରତ ମାଇକ୍ରୋ ଫାଇନାନ୍ସ କର୍ମଚାରୀ ବସନ୍ତ ନାଗ ଶିବତଲାରୁ ଋଣ ଟଙ୍କା ସଂଗ୍ରହ କରି ବଲାଙ୍ଗୀର ଯାଉଥିବାବେଳେ ଫଟକରା ଛକ ନିକଟରେ ୩ଜଣ ଦୁର୍ବୃତ୍ତ ୮୩ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗତ ଦୁଇ ମାସ ଭିତରେ ଉକ୍ତ ଥାନା ଅଞ୍ଚଳରେ ୪ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ହୋଇଛି। ବାରମ୍ବାର ଲୁଟ୍ ହେଉଥିବାରୁ ପୋଲିସ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।

# ଆର୍ଥିକ ଅନୁଦାନର ସୁବିନିଯୋଗକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୪।୬**



ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଏ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ।

**ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଏ ବୈଠକ**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଏର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷ ମୋହନ ଲୁହାଙ୍କ ସମେତ ଅନ୍ୟ ଜିଲା ପରିଷଦ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଜିଲାକୁ ବିକାଶମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅନୁଦାନ ଅର୍ଥର ସୁବିନିଯୋଗ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୮ଟି ଏବଂ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୫ଟି ରାସ୍ତାର ନିର୍ମାଣ କାର୍ଯ୍ୟ କରିବା ପାଇଁ ଚଳିତବର୍ଷରେ ଅନୁମୋଦନ ମିଳି ସାରିଛି ବୋଲି ବୈଠକରେ ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ଜିଲାର ୬ଟି ବ୍ରିଜ ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ସେଥିମଧ୍ୟରୁ ୪ଟି ବ୍ରିଜର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ଏବଂ ଅନ୍ୟ ୨ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରସ୍ତୁତି ଚାଲିଥିବା ସୂଚନା ଦିଆଯାଇଥିଲା। ବାଣିଜ୍ୟକର ବିଭାଗ କାର୍ଯ୍ୟ ସମୀକ୍ଷାବେଳେ ଉପସ୍ଥିତ ଅଧିକାରୀ ଜିଏସଟି ଉପରେ ସୂଚନା ପ୍ରଦାନ କରିଥିଲେ। ଓରମାସ୍‌ର କାର୍ଯ୍ୟନିର୍ବାହୀ ରାଜଗୋପାଳ ଦାଶ ଜିଲାରେ ମହିଳାଙ୍କ ଦ୍ୱାରା ୧୨ଟି ଗ୍ରୁପ ଦ୍ୱାରା ବିଭିନ୍ନ କୃଷିଜାତ ଦ୍ରବ୍ୟ ତିଆରି କରାଯାଇ ବିକ୍ରୟ ବ୍ୟବସ୍ଥା କରାଯାଇଥିବା କହିଥିଲେ। ଏଥିପାଇଁ ବ୍ୟାଙ୍କରୁ ଋଣ କରାଯାଉଛି ଏବଂ ଜିଲାରେ ଓରମାସର ୬ଟି ସେକ୍ଟର କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଅର୍ଥାତ୍ ହରିଡ଼ା, ବାହାଡ଼ା, ଅଁଳା, ନିମ୍ବ, ଝୁଣା ଆଦି ସଂଗ୍ରହ କରାଯାଇ ବିକ୍ରୀ ବ୍ୟବସ୍ଥା କରାଯାଉଥିବା ଦାଶ ସୂଚନା ଦେଇଥିଲେ। ଖଲିଦନା ପ୍ରସ୍ତୁତି ଉପରେ ଏକ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଜୈବିକ ସାର ଓ ଜିଆଖତରେ ଉତ୍ପାଦନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଚି ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ସ୍ୱାବଲମ୍ବୀ ହେବା ପାଇଁ ୧୮ରୁ ୩୫ବର୍ଷ ମଧ୍ୟରେ ରହିଥିବା ବେକାର ଯୁବତୀ, ଯୁବକଙ୍କୁ ୩ମାସ ପ୍ରଶିକ୍ଷଣ ଦିଆଯାଉଥିବା ନେଇ ସୂଚନା ଦିଆଯାଇଥିଲା।

# ସରକାରୀ ନୋଟିଫିକେଶନକୁ ଦାହକଲେ

**ବରଗଡ଼ ଅଫିସ୍,୨୪।୬**

**ଅଗ୍ନିପଥ ଯୋଜନାକୁ ବିରୋଧ**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର ଦାବି କରି ଶୁକ୍ରବାର ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନକ୍ରମେ ବରଗଡ଼ ଗାନ୍ଧିଛକରେ ବିକ୍ଷୋଭ କାର୍ଯ୍ୟକ୍ରମ ହୋଇଥିଲା। ଜୟ କିଶାନ ଆନ୍ଦୋଳନ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ପ୍ରତିବାଦ ସଭା ହୋଇଥିଲା। ସେନା ବାହିନୀରେ ସ୍ଥାୟୀ ପଦବୀ ପାଇଁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀନେତା ଲିଙ୍ଗରାଜ କହିଥିଲେ, ଅଗ୍ନିପଥ ଯୋଜନା ଦ୍ୱାରା ଦେଶର ସୀମା ସୁରକ୍ଷା ବିପନ୍ନ ହେବ। ୬ମାସ ଟ୍ରେନିଂ ଏବଂ ୪ବର୍ଷିଆ ନିଯୁକ୍ତି ପରେ ଅଗ୍ନିବୀରମାନଙ୍କୁ ବିଭିନ୍ନ କମ୍ପାନୀମାନେ ନିଯୁକ୍ତି ଦେବେ ବୋଲି ଲଲିପପ୍ ଦେଖାଇବା ଦେଶ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିପଥ ଯୋଜନାର ସରକାରୀ ନୋଟିଫିକେଶନର ଫଟୋକପିକୁ ଦାହ କରାଯାଇଥିଲା। ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର କରା ନ ଗଲେ ଆଗକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ପ୍ରଧାନ, ସୁଶିଲ ସାହୁ, ହର ବଣିଆ, ମହେଶ ପ୍ରଧାନ, ସୁରେନ୍ଦ୍ର ମେହେର, ଅରୁଣ ପ୍ରଧାନ, ବିରଞ୍ଚି ମହାକୁର, ନିମାଇଁ ମହାପାତ୍ର, ସୀତାରାମ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ଅଗ୍ନିପଥ ଯୋଜନାକୁ ବିରୋଧ କରି ସରକାରୀ ନୋଟିଫିକେଶନରେ ଅଗ୍ନି ସଂଯୋଗ କରାଯାଉଛି।

# ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗ୍‌ର ୩ ଗିରଫ

**ବରପାଲି,୨୪।୬(ଡି.ଏନ.ଏ)**



ଖବରଦାତା ସମ୍ମିଳନୀରେ ଗିରଫ ୩ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ବରଗଡ଼ ଜିଲା ବରପାଲି ଥାନା ପୋଲିସ ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗକୁ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ଥାନା ବନ୍ଧପାଲି ଗ୍ରାମର ଅକ୍ଷୟ ମହାନନ୍ଦ(୨୨), ଗୁପେ ଓରଫ ପୂର୍ଣ୍ଣଚନ୍ଦ୍ର ସାହୁ(୨୨) ଏବଂ ବିଶ୍ୱନାଥ ମହାନନ୍ଦ(୧୯)। ସେମାନଙ୍କ ବିରୋଧରେ ବରପାଲି ଥାନାରେ ଦଫା ୩୯୫ ଆଇପିସିରେ ଏକ ମାମଲା(୧୯୫/୨୨) ରୁଜୁ ହୋଇଛି। ଏହି ଗ୍ୟାଙ୍ଗର ଅନ୍ୟ ୩ଅଭିଯୁକ୍ତ ଫେରାର୍ ଥିବା ଯୋଗୁ ସେମାନଙ୍କୁ ଗିରଫ ପାଇଁ ତନାଘନା ଚାଲିଥିବା ପୋଲିସ ସୂଚନା ଦେଇଛି।

ଶୁକ୍ରବାର ବରପାଲି ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏସଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ସୂଚନା ଦେଇ କହିଛନ୍ତି ଯେ, ଗତ ୨୦ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ମେଲଛାମୁଣ୍ଡା ଥାନା ଗୁଦେରପାଲି ଗ୍ରାମର ଯୋଗେଶ୍ୱର ପଟେଲ ଏକ ବାଇକ(ନଂ-ଓଡ଼ି୧୭ଜେ ୬୮୭୬) ଯୋଗେ ସୁବର୍ଣ୍ଣପୁର ଜିଲା ରାମପୁରରୁ ନିଜ ଘରକୁ ଫେରୁଥିଲେ। ଫେରିବା ବାଟରେ ବନ୍ଧପାଲି ବ୍ରିଜ ନିକଟରେ ଗିରଫ ୩ଅଭିଯୁକ୍ତଙ୍କ ସମେତ ଅନ୍ୟ ୩ଜଣ ତାଙ୍କୁ ଛୁରି ଦେଖାଇ ଭୟଭୀତ କରିଥିଲେ। ପରେ ତାଙ୍କ ବାଇକ ଏବଂ ମୋବାଇଲ ନେଇ ଫେରାର୍ ହୋଇ ଯାଇଥିଲେ। ଏ ନେଇ ଯୋଗେଶ୍ୱର ବରପାଲି ଥାନାରେ ଏତଲା ଦେବା ପରେ ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ଅଭିଯୁକ୍ତ ଅକ୍ଷୟ ଏବଂ ଗୁପେଙ୍କଠାରୁ ବାଇକ ଜବତ କରିବା ସହିତ ସେମାନଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ଅନ୍ୟ ଅଭିଯୁକ୍ତ ବିଶ୍ୱନାଥଙ୍କୁ ଗିରଫ କରାଯାଇଥିଲା। ଫେରାର୍ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚାଲିଛି ବୋଲି ଏସଡ଼ିପିଓ ଗୋଚ୍ଛାୟତ କହିଥିଲେ। ତେବେ ଗିରଫ ଅକ୍ଷୟ ଜଣେ ପେଶାଦାର ଅପରାଧୀ ଏବଂ ତାଙ୍କ ବିରୋଧରେ ବିଜେପୁର ଥାନାରେ ଗୋଟିଏ ଲୁଟ୍ ଏବଂ ରାମପୁର ଥାନାରେ ୩ଟି ଡକାୟତି ମାମଲା ରହିଥିବା ଏସଡ଼ିପିଓ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ବରପାଲି ଥାନା ଆଇଆଇସି ରୋଜାଲିନ ପଟେଲ ଉପସ୍ଥିତ ଥିଲେ।

# ବିଦ୍ୟୁତ୍‌ ଆଘାତରେ ବୃଦ୍ଧ ମୃତ

**ବରପାଲି,୨୪।୬(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେଶମ ଗ୍ରାମକୁ ବରଯାତ୍ରୀ ଶୋଭାଯାତ୍ରାରେ ଯାଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବରଗଡ଼ ପୌର ପରିଷଦ ୱାର୍ଡ଼ ନଂ ୧୧ର ସୌକି ହାତୀ(୬୦)। ସେ ବରପାଲି ଥାନା ପତେଇପାଲି ଗ୍ରାମକୁ ଏକ ବିବାହୋତ୍ସବରେ ଯୋଗଦେବା ପାଇଁ ଆସିଥିଲେ। ବରଯାତ୍ରୀଙ୍କ ସହିତ ସେ ରେଶମ ଗ୍ରାମକୁ ଯାଇଥିଲେ। ଶୋଭାଯାତ୍ରା ଚାଲିଥିବାବେଳେ ସୌକିଙ୍କ ସମେତ ୬ଜଣ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେମାନଙ୍କୁ ସେଠାରୁ ଉଦ୍ଧାର କରି ବରପାଲି ଡାକ୍ତରଖାନା ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ସୌକିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବରପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

# ଶିକ୍ଷା ବିମୁଖ ଶିଶୁଙ୍କୁ ସ୍କୁଲ ଆଣିବାକୁ ପ୍ରୟାସ

**ବରଗଡ଼ ଅଫିସ୍,୨୪।୬**

ରାଜ୍ୟ ସରକାରଙ୍କ ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଅନେକ ଯୋଜନା ହାତକୁ ନିଆଯାଇଛି। ଏହାସତ୍ତ୍ୱେ ଅନେକ ଶିଶୁ ଶିକ୍ଷା ବିମୁଖ ହୋଇ ସ୍କୁଲରୁ ନିଜକୁ ଦୂରେଇ ରଖୁଛନ୍ତି। ଏଭଳିସ୍ଥଳେ ଶୁକ୍ରବାର ବରଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡ଼ିଇଓ) ଜ୍ୟୋତିକାନ୍ତ ସାହୁ ନିଜ ଘରୁ ଅଫିସ ଆସୁଥିବା ବାଟରେ କେତେକଶିଶୁଙ୍କ କାନ୍ଧରେ ବହି, ବସ୍ତାନୀ ରହିବା ବଦଳରେ ଆବର୍ଜନା, ପ୍ଲାଷ୍ଟିକ ଭର୍ତ୍ତି ବସ୍ତା ରହିଥିବା ଦେଖିବାକୁ ପାଇଥିଲେ। ଏଡ଼ିଇଓ ସାହୁ ସେଠାରେ ନିଜ ଗାଡ଼ିରୁ ଓହ୍ଲାଇ ଶିଶୁମାନଙ୍କୁ ଭେଟି ସ୍କୁଲକୁ ଯିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏଡ଼ିଇଓ ସାହୁଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



ବରଗଡ଼ ଏଡ଼ିଇଓ ଶିଶୁଙ୍କୁ ଭେଟି ସ୍କୁଲ ଯିବା ପାଇଁ ଉତ୍ସାହିତ କରୁଛନ୍ତି।

# ବାଉଁଶୁଣୀ ହାଇସ୍କୁଲ ଖେଳପଡ଼ିଆକୁ ସବୁଦିନିଆ ରାସ୍ତା ନାହିଁ

**ବାଉଁଶୁଣୀ,୨୪।୬(ଡି.ଏନ.ଏ.)**



ପଡିଆ ରାସ୍ତା ଉପରେ ହୋଇଥିବା ଘର।

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆକୁ ଆଜି ପର୍ଯ୍ୟନ୍ତ ଏକ ସବୁଦିନିଆ ରାସ୍ତା ନାହିଁ। ଦୀର୍ଘ ଦିନ ହେଲା ଅଞ୍ଚଳବାସୀ ଉକ୍ତ ହାଇସ୍କୁଲ ଖେଳପଡିଆକୁ ଯିବା ପାଇଁ ସବୁଦିନିଆ ରାସ୍ତା କରିବାକୁ ଦାବି କରି ଆସୁଛନ୍ତି। କିଛି ମାସ ପୂର୍ବରୁ ବୌଦ୍ଧ ଜିଲାପାଳ ଆସି ଏହି ରାସ୍ତା ଉପରେ ସମୀକ୍ଷା କରି ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରେ ପଡିଆ ରାସ୍ତାକୁ ଲାଗି ଅନେକ ବ୍ୟକ୍ତି ଘର କରି ବସବାସ କରୁଛନ୍ତି। ପୂର୍ବରୁ ଗୋଟିଏ ଘର ନିର୍ମାଣ ହୋଇଥିଲା। ଅଦ୍ୟାବଧି ସେଠାରେ ୪ ଗୋଟି ଘର ନିର୍ମାଣ ହୋଇ ସାରିଥିଲେ ହେଁ ଜିଲା ପ୍ରଶାସନର ନଜର ନାହିଁ। ଏହି ହାଇସ୍କୁଲ ଖେଳପଡିଆରେ ବିଭିନ୍ନ ପ୍ରକାରର ଛୋଟରୁ ବଡ ଜିଲା ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହେଉଛି। ସେଠାକୁ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀ ଆସିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ଦାବି

**ପଦ୍ମପୁର, ୨୪।୬( ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡନଂ ୨ ଶାନ୍ତିନଗରଠାରୁ ଲୁହାରପାଲି ଯାଏ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଏହି ରାସ୍ତା ଉପରେ ୨୦ରୁ ୨୫ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ବର୍ଷ ଆଗରୁ ନିର୍ମିତ ଏହି ରାସ୍ତା ଏବେ ଖାଲଖମାରେ ଭରି ଯାଇଛି। ଜୁଲାଇ ୧ତାରିଖରେ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଉପଲକ୍ଷେ ରଜାପଡା ମନ୍ଦିରରୁ ରଥ ଶାନ୍ତିନଗରସ୍ଥିତ ମାଉସୀ ମା ମନ୍ଦିରକୁ ଯିବ। ତେଣୁ ରଥଯାତ୍ରା ପୂର୍ବରୁ ଉକ୍ତ ରାସ୍ତାକୁ ମରାମତି କରିବାକୁ ସମ୍ପୃକ୍ତ ୱାର୍ଡର କାଉନସିଲର ଇଞ୍ଜିନିୟର କୁନାଲ ପାଣିଗ୍ରାହୀ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ମେଲ ମାଧ୍ୟମରେ ଅବଗତ କରିଛନ୍ତି।

# ବାଲ୍ୟବିବାହ ନିଷେଧ ପାଇଁ ସଚେତନତା ରଥର ଶୁଭାରମ୍ଭ

**ବୌଦ୍ଧ,୨୪।୬(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ୪୮୮ ଗ୍ରାମ ଓ ଏନଏସିର ୧୭ ୱାର୍ଡକୁ ଗତ ଗୁରୁବାର ଜିଲାପାଳ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିଥିବା ବେଳେ ଶୁକ୍ରବାର ବାଲ୍ୟ ବିବାହ ନିଷେଧ ପାଇଁ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି କଣ୍ଟାମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ବାଲ୍ୟ ବିବାହ ପ୍ରବଣ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ରଥ ୩୦ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମ ରହିଛ।



ଜିଲାପାଳଙ୍କ ଦ୍ୱାରା ରଥର ଶୁଭାରମ୍ଭ କରାଯାଉଛି।

# କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ

**ଖଡ଼ିଆଳ:,୨୪।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇ, ନୂଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳ ମଣି ଅଗସ୍ତି, ଖଡ଼ିଆଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି, ନୂଆପଡ଼ା ସମଗ୍ର ଶିକ୍ଷା ଷ୍ଟେନୋ ଅବିନାଶ ମିଶ୍ର, ସାଧନ କର୍ମୀ ନିଖିଳ ଓଝା, ଧର୍ମେନ୍ଦ୍ର କୁମାର ଦଣ୍ଡସେନା, ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସିନାପାଲି, ଖଡ଼ିଆଳ ଓ ବୋଡେନ ବ୍ଲକର ବିଭିନ୍ନ ବିଦ୍ୟାଳୟର ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଅଶୋକ କୁମାର ବେହେରା, ରତନ ସିଂହ ବାରିକ, ଗୌରୀ ଶଙ୍କର ଦୁବେ, ମହମ୍ମଦ କାଲାମ, ସରସ୍ୱତୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ନିର୍ମାଣ ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ବିଭାଗର ଅଣଦେଖା

**ସୋନପୁର, ୨୨।୬(ନି. ପ୍ର )**

କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। କିନ୍ତୁ ବିଭିନ୍ନ ସମୟରେ କ୍ରୀଡା ପ୍ରତିଭାମାନେ ପ୍ରୋତ୍ସାହନ ଅଭାବରୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅଭିଯୋଗ କରିଛନ୍ତି ସୁବର୍ଣ୍ଣପୁର ଜିଲାର ଅନ୍ତର୍ଜାତୀୟ ଟାଏକୋଣ୍ଡୋ କ୍ରୀଡାବିତ୍ ଏହେସାସ ହୋତା। ପୂର୍ବରୁ ଭାରତରୁ ପ୍ରତିନିଧିତ୍ୱ କରିବା ସହ ୭ଥର ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ମେଡାଲ ଜିଣି ଭାରତକୁ ଗୌରବ ଆଣିଥିବା ଏହେସାସଙ୍କୁ ଏବେ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ଅଣଦେଖା କରାଯାଇଥିବା ଅଭିଯୋଗ ଆସିଛି। ଜୁନ ୨୮ରୁ ୩୦ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ଚାନଚିଓନ ସହରରେ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ୨୦୨୨ଅନୁଷ୍ଠିତ ହେବାକୁ ଥିବାବେଳେ ଭାରତୀୟ ଟିମରେ ସ୍ଥାନ ପାଇଛନ୍ତି ସୁବର୍ଣ୍ଣପୁର ଜିଲାର ଏହେସାସ। ଏହାସହ ଦକ୍ଷିଣ କୋରିଆର ନାଜରାନି ୟୁନିଭରସିଟିରେ ୩ ମାସଧରି ଅନ୍ତର୍ଜାତୀୟ ଟାଏକୋଣ୍ଡୋ ତାଲିମ ନେବା ପାଇଁ ମଧ ସେ ମନୋନୀତ ହୋଇଛନ୍ତି। ତେବେ ଓଡିଶାରୁ ପ୍ରଥମଥର ପାଇଁ ଏହେସାସଙ୍କୁ ଏଭଳି ଏକ ତାଲିମ ନେବାର ସୁଯୋଗ ମିଳିଥିବାବେଳେ ଏଭଳି ଏକ ବ୍ୟୟବହୁଳ ତାଲିମ ତାଙ୍କୁ ଚିନ୍ତାରେ ପକାଇଛି। ଏହି ୩ ମାସର ତାଲିମ ନେବାକୁ ପାଖାପାଖି ୧୦ଲକ୍ଷରୁ ଅଧିକ ଖର୍ଚ୍ଚ ହେଉଛି। ପୂର୍ବରୁ ଏନେଇ ଏହେସାସଙ୍କୁ ଆର୍ଥିକ ସହଯୋଗ କରିବାକୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପତ୍ର ସଂଖ୍ୟା ୩୫୮୨/ ତା.୩୦।୩।୨୨ରିଖରେ ରାଜ୍ୟ କ୍ରୀଡା ବିଭାଗକୁ ପତ୍ର ଲେଖାଯାଇଥିଲା। ଏନେଇ ଜିଲାପାଳ ଆବୋଲି ସୁନିଲ ନରଓ୍ୱଣେ ତତ୍କାଳୀନ ଜିଲା କ୍ରୀଡା ଅଧିକାରୀ ତଥା ବର୍ତ୍ତମାନର ସୋନପୁର ଉପଜିଲାପାଳ ଇପସିତା ମିଶ୍ର ଏବଂ ଜିଲା କ୍ରୀଡା ଅଧିକାରୀ ଅଭିଲାଷ ମିଶ୍ର ବ୍ୟକ୍ତିଗତ ଭାବେ ଏହେସାସଙ୍କ ପାଇଁ ରାଜ୍ୟ କ୍ରୀଡା ବିଭାଗକୁ ଯୋଗଯୋଗ କରିଛନ୍ତି। ଏପ୍ରିଲ ମାସରେ ଏହେସାସଙ୍କୁ ରାଜ୍ୟ କ୍ରୀଡା ନିର୍ଦ୍ଦେଶାଳୟକୁ ଡକାଯାଇ କାଗଜପତ୍ର ଯାଞ୍ଚପରେ ଆର୍ଥିକ ସହଯୋଗ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ କୌଣସି ଆର୍ଥିକ ସହଯୋଗ କରାଗଲା ନାହିଁ। ଜଣେ ମଧ୍ୟବିତ୍ତ ପରିବାର ପିଲା ହୋଇଥିବାରୁ ଏତେ ଅର୍ଥ ଯୋଗାଡ କରି ଖେଳିବା ଏବଂ ତାଲିମ ନେବା କଷ୍ଟକର ହୋଇଛି। ଏଣୁ ଏବେ ନିଜେ ଅର୍ଥ ଯୋଗାଡକରି ଆସନ୍ତା ୨୭ ତାରିଖରେ କୋରିଆ ଅଭିମୁଖୀ ଯାତ୍ରା କରିବେ ଏହେସାସ। ଆସନ୍ତା ୨୮ରେ ଏହେସାସ କୋରିଆ ମାଟିରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିବା ସହ ନାଜରିନ ୟୁନଭରସିଟିରେ ୩ ମାସର ତାଲିମ ନେବେ। ଶୁକ୍ରବାର ସ୍ଥାନୀୟ କସ୍ତୁରୀ ହୋଟେଲ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଅସହଯୋଗ ନେଇ ଆକ୍ରୋଷ ପ୍ରକାଶ କରିଛନ୍ତି ଏହେସାସ।

## ସଂକ୍ଷେପରେ

### ୮ ଦିନ ହେଲା ଧାରଣାରେ ଛାତ୍ରୀଛାତ୍ର, ଅଭିଭାବକ

**ଭବାନୀପାଟଣା,୨୪।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନେଇ ବିଦ୍ୟାଳୟରେ ତାଲା ପକାଇ ଗତ ୮ ଦିନ ହେଲା ଛାତ୍ରୀଛାତ୍ର ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଏହି ବିଦ୍ୟାଳୟରେ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୬ଜଣ ଶିକ୍ଷକ ଅଛନ୍ତି। ଫଳରେ ଉପଯୁକ୍ତ ଶିକ୍ଷାଦାନ ପାଇବାରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ଶିକ୍ଷା ଅଧିକାରୀଙ୍କୁ ଜଣାଇ ଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ତାଲାବନ୍ଦ ଆନ୍ଦୋଳନରେ ବସିଛନ୍ତି ଗ୍ରାମବାସୀ, ଛାତ୍ରୀଛାତ୍ର ଓ ଅଭିଭାବକ। ଗତ ୮ ଦିନ ହେଲା ଧାରଣା ବସିଥିଲେ ମଧ ଜିଲା ଶିକ୍ଷା ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି।

### ଗୋଁଣ୍ଡ ସମାଜ ପାଳିଲା ରାଣୀ ଦୁର୍ଗାଦେବୀଙ୍କ ବଳିଦାନ ଦିବସ

**ପାଇକମାଳ,୨୪।୬(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥସ୍ଥିତ ବୁଢ଼ାଦେଓ ମଣ୍ଡପରେ ଦୁର୍ଯ୍ୟୋଧନ ପୁଟାଙ୍କ ଆହ୍ୱାନକ୍ରମେ ବ୍ଲକ ଗୋଁଣ୍ଡ ସମାଜ ପକ୍ଷରୁ ରାଣୀ ଦୁର୍ଗାଦେବୀଙ୍କ ବଳିଦାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦୁର୍ଗାଦେବୀଙ୍କ ବଳିଦାନ ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବର୍ଷ ନୃସିଂହନାଥ ବୁଢ଼ାଦେଓ ମଣ୍ଡପରେ ଏହି ବଳିଦାନ ଦିବସ ପାଳନ କରାଯିବାକୁ ସମାଜ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପୂଜକଭାବେ ଆନନ୍ଦ ଧରୁଆ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ବସନ୍ତ ଧରୁଆ, ଭାଗବତିଆ ସିଂଦାଉ, ଚୈତୁ ଧରୁଆ, ଶୋଭାରାମ ଧରୁଆ, କପୁରଚନ, ସଫେଦ ଦାଉ, ଦେଓ କୁମାର ସିଂ ଦାଉ, ଅମୃତ ବାଗ, ରତନ ସିଂ ଦାଉ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଲିଜ୍ ଏଗ୍ରିମେଣ୍ଟ ହୋଇନି, ରୟାଲ୍‌ଟି ଅସୁଲ

**ହୀରାପୁର ବାଲିଘାଟ**

■ ଟ୍ରାକ୍ଟର ମାଲିକ ସଂଘ ତହସିଲଦାରଙ୍କୁ ଫେରାଦ

**ଲୋଇସିଂହା,୨୪।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ହୀରାପୁର ବାଲିଘାଟରୁ ବେଆଇନଭାବେ ରୟାଲଟି ଅସୁଲ କରାଯାଉଛି । ପ୍ରାୟ ଏକ ବର୍ଷ ହେଲା ଜଣେ ବ୍ୟକ୍ତି ଏପରି ରୟାଲଟି ଆସୁଲ କରି ଟ୍ରାକ୍ଟର ମାଲିକମାନଙ୍କୁ ଶୋଷଣ କରୁଛନ୍ତି। ହେଲେ ତହସିଲ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅପରପକ୍ଷେ ଉକ୍ତ ବାଲିଘାଟରୁ ବାଲି ଉଠାଣ କରୁଥିବା ଟ୍ରାକ୍ଟରକୁ ଧରପଗଡ କରି ତହସିଲ ପକ୍ଷରୁ ଜରିମାନା ଆଦାୟ ସହ ମାଲିକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶୁକ୍ରବାର ଟ୍ରାକ୍ଟର ମାଲିକ ସଂଘ ସଭାପତି ପ୍ରଫୁଲ୍ଲ ବେହେରାଙ୍କ ନେତୃତ୍ୱରେ ଡ୍ରାଇଭର ଓ ମାଲିକମାନେ ତହସିଲଦାର ସଂଘମିତ୍ରା କାଲୋଙ୍କୁ ଫେରାଦ ହୋଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଇନର ଆଶ୍ରୟ ନେବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଟ୍ରାକ୍ଟର ମାଲିକ ସଂଘ ଅଭିଯୋଗ ଅନୁଯାୟୀ, ଗତବର୍ଷ ମାର୍ଚ୍ଚ ମାସରେ ତହସିଲ ପକ୍ଷରୁ ଉକ୍ତ ବାଲିଘାଟ ନିଲାମ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ଲୋଇସିଂହା ଟ୍ରାକ୍ଟର ମାଲିକ ସଂଘ ସାମିଲ ହୋଇ ଦ୍ୱିତୀୟ ବିଡର ଥିଲେ । ହେଲେ ବଲାଙ୍ଗୀରର ଜନୈକ ବ୍ୟକ୍ତି ଅଧିକ ଡାକରେ ଉକ୍ତ ବାଲିଘାଟକୁ ଲିଜ୍‌ରେ ନେଇଛନ୍ତି। ଇତିମଧ୍ୟରେ ଏକବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଲିଜ୍ ବାବଦ ଏଗ୍ରିମେଣ୍ଟ ହୋଇନାହିଁ। ଅପରପକ୍ଷେ ଘରୋଇ ଏବଂ ଠିକା କାମ ପାଇଁ ଉକ୍ତ ଘାଟରୁ ବାଲି ଉଠାଣ ବେଳେ ଜଣେ ବ୍ୟକ୍ତି ଲିଜଧାରୀ କହି ଟ୍ରାକ୍ଟର ପିଛା ୧୫୦ଟଙ୍କା ରୟଲଟି ବାବଦ ରସିଦ କାଟୁଛନ୍ତି। ରସିଦରେ ଠିକାଦାରଙ୍କ ନାମ ଉଲ୍ଲେଖ କରାଯାଇନାହିଁ। ଉକ୍ତ ଘାଟରୁ ବାଲି ବୋଝେଇ କରି ଆସୁଥିବା ଟ୍ରାକ୍ଟରକୁ ବିଭିନ୍ନ ସମୟରେ ତହସିଲଦାର ଧରପଗଡ କରି ଜରିମାନା ଆଦାୟ କରୁଛନ୍ତି। ଟ୍ରାକ୍ଟର ମାଲିକମାନଙ୍କ ପ୍ରତି ବାରମ୍ବାର ଜରିମାନା ଆଦାୟକୁ ନେଇ ସଂଘ ସଦସ୍ୟମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଲିଜ ବାବଦ ଏଗ୍ରିମେଣ୍ଟ ହୋଇ ନ ଥିବାରୁ ସରକାର ରାଜସ୍ୱ ହରାଉଛନ୍ତି। ଲିଜଧାରୀ ଏବଂ ତହସିଲ କର୍ତ୍ତୃପକ୍ଷ ଭିତିରି ବୁଝାମଣା କରି ଟ୍ରାକ୍ଟର ମାଲିକମାନଙ୍କୁ ଶୋଷଣ କରାଯାଉଥିବା ସଂଘ ସଭାପତି ବେହେରା ଏବଂ ସମ୍ପାଦକ ଯଶୋବନ୍ତ ନାଗ କହିଛନ୍ତି। ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।


ତହସିଲଦାରଙ୍କୁ ଫେରାଦ ହେବାକୁ ଆସିଥିବା ଟ୍ରାକ୍ଟର ମାଲିକ ସଂଘ କର୍ମକର୍ତ୍ତା।

# ମଦ ବିକ୍ରି ବନ୍ଦ ପାଇଁ ଥାନା ଘେରିଲେ ମହିଳା



ମଦ ବନ୍ଦ ବିରୋଧ କରି ମହିଳା ଗୋଷ୍ଠୀ ତୁଷୁରା ଥାନା ଘେରାଉ କରିଛନ୍ତି।

**ଦେଓଗାଁ,୨୪।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ବ୍ରାହ୍ମଣୀପଲାରେ ମଦବିକ୍ରି ବନ୍ଦ ପାଇଁ ମହିଳା ଗୋଷ୍ଠୀ ଅଣ୍ଟା ଭିଡିଛନ୍ତି। ସେମାନେ ଶୁକ୍ରବାର ତୁଷୁରା ଥାନା ଘେରାଉ କରିଛନ୍ତି। ଏଥିସହ ସମ୍ପୃକ୍ତ ମଦ କୁଟିଆ ବିକ୍ରି ବନ୍ଦ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି। ସୂଚନାନୁସାରେ ଯୁଗେଶ୍ୱର ରଣାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ବୈଠକରେ ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଆଲୋଚନା କରାଯାଇଥିଲା। ବାରମ୍ବାର ସମ୍ପୃକ୍ତ କୁଟିଆଙ୍କୁ ମଦ ବିକ୍ରି ବନ୍ଦ କରିବା ପାଇଁ ତାଗିଦ କରିଆସୁଥିଲେ ହେଁ ସେମାନେ କର୍ଣ୍ଣପାତ କରୁ ନ ଥିବାରୁ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶୁକ୍ରବାର ଥାନା ଘେରାଉ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମଦବିକ୍ରି ବନ୍ଦପାଇଁ ପଦକ୍ଷେପ ନେବାକୁ ଥାନା ପକ୍ଷରୁ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।


ବରଗଡ଼ ଜିଲା ଅତାବିରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ନବନିର୍ବାଚିତ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ସମର୍ଥକଙ୍କ ଗହଣରେ ନିର୍ବାଚନ ଅଧିକାରୀ ନବୀନ ସାହୁଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଈ, ୩ ବାଛୁରୀ ମୃତ

**ଭବାନୀପାଟଣା,୨୪।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ଭେଲାଗାଁ ରାଧାକୃଷ୍ଣ ମନ୍ଦିରଠାରୁ ନଦୀଖଣ୍ଡି ଯିବା ରାସ୍ତାରେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ସକାଳରେ ଗୋଟିଏ ଗାଈ ଓ ୩ ବାଛୁରୀର ମୃତ୍ୟୁ ହୋଇଥିବା ଜଣାପଡିଛି। ଗୁରୁବାର ରାତିଠାରୁ ଏହି ବିଦ୍ୟୁତ୍ ତାର ଛିଣ୍ଡି ପଡିଥିବା ବେଳେ ସ୍ଥାନୀୟ ଲୋକେ ଏହା ଦେଖି ନିକଟସ୍ଥ ବଡକୁଟ୍ରୁ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ହେଲେ ବିଦ୍ୟୁତ୍ ବିଭାଗ ଖବର ପାଇ ମଧ ଏହାକୁ କର୍ଣ୍ଣପାତ କରି ନ ଥିଲେ। ବିଭାଗର ଅବହେଳା ପାଇଁ ଏପରି ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏପଟେ ପ୍ରଶାସନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ମୃତ ଗାଈ ବାଛୁରୀ ମାଲିକ ନିବେଦନ କରିଛନ୍ତି।

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 275 / 2021**

**AXIS BANK LIMITED** ...APPLICANT
-Vrs.-
**Nihar Ranjan Dash & others** ...DEFENDANTS
To
1. **Nihar Ranjan Dash,** Near Industrial Estate Jagatpur, Cuttack, Odisha-753002.
2. **Anasuya Dash,** Friends Colony, Bajrakbati Road, Near Kalyani Apartment, Cuttack, Odisha-753002.

DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 275/2021** in the Court of the Debts of Recovery Tribunal at Cuttack for recovery of **Rs.49,46,658/- ( Rupees Forty Nine Lakhs Forty Six Thousand Six Hundred Fifty Eight Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of May, 2022.**

Sd/-
REGISTRAR

# କୃଷି ଅଧିକାରୀଙ୍କୁ ଫେରାଦ ହେଲେ ଚାଷୀ


କୃଷି ଅଧିକାରୀଙ୍କୁ ଚାଷୀମାନେ ଫେରାଦ ହେଉଛନ୍ତି।

**ବରଗଡ଼ ଅଫିସ୍,୨୪।୬:** ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ଗତ ରବିଚାଷ ଭଳି ଏଥର ଯେଭଳି ସାର ଯୋଗାଣ ସମସ୍ୟା ଉପୁଜିବ ନାହିଁ ସେ ଦିଗରେ ପଦକ୍ଷେପ ନେବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ବରଗଡ଼ ଶାଖା ଦାବି କରିଛି। ଶୁକ୍ରବାର ସଂଗଠନର ଏକ ପ୍ରତିନିଧି ଦଳ ଜିଲା କୃଷି ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ୩ଦଫା ଦାବି କରାଯାଇଛି। ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରା ନ ଯାଇ ଜମିର ପଟ୍ଟା କିମ୍ବା ମାଲଗୁଜାରୀ ରସିଦର ଜେରକ୍ସ କପି ଦେଖି ସାର ଯୋଗାଣ, ଜିଲାର ପ୍ରତ୍ୟେକ ଲାଇସେନ୍ସପ୍ରାପ୍ତ ଦୋକାନରେ ସାରର ଦର ତାଲିକା ଝୁଲାଇବା ଏବଂ ସରକାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟ ନେଉଥିବା ଦୋକାନୀଙ୍କୁ ତାଗିଦ୍ ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଓଡ଼ିଶା ରାଜ୍ୟ କୃଷକ ସଂଗଠନ ସଭାପତି ଷଡ଼ାନନ ଭୋଇ, ସମ୍ପାଦକ ଲୋକେଶ୍ୱର ପ୍ରଧାନ, ମହାଦେବ ମହାପାତ୍ର, ବସନ୍ତ ବାରିକ, ହାରାଧନ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 270 / 2021**

**AXIS BANK LIMITED** ...APPLICANT
-Vrs.-
**M/s. Shiv Shankar Agency & others** ...DEFENDANTS
To
1. **M/s Shiv Shankar Agency,** Represented through its Partners Shri Uttam Kumar Barik & Smt. Babita Rani Das, At: Plot No.: A-48, Kharavela Nagar, Bhubaneswar, Dist.: Khurda, Pin-751001
2. **Shri Uttam Kumar Barik, Partner,** M/s. Shiv Shankar Agency At: Plot No.: A-48, Kharavela Nagar, Bhubaneswar, Dist.: Khurda, Pin-751001
3. **Smt. Babita Rani Das,** Partner, M/s. Shiv Shankar Agency, At: Plot No.: A-48, Kharavela Nagar, Bhubaneswar, Dist.: Khurda, Pin-751001

DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 270/2021** in the Court of the Debts of Recovery Tribunal at Cuttack for recovery of **Rs.41,23,381.20 ( Rupees Forty One Lakhs Twenty Three Thousand Three Hundred Eighty One and Twenty Paisa Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14/07/2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of May, 2022.**

Sd/- M. K. Patnaik
REGISTRAR

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 881 / 2019**

**AXIS BANK LIMITED** ...APPLICANT
-Vrs.-
**Alok Swain & others** ...DEFENDANTS
To
1. **Mr. Alok Swain,** S/o.: Narendra Kumar Swain, At: Plot No.: 252/2672, 4th Floor, Srabani Apartment, Bhimpur, Bhubaneswar, Odisha-751020.
2. **Mrs. Susmita Jena,** W/o.: Mr. Alok Swain, D/o.: Abadhuta Jena, At/P.O./P.S.: MIG-A/16, BRIT Colony, Nayapalli, Bhubaneswar, Dist.: Khurda-751012, Odisha.
3. **Amrita Builders & Developers Private Limited,** Represented through its Managing Director, 3rd Floor, Amrita Shopping Arcade, C.R.P. Square, Nayapalli, Bhubaneswar-751012, Odisha,

DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 881/2019** in the Court of the Debts of Recovery Tribunal at Cuttack for recovery of **Rs.41,16,814/- ( Rupees Forty One Lakh Sixteen Thousand Eight Hundred Fourteen)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **26.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **6th day of June, 2022**

Sd/- M. K. Patnaik
REGISTRAR

**FORM NO. 13**
**BEFORE THE DEBTS RECOVERY TRIBUNAL: CUTTACK: ODISHA, C-71, SECTOR-7, CDA, CUTTACK: ODISHA**
**O.A. NO. 311 / 2021**

**AXIS BANK LIMITED** ...APPLICANT
-Vrs.-
**M/s. Verein Hut Construction Pvt. Ltd. & others** ...DEFENDANTS
To
D-2. **Mr. Pranabesh Das @ Dash,** Managing Director, M/s Verein Hut Construction Pvt. Ltd, Plot No.: A-347, Saheed Nagar, PO/P.S.: Saheed Nagar, Bhubaneswar, Dist.: Khurdha, 751007
D-4. **Mr. Sachi Kant Jena,** S/o.: Niranjan Jena, At: S3/39, Niladree Vihar, Chandrasekharpur, Bhubaneswar-751015
D-5. **Mr. K.s. Rao,** S/o.: Late Kutti Kuppala Chandrrayya, C/O: Lala Mohan Gupta, Near Community Health Centre, College Road, RC Pur Bazar, Cuttack-752050

DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 311/2021** in the Court of the Debts of Recovery Tribunal at Cuttack for recovery of **Rs.32,34,022.37 ( Rupees Thirty Two Lakhs Thirty Four Thousand Twenty Two and Thirty Seven Paisa Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14.07.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of May, 2022.**

Sd/- M. K. Patnaik
REGISTRAR

# ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ


ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ଅବସରରେ କର୍ମକର୍ତ୍ତାମାନେ ପତାକା ଉତ୍ତୋଳନ କରୁଛନ୍ତି।

**ଦେଓଗାଁ,୨୪।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲିରେ ଗୌଣ୍ଡୱାନା ଗୌଣ୍ଡ ସମିତି ପକ୍ଷରୁ ଶୁକ୍ରବାର ରାଣୀ ଦୁର୍ଗାବତୀଙ୍କ ଜିଲାସ୍ତରୀୟ ବଳିଦାନ ଦିବସ ପାଳିତ ହୋଇଯାଇଛି। ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଉପସଭାପତି କାମରାଜ ମଲ୍ଲିକ, ମହାସଚିବ ରାମଚନ୍ଦ୍ର ଧରୁଆ, ସଚିବ ଦାଶରଥି ଭୋଇ ପ୍ରମୁଖ ଯୋଗଦେଇ ବଳିଦାନ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପୁରନ୍ଦର ଭୋଇ ସଭା ସଂଯୋଜନା ଓ ସୁଦାମ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦଶରଥ ଛତ୍ରିଆ, ଭୁବନେଶ୍ୱର ଧରୁଆ, ଚନ୍ଦ୍ରଶେଖର କୁଅଁର, କରୁଣାକର ଧରୁଆ, ଗୋପାଳ ପଧାନ, କଳାକାହ୍ନୁ ଧରୁଆ, ହେମ ସାଗର ଭୋଇ, ଧନଞ୍ଜୟ ଭୋଇ, ସୋନୁ ଭୋଇ, ସହଦେବ ଧରୁଆ, ଇଶ୍ୱର ଭୋଇ,ଟିକେଲାଲ ଧରୁଆ, ସୁବଳ ଧରୁଆ, ଶତ୍ରୁଘ୍ନ ମଲ୍ଲିକ, ଅହଲ୍ୟା ମଲ୍ଲିକ, ଫୁଲଣା ମରେହି ପ୍ରମୁଖ ଉପସ୍ଥିତ ଥିଲେ।

**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, CUTTACK-753014
**O.A. No. 330/21**

**Odisha Gramya Bank** .... Applicant
Vs.
**Sri Sasanka Sekhar Pradhan & Ors.** ... Defendants
1. **Sri Sasanka Sekhar Pradhan,** aged about 39 yrs., S/o- Late Laxmidhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
2. **Subasini Pradhan,** aged about 67 yrs., W/o- Late Laxmidhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
3. **Sri Ashok Kumar Pradhan,** aged about 48 yrs., S/o- Late Laxmidhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
4. **Smt. Sulochana Pradhan,** aged about 40 yrs., W/o- Sri Ashok Kumar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
5. **Smt. Charulata Pradhan,** aged about 37 yrs., W/o- Sri Sasanka Sekhar Pradhan, At: Dahijanga, PO: Ratilo, P.S: Nimapara, District: Puri-752106.
6. **Sri Manas Ranjan Mohapatra,** aged about 39 yrs., S/o- Dwijendra Mohapatra, At: Dahijanga, PO: Ratilo, P.S: Nimapara, District: Puri-752106.

...Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the Applicant has instituted **OA No. 330/21** in the Debts Recovery Tribunal, Cuttack for recovery of **Rs.20,91,483.17** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.07.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **09th day of Month June of 2022.**

**By orders of this Tribunal**
**Sd/- Registrar**
**Debts Recovery Tribunal**

See Career Appointment on every Wednesday & Saturday

**ସମ୍ବଲପୁରୀ ବସ୍ତ୍ରାଳୟ**
PP-16
**ପବିତ୍ର ରଥ ଯାତ୍ରା ପର୍ବ ଉପଲକ୍ଷେ**
**ବିଶେଷ ସରକାରୀ ରିହାତି**
**୧୦% + ୨୦%**
**ତା୨୫।୦୬।୨୦୨୨ରୁ ତା୦୧।୦୭।୨୦୨୨ ପର୍ଯ୍ୟନ୍ତ**
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
**www.sambalpuribastralaya.com**
Scan the QR code to visit our website.
OIPR-31032/11/0010/2223

# ଉଚ୍ଛେଦ ନ ହେଲେ ରାସ୍ତା ଅବରୋଧ ଚେତାବନୀ

## ସରକାରୀ ଜମି ଜବରଦଖଲ ଅଭିଯୋଗ

ବିନିକା,୨୪।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅଧୀନ ସିନ୍ଦୁରପୁର ଆର୍‌ଆଇ ସର୍କଲ ସର୍ଗୁଣା ମୌଜାରେ ଥିବା ସଂରକ୍ଷିତ ଜମି ଓ ସରକାରୀ ରାସ୍ତା ଜବରଦଖଲ ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସରକାରୀ ଜମି ଜବରଦଖଲ ହେବା ନେଇ ଚିହ୍ନଟିକରଣ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ସରକାରୀ ସଂରକ୍ଷିତ ଜମି ଓ ରାସ୍ତାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିଜର ପ୍ରକଳ୍ପ ନିର୍ମାଣ ଶେଷ କରିବାକୁ ବସିଥିବା ସର୍ଗୁଣା ଏବଂ ସାଲାମାଟିକ୍ରା ମୌଜା ଜନସାଧାରଣ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଏହି ମାମଲା ଉଚ୍ଚ ନ୍ୟାୟାଳୟକୁ ଗଲାଣି। ହାଇକୋର୍ଟରେ ପି.ଆଇ.ଏଲ୍ ନଂ ୯୪୯/୨୦୨୨ରେ କେସ ଫାଇଲ୍ ମଧ୍ୟ ହୋଇଛି । ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯାଇ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ବିନିକା-ସୋନପୁର ମୁଖ୍ୟରାସ୍ତା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅବରୋଧ କରାଯିବ ବୋଲି ଉଭୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ସର୍ଗୁଣା ଓ ସାଲାମାଟିକ୍ରା ମୌଜାର ଜନସାଧାରଣ ଗତ ତା୨.୯.୨୧ ରିଖରେ ତତ୍କାଳୀନ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଭେଟି ସର୍ଗୁଣା ମୌଜାଧୀନ ସରକାରୀ ଜମି ପ୍ଲଟ ନଂ-୭୪୮ ଓ ପ୍ଲଟ ନଂ-୭୨୪କୁ ଜଣେ ଶିଳ୍ପୋଦ୍ୟୋଗୀ ଜବରଦଖଲ କରୁଥିବା ଅଭିଯୋଗ କରିଥିଲେ । ଉଭୟ ଗ୍ରାମବାସୀଙ୍କ ଅଭିଯୋଗ ମତେ ତତ୍କାଳୀନ ଜିଲାପାଳ ମନିଷା ବାନାର୍ଜୀ ତତ୍କାଳୀନ ବିନିକା ତହସିଲଦାର ଅଲେଖ ଘୁଟାଙ୍କୁ ଉଭୟ ସରକାରୀ ଜମିର ସରଜମିନ ତଦନ୍ତ କରିବା ସହିତ ତୁରନ୍ତ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତା୩୧।୧୦।୨୧ରିଖରେ ତହସିଲଦାର ଘୁଟା, ବିନିକା ରାଜସ୍ୱ ବିଭାଗ ସୁପରଭାଇଜର ନୀଳମଣି କୁଅଁର,ସିନ୍ଦୁରପୁର ଆର୍‌ଆଇ ବିବେକା ତ୍ରିପାଠୀଙ୍କ ସହିତ ବିନିକା କୋର୍ଟ ଅମିନ ସର୍ଗୁଣା ମୌଜାର ଜବରଦଖଲ ସରକାରୀ ଜମି ସରଜମିନ ତଦନ୍ତ କରିଥିଲେ । ସରଜମିନ ତଦନ୍ତରୁ ପ୍ଲଟ ନଂ ୭୨୪ ସର୍ବସାଧାରଣଙ୍କ ଯାତାୟତ ପାଇଁ ଉର୍ଦ୍ଦିଷ୍ଟ ରାସ୍ତା ବୋଲି ସ୍ପଷ୍ଟ ହୋଇଥିଲା। ମାତ୍ର କେତେକ କାରଣରୁ ପ୍ଲଟ ନଂ ୭୪୮ର ସରଜମିନ ତଦନ୍ତ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା । ତେବେ ସପ୍ତାହେ ପରେ ପୁଣି ସେହି ପ୍ଲଟର ସରଜମିନ ତଦନ୍ତ କରାଯିବ ବୋଲି ଉଭୟ ମୌଜାର ଲୋକଙ୍କୁ ତତ୍କାଳୀନ ବିନିକା ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ । ପରିତାପର ବିଷୟ ଏହାମଧ୍ୟରେ ୭ ମାସ ବିତି ଯାଇଥିଲେ ହେଁ ସରଜମିନ ତଦନ୍ତ ନ ହେବାରୁ ସର୍ଗୁଣା ଗ୍ରାମର ସୂର୍ଯ୍ୟକୁମାର ପଳିତା ଓ ଗ୍ରାମବାସୀ ସୂଚନା ଅଧିକାର ଆଇନ ବଳରେ ବିନିକା ତହସିଲରୁ ଉଭୟ ସରକାରୀ ପ୍ଲଟର କିସମ ଓ ପରିମାଣ ନେଇ ରିପୋର୍ଟ ମାଗିଥିଲେ। ଏ ନେଇ ବିନିକା ତହସିଲରୁ ମିଳିଥିବା ରିପୋର୍ଟରୁ ଜଣାପଡିଥିଲା ଯେ ପ୍ଲଟ୍ ନଂ-୭୨୪ର ଆୟତନ ଅଧା ଏକର। ଯାହା ସର୍ବସାଧାରଣ ରାସ୍ତା । ସେହିପରି ପ୍ଲଟ ନଂ-୭୪୮ ଆୟତନ ୫ଏକର ୯୫୦ଡିସମିଲ । ଯାହାକି ଆବାଦଯୋଗ୍ୟ ଅନାବାଦୀ, ପତିତ ଓ ଭୂମିହୀନମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବୋଲି ଜଣାପଡିଥିଲା। ତେବେ ଭୂମିହୀନମାନଙ୍କ ପାଇଁ ସଂରକ୍ଷିତ ଥିବା ଜମିରେ ଏବଂ ଉଭୟ ମୌଜାର ଚାଷଜମିକୁ ଯିବା ପାଇଁ ଯାଇଥିବା ରାସ୍ତାରେ ଶିଳ୍ପ ନିର୍ମାଣ କରିବାରେ ଉଦ୍ୟୋଗୀଙ୍କୁ ପ୍ରଶାସନ ପରୋକ୍ଷରେ ସହଯୋଗ କରୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ହରେକୃଷ୍ଣପୁର ପୋଲ ପାଲଟିଛି ମରଣଯନ୍ତା

ବୌଦ୍ଧ,୨୪।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ଦେଇ ଯାଇଛି ୫୭ ନମ୍ବର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ। ରାଜପଥଟି ମନମୁଣ୍ଡାଠାରୁ ନୟାଗଡ ସୀମାନ୍ତ ବଦଳା ପର୍ଯ୍ୟନ୍ତ ପାଖାପାଖି ୧୧୦ କି.ମି. ରହିଛି। ବୌଦ୍ଧ ଜିଲାରେ ସଡକ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଜାତୀୟ ରାଜପଥର ଚାରିଛକ ଠାରୁ ବଦଳା ପର୍ଯ୍ୟନ୍ତ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି । ବାରମ୍ବାର ଦୁର୍ଘଟଣା ଘଟୁଥିଲେ ସୁଦ୍ଧା ଜାତୀୟ ରାଜପଥ ବିଭାଗର ଚିନ୍ତା ନାହିଁ । ଏବେ ଜାତୀୟ ରାଜପଥର ହରେକୃଷ୍ଣପୁର ପୋଲ ଯାତ୍ରୀମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ପୂର୍ବରୁ ରାଜରାଜୁଡା ଅମଳର ପୋଲରେ ଅନେକ ବାର ଦୁର୍ଘଟଣା ହେବା ସହ ବହୁ ଲୋକଙ୍କ ଜୀବନ ହାନି ହୋଇଛି । ଲୋକଙ୍କ ଦାବି ପରେ ବର୍ତ୍ତମାନ ସେଠାରେ ଏକ ନୂତନ ଓସରିଆ ପୋଲ ନିର୍ମାଣ କରାଯାଇଛି । କିନ୍ତୁ ନୂତନ ପୋଲ ଉପରୁ କଂକ୍ରିଟ ଉଠିଯାଇ ପୋଲ ଉପରେ ଲୁହାଛଡଗୁଡିକ ବାହାରି ବିପଦ ଦେଖାଦେଇଛି। ଠିକା ସଂସ୍ଥା ଦ୍ୱାରା ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ପୋଲ ଅବସ୍ଥା ଏପରି ହୋଇଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । ଜାତୀୟ ରାଜପଥ ବିଭାଗ ପକ୍ଷରୁ ମରାମତି କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହାନ ଚଳାଚଳ କରୁଛି। ବିଶେଷ କରି ମୋଟର ସାଇକେଲ ଆରୋହୀଙ୍କ ପାଇଁ ଅଧିକ ବିପଦ ରହିଛି । ପ୍ରତିଦିନ ଜିଲା ପ୍ରଶାସନର ବଡ ବଡ ଅଧିକାରୀ ଏହି ରାସ୍ତା ଦେଇ ଯାଉଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅନ୍‌ଲାଇନରେ ଭତ୍ତା ପାଇବାରୁ ବୃଦ୍ଧାବୃଦ୍ଧ ହଇରାଣ



ଭତ୍ତା ପାଇ ନ ଥିବା ବୃଦ୍ଧାବୃଦ୍ଧ।

ସିନାପାଲି,୨୪।୬(ଡି.ଏନ.ଏ.)

ସରକାର ଅନଲାଇନ ମାଧ୍ୟମରେ ବୃଦ୍ଧାବୃଦ୍ଧଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଖାତାରେ ଦିଆଯାଉଥିବା ବେଳେ ଅନେକ ହିତାଧିକାରୀ ଏଥିରୁ ବାଦ ପଡୁଛନ୍ତି। ଦୀର୍ଘ ମାସ ମାସ ଧରି ସେମାନଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇ ନ ଥିବା ଅଭିଯୋଗ ଆସିଛି। ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଖାଇରପଦର ପଞ୍ଚାୟତ ଫୁଲଚି ଗ୍ରାମର ପ୍ରାୟ ୨୦ରୁ ଅଧିକ ହିତାଧିକାରୀଙ୍କ ଖାତାରେ ଟଙ୍କା ଜମା ହୋଇ ନ ଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ବ୍ୟାଙ୍କକୁ ଯାଇ ହଇରାଣ ହେଉଛନ୍ତି। ବୃଦ୍ଧାବୃଦ୍ଧଙ୍କ ଏଭଳି ଅବସ୍ଥା ଦେଖି ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ ଫୁଲଚି ଗ୍ରାମର ପ୍ରାୟ ୨୦ରୁ ଅଧିକ ହିତାଧିକାରୀଙ୍କୁ ଆଜକୁ ଦୁଇମାସ ହେଲା ଭତ୍ତା ମିଳିନାହିଁ। ଅନ୍ୟମାନେ ନଗଦ ଭତ୍ତା ଟଙ୍କା ପଇଥିବା ବେଳେ ଏମାନେ ବାରମ୍ବାର ବ୍ୟାଙ୍କକୁ ଯାଉଛନ୍ତି। ଅସହାୟ ବୃଦ୍ଧବୃଦ୍ଧା ବ୍ୟାଙ୍କକୁ ଯିବା ଆସିବା କରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଛି। କେତେଜଣ ହିତାଧିକାରୀଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଖାତାରେ ପଡୁଥିବା ବେଳେ ଅନେକଙ୍କ କାହିଁକି ପଡୁନାହିଁ। ଏ ନେଇ ସମ୍ପୃକ୍ତ ପଞ୍ଚାୟତ ପିଇଓ ଡାକ ଚଲାନଙ୍କୁ ପଚାରିବାରୁ ଆମର କୌଣସି ଦୋଷ ନାହିଁ, ତାହା ବ୍ୟାଙ୍କ ଅଧିକାରୀଙ୍କ ଅବହେଳାରୁ ସେମିତି ହେଉଛି ବୋଲି ପ୍ରକାଶ କରିଛନ୍ତି। ହେଲେ ଅସହାୟ ବୃଦ୍ଧବୃଦ୍ଧାଙ୍କ ଭତ୍ତା ଟଙ୍କା ପ୍ରଦାନରେ କାହିଁକି ଅବହେଳା କରାଯାଉଛି, ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି। ନଚେତ ପୂର୍ବ ଭଳି ନଗଦ ଟଙ୍କା ଦେବାକୁ ଦାବି କରିଛନ୍ତି।

# ରଥଯାତ୍ରା ପ୍ରସ୍ତୁତି ବୈଠକ



ବୈଠକରେ ରଥଯାତ୍ରା ନେଇ ଆଲୋଚନା କରାଯାଉଛି।

ଲାଞ୍ଜିଗଡ଼,୨୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସହର ଜଗନ୍ନାଥ ମନ୍ଦିର ପରିସରରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ପରିସ୍ଥିତି ପରେ ରଥଯାତ୍ରା ଆୟୋଜିତ ହେଉଥିବାରୁ ଏହାକୁ ନେଇ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଉତ୍ସାହ ଥିବା ଦେଖିବାକୁ ମିଳିଛି। ତେଣୁ ଶାନ୍ତିଶୃଙ୍ଖଳାର ସହିତ ମହାପ୍ରଭୁଙ୍କ ଘୋଷଯାତ୍ରା ସମାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାସ୍କର ମିଶ୍ର, ଶ୍ରୀଧର ପେସନିଆ, କାମରାଜ ଦଳବେହେରା, ବିପିନ ପଟ୍ଟନାୟକ, ଗଙ୍ଗାଧର ମହାକୁଡ, ନରେନ୍ଦ୍ର ପଟ୍ଟନାୟକ, ସୁବାସ ମହାପାତ୍ର, ଶ୍ରୀମୁଖ ଅଗସ୍ତି, ଭଗବାନ ହୋତା, ଶରତ ସିଂହ ତଥା ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ଉପସ୍ଥିତ ଥିଲେ।

# ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଗୁରୁତ୍ୱ

ସୋନପୁର,୨୪।୬(ନି. ପ୍ର.)

ସୁବର୍ଣ୍ଣପୁର ଜିଲାର ନବଗଠିତ ଜିଲା ପରିଷଦର ପ୍ରଥମ ବୈଠକ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସଭାକକ୍ଷରେ ଅନୁଷ୍ଠିତ ବୈଠକରେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଅବୋଲି ସୁନିଲ ନରୱଣେ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ ଶତପଥୀ, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ସମସ୍ତ ଜିଲା ପରିଷଦ ସଦସ୍ୟାସଦସ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାପାଳ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ବାଲ୍ୟ ବିବାହ କୁ ରୋକିବା ଦିଗରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହାଛଡା ଜିଲାରେ ଅଧାରୁ ପାଠ ଛାଡିଥିବା ଝିଅଙ୍କୁ ପୁନର୍ବାର ସ୍କୁଲକୁ ଫେରାଇ ଆଣିବାକୁ ସମସ୍ତେ ସହଯୋଗ କରିବାକୁ କହିଥିଲେ। ପରେ ଗତ ତା୧୮।୧୧।୨୧ ରିଖରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକର ଦୃଢ଼ୀକରଣ ନିମନ୍ତେ ବିବରଣୀ ଉପସ୍ଥାପନା କରିଥିଲେ ପ୍ରକଳ୍ପ ନିର୍ଦ୍ଦେଶକ କହଁର । ଜିଲା ପରିଷଦ ଅଧ୍ୟକ୍ଷା ଠେଲୋ ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ପୂଜାରୀ ନିଜ ବକ୍ତବ୍ୟରେ ସରକାରଙ୍କ ପ୍ରତିଟି ଜନମଙ୍ଗଳ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ କରିଥିଲେ । ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପଗୁଡିକ ଗୃହରେ ଉପସ୍ଥାପନା କରାଯାଇଥିଲା। ସଦସ୍ୟା ସଦସ୍ୟ ନିଜ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପ ଉପରେ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପ୍ରଶ୍ନ ରଖିଥିଲେ । ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ସଦସ୍ୟା ସଦସ୍ୟଙ୍କୁ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ଅବଗତ କରାଇଥିଲେ। ଜିଲାରେ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବାର ବାର୍ତ୍ତା ନେଇ ଏହି ବୈଠକରେ ସମସ୍ତ ସଦସ୍ୟାସଦସ୍ୟଙ୍କୁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା ତରଫରୁ ଷ୍ଟିଲ ବୋତଲରେ ପାନୀୟ ଜଳ ଯୋଗାଣ କରାଯାଇଥିଲା। ଶେଷରେ ବିଭୁ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟରେ ଲୋକେ ହନ୍ତସନ୍ତ

ଲାଞ୍ଜିଗଡ଼,୨୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳବାସୀ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। ବିଦ୍ୟୁତ୍ କାଟ ଯୋଗୁ ବ୍ଲକର ଦୁର୍ଗମ ଅଞ୍ଚଳରେ ଚୋରି ଓ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ବିଦ୍ୟୁତ୍ ସଂଯୋଗ ଥାଇ ବି ଲୋକେ ଅନ୍ଧାରରେ କାଳ କାଟୁଛନ୍ତି। ଦିନ ଓ ରାତି ଗରମରେ ଶିଝୁଛନ୍ତି। ବିଜୁଳି କଟିବା ପରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ମୋବାଇଲ ସୁଇଚ ଅଫ ଥାଏ। ଫୋନ ଲାଗିଲେ ୩୩ ଲାଇନ ଅସୁବିଧା ଅଛି ବୋଲଇ ଉତ୍ତର ମିଳେ। ଏଣୁ ବିଦ୍ୟୁତ୍ ସେବା ଅନୁପାତରେ ହିଁ ବିଦ୍ୟୁତ୍ ବିଲ ଦେବାକୁ ଜନସାଧାରଣ ମନସ୍ତ କରିଥିବା ସୂଚନା ମିଳିଛି।

# ୫ ବର୍ଷ ହେଲା, ସମ୍ପୂର୍ଣ୍ଣ ହୋଇନି ପଞ୍ଚାୟତ ଗୃହ



ଅର୍ଦ୍ଧ ନିର୍ମିତ ପଞ୍ଚାୟତ ଗୃହ।

ଖଡ଼ିଆଳ,୨୪।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନୂତନ ମାଣ୍ଡୋସିଲ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଦୀର୍ଘ ୫ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାର ନୂତନ ଭାବେ ଗଠିତ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟଗୁଡିକ ନିର୍ମାଣ ପାଇଁ ୨୦୧୮-୧୯ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ମଞ୍ଜୁର କରିଥିଲେ। ସେହି ଯୋଜନା ଅନୁଯାୟୀ ମାଣ୍ଡୋସିଲ ପଞ୍ଚାୟତକୁ ୩୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କାର୍ଯ୍ୟ ଆରମ୍ଭ ହୋଇ ଆଜକୁ ୫ ବର୍ଷ ବିତିଗଲା। କିନ୍ତୁ କାର୍ଯ୍ୟ ୫୦ ପ୍ରତିଶତ ଆଗେଇ ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତ କାର୍ଯ୍ୟାଳୟ ତିଆରି ପାଇଁ ଥିବା ସୂଚନା ଫଳକରେ କୌଣସି ତଥ୍ୟ ଲେଖା ଯାଇ ନ ଥିବା ବେଳ କେବଳ ୩୫ ଲକ୍ଷ ଟଙ୍କା ଲେଖାଯାଇଥିବା ପରିତାପର ବିଷୟ। ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଚାଲିଛି। ଅନ୍ୟ ନୂତନ ପଞ୍ଚାୟତଗୁଡିକ କାର୍ଯ୍ୟଗୁଡିକ ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଶେଷ ହୋଇ ଉଦ୍‌ଘାଟନ ହୋଇ ସାରିଥିବା ବେଳେ ମାଣ୍ଡୋସିଲ ପଞ୍ଚାୟତରେ ଏହାର ବ୍ୟତିକ୍ରମ କାହିଁକି ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ଖଡ଼ିଆଳ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ଯେଉଁ ଠିକାଦାର କାର୍ଯ୍ୟ କରୁଛନ୍ତି, ତାଙ୍କୁ ତୁରନ୍ତ ଶେଷ କରିବାକୁ କୁହାଯାଇଛି। ବର୍ତ୍ତମାନ କାର୍ଯ୍ୟ ଚାଲିଛି ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଶେଷ କରିବାକୁ ଦାବି ହେଉଛି।

# ଦେବପ୍ରସାଦ ନିର୍ଦ୍ୱନ୍ଦ୍ୱରେ ହେଲେ ସଭାପତି

## ରାମପୁର ସମବାୟ ସମିତି ନିର୍ବାଚନ

ବିନିକା/ଡୁଙ୍ଗୁରିପାଲି,୨୪।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସମବାୟ ସମିତି ନିର୍ବାଚନରେ ୧୨ ନିର୍ଦ୍ଦେଶକଙ୍କ ସମେତ ସମିତିର ସଭାପତି ଭାବେ ଦେବ ପ୍ରସାଦ ରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଆସନ୍ତା ୨୬ ତାରିଖରେ ନିର୍ଦ୍ଦେଶକ ପଦବୀ ଏବଂ ୨୯ରେ ସଭାପତି ପଦବୀ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ପୂର୍ବରୁ ୧୨ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ନିର୍ଦ୍ଦେଶକ ପ୍ରାର୍ଥୀ ଭାବେ ଦେବ ପ୍ରସାଦ ସାମାଜିକ କର୍ମୀ ଉମେଶ ପୂଜାରୀ ଏବଂ ସମ୍ପାଦକ ତ୍ରିଲୋଚନ ସାହୁଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀ ଶମ୍ଭୁ ପ୍ରସାଦ ମହାନନ୍ଦିଆଙ୍କ ପାଖରେ ଗତ ୨୨ରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ନିର୍ଦ୍ଦେଶକ ପ୍ରାର୍ଥୀ ସଭାପତି ପଦ ନେଇ ନାମାଙ୍କନ ପତ୍ର ଦାଖଲ ନ କରିବା ଯୋଗୁ ଦେବପ୍ରସାଦ ନିର୍ଦ୍ୱନ୍ଦ୍ୱରେ ରାମପୁର ସମବାୟ ସମିତି ସଭାପତି ଭାବରେ ମନୋନୀତ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ୧୨ ଜଣ ନିର୍ଦ୍ଦେଶକ ହେଲେ ଦେବପ୍ରସାଦ ରଣା, ଜଗନ୍ନାଥ ପୁଟେଲ, ସାବିତ୍ରୀ ତାଣ୍ଡି, ପ୍ରେମରାଜ ରଣା, ଚିନ୍ତାମଣି ମେହେର, ଜନାର୍ଦ୍ଦନ ପ୍ରଧାନ,ବନମାଳୀ ନାଏକ, କମଳିନୀ ମେହେର, ଭେକରାମ କର୍ଣ୍ଣ, ଚନ୍ଦ୍ରଶେଖର ସେଠୀ, କାର୍ତ୍ତିକ ପ୍ରଧାନ ଓ ରାଧାମାଧବ ପ୍ରଧାନ ।

# ସ୍ୱଚ୍ଛତା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର,୨୪।୬ (ବ୍ୟୁରୋ): ସ୍ୱଚ୍ଛତା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଶୁକ୍ରବାର ସମ୍ବଲପୁର ସରକାରୀ ମହିଳା କଲେଜ ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ଶିବାନୀ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ନିରୂପମା ଭୋଇ ଦ୍ୱିତୀୟ ଓ ସଂଜନା ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ମୋ କଲେଜ ଅଭିଯାନ ସଂଯୋଜକ ଯୋଗେଶ ଚନ୍ଦ୍ର ଭୋଇଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ମହାନଦୀ କୋଇଲା କମ୍ପାନୀ ସିଏସ୍‌ଆର ଡେପୁଟି ମ୍ୟାନେଜର ଅରବିନ୍ଦ ସାହୁ ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପ୍ରମାଣପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ମନସ୍ୱିନୀ ପରିଡା, ଭାରତୀ ମିଶ୍ର, ଶ୍ରାବଣୀ ମିଶ୍ର ବିଚାରକ ଥିଲେ।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At:- Ambapua, PO:Engineering School,Near Income Tax Office, Berhampur-760011
E-mail:serwbpr2004@yahoo.com, Tel/Fax:0680-2404287
**No. e-tender//2523//RWC//BAM// Dated 24.06.2022**
**1st Corrigendum to Bid Identification No.**
**Online Tender/19-2022-23/BPR**

**No.O-535:** The partial modification of bridge work vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 30.06.2022 to 14.07.2022 upto 3.00 P.M. instead of 24.06.2022 to 08.07.2022 |
| 2 | Last Date & Time of seeking tender clarification | :: | 12.07.2022 at 2.00 PM instead of 06.07.2022 at 2.00 PM |
| 3 | Date of Opening of Technical Bid | :: | 15.07.2022 at 11.00 AM instead of 11.07.2022 at 11.00 AM |
| 4 | Date of Opening of Financial Bid | :: | Will be intimated later on. |

All other contents will remain unchanged.
Sd./- Chief Construction Engineer, R.W.Circle, Berhampur
OIPR-25071/11/0034/2223



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ସୌଧ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ,ଭୁବନେଶ୍ୱର-୭୫୧୦୦୧
ଦୂରଭାଷ-(୦୬୭୪)୨୩୯୨୮୦୧, ୨୩୯୦୯୯୮
No.CAD-907: ଫାକ୍ସ- (୦୬୭୪) ୨୩୯୦୬୩୩

**ସର୍ବସାଧାରଣ ନୋଟିସ**

(ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୩ର ନିୟମ ୨୯ ମୁତାବକ)
ପତ୍ର ସଂଖ୍ୟା 24175/ଭୁ.ଉ.କ. ଭୁବନେଶ୍ୱର ତା.23.06.2022
File No.TPS-29/2022/10

ବିଷୟ: ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା ୨୯/୨୦୧୯ (ଆଂଶିକ ରୂପେ ଗ୍ରାମସମୂହ:ବରଗଡ଼ ଓ ବାଙ୍କୁଆଳ) ର ଜମିର ସ୍ୱାର୍ଥ ସଂଲଗ୍ନ ବ୍ୟକ୍ତିମାନଙ୍କ ସହ ପରାମର୍ଶକାରୀ ସଭା ।
ସଭାସ୍ଥଳ:ଜଗନ୍ନାଥ ଆଶ୍ରମ, ଟଙ୍କପାଣି ରୋଡ, ମୌଜା-ବାଙ୍କୁଆଳ, ତାରିଖ-୨୯.୦୬.୨୦୨୨ ସମୟ ୧୦.୦୦ ଘଟିକା
ମହାଶୟା/ମହାଶୟ,

ଏତଦ୍ୱାରା ମୌଜା-ବାଙ୍କୁଆଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ ତଥା ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଷୟବସ୍ତୁରେ ବର୍ଣ୍ଣିତ ଶୀର୍ଷକ ଅନୁଯାୟୀ ଉପର ବର୍ଣ୍ଣିତ ଗ୍ରାମମାନଙ୍କରେ ସହର ଯୋଜନା ପରିକଳ୍ପନାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଉପଲବ୍ଧ ରେକର୍ଡ / ଦସ୍ତାବିଜ ଅନୁସାରେ ଜମି ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା୨୯/୨୦୧୯ (ଆଂଶିକ ରୂପେ ଗ୍ରାମ ସମୂହ ବରଗଡ଼ ଓ ବାଙ୍କୁଆଳ)ରେ ଅନ୍ତର୍ଭୁକ୍ତ ହୋଇଛି । ଆଇନଗତ ବ୍ୟବସ୍ଥାର ଅନୁପାଳନ କରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ର ନିୟମ ୨୮(୧) ଅନୁଯାୟୀ ଫର୍ମ-III ଓ ନିୟମ ୨୮(୩) ମୁତାବକ ଫର୍ମ ନଂ- IV ପ୍ରସ୍ତୁତ କରି ଓଡ଼ିଶା ରାଜପତ୍ର ସଂଖ୍ୟା ୩୨୯ ତା.୨୫.୦୨.୨୦୨୧ରେ ଓଡ଼ିଶା ରାଜପତ୍ରରେ ପ୍ରକାଶ କରିଛନ୍ତି ଏବଂ ବହୁଳ ପ୍ରଚାର ପାଇଁ ନିମ୍ନବର୍ଣ୍ଣିତ ଦୈନିକ ସମ୍ବାଦପତ୍ରମାନଙ୍କରେ ଉକ୍ତ ରାଜପତ୍ରକୁ ପ୍ରକାଶ କରି ଭୂମିମାଲିକ, ସ୍ୱତ୍ୱାଧାରୀ ଓ ଜମିରେ ସ୍ୱାର୍ଥନିହିତ ବ୍ୟକ୍ତିବିଶେଷଙ୍କଠାରୁ ସମସ୍ତ ସୂଚନା ଆହ୍ୱାନ କରି ସଂଲଗ୍ନ ଫର୍ମ ନଂ.IV ରେ ପୂରଣ କରି ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଭୂମି ମାଲିକଙ୍କ ଅବଗତି ନିମନ୍ତେ ଆହୃତ ଉକ୍ତ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଯାଉଅଛି ।

ଉକ୍ତ ସଭାରେ ଯୋଗଦେଉଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସହର ଯୋଜନା ପରିକଳ୍ପନାରେ ଆପାତତଃ ପ୍ରସ୍ତୁତ ପ୍ରସ୍ତାବ ସଂପର୍କରେ ବିଶଦ୍ ଭାବରେ ଜଣାଇ ଦିଆଯିବ । ଆବଶ୍ୟକ ସ୍ଥଳେ ଫର୍ମ ନଂ.IV ରେ ନିଜ ଜମି ସମ୍ପର୍କିତ ସମସ୍ତ ବିବରଣୀ ଉଲ୍ଲେଖ କରି ପ୍ରଦାନ କରିବା ସହ ପରୀକ୍ଷାମୂଳକ ଭାବେ ପ୍ରସ୍ତୁତ ସହର ପରିକଳ୍ପନା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ପ୍ରସ୍ତାବ ଉପରେ ଆବଶ୍ୟକତା ଅନୁଭବ କଲେ ସୁଚିନ୍ତିତ ମତାମତ ଲିଖିତ ଭାବେ ପ୍ରଦାନ କରିବାକୁ ଅନୁରୋଧ । ଏତଦ୍ ବ୍ୟତୀତ ଅଂଶଗ୍ରହଣକାରୀ ଭୂମି ମାଲିକ ନିଜର ସମ୍ପୂର୍ଣ୍ଣ ହାଲ୍ ଠିକଣା, ଯୋଗାଯୋଗ ସମ୍ପର୍କୀୟ ସୂଚନା/ସବିଶେଷ ତଥ୍ୟ ପରିପୂରକ ତଥ୍ୟ ଯଥା ଫୋନ୍, ମୋବାଇଲ ଓ ଇ-ମେଲ୍ ଠିକଣା ସ୍ୱୟଂ ପ୍ରମାଣିତ ଦସ୍ତାବିଜର ନକଲ (ସଫ୍ଟ ଓ ହାର୍ଡ କପି), ଜମିର ସତ୍‌ସତ୍ତ୍ୱ ସମ୍ପର୍କୀୟ ଦସ୍ତାବିଜ (ବନ୍ଦୋବସ୍ତ /ଚକବନ୍ଦୀ) ନାମ ଜାରି, ଖାତା ନଂ. ନିର୍ବାହିତ ବିକ୍ରୟ ଦଲିଲ, ଜମିର ବଟା ପ୍ଲଟ ମାପଚୁପ ଫର୍ଦ୍ଦ, ମଞ୍ଜୁରୀପ୍ରାପ୍ତ ରୂପରେଖ /ଯୋଜନା, ପରିବର୍ତ୍ତିତ ମାଲିକାନା ସ୍ୱତ୍ୱ ତଥା ସହର ଯୋଜନା ପରିକଳ୍ପନା ଅନ୍ତର୍ଗତ ପ୍ରଯୁଜ୍ୟ ଅନ୍ୟାନ୍ୟ ସୂଚନା ଫର୍ମ ନଂ.IV ରେ ସଂଯୋଗ କରିବାକୁ ଅନୁରୋଧ । ଏତଦ୍ୱାରା ମୂଳ ଜମିର ସଠିକ ମାଲିକାନା ଆଧାରରେ ବୃତାନ୍ତ ଜମି ଆବଣ୍ଟନ ସହଜ ହୋଇପାରିବ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆପଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟ ସୂଚୀ ଅନୁଯାୟୀ ପ୍ରସ୍ତାବିତ ସଭାରେ ସମସ୍ତ ଆବଶ୍ୟକୀୟ କାଗଜାତ ସହ ଯୋଗଦାନ ପାଇଁ ଆପଣଙ୍କୁ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଉଅଛି । ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରିବା ପାଇଁ ଅନୁରୋଧ ।

ସ୍ୱା./- ସଚିବ,ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ବି.ଦ୍ର-ଏତଦ୍ ସଂପର୍କୀୟ ବିଜ୍ଞାପନ ୧୩.୦୩.୨୦୨୧ ଶନିବାର ଦିନ ଓଡ଼ିଶା ଭାସ୍କର ପୃଷ୍ଠା-୯ ଏବଂ ୧୮.୦୩.୨୦୨୧ ଗୁରୁବାର ଦିନ ପ୍ରଗତିବାଦୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ସୌଧ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ,ଭୁବନେଶ୍ୱର-୭୫୧୦୦୧,
ଦୂରଭାଷ-(୦୬୭୪)୨୩୯୨୮୦୧, ୨୩୯୦୯୯୮,
ଫାକ୍ସ- (୦୬୭୪) ୨୩୯୦୬୩୩

**ସର୍ବସାଧାରଣ ନୋଟିସ**

(ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୩ର ନିୟମ ୨୯ ମୁତାବକ)
ପତ୍ର ସଂଖ୍ୟା 24176/ଭୁ.ଉ.କ. ଭୁବନେଶ୍ୱର ତା.23.06.2022
File No.TPS-29/2022/10

ବିଷୟ: ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା ୨୯/୨୦୧୯ (ଆଂଶିକ ରୂପେ ଗ୍ରାମସମୂହ:ବରଗଡ଼ ଓ ବାଙ୍କୁଆଳ) ର ଜମିର ସ୍ୱାର୍ଥ ସଂଲଗ୍ନ ବ୍ୟକ୍ତିମାନଙ୍କ ସହ ପରାମର୍ଶକାରୀ ସଭା ।
ସଭାସ୍ଥଳ:ଦୁର୍ଗା ମଣ୍ଡପ ବରଗଡ, ମୌଜା-ବରଗଡ, ତାରିଖ-୨୮.୦୬.୨୦୨୨, ସମୟ ୧୦.୦୦ ଘଟିକା
ମହାଶୟା/ମହାଶୟ,

ଏତଦ୍ୱାରା ମୌଜା-ବରଗଡର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ ତଥା ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଷୟବସ୍ତୁରେ ବର୍ଣ୍ଣିତ ଶୀର୍ଷକ ଅନୁଯାୟୀ ଉପର ବର୍ଣ୍ଣିତ ଗ୍ରାମମାନଙ୍କରେ ସହର ଯୋଜନା ପରିକଳ୍ପନାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଉପଲବ୍ଧ ରେକର୍ଡ / ଦସ୍ତାବିଜ ଅନୁସାରେ ଜମି ପ୍ରସ୍ତାବିତ ସହର ଯୋଜନା ପରିକଳ୍ପନା ସଂଖ୍ୟା୨୯/୨୦୧୯ (ଆଂଶିକ ରୂପେ ଗ୍ରାମ ସମୂହ ବରଗଡ଼ ଓ ବାଙ୍କୁଆଳ) ରେ ଅନ୍ତର୍ଭୁକ୍ତ ହୋଇଛି । ଆଇନଗତ ବ୍ୟବସ୍ଥାର ଅନୁପାଳନ କରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ର ନିୟମ ୨୮(୧) ଅନୁଯାୟୀ ଫର୍ମ-III ଓ ନିୟମ ୨୮(୩) ମୁତାବକ ଫର୍ମ ନଂ- IV ପ୍ରସ୍ତୁତ କରି ଓଡ଼ିଶା ରାଜପତ୍ର ସଂଖ୍ୟା ୩୨୯ ତା. ୨୫.୦୨.୨୦୨୧ ରେ ଓଡ଼ିଶା ରାଜପତ୍ରରେ ପ୍ରକାଶ କରିଛନ୍ତି ଏବଂ ବହୁଳ ପ୍ରଚାର ପାଇଁ ନିମ୍ନବର୍ଣ୍ଣିତ ଦୈନିକ ସମ୍ବାଦପତ୍ରମାନଙ୍କରେ ଉକ୍ତ ରାଜପତ୍ରକୁ ପ୍ରକାଶକରି ଭୂମିମାଲିକ, ସ୍ୱତ୍ୱାଧାରୀ ଓ ଜମିରେ ସ୍ୱାର୍ଥନିହିତ ବ୍ୟକ୍ତିବିଶେଷଙ୍କଠାରୁ ସମସ୍ତ ସୂଚନା ଆହ୍ୱାନ କରି ସଂଲଗ୍ନ ଫର୍ମ ନଂ.IV ରେ ପୂରଣ କରି ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଭୂମି ମାଲିକଙ୍କ ଅବଗତି ନିମନ୍ତେ ଆହୃତ ଉକ୍ତ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଯାଉଅଛି ।

ଉକ୍ତ ସଭାରେ ଯୋଗଦେଉଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସହର ଯୋଜନା ପରିକଳ୍ପନାରେ ଆପାତତଃ ପ୍ରସ୍ତୁତ ପ୍ରସ୍ତାବ ସଂପର୍କରେ ବିଶଦ୍ ଭାବରେ ଜଣାଇ ଦିଆଯିବ । ଆବଶ୍ୟକ ସ୍ଥଳେ ଫର୍ମ ନଂ.IV ରେ ନିଜ ଜମି ସମ୍ପର୍କିତ ସମସ୍ତ ବିବରଣୀ ଉଲ୍ଲେଖ କରି ପ୍ରଦାନ କରିବା ସହ ପରୀକ୍ଷାମୂଳକ ଭାବେ ପ୍ରସ୍ତୁତ ସହର ପରିକଳ୍ପନା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ପ୍ରସ୍ତାବ ଉପରେ ଆବଶ୍ୟକତା ଅନୁଭବ କଲେ ସୁଚିନ୍ତିତ ମତାମତ ଲିଖିତ ଭାବେ ପ୍ରଦାନ କରିବାକୁ ଅନୁରୋଧ । ଏତଦ୍ ବ୍ୟତୀତ ଅଂଶଗ୍ରହଣକାରୀ ଭୂମି ମାଲିକ ନିଜର ସମ୍ପୂର୍ଣ୍ଣ ହାଲ ଠିକଣା, ଯୋଗାଯୋଗ ସମ୍ପର୍କୀୟ ସୂଚନା/ସବିଶେଷ ତଥ୍ୟ ପରିପୂରକ ତଥ୍ୟ ଯଥା ଫୋନ, ମୋବାଇଲ ଓ ଇ-ମେଲ ଠିକଣା ସ୍ୱୟଂ ପ୍ରମାଣିତ ଦସ୍ତାବିଜର ନକଲ (ସଫ୍ଟ ଓ ହାର୍ଡ କପି), ଜମିର ସତ୍‌ସତ୍ତ୍ୱ ସମ୍ପର୍କୀୟ ଦସ୍ତାବିଜ (ବନ୍ଦୋବସ୍ତ /ଚକବନ୍ଦୀ) ନାମ ଜାରି, ଖାତା ନଂ. ନିର୍ବାହିତ ବିକ୍ରୟ ଦଲିଲ, ଜମିର ବଟା ପ୍ଲଟ ମାପଚୁପ ଫର୍ଦ୍ଦ, ମଞ୍ଜୁରୀପ୍ରାପ୍ତ ରୂପରେଖ /ଯୋଜନା, ପରିବର୍ତ୍ତିତ ମାଲିକାନା ସ୍ୱତ୍ୱ ତଥା ସହର ଯୋଜନା ପରିକଳ୍ପନା ଅନ୍ତର୍ଗତ ପ୍ରଯୁଜ୍ୟ ଅନ୍ୟାନ୍ୟ ସୂଚନା ଫର୍ମ ନଂ.IV ରେ ସଂଯୋଗ କରିବାକୁ ଅନୁରୋଧ । ଏତଦ୍ୱାରା ମୂଳ ଜମିର ସଠିକ ମାଲିକାନା ଆଧାରରେ ବୃତାନ୍ତ ଜମି ଆବଣ୍ଟନ ସହଜ ହୋଇପାରିବ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆପଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେବା ସହ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟ ସୂଚୀ ଅନୁଯାୟୀ ପ୍ରସ୍ତାବିତ ସଭାରେ ସମସ୍ତ ଆବଶ୍ୟକୀୟ କାଗଜାତ ସହ ଯୋଗଦାନ ପାଇଁ ଆପଣଙ୍କୁ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଉଅଛି । ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରିବା ପାଇଁ ଅନୁରୋଧ ।

ସ୍ୱା./- ସଚିବ,ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ବି.ଦ୍ର-ଏତଦ୍ ସଂପର୍କୀୟ ବିଜ୍ଞାପନ ୧୩.୦୩.୨୦୨୧ ଶନିବାର ଦିନ ଓଡ଼ିଶା ଭାସ୍କର ପୃଷ୍ଠା-୯ ଏବଂ ୧୮.୦୩.୨୦୨୧ ଗୁରୁବାର ଦିନ ପ୍ରଗତିବାଦୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ।
OIPR-13033/11/0127/2223